R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୦୧
ତିଥି : ପ୍ରତିପଦ
୨୯ ଏପ୍ରିଲ ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 201
29 April 2025, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## କରାଚୀରେ ୧୪୪ ଧାରା ଜାରି



ଇସଲାମାବାଦ୍,୨୮।୪ : ପହଲଗାମରେ ଆତଙ୍କବାଦୀ ଆକ୍ରମଣର ୫ଦିନ ପରେ ମଧ୍ୟ ପାକିସ୍ତାନ ଏକ ବଡ଼ ଆକ୍ରମଣର ଭୟ କରୁଛି । ପାକିସ୍ତାନର ସବୁଠାରୁ ବଡ଼ ସହର କରାଚୀରେ ଧାରା ୧୪୪ ଲାଗୁ କରାଯାଇଛି । ଅନ୍ୟପକ୍ଷରେ, ଇସଲାମାବାଦରେ ଲଗାତାର ଉଚ୍ଚସ୍ତରୀୟ ବୈଠକର ଧାରା ଜାରି ରହିଛି ।ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇସାକ ଡାର ପ୍ରତିଦିନ ୨–୩ଟି ବୈଠକ କରୁଛନ୍ତି ।ଡାର ବୈଠକ ଆୟୋଜନ କରିବା ପାଇଁ ତାଙ୍କର ବାଂଲାଦେଶ ଗସ୍ତ ବାତିଲ କରିଛନ୍ତି । ସେହି ସମୟରେ, ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନା ମୁଖ୍ୟ ଅସୀମ ମୁନିରଙ୍କ ମଧ୍ୟରେ ପୃଥକ ବୈଠକ ମଧ୍ୟ ଅନୁଷ୍ଠିତ ହେଉଛି ।

କରାଚୀ ପୁଲିସ କମିସନର ସହରରେ ୧୪୪ ଧାରା ଲାଗୁ କରିଛନ୍ତି । ପୁଲିସ କମିସନର କହିଛନ୍ତି ଯେ, ଏହାକୁ ଆଗାମୀ ୩ ମାସ ପାଇଁ କାର୍ଯ୍ୟକାରୀ କରାଯାଇଛ । କରାଚୀର ଲୋକମାନେ ଘରୁ କମ୍ ବାହାରକୁ ଆସିବା ଉଚିତ । ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ।

କରାଚୀ ପୁଲିସର ସୂଚନା ଅନୁଯାୟୀ, ସହରଗୁଡ଼ିକରେ ଭିଡ଼ କମାଇବା ପାଇଁ ଧାରା ୧୪୪ ଲାଗୁ କରାଯାଇଛ । କରାଚୀକୁ ପାକିସ୍ତାନର ଆର୍ଥିକ ରାଜଧାନୀ କୁହାଯାଏ । ଏଠାରୁ ସମଗ୍ର ପାକିସ୍ତାନର ବଜାର ନିୟନ୍ତ୍ରିତ ହୁଏ । ପାକିସ୍ତାନ ମୁସଲିମ ଦେଶମାନଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରୁଛି । ଏହି ସମ୍ପର୍କରେ, ପାକିସ୍ତାନର ବୈଦେଶିକ ମନ୍ତ୍ରୀ ସାଉଦି ଆରବ, କତାର, ଇରାନ ଏବଂ ତୁର୍କୀର ବୈଦେଶିକ ମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି ।ଭାରତ ସହିତ କଥା ହୋଇ ପରିସ୍ଥିତି ସ୍ୱାଭାବିକ କରିବାକୁ ପାକିସ୍ତାନ ସମସ୍ତ ଦେଶକୁ କହିଛି ।

# ଅଟାରି–ୱାଘା ସୀମାରେ କଡ଼ା ଯାଞ୍ଚ

### ଭାରତ ଛାଡୁଛନ୍ତି ପାକ୍ ନାଗରିକ



ନୂଆଦିଲ୍ଲୀ,୨୮।୪ : କେନ୍ଦ୍ର ସରକାରଙ୍କ ଦ୍ୱାରା ପାକିସ୍ତାନୀ ନାଗରିକମାନଙ୍କୁ ଭାରତ ଛାଡିବା ପାଇଁ ଦିଆଯାଇଥିବା ଅଲ୍ଟିମେଟମ୍ ୨୬ ଏପ୍ରିଲରେ ଶେଷ ହୋଇଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ପାକିସ୍ତାନୀ ନାଗରିକଙ୍କ ଭିସା ବାତିଲ ଘୋଷଣା କରିଥିଲେ ଏବଂ ସେମାନଙ୍କୁ ଭାରତ ଛାଡିବା ପାଇଁ ୪୮ ଘଣ୍ଟା ସମୟ ଦିଆଯାଇଥିଲା, ଯାହା ଏପ୍ରିଲ ୨୬ରେ ଶେଷ ହୋଇଥିଲା । ବର୍ତ୍ତମାନ ସୁଦ୍ଧା କେବଳ ସାର୍କ ଭିସାର ମିଆଦ ଶେଷ ହୋଇଛି । ୨୭ ଏପ୍ରିଲ ପରେ ଅନ୍ୟ ଭିସା ବେଆଇନ ହୋଇଯିବ । କିନ୍ତୁ ମେଡିକାଲ ଭିସାରେ ଭାରତ ଆସିଥିବା ପାକିସ୍ତାନୀ ନାଗରିକମାନେ ୨୯ ଏପ୍ରିଲ ପର୍ଯ୍ୟନ୍ତ ଭାରତରେ ରହିପାରିବେ । ବୈଦେଶିକ ମନ୍ତ୍ରଣାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତରେ ରହୁଥିବା ଯେକୌଣସି ପାକିସ୍ତାନୀ ନାଗରିକ ଯିଏ ସରକାରଙ୍କ ଦ୍ୱାରା ଦିଆଯାଇଥିବା ସମୟ ସୀମା ମଧ୍ୟରେ ଭାରତ ଛାଡି ନାହାନ୍ତି, ତାଙ୍କୁ ଅଧିକ ସମୟ ଧରି ବାସ କରୁଥିବା ବିଦେଶୀ ନାଗରିକ ଭାବରେ ବିବେଚନା କରାଯିବ । ଯାହା ପରେ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ, କେନ୍ଦ୍ର ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଏବଂ ୨୪ ଏପ୍ରିଲରେ ୨୭ ଏପ୍ରିଲରୁ ପାକିସ୍ତାନୀ ନାଗରିକଙ୍କୁ ଦିଆଯାଇଥିବା ସମସ୍ତ ଭିସା ବାତିଲ କରିବାର ଘୋଷଣା କରିଥିଲେ ।

ଭାରତ ସରକାରଙ୍କ ନିଷ୍ପତ୍ତିର ପ୍ରଭାବ ଏବେ ଅଟାରୀ–ୱାଘା ସୀମାରେ ଦୃଶ୍ୟମାନ ହେଉଛି । କେନ୍ଦ୍ରର ଘୋଷଣା ପରଠାରୁ, ପାକିସ୍ତାନୀ ନାଗରିକମାନେ ବହୁ ସଂଖ୍ୟାରେ ନିଜ ଦେଶକୁ ଫେରୁଛନ୍ତି । ଯାହା ଯୋଗୁ ଅଟାରୀ–ୱାଘା ସୀମାରେ ଏକ ବିରାଟ ଭିଡ଼ ଜମିଛି । ପହଲଗାମ ଆକ୍ରମଣ ପରେ, କେନ୍ଦ୍ର ସରକାର ପାକିସ୍ତାନର ଜବାବରେ, ଭାରତରେ ନିୟୋଜିତ ପାକିସ୍ତାନୀ ସାମରିକ ପରାମର୍ଶଦାତାଙ୍କୁ ବହିଷ୍କାର କରିବା, ୧୯୬୦ର ସିନ୍ଧୁ ଜଳ ଚୁକ୍ତିନାମା ବାତିଲ କରିବା ଏବଂ ଅଟାରୀ–ୱାଘା ସୀମା ପୋଷ୍ଟକୁ ତୁରନ୍ତ ବନ୍ଦ କରିବା ସମେତ ଅନେକ ପ୍ରମୁଖ ନିଷ୍ପତ୍ତି ନେଇଥିଲେ । ଯେଉଁଥିରେ ପାକିସ୍ତାନୀ ନାଗରିକଙ୍କ ପାଇଁ ଭିସା ସେବା ବନ୍ଦ କରିବାର ନିଷ୍ପତ୍ତି ମଧ୍ୟ ସାମିଲ ଥିଲା । ଏହା ପରେ, ଭାରତରେ ଥିବା ପାକିସ୍ତାନୀ ନାଗରିକଙ୍କ ମଧ୍ୟରେ ଦେଶ ଛାଡିବା ପାଇଁ ଏକ ଦୌଡ଼ ଆରମ୍ଭ ହୋଇଯାଇଥିଲା ।

## ବ୍ରହ୍ମପୁରକୁ ଆସିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

### ଦାବି ଓ ସମସ୍ୟା ଶୁଣିବା ପାଇଁ ଆସିବି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୮।୪(ସବ୍ୟୁ): ୨୦୩୬ରେ ଓଡିଶା ତାର ଶହେ ବର୍ଷ ପୂରଣ କରୁଛି । ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି । ସମୃଦ୍ଧ ଓଡିଶା ଗଠନ ଦିଗରେ ଶିକ୍ଷାର ମହତ୍ୱପୂର୍ଣ୍ଣ ଭୂମିକା ରହିବ । ତେଣୁ ଉଭୟ ପ୍ରାଥମିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ କରିବା ପାଇଁ ଆମ ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗଞ୍ଜାମ ଜିଲ୍ଲା ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗ ଦେଇ ଏହା କହିଛନ୍ତି ।

ମୁଖ୍ୟମନ୍ତ୍ରୀ ପ୍ରଥମେ ବିଦ୍ୟାଳୟର ପ୍ରତିଷ୍ଠାତା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଭଗବାନ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ୧୯୨୪ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ବିଦ୍ୟାଳୟ ତାର ଶିକ୍ଷାଦାନର ଯାତ୍ରା ଆରମ୍ଭ କରି ଦୀର୍ଘ ୧୦ ଦଶନ୍ଧି ଧରି ସୀମାନ୍ତ ଅଂଚଳରେ ଜ୍ଞାନର ଆଲୋକ ବିକିରଣ କରିଆସୁଛି । ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଶିକ୍ଷାଦାନ ବ୍ୟବସ୍ଥା ଗୁରୁ ଶିଷ୍ୟ ପଦ୍ଧତିରେ କେଉଁ ଆବାହମାନ ଯୁଗରୁ ରହିଆସିଛି । ବ୍ରିଟିଶ ସରକାର ଆସିବା ପରେ ଶିକ୍ଷାନୀତି ପ୍ରଚଳିତ ହୋଇଥିଲା । ସେତେବେଳ ଶିକ୍ଷାର ସବୁଠାରୁ ବଡ ଉଦ୍ଦେଶ୍ୟ ଥିଲା, ବ୍ରିଟିଶ ସରକାରଙ୍କ ପାଇଁ କିରାଣୀ ଓ ଅଧିକାରୀ ପ୍ରସ୍ତୁତ କରିବା । ଜ୍ଞାନ ଆହରଣ, ଚରିତ୍ର ଗଠନ ସେହି ଶିକ୍ଷା ପଦ୍ଧତିର ଉଦ୍ଦେଶ୍ୟ ନ ଥିଲା । ଏହି ଶିକ୍ଷା ପଦ୍ଧତି ସ୍ୱାଧୀନତା ପରବର୍ତ୍ତୀ ସମୟରେ ବହୁ ବର୍ଷ ଧରି ଚାଲି ଆସିଥିଲା ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଦ୍ୟାଳୟର ଉଦ୍ଦେଶ୍ୟ ହେଉଛି ପାଠ ପଢାଇ ପିଲାଙ୍କୁ ଉତ୍ତମ ନାଗରିକ ଭାବେ ଗଢି ସମାଜ ଗଠନର ଗୁରୁ ଦାୟିତ୍ୱ ନ୍ୟସ୍ତ କରିବା । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦେଶର ଶାସନଭାର ନେଲା ପରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି ।୨୦୨୦ ମସିହାରେ ମୋଦୀଜୀଙ୍କ ଦିଗ୍ଦର୍ଶନରେ ନୂତନ ଶିକ୍ଷାନୀତି ଦେଶରେ ପ୍ରଣୟନ ହୋଇଥିଲା । (୯ ପୃଷ୍ଠାରେ)

## ନାଲ ଗୁଣ୍ଡା ବଜାର ଗୁଳିକାଣ୍ଡ

### ୬ ଅଟକ, ଗାଡ଼ି ଯାଞ୍ଚ

ଚାନ୍ଦବାଲି,୨୮।୪ (ସବ୍ୟୁ) : ରବିବାର ଅପରାହ୍ନରେ ଚାନ୍ଦବାଲି ଥାନା ଅଧୀନ ନାଲ ଗୁଣ୍ଡା ବଜାରରେ ଥଣ୍ଡା ପାନୀୟ ପିଇ ସାରିବା ପରେ ଏହାର ଦାମକୁ ନେଇ ଦୋକାନୀ ସହ ବଚସା ହେବା ଓ ଉତ୍ୟକ୍ତ ଯୁବକମାନେ ଫାଙ୍କା ଗୁଳି ଚାଳନା କରି ଘଟଣା ସ୍ଥଳରୁ ଫେରାର ହେବା ଅଞ୍ଚଳ ରେ ଆତଙ୍କ ଖେଳାଇ ଦେଇଛି ।ତଥ୍ୟ ଅନୁଯାୟୀ ଏହି ବଜାରରେ ଥିବା ଏକ ପାନ ଦୋକାନରୁ ରବିବାର ଅପରାହ୍ନ ୫ ଘଟିକା ସମୟରେ ଦୁଇଟି ବାଇକରେ ୬ ଜଣ ଯୁବକ ଭଦ୍ରକ ଆଡୁ ଯାଇ ଉକ୍ତ ଦୋକାନ ପାଖରେ ପହଞ୍ଚିବା ସହ ଥମ୍ସ ଅପ ଥଣ୍ଡା ପିଇଥିଲେ । ଏହି ଥଣ୍ଡା ପାନୀୟ ପିଇ ସାରିବା ପରେ ଏହାର ମୂଲ୍ୟକୁ ନେଇ ଦୋକାନୀ ସହ ଉକ୍ତ ଯୁବକମାନଙ୍କର ବଚସା ହୋଇଥିଲା । (୯ ପୃଷ୍ଠାରେ)

## ଦିନକରେ ୮ ଜଣଙ୍କ ଜଳ ସମାଧି



ଭୁବନେଶ୍ୱର/କେନ୍ଦୁଝର/ଦଶପଲ୍ଲା,୨୮।୪ (ସବ୍ୟୁ) : ରବିବାରରେ ଘଟିଛି ବଡ଼ ଅଘଟଣ । ୮ ଜଣଙ୍କ ହୋଇଛି ସଲିଳ ସମାଧି । କେନ୍ଦୁଝର ହରିଚନ୍ଦନପୁର ପାଟହରା ଜଳପ୍ରପାତରେ ବୁଡ଼ିଗଲେ ୨ ପର୍ଯ୍ୟଟକ । ନୟାଗଡ଼ ଦଶପଲ୍ଲାରେ ପୋଖରୀରେ ବୁଡି ୩ ନାବାଳକଙ୍କ ମୃତ୍ୟୁ । କଟକ କାଠଯୋଡ଼ିରେ ବୁଡି ଜଣେ ନାବାଳକ ମୃତ । ରାଉରକେଲା କୋଏଲ ନଦୀ ନେଲା ଛାତ୍ରର ଜୀବନ । କୋରାପୁଟ ପାତାଳି ନଦୀରେ ଭାସିଗଲେ ଯୁବକ ।ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଗୋଡ଼ିବିଡ଼ା ଗାଁରେ ଦୁଃଖଦ ଘଟଣା। ପୋଖରୀରେ ବୁଡ଼ି ୩ ନାବାଳକଙ୍କ ମୃତ୍ୟୁ । ପୋଖରୀରେ ଗାଧୋଇବା ବେଳେ ତିନି ନାବାଳକ ବୁଡ଼ି ଯାଇଥିଲେ ।

ପରିବାର ଓ ଗାଁ ଲୋକେ ଖୋଜାଖୋଜି କରିବା ପରେ ସେମାନଙ୍କୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ଏହା ପରେ ଦଶପଲ୍ଲା ହସପିଟାଲକୁ ନିଆଯାଇଥିଲା। ସେଠାରେ ତିନି ନାବାଳକଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ସେହିପରି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଗରଗଡବାହଳ ନିକଟସ୍ଥ ପାଟହରା ଜଳପ୍ରପାତରେ ବୁଡ଼ି ୨ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି ।ମୃତକଙ୍କ ପରିଚୟ ମିଳିନଥିବା ବେଳେ ଜଣେ ଯାଜପୁର ଓ ଅନ୍ୟଜଣେ ଜଗତସିଂହପୁର ଜିଲ୍ଲାର ବୋଲି ଜଣାପଡ଼ିଛି ।

# ଜଙ୍ଗଲରୁ ବଙ୍କର ଠାବ: ବିଳାସପୂର୍ଣ୍ଣ ବ୍ୟବସ୍ଥା



ମାଲକାନଗିରି,୨୮।୪(ସବ୍ୟୁ) : ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରୁ ପୁଣି ଯବାନଙ୍କୁ ମିଳିଛି ଏକ ବଡ଼ ସଫଳତା । ବିଜାପୁର ଏବଂ ସୁକମା ସୀମାନ୍ତବର୍ତ୍ତୀ ଜଙ୍ଗଲରେ ନକ୍ସଲ ଲୁଚି ରହିବା ପାଇଁ ମାଓ ସଂଗଠନ ପକ୍ଷରୁ ବଡ଼ ବଡ଼ ବଙ୍କର ନିର୍ମାଣ କରାଯାଇଥିଲା । ଏହି ବଙ୍କରରେ ହିଡମା ଏବଂ ସାଥୀମାନେ ଦିନ ଦିନ ଧରି ଲୁଚି ରହୁଥିଲେ । ଏପରିକି ସୁରକ୍ଷାକର୍ମୀ ନକ୍ସଲଙ୍କୁ ଟାର୍ଗେଟ କରି ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ହିଡମା ଏବଂ ସାଥୀ ଏହି ବଙ୍କରରେ ଲୁଚି ରହୁଥିଲେ । ଏହି ବଙ୍କରକୁ ସିମେଣ୍ଟରେ କଂକ୍ରିଟ କରି ତିଆରି କରାଯାଇଥିଲା ।

ବଙ୍କର ଭିତରେ ରହିବା ଏବଂ ଖାଇବା ପାଇଁ ସମସ୍ତ ସୁବିଧା ରହିଥିଲା । ଦିନ ଦିନ ଧରି ନକ୍ସଲ ଏଠାରେ ଲୁଚି ରହୁଥିଲେ । ବଙ୍କର ଭିତରଟି ସଂପୂର୍ଣ୍ଣ ରୂପେ ବିଳାସପୂର୍ଣ୍ଣ ରହିଥିଲା । ସୁରକ୍ଷାକର୍ମୀଙ୍କ ତରଫରୁ ବଡ ବଡ ଅପରେସନ

### ବୋମା, ଅସ୍ତ୍ରଶସ୍ତ୍ର ଜବତ

କରାଯାଉଥିଲେ ମଧ୍ୟ ଦୁର୍ଦ୍ଧାନ୍ତ ନକ୍ସଲ ନେତା ହିଡମା କେଉଁଠି ଲୁଚି ରହୁଥିଲା ତାହା ଜଣାପଡୁନଥିଲା । ଏବେ ସୁରକ୍ଷାକର୍ମୀ ଏହି ବଙ୍କର ଉଦ୍ଧାର କରିବା ପରେ ସବୁ ପର୍ଦାଫାସ ହୋଇଛି । ବଙ୍କରରୁ ଉପର ଭାଗକୁ ପତ୍ର ଏବଂ ମାଟିରେ ଘୋଡାଇ ଦିଆଯାଇଥାଏ । ସୁରକ୍ଷାକର୍ମୀ ଏହାକୁ ସହଜରେ ଜାଣିବା ମୁସ୍କିଲ ହୋଇପଡୁଥିଲା । ତେବେ ଆଉ କିଛି ମାସ ମଧ୍ୟରେ ନକ୍ସଲ ସଂପୂର୍ଣ୍ଣ ମୂଳପୋଛ ହେବେ ବୋଲି ପୁଲିସ ଆଶା ରଖିଛି । ମାଓ ନେତା ହିଡମା ଆଉ ପୁଲିସ ହାତରୁ ଖସିପାରିବ ନାହିଁ ବୋଲି ପୁଲିସ ଏବେ ଆଶା ରଖିଛି । ଖୁବ ଶୀଘ୍ର ମାଓନେତା ହିଡମା ମରିବ ନଚେତ ଧରାପଡ଼ିବ ବୋଲି ପୁଲିସ ଆଶା ପ୍ରକଟ କରିଛି । ଏବେ ଚାଲିଥିବା ବଡ଼ ଏନକାଉଣ୍ଟରରେ ନିର୍ଣ୍ଣାୟକ ଲଢେଇ ହେବ । ଆରପାର ଲଢେଇରେ ନକ୍ସଲ ସମ୍ପୂର୍ଣ୍ଣ ଧ୍ୱଂସ ହେବେ ବୋଲି କୁହାଯାଇଛି । ସୀମାନ୍ତ (୯ ପୃଷ୍ଠାରେ)

## ଓପିଏସ୍‌ସି, ଓଏସ୍‌ଏସ୍‌ସି ପରୀକ୍ଷାରେ ତ୍ରୁଟି

### ପରୀକ୍ଷାର୍ଥୀଙ୍କ ଅସନ୍ତୋଷ

ଭୁବନେଶ୍ୱର,୨୮।୪ (ସବ୍ୟୁ) : ପ୍ରତିଯୋଗିତାମୂଳକ ପରୀକ୍ଷାରେ ପୁଣି ତ୍ରୁଟି ପରିଲକ୍ଷିତ ହୋଇଛି । ଗୋଟିଏ ଦିନରେ ଆଜି ରାଜ୍ୟ ଲୋକସେବା ଆୟୋଗ (ଓପିଏସସି) ଏବଂ ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସସି) ୨ଟି ବଡ଼ ପରୀକ୍ଷାରେ ତ୍ରୁଟି ସାମ୍ନାକୁ ଆସିଛି । ପ୍ରତିଯୋଗିତାମୂଳକ ପରୀକ୍ଷାରେ ଏଭଳି ତ୍ରୁଟି ନେଇ ପରୀକ୍ଷା ଅସନ୍ତୋଷ ଦେଖାଯାଇଛନ୍ତି । ଆଜି ସିଭିଲ ସର୍ଭିସ୍ ସେବା ମେନ୍–୨୦୨୩ର ଆନ୍ଥ୍ରୋପୋଲୋଜିର ୨ଟି ପେପର ଥିଲା । ପୂର୍ବାହ୍ନ ୯ରୁ ୧୨ଟା ଆନ୍ଥ୍ରୋପୋଲୋଜି ପ୍ରଥମ ପେପର ପରୀକ୍ଷା ଥିଲା । ଅପରାହ୍ନ ୨ଟାରୁ ୫ଟା ଆନ୍ଥ୍ରୋପୋଲୋଜି ଦ୍ୱିତୀୟ ପେପର୍ ପରୀକ୍ଷା ଥିଲା । ମାତ୍ର ପ୍ରଥମ ପେପର ପରୀକ୍ଷାରେ କିଛି ପ୍ରଶ୍ନ ଦ୍ୱିତୀୟ ପେପରରୁ ଆସିଥିଲା । ଦ୍ୱିତୀୟ ପେପର ପରୀକ୍ଷାରେ ପ୍ରଥମ ପେପର କିଛି ପ୍ରଶ୍ନ ଆସିଥିବା ଅଭିଯୋଗ ହୋଇଛି । ପ୍ରଥମ ସିଟିଂ ପରୀକ୍ଷା ପରେ ପରୀକ୍ଷାର୍ଥୀ ଅସନ୍ତୋଷ ଝାଡ଼ିଛନ୍ତି । ଓପିଏସସି କର୍ତ୍ତୃପକ୍ଷ ନୋଟିସ୍ ଜାରିଆରେ ତ୍ରୁଟି ସ୍ୱୀକାର କରିଛନ୍ତି । ଗୋଟିଏ ଦିନରେ ଆଜି ରାଜ୍ୟ ଲୋକସେବା ଆୟୋଗ (ଓପିଏସସି) ଏବଂ ଓଡ଼ିଶା କର୍ମଚାରୀ (୯ ପୃଷ୍ଠାରେ)

## କଣ୍ଟାବାଞ୍ଜିର ଯଶ୍ ଜୈନ ନିଟ୍ ଏସ୍‌ଏସ୍ ପରୀକ୍ଷାରେ ଟପ୍ପର

### ମୁଖ୍ୟମନ୍ତ୍ରୀ ଜଣାଇଲେ ଅଭିନନ୍ଦନ



ବଲାଙ୍ଗିର/କଣ୍ଟାବାଞ୍ଜି,୨୮।୪ (ସବ୍ୟୁ) :ସର୍ବ ଭାରତୀୟ ପ୍ରବେଶିକା ପରୀକ୍ଷାରେ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜିର ପୁଅ ସଫଳତା ପାଇଛନ୍ତି । ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିବାସୀ ଯଶ ଜୈନ ସର୍ବ ଭାରତୀୟ ନିଟ୍ ଏସ୍‌ଏସ୍(ସୁପର ସ୍ପେଶାଲିଟି ଏଣ୍ଟ୍ରାନ୍ସ ପରୀକ୍ଷା)–୨୦୨୫ରେ ସର୍ବ ଭାରତୀୟ ସର୍ବ ପ୍ରଥମ ହୋଇଛନ୍ତି। ସେ ସୁନିଲ ଜୈନ ଓ ମାତା ପୁଜା ଜୈନଙ୍କ ସୁପୁତ୍ର । ଶ୍ରୀ ଜୈନ ମୁମ୍ବାଇର ପ୍ରତିଷ୍ଠିତ କେଇଏସ୍ ମେଡିକାଲ କଲେଜରୁ ଏମବିବିଏସ ୧୪୭(ନିଟ୍)ର ଡିଗ୍ରି ହାସଲ ପରେ ମହାରାଷ୍ଟ୍ର ନାଗପୁର ମେଡିକାଲ କଲେଜରେ ସାଧାରଣ ସର୍ଜରିରେ ମାଷ୍ଟର ଡିଗ୍ରି ହାସଲ କରିଛନ୍ତି। ଗଣମାଧ୍ୟମକୁ ଯଶ୍ ଆହୁରି କହିଛନ୍ତି, ୧୦ ରୁ ୧୨ ମାସ ହେଲା ମୁଁ କାମ ନକରି (୯ ପୃଷ୍ଠାରେ)

# ଏଣ୍ଡୋମେଟେରେଓସିସ୍

ଏହି ସମସ୍ୟାରେ ଏକ ଟିସୁ ମହିଳାଙ୍କ ଗର୍ଭାଶୟର ବାହାରେ ବଢିଥାଏ । ଏହାଦ୍ୱାରା ଓଭାରି, ଫଲୋପିଆନ୍ ଟ୍ୟୁବ୍ ଆଦି ପ୍ରଭାବିତ ହୋଇଥାଏ । ଏହା ଦ୍ୱାରା ମହିଳାଙ୍କ ପେଟରେ ଅସହ୍ୟ ଯନ୍ତ୍ରଣା ହୋଇଥାଏ । ଏହି ରୋଗ ହେବା ଫଳରେ ଋତୁସ୍ରାବ ସମୟରେ ଯନ୍ତ୍ରଣା ହୋଇଥାଏ । କେବଳ ପେଟ ନୁହେଁ ପିଠିରେ ମଧ୍ୟ ଯନ୍ତ୍ରଣା ହୋଇଥାଏ । ଅଧିକ ରକ୍ତସ୍ରାବ, ଫଟିଗୋ, ଡାଇରିଆ, ବ୍ଲୋଟିଂ, ବାନ୍ତି ଆଦି ଲକ୍ଷଣ ଦେଖିବାକୁ ମିଳିଥାଏ । ଏହି ସମସ୍ତ ଲକ୍ଷଣ ଋତୁସ୍ରାବ ସମୟରେ କିମ୍ବା ଏହା ପୂର୍ବରୁ ଦେଖିବାକୁ ମିଳିଥାଏ । ତେବେ ଯଦି ଏଭଳି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ସେହିଭଳି ଘରେ ହେଲ୍‌ଦୀ ଲାଇଫ୍ ଷ୍ଟାଇଲ ମେଣ୍ଟେନ୍ କରିବାରେ ମଧ୍ୟ ଏହାକୁ ଅନେକାଂଶରେ କମାଇ ହେବ । ହେଲ୍‌ଦି ଡାଏଟ୍, ସବୁଦିନ ବ୍ୟାୟାମ, ଖାଦ୍ୟରେ ବିଭିନ୍ନ ପୋଷଣ ସାମିଲ କରିବା, ଷ୍ଟ୍ରେସ୍ ଫ୍ରି ରହିବା ଏବଂ ନିୟମିତ ବ୍ୟବଧାନରେ ପରୀକ୍ଷା ସହିତ ଡାକ୍ତରଙ୍କ ପରାମର୍ଶ ଦ୍ୱାରା ଏହାକୁ ଚିକିତ୍ସା କରିହେବ । ତେବେ ଲକ୍ଷଣ ଜଣା ପଡିବା ପରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



## ସୋସିଆଲ କୋଟ୍ସ



“ମୁଁ ପିୟୁଷଙ୍କୁ ଫେମ୍ ପାଇଁ ଛାଡି ନଥିଲି । ସବୁ ପରିବାରରେ କଳହ ରହିଥାଏ, ସେହିଭଳି ଆମ ପରିବାରରେ ମଧ୍ୟ ଥିଲା । ଲୋକମାନେ ମୋତେ ମିଛରେ ଦୋଷ ଦେଉଛନ୍ତି ।

ଶୁଭାଙ୍ଗୀ ଅତ୍ରେ, ଅଭିନେତ୍ରୀ



“ମୋତେ କାଶ୍ମୀରର ଘଟଣା ଖୁବ ଦୁଃଖ ଦେଇଛି । ଦେଶରେ ଏଭଳି ସ୍ଥିତି ଥିବାସମୟରେ ମୁଁ ଗୀତ ଗାଇ ପାରିବି ନାହିଁ । ତେଣୁ ମୁଁ ଚେନ୍ନାଇ କନସର୍ଟ ରଦ୍ଦ କରିଥିଲି ।


ଅରିଜିତ୍ ସିଂ, ସିଙ୍ଗର



“କ୍ୟାରିୟରରେ ଅନେକ ଷ୍ଟ୍ରଗଲ କରିଛି । ଏଭଳି ବି ଦିନ ଆସିଛି ଭୋକରେ କଟିଛି । ଆର୍ଥିକ ସମସ୍ୟା ପିଲାଦିନୁ ଦେଖିଛି, ଯାହା ଖୁବ କଷ୍ଟ ଦେଇଥିଲା । ଅର୍ଥ ସଞ୍ଚିବା ପିଲାଦିନୁ ଶିଖିଛି ।

ନୁସରତ ଭରୁଚା, ଅଭିନେତ୍ରୀ


# ଉତ୍କଳ ଗୌରବ ମଧୁସୂଦନ




ଉତ୍କଳମାଟିକୁ ସ୍ୱାଧୀନତା ଦେବାରେ ଅନେକ ବିପ୍ଳବୀଙ୍କ ଅବଦାନ ରହିଛି, ଯେଉଁଥିରେ ମଧୁସୂଦନ ଦାସଙ୍କର ଅବଦାନ ବେଶ ସ୍ୱତନ୍ତ୍ର । ଉତ୍କଳ ଗୌରବ ଭାବେ ସମସ୍ତେ ତାଙ୍କୁ ଜାଣନ୍ତି । କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନୁହେଁ ଜଣେ କବି ଭାବେ ମଧ୍ୟ ତାଙ୍କର ରହିଛି ସ୍ୱତନ୍ତ୍ରର ପରିଚୟ । ସେ ଥିଲେ ଓଡିଶା ପ୍ରଥମ ସ୍ନାତକ ଓ ପ୍ରଥମ ଓକିଲ । କଟକ ଠାରୁ ୨୦ କିମି ଦୂର ସତ୍ୟଭାମାପୁର ଗ୍ରାମରେ ୧୮୪୮ ମସିହା ଏପ୍ରିଲ ୨୮ରେ ତାଙ୍କର ଜନ୍ମ । ଏକ ଜମିଦାର ପରିବାରରେ ଜନ୍ମ ହୋଇ ମଧ୍ୟ ଗରିବଙ୍କ ପେଟ କଥା ଖୁବ ଭଲଭାବେ ସେ ବୁଝି ପାରୁଥିଲେ । ଗାଁ ସ୍କୁଲରେ ପାଠ ପଢିଥିବା ମଧୁସୂଦନଙ୍କ ଭାଷା ପ୍ରତି ଥିବା ଅହେତୁକ ଦୁର୍ବଳତା । ପ୍ରାଥମିକଶିକ୍ଷା ପରେ ସେ କଟକ ହାଇସ୍କୁଲରେ ଶିକ୍ଷା ଗ୍ରହଣ କରିଥିଲେ । ସେ କୋଲକାତା ଓ ଓଡ଼ିଶା ଉଭୟ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିଛନ୍ତି । ସେ ଏମ୍ଏ ଓ ବିଏଲ୍ ଡିଗ୍ରୀ ହାସଲ କରିବା ପରେ କୋଲକାତାର ଫେରି ଓଡ଼ିଶାରେ ଆଇନ ଅଭ୍ୟାସ କରିଥିଲେ । ଜଣେ ଓକିଲ ଭାବେ ମାଟି ମାଆର ସେବା ପାଇଁ ସେ ସବୁବେଳେ ଉତ୍ସର୍ଗୀକୃତ ଥିଲେ । ସେ ସବୁବେଳେ ଲୋକଙ୍କୁ ରାଜନୈତିକ, ଆର୍ଥିକ ଓ ସାମାଜିକ ସ୍ତରରେ ସାହାଯ୍ୟ କରିବା ପାଇଁ କାର୍ଯ୍ୟ କରୁଥିଲେ । ଓଡ଼ିଶା ପାଇଁ ସେ କରିଥିବା ଉତ୍ସର୍ଗ ଆଜି ବି ତାଙ୍କୁ ଅମର କରି ରଖିଛି । ୧୯୩୪ ମସିହା ଫେବ୍ରୁଆରୀ ୪ରେ ସେ ଇହଲୀଳା ସମ୍ବରଣ କରିଥିଲେ । ଆଜି ବି ଲୋକଙ୍କ ମାନସପଟରେ ସେ ଅମର ହୋଇ ରହିଛନ୍ତି ।

# ୟୁଟ୍ୟୁବ୍‌ର ପ୍ରଥମ ଭିଡିଓ

ଆଜିକାଲି ସମସ୍ତେ ୟୁଟ୍ୟୁବ୍‌ର ଫ୍ୟାନ ପାଲଟିଛନ୍ତି । ସମସ୍ତଙ୍କର ପସନ୍ଦ ପାଲଟିଥିବା ଏହି ପ୍ଲାର୍ଟଫର୍ମଟି ଦୀର୍ଘ ୨୦ ବର୍ଷତଳେ ୨୦୦୫ରେ ଆରମ୍ଭ ହୋଇଥିଲା । ସେଭଳି କିଛି ଲକ୍ଷ ନଥାଇ ଆରମ୍ଭ ହୋଇଥିବା ଏହି ପ୍ଲାର୍ଟଫର୍ମଟି ବର୍ତ୍ତମାନ ବିଶ୍ୱର ସବୁଠାରୁ ବଡ ପ୍ଲାର୍ଟଫର୍ମଭାବେ ଉଭା ହୋଇଛି । ଏପ୍ରିଲ ୨୩, ୨୦୦୫ରେ ୟୁଟ୍ୟୁବର କୋ ଫାଉଣ୍ଡର ଜାବେଦ୍ କରିମ୍ ସନ୍ ଡିଏଗୋର ଏକ ଚିଡିଆଖାନାରେ ନିଜର ଏକ ଭିଡିଓ କରି ଏଥିରେ ପୋଷ୍ଟ କରିଥିଲେ । ଏହି ଭିଡିଓରେ ସେ ହାତୀମାନଙ୍କର ଖୁଆଡ ଆଗରେ ଠିଆ ହୋଇ ଭିଡିଓଟି ସୁଟ କରିଥିଲେ । ସେତେବେଳେର ଏହି ଭିଡିଓଟି ବର୍ତ୍ତମାନସୁଦ୍ଧା ୩୩୫ ମିଲିଅନ ଭ୍ୟୁ ଯାଇଥିବାବେଳେ ୧୭ ମିଲିଅନ ଲାଇକ୍ ପାଇଛି । ଭିଡିଓଟି ମାତ୍ର ୧୯ ସେକେଣ୍ଡର ରହିଛି । ସୂଚନା ଅନୁସାରେ ୨୦୦୫ ଫେବ୍ରୁଆରୀ ୧୪ରେ ଜାବେଦ୍ କରିମ୍, ଷ୍ଟିଭ୍ ଚେନ୍, ଚାଡ୍ ହର୍ଲି ନାମକ ତିନିଜଣ ଲୋକ ମିଶି ଏହାକୁ ନିର୍ମାଣ କରିଥିଲେ । ଏହା ହେଉଛି ବିଶ୍ୱର ସବୁଠାରୁ ବଡ ଅନ୍‌ଲାଇନ୍ ଭିଡିଓ ସେୟାର କରୁଥିବା ପ୍ଲାଟ୍‌ଫର୍ମ ।





# ସମୁଦ୍ର ରକ୍ଷା ପାଇଁ ପଦକ୍ଷେପ

ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଓ ଅତ୍ୟଧୀକ ମାଛଧରାର ପ୍ରଭାବ ସମୁଦ୍ର ଉପରେ ପଡିବାରେ ଲାଗିଛି । ଏହି କାରଣରୁ ସମୁଦ୍ରଜଳରେ ଥିବା ଜୀବନ ଯେପରି ପ୍ରାଣୀ ଓ ଉଦ୍ଭିଦଙ୍କ ଉପରେ ନକାରାତ୍ମକତା ପ୍ରଭାବ ଦେଖିବାକୁ ମିଳୁଛି । ତେବେ ଏହାକୁ ଦୂର କରିବା ପାଇଁ ବ୍ରିଟିଶ୍ ବୈଜ୍ଞାନିକ ଡାଭିଡ୍ ଆଟେନ୍‌ବର୍ଗ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହି ଯୋଜନାରେ ଅନେକ ଏନ୍‌ଜିଓ ସହିତ ସ୍ଥାନୀୟ ଲୋକ ମଧ୍ୟ ସାମିଲ ହୋଇଥିବା ଜଣା ପଡିଛି, ସମସ୍ତେ ମିଶି ସମୁଦ୍ର ବଞ୍ଚାଅ ଅଭିଯାନରେ କାମ କରିବେ । ଏହାଦ୍ୱାରା ସମୁଦ୍ରଥିବା ପ୍ରାଣୀଙ୍କର ରକ୍ଷା ହେବସହିତ ଆମ ପରିବେଶ ଉପରେ ମଧ୍ୟ ଏହାର ସକରାତ୍ମକ ପ୍ରଭାବ ପଡିବ ବୋଲି ସେମାନେ ମତ ଦେଇଛନ୍ତି । ଏହି ପ୍ରକଳ୍ପ ଅଧିନରେ ୨୦୩୦ ସୁଦ୍ଧା ସମୁଦ୍ରର ୩୦ ପ୍ରତିଶତ ଅଂଶକୁ ସୁରକ୍ଷିତ କରାଯିବ ବୋଲି ସୂଚନା ଦିଆଯାଇଛି । ଏଭଳି ପଦକ୍ଷେପକୁ ଚାରିଆଡୁ ପ୍ରଶଂସା ମିଳୁଥିବାର ଦେଖିବାକୁ ମିଳିଛି । ଖୁବଶୀଘ୍ର ଏହି ଯୋଜନାକୁ ବ୍ୟାପକ କରାଯିବ ଯେଉଁଥିରେ ବିଶ୍ୱର ସମସ୍ତ ବଡବଡ ଦେଶକୁ ସାମିଲ କରାଯିବ ବୋଲି ଡାଭିଡ୍ ଆଟେନ୍‌ବର୍ଗ ସୂଚନା ଦେଇଛନ୍ତି ।

## ଆଜିର ଦିନ

୧୭୪୦– ମରାଠା ଶାସକ ପେଶୱା ବାଜିରାଓ୍ୱ ପ୍ରଥମଙ୍କ ନିଧନ ।

୧୮୪୭– ପ୍ରଥମ ଅଶ୍ୱେତ ନାଗରିକ ଭାବେ ଜର୍ଜ ବି ୱେଶନ ନ୍ୟୁୟର୍କ ନ୍ୟାୟାଳୟକୁ ଯାଇଥିଲେ ।

୧୯୧୦– ଇଂଲଣ୍ଡରେ କ୍ଲୋଡ ଗ୍ରାହମ ୱାଇଟ ନାମକ ଜଣେ ପାଇଲଟ ପ୍ରଥମ ଥର ପାଇଁ ରାତିରେ ବିମାନ ଉଡ଼ାଇଥିଲେ ।

୧୯୨୯– ପ୍ରସିଦ୍ଧ ଡିଜାଇନର ଭାନୁ ଅଥେୟାଙ୍କ ଜନ୍ମ ।

୧୯୩୫– ମସ୍କୋରେ ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ଟ୍ରେନର ଚଳାଚଳ ଆରମ୍ଭ ।

୧୯୩୭– ଇରାକରେ ସଦାମ ହୁସେନଙ୍କ ଜନ୍ମ ।


୧୯୯୩– ଜାମ୍ବିଆର ବିମାନ ଦୁର୍ଘଟଣାରେ ୩୦ ଫୁଟବଲ ଖେଳାଳିଙ୍କ ମୃତ୍ୟୁ ।



## ହାହାଃ..ହାହାଃ..

ମାଆ – ତୁ ଫ୍ରି ସମୟରେ କଣ କରୁଛୁ ?
ପୁଅ – ମୋବାଇଲ ଚାର୍ଜ କରୁଛି ।
ମାଆ – ଫ୍ରି କେତେବେଳେ ହେଉଛୁ ?
ପୁଅ – ମୋବାଇଲ୍‌ରୁ ଚାର୍ଜ ସରିଲେ ।
କିଛି ସମୟରେ ମୋବାଇଲ ଭାଙ୍ଗି ଚୁନା

# ୧୧୩ ମିଲିଅନ ବର୍ଷର ପିମ୍ପୁଡି



ଅନେକ ସମୟରେ ମାଟିତଳୁ ବହୁ ପୂରାତନ ଜୀବାଶ୍ମ ମିଳିଥାଏ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ଏହି କ୍ରମରେ ଅନେକ ଉଦାହରଣ ଦେଖିବାକୁ ମିଳିଛି । ସେହିଭଳି ନିକଟରେ ବୈଜ୍ଞାନିକଙ୍କୁ ବ୍ରାଜିଲ୍‌ରେ ୧୧୩ ମିଲିଅନ ବର୍ଷ ପୁରୁଣା ପିମ୍ପୁଡିର ଜିବାଶ୍ମ ମିଳିଛି । ଏହି ଜୀବାଶ୍ମ ହେଉଛି ବିଶ୍ୱର ସବୁଠାରୁ ପୁରୁଣା, ଯାହାକୁ ଲାଇମ୍‌ଷ୍ଟୋନରେ ସୁରକ୍ଷିତଭାବେ ସଂରକ୍ଷଣ କରି ରଖାଯାଇଛି । ସେହିଭଳି ଏହି ପ୍ରଜାତିର ପିମ୍ପୁଡି ଅନେକ ବର୍ଷତଳେ କ୍ରେଟାସିୟସ୍ ଯୁଗରେ ଦେଖିବାକୁ ମିଳୁଥିଲେ । ଏହି ଜୀବାଶ୍ମ ପିମ୍ପୁଡିମାନଙ୍କ ସମ୍ପର୍କରେ ବହୁ ପୁରାତନ ତଥ୍ୟ ଯୋଗାଇବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଏହି ଜୀବାଶ୍ମରୁ ପିମ୍ପୁଡିଙ୍କ ଜନ୍ମ ଓ ଶରୀର ସଂରଞ୍ଚନା ସମ୍ପର୍କରେ ଅଧିକ ତଥ୍ୟ ମିଳିବ ବୋଲି ବୈଜ୍ଞାନିକ ଆଶା ରଖିଛନ୍ତି ।

## ପାଳଙ୍ଗ ବରା



**ସାମଗ୍ରୀ–** ହରଡ ଡାଲି, ବୁଟ ଡାଲି, ଚାଉଳ ଅଳ୍ପ ପରିମାଣ, ପାଳଙ୍ଗ ଶାଗ, ଧନିଆ ପତ୍ର, ଭୃସଙ୍ଗ ପତ୍ର, କଞ୍ଚା ଲଙ୍କା, କଟା ଅଦା, ପାନମଧୁରୀ, ହେଙ୍ଗୁ, ଲୁଣ ।

**ପ୍ରଣାଳୀ–** ପ୍ରଥମେ ସମସ୍ତ ଡାଲିକୁ ବତୁରାଇ ଦିଅନ୍ତୁ । ବତୁରାଇବା ପରେ ଗ୍ରାଇଣ୍ଡରେ ଡାଲି ସହିତ ଅନ୍ୟ ସମସ୍ତ ସାମଗ୍ରୀ ମିଶାଇ ବାଟି ନିଅନ୍ତୁ । ଏହାପରେଏହି ବଟାରେ କଟା ପାଳଙ୍ଗକୁ ମିଶାଇ ନିଅନ୍ତୁ । ପ୍ୟାନରେ ତେଲ ଗରମ କରି ଏହି ମିଶ୍ରଣକୁ ଛୋଟଛୋଟ ବଲ ଆକାର କରି ଛାଣି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ପାଳଙ୍ଗ ବରା, ଏହାକୁ ସସ୍ ସହିତ ପରଷନ୍ତୁ ।



# ବି ଟାଉନ୍‌ର ନୂଆ ଯୋଡି

ଖୁବଶୀଘ୍ର ଏକତା କପୁର ତାଙ୍କ ଦର୍ଶକଙ୍କ ପାଇଁ ଏକ ନୂଆ ପ୍ରୋଜେକ୍ଟ ନେଇ ଆସୁଛନ୍ତି, ଯେଉଁଥିରେ ତମନ୍ନା ଭାଟିଆ ଓ ସିଦ୍ଧାର୍ଥ ମଲହୋତ୍ରା ସ୍କ୍ରିନ ସେୟାର କରିବେ । ଖୁବ ଆଗରୁ ସିଦ୍ଧାର୍ଥ ଏଥିପାଇଁ ଫାଇନାଲ ହୋଇ ସାରିଥିବାବେଳେ ବର୍ତ୍ତମାନ ମେକର୍ସ ତମନ୍ନାଙ୍କୁ ଫାଇନାଲ କରିଛନ୍ତି । ଫିଲ୍ମଟି ହିନ୍ଦୁ ପୌରାଣିକ କଥାବସ୍ତୁ ଉପରେ ନିର୍ମାଣ କରାଯାଇଥିବା ଜଣା ପଡିଛି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ଦୀପକ ମିଶ୍ର ତୁଲାଇଥିବା ବେଳେ ଫିଲ୍ମଟି ଆସନ୍ତା ୨୦୨୬ରେ ପରଦାକୁ ଆସିବା ନେଇ ଯୋଜନା ହୋଇଛି । ତମନ୍ନା ଓ ସିଦ୍ଧାର୍ଥଙ୍କ ଫ୍ୟାନମାନେ ଏହି ପ୍ରୋଜେକ୍ଟ ନେଇ ଖୁବ ଖୁସି ବ୍ୟକ୍ତ କରିଛନ୍ତି । ଉଭୟଙ୍କ ଯୋଡିକୁ ପରଦାରେ ଦେଖିବାକୁ ଉତ୍ସୁକତାର ସହିତ ଅପେକ୍ଷା କରିଥିବା ସୋସିଆଲ ମିଡିଆରେ କମେଣ୍ଟ ମାଧ୍ୟମରେ ପ୍ରକାଶ କରିଛନ୍ତି । ସେହିଭଳି ଉଭୟ ଷ୍ଟାର ବର୍ତ୍ତମାନ ନିଜ ପର୍ସନାଲ ଲାଇଫ୍‌କୁ ନେଇ ମଧ୍ୟ ଚର୍ଚ୍ଚାରେ ଅଛନ୍ତି । ସିଦ୍ଧାର୍ଥ ବାପା ହେବାକୁ ଯାଉଥିବାବେଳେ ତମନ୍ନା ଅଭିନେତା ବିଜୟଙ୍କ ସହିତ ବ୍ରେକଅପକୁ ନେଇ ଚର୍ଚ୍ଚାରେ ଅଛନ୍ତି ।

## ଦ୍ୱାଦଶ ଅନୁଗୋଳ ମହୋତ୍ସବ, ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ

# ଅନୁଗୋଳର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଦେଶରେ ଅନନ୍ୟ : ମୁଖ୍ୟମନ୍ତ୍ରୀ




ଅନୁଗୋଳ, (ସବ୍ୟୁ): ଦ୍ୱାଦଶତମ ଅନୁଗୋଳ ମହୋତ୍ସବ ୨୦୨୫ ଓ ପଦ୍ମଶ୍ରୀ ମେଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରବିବାର ସ୍ଥାନୀୟ ଅନୁଗୋଳ ଷ୍ଟାଡିୟମ ଠାରେ ଉଦଘାଟନ କରିଛନ୍ତି । ଏହି ଅବସରରେ ସେ ସର୍ବପ୍ରଥମେ ଅନୁଗୋଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ଏବଂ ମହାପ୍ରଭୁ ଜଗନ୍ନାଥ, ମା'ବୁଢୀ ଠାକୁରାଣୀ ଓ ମା' ହିଙ୍ଗୁଳାଙ୍କ ନିକଟରେ ଅନୁଗୋଳବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରିଥିଲେ। ଅନୁଗୋଳର ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ମା ବୁଢ଼ୀ କୁରାଣୀ ପୀଠ, ମଦନ ମୋହନ ମନ୍ଦିର, ପୁରୁଣାଗଡର ମା କନକ ଦୁର୍ଗା, ମା କଳାପାଟ, ପାତ୍ରପଡାର ମା ବାୟାଣୀପୀଠ, କୋଶଳାର ରାମଚଣ୍ଡି ପୀଠ, ତାଳଚେର ମା ହିଙ୍ଗୁଳା ପିଠ, ଗଡ଼ସନ୍ତ୍ରୀର ମା ଲୋଭୀ ଠାକୁରାଣୀ, ଆଠମଲ୍ଲିକ ମା' ବିନକେଇ ଓ ଦେଉଳଝରୀ ଭଳି ବହୁ ପୁରାତନ ଦେବାଦେବୀ ସ୍ଥଳୀ ଜିଲ୍ଲାର ଧାର୍ମିକ ଓ ଆଧାତ୍ମିକ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି ବୋଲି ସେ କହିଥିଲେ । ଅନୁଗୋଳର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଦେଶରେ ଅନନ୍ୟ । ଓଡିଆ ଅସ୍ମିତା ଏବଂ ଓଡିଆ ସଂସ୍କୃତିକୁ ଅଙ୍ଗେ ଅଙ୍ଗେ ପାଳନ କରୁଥିବା ଅନୁଗୋଳ ଜିଲ୍ଲା ସେବା, ସଂସ୍କାର ଓ ଓଡିଆ ସାମାଜିକ ସଂହତିର ଜ୍ୱଳନ୍ତ ଉଦାହରଣ ଏବଂ ଶିକ୍ଷା, କ୍ରୀଡା ଓ ବୈଷୟିକ ଜ୍ଞାନ ଆଦି କ୍ଷେତ୍ରରେ ଏହି ଜିଲ୍ଲା ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିବାରେ ସକ୍ଷମ ହୋଇପାରିଛି ବୋଲି ସେ କହିଥିଲେ । ଏହି ଅବସରରେ ବାଜିରାଉତ ଛାତ୍ରାବାସ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିମନ୍ତେ ୧ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଆଗାମୀ ବର୍ଷରେ ଅନୁଗୋଳରେ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଓ ୫୦ ହଜାର ଚାକିରୀ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖୁଛନ୍ତି ବୋଲି ସେ କହିଥିଲେ। ସେହିପରି ତାଳଚେର ବିମଳାଗଡ ରେଳ ଲାଇନ, ରାଜ୍ୟ ରାଜପଥ ୫୫ (କଟକ ରୁ ସମ୍ବଲପୁର) ପ୍ରକଳ୍ପ ରାସ୍ତା ୪ ଲେନରୁ ୬ ଲେନ୍ ହେବ ବୋଲି ସେ କହିଥିଲେ। ଏହି ଅବସରରେ ସେ ଜିଲ୍ଲାର ୯ ବିଭାଗର ୩୫୦ କୋଟି ୭୬ ଲକ୍ଷ ଟଙ୍କାର ମୋଟ ୪୫ଟି ପ୍ରକଳ୍ପର ଉଦଘାଟନ ଓ ୪୪୯ ଲକ୍ଷ ଟଙ୍କାର ମୋଟ ୮୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ରୂପେ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ଏବଂ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡିଶା ଗଠନ ସ୍ୱପ୍ନକୁ ସାକାର କରିବା ପାଇଁ ଅନୁଗୋଳ ଜିଲ୍ଲାର ଏକ ବହୁତ ବଡ ମହତ୍ତ୍ୱ ରହିବ ବୋଲି ସେ କହିଥିଲେ। ଏ ଅବସରରେ ସେ ମହିଳାମାନଙ୍କୁ ସମ୍ମାନିତ କରିଥିଲେ। ୨୦୨୫ ମସିହା ଅନୁଗୋଳ ମହୋତ୍ସବର ସ୍ମରଣିକାକୁ ମଧ୍ୟ ଉନ୍ମୋଚନ କରିଥିଲେ । ଏଥିରେ ସାଂସଦ ରୁଦ୍ର ନାରାୟଣ ପାଣି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ନଳିନୀକାନ୍ତ ପ୍ରଧାନ, ବିଧାୟକ ଅଗସ୍ତି ବେହେରା, ବିଧାୟକ ଅଶୋକ ମହାନ୍ତି, ମାନ୍ୟବର ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ପୌରପାଳିକାର ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଆରକ୍ଷୀବାହିନୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି ଓ ହଜାର ହଜାର ଅନୁଗୋଳ ଜନସାଧାରଣ ଯୋଗ ଦେଇଥିଲେ ।



ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଘୋଳପୁର ସ୍ଥିତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ବାସଭବନରେ ତାଙ୍କ ସ୍ୱର୍ଗୀୟ ମାତାଙ୍କ ଦ୍ୱାଦଶାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

# ବିଦ୍ୟାଳୟ ନିକଟରେ ମୁକୁଳା ଟ୍ରାନ୍ସଫର୍ମର

ଭାପୁର, (ସବ୍ୟୁ): ଭାପୁର ବ୍ଲକ ଅନ୍ତର୍ଗତ ବିଜିପୁର ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ମୁକୁଳା ଟ୍ରାନ୍ସଫର୍ମର ଛାତ୍ର ଛାତ୍ରୀ ମାନଙ୍କ ପ୍ରତି ବିପଦ ସୃଷ୍ଟି କରୁଛି।ଉକ୍ତ ମୁକୁଳା ଟ୍ରାନ୍ସଫର୍ମର ଟି ୪୮ ନଂ ରାଜ୍ୟ ରାଜପଥ ରୁ ବିଦ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବାମ ପାର୍ଶ୍ୱରେ ଅବସ୍ଥିତ। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ଶତାଧିକ ଛାତ୍ରଛାତ୍ରୀ ଉକ୍ତ ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଏଥି ସହ ଗାଈ ଗୋରୁ, ଛେଳି ମେଣ୍ଢା, ବୁଲା କୁକୁର, ମାଙ୍କଡ ଆଦି ଉକ୍ତ ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶ ରେ ଆସି ମୃତ୍ୟୁ ବରଣ କରିଥିବା ନଜିର ରହିଛି।ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଟ୍ରାନ୍ସଫର୍ମର ନିକଟ ଦେଇ ଯାତାୟାତ କରୁଥିବା ବେଳେ ଏପର୍ଯ୍ୟନ୍ତ ଅସୁବିଧା ହୋଇ ନଥିବା ସମୟରେ ଆଗକୁ କିଛି ଯେ ଅଘଟଣ ନ ଘଟିବ ଏ କଥା କିଏ କହି ପାରିବ।ଏନେଇ ବିଦ୍ୟାଳୟର ଶିକ୍ଷକ ଏବଂ ଅଭିଭାବକମାନେ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ଆଗାମୀ ଦିନରେ ଯଦି କୌଣସି ଅଘଟଣ ଘଟେ ଏଥିପାଇଁ ବିଦ୍ୟୁତ ବିଭାଗୀୟ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଅଭିଭାବକ ମାନେ କହିଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ (୨) ଙ୍କୁ ଯୋଗା ଯୋଗ କରିଥିଲେ ମଧ୍ୟ ସେ ଏହାକୁ ଏଡାଇ ଦେଇଥିଲେ। ତୁରନ୍ତ ବିଦ୍ୟୁତ ବିଭାଗ ର ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଦୃଷ୍ଟି ଦେଇ ମୁକୁଳା ଟ୍ରାନ୍ସଫର୍ମର ଚତୁଃ ପାର୍ଶ୍ୱକୁ ଆବଦ୍ଧ କରିବାକୁ ଅଭିଭାବକ ମାନେ ଦାବି କରିଛନ୍ତି।।

## ଅଲ ଓଡ଼ିଶା ଲୟର୍ସ ଫୋରମ୍‌ର ଚେତାବନୀ

# ମଧୁ ବାବୁଙ୍କୁ ଯଥୋଚିତ୍ତ ସମ୍ମାନ ନମିଳିବା ପର୍ଯ୍ୟନ୍ତ ଆଇନଜୀବୀଙ୍କ ସଂଗ୍ରାମ ଜାରି ରହିବ

ଭୁବନେଶ୍ୱର, (ସବ୍ୟୁ): ଭାରତ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନରୁ ବହୁ ଉର୍ଦ୍ଧରେ ତେବେ ତାଙ୍କୁ ମରଣୋତ୍ତୋର ଭାରତରତ୍ନ, ମଧୁବାବୁଙ୍କ ପ୍ରତିମୂର୍ତ୍ତି



ସଂସଦ ଭବନ ପରିସରରେ ସ୍ଥାପନା, ଉତ୍କଳ ଗୌରବ ମଧୁସୂଦନଙ୍କ ନାମରେ ରେଳ ଗାଡି ଚଲାଇବା, ମଧୁ ବାବୁଙ୍କ ଜୟନ୍ତୀ ଦିନ ସରକାରୀ ଛୁଟି ଘୋଷଣା ଓ କୋର୍ଟ ନିକଟ ରାସ୍ତାକୁ ମଧୁ ବାବୁଙ୍କ ନାମରେ ନାମକରଣ କରିବା ପାଇଁ ପୁଣି ଦାବି କରିଛନ୍ତି ଆଇନଜୀବୀମାନେ । ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରି ଗୌରବାନ୍ୱିତ କରିଥିଲେ ଭାରତ ଗୌରବ ମଧୁସୂଦନ ଦାସ । ସେଥିପାଇଁ ତାଙ୍କୁ ନୂତନ ଓଡ଼ିଶାର ନିର୍ମାତା ଓ ଜନକ କୁହାଯାଏ । ମଧୁବାବୁଙ୍କୁ ଯଥୋଚିତ ସମ୍ମାନ ମିଳିନଥିବାରୁ ଅଲ ଓଡ଼ିଶା ଲୟର୍ସ ଫୋରମ୍ ପକ୍ଷରୁ ବିଭିନ୍ନ ଜିଲ୍ଲାର ମୁରବୀ ସମେତ ରାଜ୍ୟର ବିଭିନ୍ନ ଓକିଲ ସଂଘ ସହଯୋଗରେ ଦସ୍ତଖତ ସଂଗ୍ରହ ଅଭିଯାନ ଚାଲୁ ରହିଛି । ନିକଟରେ ହାଇକୋର୍ଟ ଓ ସୁପ୍ରୀମକୋର୍ଟ ପରିସରରେ ଏହି ଅଭିଯାନ ହୋଇଥିବା ସହ ୨୧ଟି ରାଜ୍ୟରୁ ଦସ୍ତଖତ ସଂଗ୍ରହ କରାଯାଇଛି । ଏଥି ସହ ବିଭିନ୍ନ ଜିଲ୍ଲାରେ ମଧ୍ୟ ସ୍ୱାକ୍ଷର ସଂଗ୍ରହ ଚାଲୁ ରହିଛି । ଏହି ଅଭିଯାନ ଚଲାଇଥିବାରୁ ଫୋରମର ଆବାହକ ଆଇନୀଜୀବୀ ଲିଙ୍ଗରାଜ ସାହୁଙ୍କୁ ରବିବାର ଭୁବନେଶ୍ୱର ବାର ଠାରେ ସମ୍ବର୍ଦ୍ଧନା କରାଯାଇଛି । ଭୁବନେଶ୍ୱର ଓକିଲ ସଙ୍ଘର ପୂର୍ବତନ ସମ୍ପାଦକ ଦୀପକ ଦାଶଙ୍କ ଅଧ୍ୟକ୍ଷତାରେ ଏହି ସମ୍ବର୍ଦ୍ଧନାରେ ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ଚଳିତ ବର୍ଷର ସମ୍ପାଦକ ସତ୍ୟ ରଞ୍ଜନ ସେନାପତି, ପୂର୍ବତନ ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, ନିହାର ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତଥିଲେ । ଫୋରମ ତରଫରୁ କୁହାଯାଇଛି ଯେ ମଧୁ ବାବୁଙ୍କୁ ଯଥୋଚିତ୍ତ ସମ୍ମାନ ପର୍ଯ୍ୟନ୍ତ ଆଇନଜୀବୀଙ୍କ ସଂଗ୍ରାମ ଜାରି ରହିବ ।

# ଦେଶୀ ମଦ ଗାଡି ଜବତ : ୨ ଗିରଫ



ଖୋର୍ଦ୍ଧା, (ସବ୍ୟୁ): ଶିଳ୍ପାଂଚଳ ଥାନା ଅନ୍ତର୍ଗତ ବିଁକୁଡିଆ ପୋଡାପୁଟ ରାସ୍ତାରୁ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଦେଶୀ ମଦ ସହ ଏକ ଡାଲା ଅଟୋକୁ ଜବତ କରିଛି । ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି । ଗିରଫମାନେ ହେଲେ ଢେଙ୍କାନାଳ ପାମଲା ର ବଳରାମ ରାଉତ (୨୪) ଏବଂ ବିଜୁ ଜେନା (୩୨) । ରବିବାର ପୂର୍ବାହ୍ନରେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ପାଟ୍ରୋଲିଂ କରୁଥିବାବେଳେ ବିଁକୁଡିଆ ପୋଡାପୁଟ ରାସ୍ତା ରେ ଆସୁଥିବା ଡାଲା ଅଟୋକୁ ସନ୍ଦେହ ହେବାରୁ ଅଟକାଇ ଯାଂଚ କରିଥିଲେ । ଏହି ସମୟରେ ବେଆଇନ ଦେଶୀମଦ ଥିବା ଜାଣିବାରେ ମଦ ସମେତ ଗାଡିକୁ ଜବତ କରିଥିଲେ । ଏହି ଘଟଣାରେ ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଗଛରେ ପିଟିହେଲା ମାରୁତି ଓମିନି

# ମା ମୃତ : ବାପା, ୨ଝିଅ ଆହତ

ଦଶପଲ୍ଲା(ସବ୍ୟୁ): ରବିବାର ଅପରାହ୍ନରେ ଦଶପଲ୍ଲା ଥାନା ରଙ୍ଗମାଟିଆ ନିକଟରେ ଏକ ଗଛରେ ମାରୁତି ଓମିନି(ଓଡ଼ି ୧୦ ଏସ ୫୦୩୮) ଗାଡି ଧକ୍କା ହେବା ଫଳରେ ଗୋଟିଏ ପରିବାରର ମା ର ମୃତ୍ୟୁ ହୋଇଥିବା ବେଳେ ବାପା ଓ ୨ ଝିଅ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଅବସ୍ଥାରେ ଆହତମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ।ଛୁଟି ଥିବାରୁ ଜୟପୁର ହୋମ ଫିଲ କମ୍ପାନୀରେ କାମକରିବା ସହ ଆହୁଜା ନଗରରେ ବସବାସ କରୁଥିବା ନୟାଗଡ଼ ଗମ୍ଭାରୀଡ଼ିହି ଗ୍ରାମର ରଞ୍ଜନ ପଟ୍ଟନାୟକ ସପରିବାର ସ୍ତ୍ରୀ ରଶ୍ମିରେଖା ସହ ଦୁଇ ଝିଅ ରେବିକା ଓ ରିକସୀତାକୁ ଧରି ଏକ ଓମିନି କାରରେ ନିଜ ଘର ଗମ୍ଭାରୀଡ଼ିହି ଓ ଶଶୁର ଘର କଟକ ଯିବା ପାଇଁ ଆସୁଥିଲେ। ତେବେ ଆଖି ପତା ପଡିଯିବାରୁ ଗାଡି ଚଳାଉଥିବା ରଞ୍ଜନ ଏକ ଗଛରେ ନେଇ ଗାଡିକୁ ଧକ୍କା କରିଥିଲେ । ଫଳରେ ଗାଡ଼ିରେ ବସିଥିବା ରଞ୍ଜନଙ୍କ ସ୍ତ୍ରୀ ରଶ୍ମିରେଖାଙ୍କ ମୃତ୍ୟୁ ହୋଇଥିବା ବେଳେ ଗାଡ଼ିରେ ଥିବା ଦୁଇ ଝିଅ ରେବିକା ଓ ରିକସୀତା ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତି କରାଯାଇଛି ଛା। ସେହିପରି ଗାଡି ଚଳାଉଥିବା ରଞ୍ଜନଙ୍କ ଗୋଡ଼ ଗାଡି ମଧ୍ୟରେ ଚାପି ହୋଇ ରହିଯିବାରୁ ଅଗ୍ନିଶମ କର୍ମଚାରୀମ ଆସି ତାଙ୍କୁ ଉଦ୍ଧାର କରିଥିଲେ ।

## ବାଇକ ଦୁର୍ଘଟଣାରେ ଜେଜେ, ନାତି ଗୁରୁତର

ବେତନଟୀ (ସବ୍ୟୁ) : ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥରେ ଆଜି ସନ୍ଧ୍ୟା ସମୟରେ ଏକ ବାଇକ ଦୁର୍ଘଟଣା ଘଟିଥିବା ଜଣାଯାଇଛି । ଖବରରୁ ପ୍ରକାଶ ଏହି ଥାନା ଅଧିନ କୁଜି ଗଡି ଗ୍ରାମର ଅଜୟ କୁମାର ପାଣି (୭୦) ବେତନଟୀ ସ୍ଥିତ ଚଣ୍ଡି ମନ୍ଦିରରେ ପୂଜାକ ଭାବେ ଦୈନିକ ପୂଜା କରନ୍ତି । ରବିବାର ସନ୍ଧ୍ୟାରେ ସମୟରେ ନିଜର ନାତି ନିଗମାନନ୍ଦ ଙ୍କ ସହିତ ବାଇକ ଯୋଗେ ବେତନଟୀ ଯାଉଥିବା ସମୟରେ ଯୁଗଳ ଓଭରବ୍ରୀଜ୍ ନିକଟରେ ଏକ ଗାଇ କୁ ଧକ୍କା ଦେଇ ରାସ୍ତାରେ ଘୋଷାଡି ହୋଇ ପଡିଯାଇଥିଲେ । ଏଥିରେ ଜେଜେ ଅଜୟ ଙ୍କ ଆଣ୍ଠୁ ଗଣ୍ଠି ଭାଙ୍ଗି ଯାଇଥିବା ସହିତ ମୁଣ୍ଡରେ ମଧ୍ୟ ଆଘାତ ଲାଗି ଥିଲା । ନାତି ନିଗମାନନ୍ଦ ଅଳ୍ପ ଆହତ ହୋଇଥିବା ଜଣାଯାଇଛି । ସଙ୍ଗେ ସଙ୍ଗେ ଉଭୟ ଙ୍କୁ ବୈଶିଙ୍ଗା ଡାକ୍ତରଖାନା ଆଣି ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଭାବେ ଅଜୟଙ୍କୁ ବାଲେଶ୍ୱର ନିଆଯାଇଛି ।

# ସଂଘର୍ଷ ଓ ସଫଳତାର ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଶରତ ଚନ୍ଦ୍ର ମିଶ୍ରଙ୍କ ସାରସ୍ୱତ ସୃଷ୍ଟି ସଂଘର୍ଷ ଓ ସଫଳତା ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ଜୀବନୀ ସାହିତ୍ୟକୁ ପ୍ରାରମ୍ଭ ବର୍ଷ ଅବସରରେ ଶ୍ରୀ ମିଶ୍ରଙ୍କ ଏହି ପୁସ୍ତକକୁ ବରିଷ୍ଠ ରାଜନେତା ତଥା ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଉନ୍ମୋଚନ କରିବା ସହ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଦେଖାଦେଇଥିବା ବିଶୃଙ୍ଖଳାକୁ ସମ୍ବାଦପତ୍ରମାନେ ଏକ ସକରାତ୍ମକ ଢ଼ଙ୍ଗରେ ଉପସ୍ଥାପିତ କରି ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିବା ଦରକାର । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପ୍ରସନ୍ନ



ନେଇ ଉଜାଗ ସାହିତ୍ୟ ସୃଷ୍ଟି ହୋଇପାରିବ, ଭାଷା ସାହିତ୍ୟ ଓ ସଂସ୍କୃତି, ସାମାଜିକ ଓ ରାଜନୈତିକ ବ୍ୟକ୍ତିମାନଙ୍କ ଜୀବନର ଆଧାର ହୋଇଥାଏ ତାହା ଉନ୍ମୋଚନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି ।

ଚଳାପଥର ୫୧ତମ ହୀରକ ଜୟନ୍ତୀ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଜୀବନର ଅନୁଭବକୁ ନେଇ ବାସ୍ତବ ସାହିତ୍ୟ ସୃଷ୍ଟି ହୋଇଥାଏ । ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ନିର୍ଭୟର ସମ୍ପାଦକ ନବୀନ ଦାସ ଯୋଗଦେଇ କହିଥିଲେ ଶାସନ ଓ ପ୍ରଶାସନ କ୍ଷେତ୍ରରେ ମହାନ୍ତି ଚଳାପଥର ସଭାପତି ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ପଣ୍ଡା, ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି, ପ୍ରଫେସର ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେଇଥିଲେ । ବରିଷ୍ଠ ସାମ୍ବାଦିକ ହଳଧର ଧୀର ସ୍ୱାଗତଭାଷଣ ଦେଇଥିଲେ ।

## ଓପିଏସ୍‌ସି ସିଭିଲ ସର୍ଭିସ ପରୀକ୍ଷାରେ ତ୍ରୁଟି

# ଦୁଇଟି ବିଷୟରେ ପ୍ରଶ୍ନପତ୍ର ଅଦଳବଦଳ

କଟକ, (ସବ୍ୟୁ):ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ)- ୨୦୨୩ ପରୀକ୍ଷାରେ ବଡ଼ ତ୍ରୁଟି ହୋଇଛି । ରବିବାର ଆନ୍ଥ୍ରୋପୋଲୋଜିର ଇଚ୍ଛାଧୀନ ଦୁଇଟି ପେପର ବିଷୟରେ ପ୍ରଶ୍ନପତ୍ର ଅଦଳ ବଦଳ ହୋଇଥିଲା । ଯାହାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଆୟୋଗ କର୍ତ୍ତୃପକ୍ଷ ଏଭଳି ତ୍ରୁଟିକୁ ସ୍ୱୀକାର କରିଥିବାବେଳେ ଏନେଇ ପରୀକ୍ଷାର୍ଥୀଙ୍କର କୌଣସି ଅସୁବିଧା ହେବନାହିଁ ବୋଲି ବିଜ୍ଞପ୍ତି ଜାରି କରାଯାଇଛି । ରାଜ୍ୟର ପ୍ରମୁଖ ନିଯୁକ୍ତି ପରୀକ୍ଷା କରୁଥିବା ବୋର୍ଡ ହୋଇ ମଧ୍ୟ ଏଭଳି ତ୍ରୁଟି ପରୀକ୍ଷା ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ରାଜ୍ୟରେ ଓପିଏସ୍‌ସି ଦ୍ୱାରା ଓସିଏସ- ୨୦୨୩ର ମୁଖ୍ୟ ଲିଖିତ ପରୀକ୍ଷା ଜାରି ରହିଛି । ରବିବାର ଦୁଇଟି ସିଟିଂରେ ଆନ୍ଥ୍ରୋପୋଲୋଜିର (ଇଚ୍ଛାଧୀନ) ପେପର- ୧ ଏବଂ ପେପର- ୨ରେ ପରୀକ୍ଷା କରାଯାଇଛି । ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ଯାଏ ହୋଇଥିବା ପେପର- ୧ ପରୀକ୍ଷାରେ ପ୍ରଶ୍ନପତ୍ରକୁ ନେଇ ତ୍ରୁଟି ପରିଲକ୍ଷିତ ହୋଇଥିଲା । ପରୀକ୍ଷା ଦାୟିତ୍ୱରେ ଥିବା ନିରୀକ୍ଷକ ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କୁ ଦେବାକୁ ସିଲ୍ ଖୋଲିଥିଲେ । କିନ୍ତୁ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ଦେଖି ଏହା ପେପର- ୨ରୁ ପ୍ରଶ୍ନପତ୍ର ବୋଲି କହିଥିଲେ । ଏ ବିଷୟରେ ବିଭିନ୍ନ କେନ୍ଦ୍ରରୁ ଅଭିଯୋଗ ଆସିବା ପରେ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ଦେବାକୁ କୁହାଯାଇଥିଲା ଏବଂ ପେପର- ୨ ପରୀକ୍ଷା ଶେଷ ହେବା ପରେ ଉକ୍ତ ତ୍ରୁଟି ବିଷୟରେ ନିଷ୍ପତ୍ତି ନିଆଯିବ ବୋଲି ପରୀକ୍ଷାର୍ଥୀଙ୍କୁ ଅବଗତ କରାଯାଇଥିଲା । ଅପରାହ୍ଣ ୨ଟା ରୁ ୫ ଟା ପର୍ଯ୍ୟନ୍ତ ଦ୍ୱିତୀୟ ପେପରରେ ପରୀକ୍ଷା ଆରମ୍ଭ ସମୟରେ ପୁଣି ଥରେ ପ୍ରଶ୍ନପତ୍ରରେ ତ୍ରୁଟି ଥିବା ଜଣାପଡ଼ିଥିଲା । ଏଥିରେ ପେପର- ୧ର ପ୍ରଶ୍ନ ଥିଲା । ତେବେ ପେପର- ୧ର ପ୍ରଶ୍ନ ପେପର- ୨ ପରୀକ୍ଷାରେ ଏବଂ ପେପର- ୨ ରୁ ପ୍ରଶ୍ନ ପେପର- ୧ ପରୀକ୍ଷାରେ ପଡ଼ିଥିବା ସ୍ପଷ୍ଟ ହୋଇଥିଲା । କିନ୍ତୁ ଉଭୟ ପେପରର କୌଣସି ପ୍ରଶ୍ନ ସିଲାବସ ବାହାରୁ ଆସିନଥିବାରୁ ପରୀକ୍ଷା ପୂର୍ବଭଳି ହୋଇଥିଲା । ଏଥିରେ ପରୀକ୍ଷାର୍ଥୀଙ୍କ କୌଣସି ଅସୁବିଧା ହେବ ନାହିଁ ସତ କିନ୍ତୁ ସିଭିଲ ସର୍ଭିସ ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ତ୍ରୁଟି ହେବାକୁ ନେଇ ଶିକ୍ଷାବିତ୍‌ମାନେ ନାପସନ୍ଦ କରିଛନ୍ତି । ଏ ସଂକ୍ରାନ୍ତରେ ଓପିଏସ୍‌ସି ଅଧ୍ୟକ୍ଷ ଅରୁଣ ଷଡ଼ଙ୍ଗୀ କହିଛନ୍ତି ଯେ, ୭୨ଟି ଇଚ୍ଛାଧୀନ ବିଷୟ ଏବଂ ୭ଟି ବାଧ୍ୟତାମୂଳକ (କମ୍ପଲସରି) ପେପରରେ ମୁଦ୍ରଣ ତ୍ରୁଟି ହୋଇଛି । ପେପର- ୧ ବଦଳରେ ପେପର- ୨ ଲେଖା ରହିଛି । ଏହି ତ୍ରୁଟି ନେଇ ପରୀକ୍ଷାର୍ଥୀଙ୍କ ଉପରେ ପ୍ରଭାବ ପଡ଼ିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

## ନାବାଳିକା ଉଦ୍ଧାର

### ଅପହରଣକାରୀ ନାବାଳକ ଅଟକ

ନିମାପଡା,(ସବ୍ୟୁ) : ଚାରିଛକ ଥାନା ଅଂଚଳରୁ ଅପହରଣ ହେବାର ଗତ ୬ ମାସ ପରେ ଚାରିଛକ ପୁଲିସ ନାବାଳିକାକୁ ଉଦ୍ଧାର କରିଥିବା ବେଳେ ଅପହରଣକାରୀ ନାବାଳକକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି । ଗତ ବର୍ଷ ନଭେମ୍ବର ୧୦ ତାରିଖରେ ନାବାଳିକା ଜଣକ ଚାରିଛକ ବଜରାରକୁ କୋଚିଂ ପାଇଁ ଆସିଥିବା ବେଳେ ତାକୁ ନାବାଳକ ଅପହରଣ କରି ନେଇ ଯାଇଥିଲା । ଏସଂପର୍କରେ ନାବାଳିକାର ପିତା ଚାରିଛକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା । କୌଣସି ସୁତ୍ରରୁ ଖବର ପାଇ ଚାରିଛକ ଥାନା ଅଧିକାରିଣୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ ଗତ କାଲି ରାତ୍ରରେ କଟକ ଜଗତପୁର ଅଂଚଳରୁ ନାବାଳିକା ଓ ନାବାଳକକୁ ଉଦ୍ଧାର କରି ଆଣିଛନ୍ତି । ପକ୍ସୋ ଆକ୍ଟରେ ଅଭିଯୁକ୍ତ ନାବାଳକକୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରିଣୀ ଶ୍ରୀମତୀ ବିଶ୍ୱାଳ ପ୍ରକାଶ କରିଛନ୍ତି ।

# ଜିଲ୍ଲା ପ୍ରେସ କ୍ଲବର ସାଧାରଣ ବୈଠକ

ଖୋର୍ଦ୍ଧା, (ସବ୍ୟୁ): ଜିଲ୍ଲା ପ୍ରେସ କ୍ଲବ ର ଏକ ସାଧାରଣ ବୈଠକ ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରେସ କ୍ଲବ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ମହାପାତ୍ର, ପ୍ରସନ୍ନ କୁମାର ପାଇକରାୟ, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ କୁମାର



ର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ବୈଠକ ରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା । ରାଜ୍ୟସରକାରଙ୍କ ର ସାମ୍ବାଦିକ ମାନଙ୍କୁ ଶ୍ରମିକ କାର୍ଡ ବଣ୍ଟନ କରିବା ନିଷ୍ପତି କୁ ଏହି ବୈଠକ ରେ ବିରୋଧ କରାଯାଇଥିଲା । ଏନେଇ ଏକ ରେ ପ୍ରେସ୍ କ୍ଲବ ର ସଦସ୍ୟ ମାନେ ଅଂଶ ଗ୍ରହଣ କରିଥିଲେ । ଏହା ସହିତ ଦେଶର ସୁରକ୍ଷା ପାଇଁ କେନ୍ଦ୍ର ସରକାର ଙ୍କର ସମସ୍ତ ନିଷ୍ପତି କୁ ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ଦୃଢ ସମର୍ଥନ କରାଯାଇଥିଲା ।

ଅନ୍ୟମାନଙ୍କ ମଧ୍ୟରେ ପ୍ରେସ କ୍ଲବ ର ଉପଦେଷ୍ଟା ତପନ କୁମାର ନାୟକ, ଉପ-ସଭାପତି ଲଳିତ ମୋହନ ହାତୀ, ମହମ୍ମଦ ମୋତାହାର ୟୁସୁଫ୍, ଶୁଭକାନ୍ତ ମହାପାତ୍ର, ସୟଦ ଲିୟାକତ ଅଲ୍ଲୀ, ରଞ୍ଜିତ ପାଟଶାଣୀ, କୁତୁବୁଦ୍ଦିନ ଖାଁ, ଈଶ୍ୱର ଚନ୍ଦ୍ରମଙ୍ଗରାଜ, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଜିଲ୍ଲା ପ୍ରେସ କ୍ଲବ ର ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା ।

# ଶଳା ଆକ୍ରମଣରେ ଭିଣୋଇ ମୃତ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଇନ୍‌ଫୋଭାଲି ଥାନା ଅଧୀନ ଗ୍ରାମଡିହ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ସେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ସ୍ତ୍ରୀକୁ ହତ୍ୟା କରିବା ଉଦ୍ଦେଶ୍ୟରେ ଶ୍ୱଶୁର ଘରକୁ ଯାଇଥିବା ଜ୍ୱାଇଁ ଦିବାକର ବସ୍ତିଆଙ୍କୁ ଶଳା ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଛି। ଘଟଣା ପରେ ଶଳା ଫେରାର ହୋଇଯାଇଥିବାରୁ ତାକୁ ଗିରଫ କରିବା ପାଇଁ ପୋଲିସ ଛାନ୍‌ଭିନ୍ କରୁଛି।

ଦିବାକର ବସ୍ତିଆ ଓ ତାଙ୍କ ସ୍ତ୍ରୀ ମଧ୍ୟରେ ଦୀର୍ଘ ୨ ବର୍ଷ ହେବ କଳି ଝଗଡା ଲାଗିରହିଥିବାରୁ ସ୍ତ୍ରୀ ତାଙ୍କ ବାପଘର ଗ୍ରାମଡିହରେ ରହୁଛନ୍ତି। ଶନିବାର ବିଳମ୍ବିତ ରାତିରେ ଦିବାକର ନିଶାଶକ୍ତ ଅବସ୍ଥାରେ ସାଙ୍ଗରେ କଟୁରୀ ନେଇ ଶ୍ୱଶୁର ଘରକୁ ଯାଇଥିଲା। ଶ୍ୱଶୁର ଘରେ ପହଞ୍ଚି ସ୍ତ୍ରୀକୁ କଟୁରୀରେ ହାଣି ପକାଇଥିଲା। ଏହି ସମୟରେ ଶାଶୁ ଆସି ଧରିବାରୁ ତାଙ୍କ ହାତକୁ ମଧ୍ୟ ଚୋଟ ଲଗାଇଥିଲା। ଏହା ଦେଖି ଶଳା ଭିଣୋଇକୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇ ତଳେ ପଡିଯାଇଥିଲେ।

ତିନିଜଣଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ହସ୍ପିଟାଲ ନିଆଯାଇଥିଲା। ଜ୍ୱାଇଁ ଦିବାକରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ସ୍ତ୍ରୀ ଓ ଶାଶୁ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ସ୍ତ୍ରୀଙ୍କ ଶରୀର ବିଭିନ୍ନ ସ୍ଥାନରେ କଟୁରୀ ଚୋଟ ଲାଗିଥିବାରୁ ସେ ସଙ୍କଟାପନ୍ନ ଅବସ୍ଥାରେ ଅଛନ୍ତି। ଶାଶୁଙ୍କ ହାତରେ ଚୋଟ ଲାଗିଥିବାରୁ ତାଙ୍କ ଅବସ୍ଥା ଏକ ପ୍ରକାର ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ଫେରାର ଥିବା ହତ୍ୟାକାରୀ ଶଳାକୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିଛି। ଦିବାକରଙ୍କ ମୃତ୍ୟୁକୁ ନେଇ ଇନ୍‌ଫୋଭାଲି ଥାନାରେ ହତ୍ୟା ମାମଲା ରୁଜୁ କରାଯିବା ସହ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି।

## ସନ କିଙ୍ଗର ବ୍ରାଣ୍ଡ ଆମ୍ବାସାଡର ରାଜକୁମାର ରାଓ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱର ଅଗ୍ରଣୀ ସୋଲାର ଏନର୍ଜି ଓ ଶକ୍ତି ଦକ୍ଷ ଇଲେକ୍ଟ୍ରିକାଲ ଉତ୍ପାଦ କମ୍ପାନୀ ସନ କିଙ୍ଗ ଏହାର ନୂଆ ବ୍ରାଣ୍ଡ ଆମ୍ବାସାଡର ଭାବେ ବଲିଉଡ ଅଭିନେତା ରାଜ କୁମାର ରାଓଙ୍କୁ ଚୟନ କରିଛି । ସନ କିଙ୍ଗ ସୌର ଚାଳିତ ଏବଂ ଶକ୍ତି-ଦକ୍ଷ ବୈଦ୍ୟୁତିକ ଉତ୍ପାଦ ଯାହା ସମଗ୍ର ଭାରତରେ ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା ବ୍ୟବହୃତ ହୁଏ ଭରସାଯୋଗ୍ୟ ବିଜୁଳିର ଅଭାବ ଥିବା ଘରେ ଆଲୋକ, ଶକ୍ତି ଏବଂ ଆରାମ ଆଣିଥାଏ । ରାଜକୁମାର ରାଓଙ୍କୁ ନେଇ ଏହି ବ୍ରାଣ୍ଡ ଅଧିକ ରୁ ଅଧିକ ଲୋକଙ୍କ ପାଖରେ ପହଂଚିବାକୁ ଲକ୍ଷ୍ୟ ରଖିଛି ଯେଉଁମାନେ ଅଧିକ ଖର୍ଚ୍ଚ କିମ୍ବା ସ୍ମାର୍ଟ, ଶସ୍ତା, ପରିବେଶ ଅନୁକୂଳ ଉପକରଣ ବିନା ଭରସାଯୋଗ୍ୟ ଶକ୍ତି ଚାହୁଁଛନ୍ତି ।

# ଜେଏନ୍‌ୟୁ ପୁରାତନ ଛାତ୍ରଛାତ୍ରୀଙ୍କ ବାର୍ଷିକ ବନ୍ଧୁମିଳନ

ଭୁବନେଶ୍ୱର (ସବ୍ୟୁ): ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ପୁରାତନ ଛାତ୍ରଛାତ୍ରୀମାନଙ୍କ ତରଫରୁ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଗୀତା ଗୋବିନ୍ଦ ସଦନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ସଂଗ୍ରାମ କେଶରୀ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶ୍ୱ ବିଦ୍ୟାଳୟର ଦିବଂଗତ ଛାତ୍ର ଛାତ୍ରୀ ତଥା ନିକଟ ଅତୀତରେ ପହଲଗାଁଓ କାଶ୍ମୀରରେ ସନ୍ତ୍ରାସବାଦୀଙ୍କ ଆକ୍ରମଣରେ ନିହତ ଲୋକମାନଙ୍କ ଅମର ଆତ୍ମାର ସଦ୍ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଜେଏନୟୁର ପୂର୍ବତନ ପ୍ରଫେସର ଅଜୟ ପଟ୍ଟନାୟକ ନିଜର ଅଭିଭାଷଣରେ ତାଙ୍କ ଛାତ୍ର ଜୀବନର ଅଭୁଲା କାହାଣୀ ବଖାଣିଥିଲେ ଏବଂ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଅତୀତ କଥା ଭାବିଲେ ହୃଦୟ ପ୍ରଫୁଲ୍ଲିତ ହୋଇଯାଏ ଏବଂ ନିକଟ ଅତୀତରେ ବିଶ୍ୱ ବିଦ୍ୟାଳୟ ପରିଭ୍ରମଣ କରିଥିବା ଅଭିଜ୍ଞତା ବଖାଣିଥିଲେ । ସେ ତାଙ୍କର ବକ୍ତବ୍ୟରେ ଭୁବନେଶ୍ୱର ବ୍ୟତୀତ ଓଡିଶାର ବିଭିନ୍ନ ସ୍ଥାନରେ ଏହି ପରି କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ପ୍ରଫେସର ଅଶୋକ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ନୂତନ ଭାବେ ବିଶ୍ୱ ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ ପାଇଁ ନୂତନ ଛାତ୍ର ଛାତ୍ରୀମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ । ସେହିପରି ଡ଼ ଅମ୍ବିକା ପ୍ରସାଦ ନନ୍ଦ ତାଙ୍କ ଭାଷଣରେ କହିଲେ ଯେ, ଜେଏନୟୁର ପ୍ରତିଷ୍ଠା ଓ ଆଦର୍ଶ ସବୁ କ୍ଷେତ୍ରରେ ପ୍ରତୀୟମାନ ଏବଂ ସଂଘର କାର୍ଯ୍ୟକ୍ରମକୁ ଆହୁରି ଆଗକୁ ନେବାପାଇଁ ପ୍ରୋତ୍ସାହିତ କରିଥିଲେ । ଏହି ଅବସରରେ ସଂଘର ସ୍ମରଣିକା, ୨୦୨୫ ଉନ୍ମୋଚିତ ହୋଇଥିଲା । ପୁରାତନ ଛାତ୍ର ଛାତ୍ରୀ ସଂଘର ସାଧାରଣ ସଂପାଦକ ଡ଼ ମାନସ ରଂଜନ ନନ୍ଦ ସଂଘର ଗତ ବର୍ଷ ୨୦୨୪ ରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେଛ ସଂଘର କୋଷାଧ୍ୟକ୍ଷ ରତିକାନ୍ତ ମହାପାତ୍ର ବିଗତ ବର୍ଷର ଆୟ ଓ ବ୍ୟୟର ତଥ୍ୟ ପୂର୍ବକ ସମସ୍ତ ପୂର୍ବତନ ଛାତ୍ର ଛାତ୍ରୀମାନଙ୍କ ସଂଘର ଆଜୀବନ ସଦସ୍ୟତା ଗ୍ରହଣ କରିବାକୁ ନିବେଦନ କରିଥିଲେ । ଏହି ଅବସରରେ ଆଲୁମନି ଆସୋସିଏସନ୍‌ର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ସଭ୍ୟମାନଙ୍କୁ ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ଶେଷରେ ସୁଶ୍ରୀ ସାମଲ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଶ୍ୱ ବିଦ୍ୟାଳୟର ବହୁ ପୂର୍ବତନ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।



# ଦାମୀ କାରରେ ଗାଈ ଚୋରି, ଭିଡିଓ ଭାଇରାଲ

ବାରଙ୍ଗ,(ସବ୍ୟୁ) : ଶନିବାର ବିଳମ୍ବିତ ରାତିରେ ଏକ ନମ୍ବର ବିହୀନ ଦାମି କାରରେ ଗୋରୁ ଚୋରି କରିବା ଦୃଶ୍ୟ ଏବେ ବାରଙ୍ଗ ଅଞ୍ଚଳରେ ଭାଇରାଲ ହେବାରେ ଲାଗିଛି।ଏହି ଭଳି ଘଟଣା ତ୍ରିଶୂଳିଆ ବାଙ୍କୀ ମୁଖ୍ୟରାସ୍ତା ଫକିରପଡା ଗ୍ରାମ ନିକଟରେ ଘଟିଥିବାର୍ ଭିଡିଓ ଟି ବୟାନ କରୁଛି।।ଶନିବାର ରାତ୍ରୀ ପ୍ରାୟ ୨ଟା ୨୦ମିନିଟ ସମୟରେ ଗୋଟିଏ ନମ୍ବର ବିହୀନ ଦାମୀ କାରରେ ୪ଜଣଅଜଣା ଯୁବକ ଆସି ଫକିରପଡା ଗ୍ରାମ ମୁଣ୍ଡରେ ଓହ୍ଲାଇଲେ।ରାସ୍ତାରେ ବୁଲୁଥିବା ଏକ ଛୋଟ ବାଛୁରୀକୁ ସେମାନେ ଧରିଆଣି କାର ଭିତରକୁ ପୁରାଇଥିଲେ। ବାଛୁରୀ ପୁରାଇ ସରିବା ପରେ ଦୃତଗତିରେ ପଳାଇଯାଉଥିବାର ଦୃଶ୍ୟ ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ରବିବାର ସକାଳୁ ରାସ୍ତାପାର୍ଶ୍ୱରେ ଥିବା ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜରେ ଏହା ଜଣାପଡ଼ିବା ପରେ ଭିଡିଓଟି ଭାଇରାଲ ହେବାରେ ଲାଗିଛି। ଏ ନେଇ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବାର ଜଣାପଡିଛି। ଅଭିଯୋଗ ଆଧାରରେ ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବିର୍ଲା ସ୍କୁଲ ଅଫ୍ ଲ' ର ପଞ୍ଚମ ଇନ୍ଟ୍ରା ମୁଟ୍ କୋର୍ଟ ପ୍ରତିଯୋଗିତା



କଟକ, (ସବ୍ୟୁ): ଦୁଇ ଦିନ ଧରି ଆୟୋଜିତ ବିର୍ଲା ସ୍କୁଲ ଅଫ୍ ଲ' ଦ୍ୱାରା ପଞ୍ଚମ ଇନ୍ଟ୍ରା ମୁଟ୍ କୋର୍ଟ ପ୍ରତିଯୋଗିତା ୨୦୨୫ ୟୁନିଭର୍ସିଟି ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ପାଞ୍ଚଟି ବ୍ୟାଚ୍‌ରୁ ମୋଟ ୨୬ଟି ଦଳ ଅଂଶଗ୍ରହଣ କରିଥିଲେ । ଆଇନଜୀବୀ ଦିବସ ଅର୍ଥାତ ଏପ୍ରିଲ ୨୮ ରେ ଏହି ପ୍ରତିଯୋଗିତାର ଫଳ ପ୍ରକାଶ ପାଇବ ।

ଚଳିତ ବର୍ଷର ମୁଟ୍ ପ୍ରସ୍ତାବ ଚୁକ୍ତି ଓ ମଧ୍ୟସ୍ଥତା ଆଇନ ଉପରେ ଆଧାରିତ ଥିଲା, ଯାହା ଛାତ୍ରଛାତ୍ରୀଙ୍କୁ ନିଜ ଗବେଷଣା, ଆଇନ ଅନୁସନ୍ଧାନ ଓ ତର୍କବିତର୍କ କୌଶଳ ଦେଖାଇବାର ସୁଯୋଗ ଦେଇଥିଲା । ସେମିଫାଇନାଲ୍ ଓ ଫାଇନାଲ୍ ରାଉଣ୍ଡଗୁଡ଼ିକୁ ବିଶିଷ୍ଟ ଆଇନ ବିଶେଷଜ୍ଞ ଓ ଶିକ୍ଷାବିଦମାନେ ମୂଲ୍ୟାୟନ କରିଥିଲେ । ମୂଲ୍ୟାୟନକାରୀମାନଙ୍କ ମଧ୍ୟରେ ଥିଲେ ଅଧିବକ୍ତା ଶ୍ରୀ ସିଦ୍ଧାନ୍ତ ସାରଙ୍ଗୀ (ଉଚ୍ଚ ନ୍ୟାୟାଳୟ, ଓଡିଶା), ଶ୍ରୀ ସାଗର ସଙ୍ଗମ ମହାନ୍ତି (ହେଡ୍ ଅଫ୍ ଲିଗାଲ୍, ମେଟ୍ରୋ ଗ୍ରୁପ୍), ଶ୍ରୀମତୀ ଚିନ୍ମୟୀ ଦାସ (ଏସ୍‌ଏନ୍‌ଆଇଏଲ୍, ଏସ୍‌ଓଏ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର) ଓ ଶ୍ରୀ ଅମ୍ବରୀଷ ମଙ୍ଗରାଜ (ଏସିଷ୍ଟାଣ୍ଟ ପ୍ରଫେସର, ଏସ୍‌ଏନ୍‌ଆଇଏଲ୍, ଏସ୍‌ଓଏ ବିଶ୍ୱବିଦ୍ୟାଳୟ) । ମୂଲ୍ୟାୟନକାରୀ ମାନଙ୍କୁ ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର ରେଜିଷ୍ଟ୍ରାର୍ ପ୍ରଫେସର ଡ. ବି.କେ. ଦାସ ଓ ବିର୍ଲା ସ୍କୁଲ ଅଫ୍ ଲ'ର ଡିନ୍ ପ୍ରଫେସର ଡ. ସୁକାନ୍ତ କୁମାର ନନ୍ଦ ମହୋଦୟ ମାନ୍ୟତା ଦେଇଥିଲେ ।

# ସାଲ୍ୟୁଟ ତିରଙ୍ଗା ପକ୍ଷରୁ ପହଲଗାମ୍ ଆକ୍ରମଣ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

କଟକ, (ସ୍ୱପ୍ର): ଜମ୍ମୁ କାଶ୍ମୀରର ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସାଲ୍ୟୁଟ ତିରଙ୍ଗା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ରାଷ୍ଟ୍ରବାଦୀ ସଂଗଠନ ସାଲ୍ୟୁଟ ତିରଙ୍ଗା ଓଡ଼ିଶା ଶାଖାର ରାଜ୍ୟ ସଭାପତି ଶୈଳେଶ ବର୍ମାଙ୍କ ଅଧ୍ୟକ୍ଷତାରେ ମାରୱାଡ଼ି କ୍ଲବ୍ ପରିସରରେ ଆୟୋଜନ କାର୍ଯ୍ୟକ୍ରମରେ ରାକେଶ ସିଂଘି ମଞ୍ଚ ପରିଚାଳନା କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ କଟକ ମାରୱାଡ଼ି ସମାଜର ସଭାପତି ସଞ୍ଜୟ ଶର୍ମା, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମାଜର ସୁରେଶ କମାନି, ସାଲ୍ୟୁଟ ତିରଙ୍ଗାର ଯୁଗ୍ମ ସମ୍ପାଦକ ମୁକୁନ୍ଦ ସିହ୍ନା, ଡ଼ଃ ଦ୍ୱିପାୟନ ପଟ୍ଟନାୟକ, ପ୍ରକାଶ ଅଗ୍ରୱାଲ, ସଞ୍ଜୟ ଓଝା ପ୍ରମୁଖ ସାମିଲ ହୋଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ସାମୁହିକ ଭାବେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଯାଇଥିଲା । ପରେ ମହମବତୀ ଜଳାଇ ପହଲଗାମ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ରବି ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଇନ୍ସପାର୍କ ବସ୍ତି ଗଣ୍ଡଗୋଳ

# ଭଣଜା ଗୁରୁତର, ମାମୁ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସାଇନ୍ସପାର୍କ ବସ୍ତି ପାରିବାରିକ ଗଣ୍ଡଗୋଳରେ ୩ ଜଣ ଆହତ ହୋଇଥିବା ବେଳେ ଜନ୍ମେଜୟ ନାୟକ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ରାଜେଶ୍ୱରୀ ନାୟକଙ୍କ ଏତଲା ଆଧାରରେ ପୋଲିସ ଶାନ୍ତିଭୂଷଣ ନାୟକ(୫୭)ନାମକ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଏତଲାରୁ ଜଣାପଡିଛି ଯେ, ଆହତ ଜନ୍ମେଜୟ ଓ ଅଭିଯୁକ୍ତ ଶାନ୍ତିଭୂଷଣଙ୍କ ମଧ୍ୟରେ ମାମୁ ଭଣଜା ସମ୍ପର୍କ। ଶନିବାର ଅପରାହ୍ନ ୪.୩୦ ବେଳେ ଅଭିଯୁକ୍ତ ଶାନ୍ତିଭୂଷଣ ଓ ତାଙ୍କ ପୁଅ ନାଗଭୂଷଣ ଓରଫ୍ ଚନ୍ଦନ ଜନ୍ମେଜୟଙ୍କ ଘରକୁ ଯାଇ ଚିକିତ୍ସା ପାଇଁ ହସ୍ପିଟାଲ୍ ଯିବାକୁ ଡାକିଥିଲେ। ଜନ୍ମେଜୟ ଯିବାକୁ ମନା କରିଦେବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ସେମାନେ ପରସ୍ପରକୁ ଆକ୍ରମଣ ଓ ପ୍ରତିଆକ୍ରମଣ କରିଥିଲେ। ଅଭିଯୁକ୍ତ ଏହି ଘଟଣା ଜାଣିବା ପରେ ତାଙ୍କ ସ୍ତ୍ରୀ ନିରୂପମା ଘଟଣା ସ୍ଥଳକୁ ଆସିଥିଲେ। ସେହି ସମୟରେ ଆହତ ଜନ୍ମେଜୟ ଏକ ଛୁରୀରେ ନିରୂପମାଙ୍କ ପେଟକୁ ଭୁସି ଦେଇଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଅଭିଯୁକ୍ତ ଶାନ୍ତିଭୂଷଣ ଓ ପୁଅ ନାଗଭୂଷଣ, ଚିକୁ ଓରଫ୍ ମୁକେଶ ମଲ୍ଲିକଙ୍କ ସହିତ ମିଶି ଜନ୍ମେଜୟଙ୍କୁ ତଡାରେ ନିସ୍ତୁକ ପିଟିଥିଲେ। ଏହା ଦ୍ୱାରା ଜନ୍ମେଜୟଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି।

ଗୁରୁତର ଜନ୍ମେଜୟଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବା ଦେଖି ତାଙ୍କୁ କଟକ ବଡ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। କଟକ ମେଡିକାଲ୍‌ରେ ସେ ମୁମୂର୍ଷୁ ଅବସ୍ଥାରେ ଚିକିତ୍ସା ହୋଇଥିବା ପୋଲିସ କହିଛି। ଏତଲା ଆଧାରରେ ପୋଲିସ ଅଭିଯୁକ୍ତ ଶାନ୍ତିଭୂଷଣ ନାୟକଙ୍କୁ ଗିରଫ କରିବା ସହ ତା ନିକଟରୁ ବ୍ୟବହୃତ ତଡା ଜବତ କରାଯାଇଥିବା ଏସିପି ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି। ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଛାନ୍‌ଭିନ୍ କରୁଛି।

# ମହିଳା ଜିତିଲେ ଆକର୍ଷଣୀୟ ପୁରସ୍କାର

କାକଟପୁର ,(ସବ୍ୟୁ) : କାକଟପୁର ବଜାର ରେ ଥିବା ହାଇ ଫେସନ ଗାର୍ମେଣ୍ଟ ରୁ ଲୁଗା କିଣି ଲକୀ ଡ୍ର ମାଧ୍ୟମରେ ସ୍ଥାନୀୟ ଭଣ୍ଡାଘର ବାସିନ୍ଦା ବରଖା ବେଗମ ପାଇଲେ ପ୍ରଥମ ପୁରସ୍କାର ଭାବେ ଫ୍ରିଜ ପାଇଥିବା ବେଳେ ୨ୟ ପୁରସ୍କାର ଭାବେ ଆରିଫା ଅଞ୍ଜୁମ ସାଇକେଲ ଓ ତୃତୀୟ ପୁରସ୍କାର ଭାବେ ପ୍ରେମାନନ୍ଦ ବେହେରା ପାଇଛନ୍ତି ସାନ୍ତ୍ୱନା ମୂଳକ ପୁରସ୍କାର । ଗାର୍ମେଣ୍ଟ ର ପରିଚାଳକ ରାଜା ଭାଇ ଏହି ପୁରସ୍କାର ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସେକ ଲିଆକତ, ହାଫିଜ ଆଲିମ, ସନ୍ତୋଷ ସାହୁ,ଇଲିଆସ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋପବନ୍ଧୁ ସେବା ସଂଗଠନ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

କଟକ , (ସବ୍ୟୁ)ଜାମ୍ମୁ କାଶ୍ମୀରର ପହଲଗାମ୍ ଥରେ ଆତଙ୍କବାଦୀ ଆକ୍ରମଣରେ ମୃତାହତ ହୋଇଥିବା ପର୍ଯ୍ୟଟକ ମାନଙ୍କ ଅମର ଆତ୍ମାର ସଦଗତି ପାଇଁ ଜଗତପୁର ଅଞ୍ଚଳର ଅଗ୍ରଣୀ ସରକାରୀ ପଞ୍ଜୀକୃତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ସେବା ସଂଗଠନ ପକ୍ଷରୁ ସମ୍ପାଦକ ମାନସ ପରିଡ଼ାଙ୍କ ନେତୃତ୍ୱରେ ଜଗତପୁର ଗୋଲେଇଛକ ଠାରେ କାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା । ଗୋଲେଇଛକ ସ୍ଥିତ ଉତ୍କଳ ଗୌରବ ମଧୁ ବାବୁ ଙ୍କ ପ୍ରତିମୂର୍ତ୍ତି ନିକଟରୁ କାଣ୍ଡଲ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ପୁନଶ୍ଚ ମଧୁବାବୁ ଙ୍କ ପ୍ରତିମୂର୍ତ୍ତି ନିକଟରେ ପହଁଚି ସହିଦ୍ ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଜଗତପୁର ଅଞ୍ଚଳର ବହୁ ବୁଦ୍ଧିଜୀବୀ



ଯୋଗଦେଇ ପାକିସ୍ଥାନ କୁ କଡା ନିନ୍ଦା କରିବା ଶହ ଦେଶବାସୀ ଏକଜୁଟ ହୋଇ ଏହି ବିପଦର ସାମ୍ନା କରିବା ଓ ପାକିସ୍ଥାନ କୁ କଡା ଜବାବ ଦିଆ ଯିବାକୁ ସରକାରଙ୍କୁ ଦାବୀ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଜଗତପୁର ଶାନ୍ତି କମିଟି ସଭାପତି ନିରଞ୍ଜନ ବିଶ୍ୱାଳ, ଜଗତପୁର ଟ୍ରକ୍ ମାଲିକ ସଂଘ ସଭାପତି ଦିଲ୍ଲୀପ ଜେନା, ବରିଷ୍ଠ ମୂରବୀ ଶିବ ପ୍ରଧାନ, ମହେନ୍ଦ୍ର ମହାନ୍ତି, ବିଳାସ ବିଶ୍ୱାଳ, ପ୍ରମୋଦ ମହାନ୍ତି, କିଶୋର ନାୟକ, ତୀର୍ଥାନନ୍ଦ ପଣ୍ଡା, କବି ଉଦୟ କେଶରୀ ବର୍ମା, ଗୋଲେଖ ଚନ୍ଦ୍ର ରାଉତ, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ,କବି ମନୋରଞ୍ଜନ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଦେବ କୁମାର ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମହାନଦୀବିହାରରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର

କଟକ, (ସ୍ୱପ୍ର): ମହାନଦୀବିହାର ଡେଭଲପମଣ୍ଟ ଆସୋସିଏସନ୍ (ଏମଡିଏ) ଆନୁକୂଲ୍ୟରେ ମହାନଦୀବିହାର ପେନସନର୍ସ ଆସୋସିଏସନ, ବରିଷ୍ଠ ନାଗରିକ ମଞ୍ଚ ଏବଂ ମହିଳା ସମିତିର ମିଳିତ ଆନୁକୂଲ୍ୟରେ ମହାନଦୀବିହାର ସ୍ଥିତ ମହାନଦୀଭବନ ପରିସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମେଡ଼ିସିନ, ଗ୍ୟାଷ୍ଟ୍ରୋ, ଜେରିଆଟିକ, ଚର୍ମ, କାର୍ଡିଓଲୋଜି, ଦାନ୍ତ, ସ୍ଲିପିଂ ଡିଜଅର୍ଡର, ପେଡିଆଟିକ, ଅର୍ଥୋପେଡିକ ଆଦି ବିଭାଗର ଅଭିଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଲୋକମାନଙ୍କୁ ରୋଗର ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ । ଏଥିସହିତ ସମ୍ ଅଲ୍ଟିମେଟ୍ ପକ୍ଷରୁ ବୋନ ଡେନ୍ସିଟି, କିଓରୱେଲ ପକ୍ଷରୁ ବିପି, ଆରବିଏସ ଏବଂ କିଶୋର ଡ଼ାଇଗ୍ନୋଷ୍ଟିକ୍ ପକ୍ଷରୁ ଇସିଜି ଆଦି ପରୀକ୍ଷା ବିନା ମୂଲ୍ୟରେ କରାଯାଇଥିଲା। ଏଥିରେ ହଜାରେରୁ ଉର୍ଦ୍ଧ୍ୱ ଲୋକମାନେ ଏହି ଶିବିରରେ ଯୋଗଦେଇ ରୋଗ ପରୀକ୍ଷା କରିବା ସହିତ ଡାକ୍ତରଙ୍କ ପରାମର୍ଶ ନେଇଥିଲେ । ଏଥି ସହିତ ସରକାର ଜାରି କରିଥିବା ୭୦ ବର୍ଷରୁ ଉର୍ଦ୍ଧ୍ୱ ଲୋକମାନଙ୍କ ପାଇଁ ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ପି କେ ନନ୍ଦିଙ୍କ ଜନସେବା କେନ୍ଦ୍ର ସହାୟତାରେ ଏହାର ଆୟୋଜନ କରାଯାଇଥିଲା। ଯେଉଁମାନେ ଆଜି ନିଜର ସ୍ୱାସ୍ଥ୍ୟ ପରୀକ୍ଷଣ ନକରିଛନ୍ତି ସେମାନେ ଆସନ୍ତାକାଲି ସକାଳ ୮ ଘଟିକାରେ ପହଞ୍ଚି ଏହାର ସୁବିଧା ନେବା ପାଇଁ ଏମଡିଏ ପକ୍ଷରୁ କୁହାଯାଇଛି। ଏହି ଶିବିରରେ ଅତିଥିଭାବେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ ପ୍ରମୁଖ ଯୋଗଦେଇ ଏହି ଶିବିରକୁ ଆୟୋଜନ କରିଥିବା ସମସ୍ତ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ । ସିଏମସି ଡେପୁଟି କମିଶନର ଅଶୋକ କୁମାର ଲେଙ୍କା ଆୟୁଷ୍ମାନ ବୟୋ ବନ୍ଦନା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ।



# ଆଇସିଏମ୍‌ଏଆଇ ଭୁବନେଶ୍ୱର ଚାପ୍ଟରର ବାର୍ଷିକୋତ୍ସବ

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ଆଇଆଇଏମ୍‌ଟି ଅଡ଼ିଟୋରିୟମ ଠାରେ ଆଇସିଏମ୍‌ଏଆଇ ଭୁବନେଶ୍ୱର ଚାପ୍ଟରର ୫୬ତମ ବାର୍ଷିକୋତ୍ସବ ସମ୍ବର୍ଦ୍ଧନମ୍ -୨୦୨୫ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି, ଉଚ୍ଚ ଶିକ୍ଷା କ୍ରୀଡ଼ା ଏବଂ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରୁଜ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ସେ ନିଜର ବକ୍ତବ୍ୟରେ ଚାପ୍ଟରର ସମସ୍ତ କାର୍ଯ୍ୟରେ ସହଯୋଗ କରିବା ସହିତ ଚାପ୍ଟରକୁ ଏକ ସେଣ୍ଟର ଅଫ୍ ଏକ୍ସିଲେନ୍ସି ପାଇଁ ଜମି ଯୋଗାଇ ଦେବା ପାଇଁ ସାହାଯ୍ୟ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଦାମୋଦର ମିଶ୍ର, ଗଗନ ବିହାରୀ ସ୍ୱାଇଁ, ବରଦା ପ୍ରସନ୍ନ ନାୟକ, ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ଅବିନାଶ ପୋଟ୍‌ନି ଏବଂ ଶରତ କୁମାର ବେହେରା ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହା ସହିତ ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ଭୁବନେଶ୍ୱର ଚାପ୍ଟରର ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୌମ୍ୟରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହା ସହିତ ଏଠାରେ ଏକ ରକ୍ତଦାନ ଶିବିରର କାର୍ଯ୍ୟକ୍ରମ କରାଯାଇଥିଲା। ଯେଉଁଥିରେ ପାଖାପାଖି ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସର୍ବଶେଷରେ ଏହି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# କାଠଯୋଡିରେ ବୁଡ଼ି ଛାତ୍ରର ମୃତ୍ୟୁ

କଟକ,(ସବ୍ୟୁ): ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନନଗର ବେତବିନ୍ଧାଣି ସାହିରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି । ସ୍ଥାନୀୟ ଜଣେ ଛାତ୍ର କାଠଯୋଡି ନଦୀକୁ ସାଙ୍ଗମାନଙ୍କ ସହ ଗାଧେଇବାକୁ ଯାଇଥିବା ବେଳେ ପାଦ ଖସି ନଦୀରେ ବୁଡ଼ି ଯାଇଥିଲା । ଛାତ୍ର ଜଣଙ୍କ ସ୍ଥାନୀୟ ଏକ ସରକାରୀ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପାଠ ପଢୁଥିଲା । ତା' ନାଁ ସୂର୍ଯ୍ୟକାନ୍ତ ମାଝୀ(୧୪) । ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିବା ପରେ ସମ୍ପୃକ୍ତ ଛାତ୍ରଙ୍କୁ ପ୍ରାୟ ଅଧଘଣ୍ଟାଏ ପରେ ନଦୀ ଗର୍ଭରୁ ଉଦ୍ଧାର କରାଯାଇଥିଲା । ଏହା ପରେ ଆମ୍ବୁଲାନ୍ସ ଯୋଗେ ଛାତ୍ରଙ୍କୁ ଏସ୍‌ସିବି ପଠାଯାଇଥିବା ବେଳେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ ।

ଅଗ୍ନିଶମ ବାହିନୀ ସୂଚନା ଅନୁଯାୟୀ, ଏବେ କାଠଯୋଡ଼ି ନଦୀର କୂଳରେ ଆଦୌ ଜଳ ପ୍ରବାହ ହେଉନାହିଁ । ନଦୀ ମଝିରେ ପାଣି ଚାଲୁଥିବା ବେଳେ କେଉଁଠି କେତେ ଗଭୀର ଜଳ ରହିଛି ତାହା ଜାଣିବା ମୁସ୍କିଲ୍ । ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ନଦୀକୂଳ ବାସିନ୍ଦା ଗାଧେଇବାକୁ ନଦୀକୁ ଯାଉଥିବା ଦେଖିବାକୁ ମିଳୁଛି । ଆଜି ଦିନ ୧୧ଟାରେ ବେତବିନ୍ଧାଣି ସାହିରେ ଭଡ଼ା ରହୁଥିବା ଗଦାଧର ମାଝୀଙ୍କ ପୁଅ ସୂର୍ଯ୍ୟକାନ୍ତ ତା'ର ୪ଜଣ ସାଙ୍ଗଙ୍କ ସହିତ ନଦୀକୁ ଗାଧେଇବାକୁ ଯାଇଥିଲା । ସେ ପୂର୍ବରୁ ନଦୀକୁ ଗାଧେଇବାକୁ ଯାଉନଥିବା ବେଳେ ସାଙ୍ଗଙ୍କ କଥାରେ ପଡ଼ି ଜଳକ୍ରୀଡା କରିବା ନିମନ୍ତେ ବାହାରିଥିଲା । ବାପା ଗଦାଧର ପୁଅକୁ ନଦୀକୁ ଯିବାକୁ ବାରଣ କରିବା ସହିତ ଗାଳି କରିଥିଲେ । ଏହା ସତ୍ତ୍ୱେ ସୂର୍ଯ୍ୟକାନ୍ତ ବାପାଙ୍କୁ ଲୁଚି ଖାନନଗର ଦେବୀଘର ସାମ୍ନା ଗଡ଼ାରେ ନଦୀ ମଧ୍ୟକୁ ପ୍ରବେଶ କରିଥିଲା । ଏହାପରେ ସାଙ୍ଗମାନଙ୍କ ସହିତ ନଦୀରେ ଗାଧେଇଥିଲା । ହଠାତ୍ ସୂର୍ଯ୍ୟକାନ୍ତର ପାଦ ଖସିଯିବାରୁ ସେ ପାଣି ସୁଅରେ କିଛି ବାଟ ଭାସିଯାଇ ବୁଡ଼ି ଯାଇଥିଲା । ଏହାପରେ ତା'ସାଙ୍ଗମାନେ ଉଦ୍ଧାର କରି ନପାରି, ସ୍ଥାନୀୟ ଅଞ୍ଚଳକୁ ଖବର ଦେଇଥିଲେ । ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିବା ପରେ ସୂର୍ଯ୍ୟକାନ୍ତ ନଦୀ ଗର୍ଭରୁ ମିଳିଥିଲା । ତେବେ ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ତାର ମୃତ୍ୟୁ ହୋଇଥିବା ଜଣାପଡିଛି ।

# ଜୁନ୍ ୭ ରେ ଫେମିନା ମିସ୍ ଇଣ୍ଡିଆ ଅର୍ଗାନାଇଜେସନ୍ ପକ୍ଷରୁ ମିସ୍ ଓଡିଶା ଇଣ୍ଡିଆ

ଭୁବନେଶ୍ୱର, (ସବ୍ୟୁ) : ଫେମିନା ମିସ୍ ଇଣ୍ଡିଆ ଅର୍ଗାନାଇଜେସନ୍ ପକ୍ଷରୁ ମିସ୍ ଓଡିଶା ଇଣ୍ଡିଆ ୭ ଜୁନ୍ ରେ ଅନୁଷ୍ଠିତ ହେବଛ ଏନିଗ୍ମା ନାମକ ଏକ ମନୋରଞ୍ଜନ ସଂସ୍ଥା ଯାହା ବିଭିନ୍ନ କାର୍ଯ୍ୟକ୍ରମ, ପୁରସ୍କାର ସମାରୋହ, ସୌନ୍ଦର୍ଯ୍ୟ ପ୍ରତିଯୋଗିତା, କର୍ପୋରେଟ୍ ଏବଂ ଫ୍ୟାଶନ୍ ଇଭେଣ୍ଟ ଇତ୍ୟାଦି ଆୟୋଜନ କରିଥାଏ ତାହା ଦ୍ୱାରା ଏହା ଅନୁଷ୍ଠିତ ହେବାକୁ ଯାଉଛି । ୭ ଜୁନ୍ ୨୦୨୫ ରେ ଭୁବନେଶ୍ୱରର ହୋଟେଲ ଲାଇଫରେ ଅନୁଷ୍ଠିତ ହେବାକୁ ଥିବା ଫେମିନା ମିସ୍ ଇଣ୍ଡିଆ ଅର୍ଗାନାଇଜେସନ୍ ସହଯୋଗରେ ମିସ୍ ଓଡ଼ିଶା ଇଣ୍ଡିଆ ୨୦୨୫ ଶୀର୍ଷକ ଏକ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଆୟୋଜନ କରୁଛି । ଚୟନର ମାନଦଣ୍ଡ ମିସ୍ ଇଣ୍ଡିଆ ଅର୍ଗାନାଇଜେସନ୍ ର ନିର୍ଦ୍ଦେଶାବଳୀ ଉପରେ ଆଧାରିତ । ଆଗାମୀ ଦିନରେ ଭୁବନେଶ୍ୱରରେ ପ୍ରତିଯୋଗୀଙ୍କ ମଧ୍ୟରେ ଗ୍ରୁମିଂ, ତାଲିମ ଏବଂ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ ଫାଇନାଲ୍ ପ୍ରତିଯୋଗିତା ୭ ଜୁନ୍ ୨୦୨୫ ରେ ହୋଟେଲ ଲାଇଫରେ ଅନୁଷ୍ଠିତ ହେବ । ଏହି ଗ୍ରାଣ୍ଡ ଫାଇନାଲରେ ବିଜେତା ସିଧାସଳଖ ମିସ୍ ଇଣ୍ଡିଆ ୨୦୨୫ ରେ ପ୍ରବେଶ କରିବେ ଯାହା ଅକ୍ଟୋବର ୨୦୨୫ ରେ ମୁମ୍ବାଇରେ ଅନୁଷ୍ଠିତ ହେବ ଏବଂ ସେ ଓଡିଶା ର ପ୍ରତିନିଧିତ୍ୱ କରିବେଛ ମିସ୍ ଇଣ୍ଡିଆ ୨୦୨୫ ରେ ଭାରତର ପ୍ରତ୍ୟେକ ରାଜ୍ୟରୁ ଜଣେ ପ୍ରତିଯୋଗୀ ରହିବେ । ଏହି ଇଭେଣ୍ଟର ବ୍ରାଣ୍ଡ ଆମ୍ବାସାଡର ହେଉଛନ୍ତି ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାଶ । ଏହି ଇଭେଣ୍ଟର ପ୍ରାୟୋଜକମାନେ ହେଉଛନ୍ତି ଏସ୍‌ଏନ୍‌ଏମ୍ ଗ୍ରୁପ୍, ଲାଇଫ୍ ହୋଟେଲ୍, ଲୁକ୍ସ ସାଲୁନ୍, ଦୁହିତା ମାନବ, ଆଶୁତୋଷ ଫଟୋମ୍ୟାଜିକ୍ ଏବଂ ଅନ୍ୟ ମାନେ । ଏହି ଇଭେଣ୍ଟଟି ଓଟିଟି ପ୍ଲାଟଫର୍ମ କଞ୍ଚା ଲଙ୍କାରେ ପ୍ରସାରିତ ହେବ । ଏହି ଇଭେଣ୍ଟଟି ଏନିଗ୍ମା ଦ୍ୱାରା ହୋଷ୍ଟ ଏବଂ ଆଡିକ୍ସନ୍ ଫ୍ୟାଶନ୍ ମ୍ୟାନେଜମେଣ୍ଟ ଦ୍ୱାରା ଆୟୋଜିତ ହେବ । ଏହି ସାମ୍ବାଦିକ ସମ୍ମିଳନୀରେ ଭୂମିକା ଦାଶ (ଓଲିଉଡ଼ ଅଭିନେତ୍ରୀ )ଆଶୁତୋଷ ସାହୁ (ନିର୍ଦ୍ଦେଶକ ଆଶୁତୋଷ ଫୋଟୋଗ୍ରାଫି), ନିରଜ ପ୍ରିୟା, ନିର୍ଦ୍ଦେଶିକା (ଏନିଗମା),ଜନ ଅଜୟ, ନିର୍ଦ୍ଦେଶକ, ଅଡିକ୍ସନ ଫ୍ୟାସନ ମ୍ୟାନେଜେମେଣ୍ଟ, ପ୍ରମୁଖ ଉପସ୍ଥିତ ଥିଲେ ।




# ଭୈରବୀ କ୍ଲବରେ ଆଇନ ସଚେତନତା ଶିବିର

ଖୋର୍ଦ୍ଧା, (ସବ୍ୟୁ): ନରଣଗଡ କୁରୁମପଡାସ୍ଥିତ ଭୈରବୀକ୍ଲବ ପରିସରରେ ଖୋର୍ଦ୍ଧା କୋର୍ଟ ର ତାଲୁକ ଆଇନସେବା କମିଟି ପକ୍ଷରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମାନସିକ ସ୍ୱାସ୍ଥ୍ୟ ଉପରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍ ସୁଷମା ସ୍ୱାଇଁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିଜେଏମ୍ ପ୍ରତାପଚନ୍ଦ୍ର ପୃଷ୍ଟି ଜେଏମ୍‌ଏଫ୍‌ସି ଦୁର୍ଗାପ୍ରସାଦ ପଣ୍ଡା, ଆଇନଜୀବି ବିଜୟ ସାମନ୍ତସିଂହାର, ବିକ୍ରମ କେଶରୀ ଚମ୍ପତି, ଭୈରବୀକ୍ଲବ ସମ୍ପାଦକ ବୈକୁଣ୍ଠନାଥ ମାର୍ଥା ଅତିଥିଭାବେ ଯୋଗ ଦେଇଥିଲେ । ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା କେତେ ଜରୁରୀ ବକ୍ତାମାନେ ଆଲୋକପାତ କରିଥିଲେ । ସମାଜସେବୀ କାର୍ତ୍ତିକ ପ୍ରଧାନ ନିତ୍ୟାନନ୍ଦ ବଡଜେନା, ସାଗର ରାଉତରାୟ, ଗଣେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ । ବହୁସଂଖ୍ୟାରେ ଅନ୍ତେବାସୀ ଓ ସ୍ଥାନୀୟ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ । ଶିବିର କୁ ବସନ୍ତ ଶତପଥୀ ସଂଯୋଜନା କରିଥିଲେ ।

# ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସ




ଭୁବନେଶ୍ୱର (ସବ୍ୟୁ): ବୈଶାଖ ଅମାବାସ୍ୟା ତିଥିରେ କାଳଜୟୀ ସ୍ରଷ୍ଟା, ଗଣ ହୃଦୟର କବି ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଳି ଜ୍ଞାପନ କରାଯାଇଛି । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ଗଣକବି ବୈଷ୍ଣବ ପାଣିଙ୍କ ଗୁଣାବଳି ବର୍ଣ୍ଣନା କରି ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି କହିଥିଲେ ଯେ, ଗଣକବି ମୂଲ୍ୟବୃଦ୍ଧି ଓ ନିଶା ନିବାରଣ ଭଳି ବହୁ ସମସ୍ୟା ଉପରେ ସଚେତନ କରିବା ପାଇଁ କବିତା ଲେଖୁଥିଲେ । ମାଲ୍ୟାର୍ପଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ-ସଂପାଦକ ଅକ୍ଷୟ କୁମାର ଜେଠୀ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ବାସନ୍ତି ତ୍ରିପାଠୀ , ଅନୁପମା ବେହେରା, ରାମ ଚନ୍ଦ୍ର ସାମଲ, ସୁରଜିତ ପରିଡା, ରମେଶ ଚନ୍ଦ୍ର ପାତାଲସିଂ ଓ ଶିବାନୀ ବେହେରା ପ୍ରମୁଖ ଯୋଗ ଦେଇ ବରପୁତ୍ରଙ୍କୁ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ।

# ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ରହ୍ମପୁର ଗ୍ରସ୍ତ

## ଠାକୁରାଣୀ ଯାତ୍ରା ନିମନ୍ତେ ମାଁ ଙ୍କୁ ଦର୍ଶନ, ସମସ୍ତଙ୍କ କଲ୍ୟାଣ ପାଇଁ ପୂଜାର୍ଚ୍ଚନା



ବ୍ରହ୍ମପୁର, (ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ବ୍ରହ୍ମପୁର ମାଁ ବୁଢ଼ୀ ଠାକୁରାଣୀ ଦ୍ୱିବାର୍ଷିକ ଯାତ୍ରା ଚଳିତ ମାସ ୩ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତାକାଲି ଅର୍ଥାତ ୨୮ ତାରିଖରେ ଶେଷ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଇଥିବା ମାଁ ବୁଢ଼ୀ ଠାକୁରାଣୀଙ୍କ ଦର୍ଶନ କରି ମାଁ ଙ୍କୁ ପୂଜା ଅର୍ଚ୍ଚନା କରିବା ସହିତ ଆଶୀର୍ବାଦ ଭିକ୍ଷା କରି ଓଡିଶା, ଗଞ୍ଜାମ ଜିଲ୍ଲା, ବ୍ରହ୍ମପୁରବାସୀଙ୍କ ମଙ୍ଗଳ କାମନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହିତ ସାଂସଦ ଡା ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ କେ ଅନିଲ କୁମାର, ବିଧାୟକ ସରୋଜ ପାଢ଼ୀ, ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ବିଧାୟକ ପ୍ରତିନିଧି ତଥା ଆଇନଜୀବୀ ଅଶୋକ କୁମାର ଶୁକ୍ଳଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ମା ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହିତ ବ୍ରହ୍ମପୁରବାସୀଙ୍କ ମଙ୍ଗଳ କାମନା କରିଥିଲେ। ଆଜି ସକାଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହେଲିକପ୍ଟର ଯୋଗେ ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ପରିସରରେ ଥିବା ପଡ଼ିଆ ଠାରେ ଓହ୍ଲାଇ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ସେଠାରୁ ସିଧାସଳଖ ଆସ୍କା ରୋଡ଼ ଦେଇ ସାନବଜାର ଛକ ଦେଇ ମାଁ ବୁଢ଼ୀ ଠାକୁରାଣୀ ଅସ୍ଥାୟୀ ପୀଠ ଦେଶୀ ବେହେରା ସାହି ଠାରେ ପହଞ୍ଚି ମାଁ ଦର୍ଶନ କରିଥିଲେ। ପରେ ମାଁ ପ୍ରିୟ ବାଘ ବେଶ ପକାଇଥିବା ମାନସିକଧାରି ଭକ୍ତ ମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମୁଖରେ ଚାଙ୍ଗୁ ବାଦ୍ୟର ତାଳେ ତାଳେ ବାଘ ନାଚ ପ୍ରଦର୍ଶନ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ୧୨୧ତମ ମନ୍ କି ବାତ୍

## ଶୁଣିଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ସହରସ୍ଥିତ ସିନର୍ଜୀ ମହାବିଦ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୧ତମ ମନ କି ବାତ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଇ ଯୋଗଦେଇ ମନ କି ବାତ କର୍ମକର୍ତ୍ତାଙ୍କ ଗହଣରେ ଶୁଣିଥିଲେ। ଏହି ଅବସରରେ ଢେଙ୍କାନାଳରୁ ଉତ୍ପାଦିତ ଆମ୍ବ ବିଦେଶ ପଠାଇବାକୁ ସରକାର ଏମଓୟୁ ସ୍ୱାକ୍ଷର କରିଥିବାର ଗଣାମଧମ ସମ୍ମୁଖରେ ପ୍ରକାଶ କରିଥିଲେ। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀଙ୍କ ୧୨୧ତମ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିନର୍ଜୀ ବୈଷୟୀକ ମହାବିଦ୍ୟାଳୟରେ ମନ କି ବାତ ଶୁଣିବା ପାଇଁ ସମସ୍ତ ପ୍ରକାରର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ମନକି ବାତ ଶୁଣିଥିଲେ। ଉପମୁଖ୍ରମନ୍ତ୍ରୀ ପହଞ୍ଚିବା ପରେ ମହାବିଦ୍ୟାଳୟର ଚେୟାରମ୍ୟାନ ବିନୋଦ ଦାଶ ତାଙ୍କୁ ସ୍ୱାଗତ କରିବା ସହିତ ପାଛୋଟି ନେଇଥିଲେ। ଢେଙ୍କାନାଳର ଆମ୍ବ ବିଦେଶରେ ସୁନାମ ଅର୍ଜନ କରିଥିବାବେଳେ ଅଧିକ ପରିମାଣର ରପ୍ତାନୀପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଥିବାର କହିଥିଲେ। ସେହିପରି ଖାଇବା ତେଲ ଉତ୍ପାଦନ ବୃଦ୍ଧି କରିବା ପାଇଁ ତାଳରୁ ତେଲ ଉତ୍ପାଦନ ପାଇଁ ମଧ ଏମଓୟୁ ସ୍ୱାକ୍ଷରିତ ହୋଇଥିବାର କହିଥିଲେ। ଢେଙ୍କାନାଳର ଚାଷୀ ମାନଙ୍କୁ ମହାରାଷ୍ଟ୍ର ପଠାଯାଇ ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ପୂର୍ବତନ ପୌରାଧକ୍ଷ ସୁନିଲ ଶର୍ମା,ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କ ସହିତ ବହୁ କର୍ମର୍ତ୍ତା ଯୋଗଦେଇଥିଲୋଗ

## ବ୍ଲକ୍ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ବଦଳି ଆଦେଶ ଘଟଣା

# ସୂଚନା ଅଧିକାର ତଥ୍ୟ ବିଭ୍ରାନ୍ତିକର, ଯନ୍ତ୍ରୀଙ୍କୁ ଘଣ୍ଟ ଘୋଡ଼ାଉଥିବା ସନ୍ଦେହ

ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକର ୫ ଜଣ କନିଷ୍ଠ ଯନ୍ତ୍ରୀ ଓ ଜଣେ ସହକାରୀ ଯନ୍ତ୍ରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ଢେଙ୍କାନାଳ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୪୦୩୬/୪୦୩୭ ତା ୦୩-୧୦-୨୦୨୪ ରିଖ ଅନୁଯାୟୀ ହିନ୍ଦୋଳ ବ୍ଲକ କର୍ତ୍ତୃପକ୍ଷ (ବିଡ଼ିଓ) ତରବରିଆ ଭାବେ ୪ ଜଣ କନିଷ୍ଠ ଯନ୍ତ୍ରୀ ଓ ଜଣେ ସହକାରୀ ଯନ୍ତ୍ରୀଙ୍କୁ ରିଲିଭ କରି ନିଜ କାମ ସାରି ଦେଇଥିବା ଭାବୁଥିଲେ ହେଁ ଜଣେ ମହିଳା କନିଷ୍ଠ ଯନ୍ତ୍ରୀଙ୍କୁ ଅଟକାଇ ସନ୍ଦେହ ବଢାଇଛନ୍ତି । ଅନ୍ୟମାନଙ୍କ ଭଳି ମହିଳା ଯନ୍ତ୍ରୀ ଜଣଙ୍କ ବଦଳି ନହେବାରୁ କେତେକ ପଞ୍ଚାୟତ ପ୍ରତିନିଧି ଏନେଇ ଆଲୋଚନା ପର୍ଯ୍ୟାଲୋଚନା କରୁଥିବା ଶୁଣାଯାଇଥିଲା। ଏ ସଂପର୍କରେ ସବିଶେଷ ତଥ୍ୟ ହାସଲ ପାଇଁ ଗତ ତା ୨୪-୦୨-୨୦୨୫ ରିଖରେ ସୂଚନା ଅଧିକାର ଆଇନ ବଳରେ ଆବେଦନ କରାଯାଇଥିଲା। ତେବେ ଏ ସଂକ୍ରାନ୍ତରେ ସବିଶେଷ ତଥ୍ୟ ପ୍ରଦାନ କରିବାରେ ବିଳମ୍ବ ଘଟିଥିଲା । ଖବର ପ୍ରସାରଣ ପରେ ଗତ ସୋମବାର ୨୧ ତାରିଖ ଦିନ ବ୍ଲକ ଜନ ସୂଚନା ଅଧିକାରୀ ଇମେଲ ବଦଳରେ ହ୍ୱାର୍ଟସଆପ୍ ଜରିଆରେ ବିଗତ ତା ୧୮-୦୩-୨୫ ରିଖ ଦର୍ଶାଇ ଏ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଯାହା ବିଭ୍ରାନ୍ତିକର ମନେ ହେଉଛି। ତଥ୍ୟରେ ଆଶା କରାଯାଉଥିବା ପ୍ରଶ୍ନର କୌଣସି ତଥ୍ୟ ନଥିରେ ଉପଲବ୍ଧ ନଥିବା ସ୍ପଷ୍ଟ ଉଲ୍ଲେଖ ରହିଥିବାବେଳେ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ଗତ ତା ୫-୧୧-୨୦୨୧ ରିଖରେ କଙ୍କଡାହାଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ଏଠାକୁ ଡେପ୍ୟୁଟେସନରେ ଆସି ଯୋଗଦେଇଥିବା ଦର୍ଶା ଯାଇଛି। ପୁନଶ୍ଚ ତା ୦୧-୦୨-୨୦୨୪ ରିଖରେ ଏଠାରେ ନିୟମିତ ପଦବୀରେ ଯୋଗଦାନ କରିଥିବା ଉଲ୍ଲେଖ ରହିଛି। ଏଥିରୁ ମହିଳା ଯନ୍ତ୍ରୀ ଜଣକ କେଉଁ ସରକାରୀ ଚିଠି (ଆଦେଶ) ଓ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏଠାକୁ ଡେପ୍ୟୁଟେସନରେ ଆସିଲେ ଯାହା ପ୍ରଶ୍ନ ସାପେକ୍ଷ। ଏତଦ୍ ବ୍ୟତୀତ ଯନ୍ତ୍ରୀ ଜଣଙ୍କ ଯେଉଁ ପଞ୍ଚାୟତ ଦାୟିତ୍ୱ ନିର୍ବାହ କରିଥିଲେ ସମ୍ପୂର୍ଣ୍ଣ ସରକାରୀ ଭାବେ। ଏଥିରୁ ଜିଲ୍ଲାପାଳଙ୍କ ବଦଳି ଆଦେଶ ତାରିଖକୁ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ତିନି ବର୍ଷରୁ ଉର୍ଦ୍ଧ୍ୱ ସମୟ ରହି କାର୍ଯ୍ୟ କରି ଆସିଥିବାରୁ ସେ ମଧ ବଦଳି ଆଦେଶ ପରିସର ମଧ୍ୟରେ ରହିଛନ୍ତି। ତାଙ୍କୁ ଘଣ୍ଟ ଘୋଡାଇବା ପଛରେ ରାଜନୀତିକ ଚାପ ବେଶୀ କାମ କରୁଛି ନାଁ ବ୍ଲକ କର୍ତ୍ତୃପକ୍ଷଙ୍କ ଇଚ୍ଛାରେ ସେ ଏଠାରେ ଗାଦି ଛାଡ଼ିବାକୁ ରାଜି ହେଉନାହାନ୍ତି ତାହା ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଓଡ଼ିଶା ପ୍ରଶାସନିକ ସେବାରେ କାର୍ଯ୍ୟରତ ଜନୈକ ବରିଷ୍ଠ ଅଧିକାରୀଙ୍କ ସହ ପରାମର୍ଶ କରିବାରେ ସେ ଯେବେଠାରୁ ଡେପ୍ୟୁଟେସନରେ କାର୍ଯ୍ୟ ଆରମ୍ଭ କଲେ ସେବେଠାରୁ ସରକାରୀ ସ୍ତରରେ କାର୍ଯ୍ୟରେ ଯୋଗଦାନ କଲେ ବୋଲି ଧରିନିଆଯିବା ନେଇ ସ୍ପଷ୍ଟ କରିଥିଲେ । ଏହି ଘଟଣାରୁ ପରଦା ହଟାଇବା ପାଇଁ ଜିଲ୍ଲାପାଳ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲ ଆଶା ପ୍ରକଟ କରିଛନ୍ତି ।

## ବାଇକ୍‌ରୁ ଖସି ପଡି ଜଣେ ମୃତ

ଠାକୁରଗଡ, (ସବ୍ୟୁ): କିଶୋରନଗର ଥାନା ଶୁକ୍ରବାର ରାତିରେ ରାଇବାହଛଳ ବ୍ରିଜ ତଳକୁ ଖସି ପଡି ରେଢାଖୋଲ ଥାନା ଖଜୁରୀଝରଣ ଗ୍ରାମର ବୁଲୁ ଭୋଇଙ୍କର ମୃତ ହୋଇଛି। ଏନେଇ ପୋଲିସ ତାଙ୍କ ବାଇକ୍‌କୁ ଜବତ କରି ନମ୍ବର ୧୧୩/୨୫ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିବା ଅନୁଯାୟୀ ବୌଦ୍ଧରୁ ରାଇବାହାଳ ଦେଇ ରେଢାଖୋଲ ଅଭିମୁଖେ ବୁଲୁ ଏକ ବାଇକ ଯୋଗେ ଯାଉଥିଲେ। ହେଲେ ସେ ଭାରଶ୍ୟାମ ହରାଇ ପ୍ରଥମେ ବ୍ରିଜ ନିକଟରେ ପିଟି ହୋଇ ତଳକୁ ଖସି ପଡ଼ିଥିଲେ । ପରେ ସେଠାରେ ତାଙ୍କର ମୃତ ହୋଇଥିଲା।

## ବାଇକ୍‌ରୁ ଖସି ପଡି ୨ ଜଣଙ୍କ ମୃତ୍ୟୁ

ଠାକୁରଗଡ, (ସବ୍ୟୁ): କିଶୋରନଗର ଥାନା ବଙ୍କାପଳସା ଗ୍ରାମରେ ଶନିବାର ରାତିରେ ଏକ ବାଇକରୁ ଖସି ପଡି ରେଢାଖୋଲ ଗ୍ରାମର ଦେବେନ୍ଦ୍ର ନାୟକଙ୍କର ମୃତ ହୋଇଛି । ଏନେଇ କିଶୋରନଗର ପୋଲିସ ନମ୍ବର ୧୧୬/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି ଯେ ଦେବେନ୍ଦ୍ର ଏକ ବାଇକ ପଛରେ ବସି ବଙ୍କାପଳସା ଦେଇ ଆସୁଥିବା ବେଳେ ବଙ୍କା ପଳସା ନିକଟରେ ଖସି ପଡ଼ିଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ ହୋଇଥିଲା। ପୋଲିସ କହିଛି ଯେ ଦେବେନ୍ଦ୍ର ଏକ ବାଇକରେ ବସି ଯାଉଥିବା ବେଳେ ହଠାତ ଖସି ପଡ଼ିଥିଲେ । ଫଳରେ ଗୁରୁତର ପରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ବାମୁର ଷ୍ଟେସନର ଫାଟକ ନିକଟରେ ହମ୍ପସରେ ଖସିପଡି ରେଢାଖୋଲ ଥାନା ମହାଲିଙ୍ଗ ଗ୍ରାମର ଦିଲ୍ଲୀପ ପ୍ରଧାନଙ୍କର ଶନିବାର ଦିନ ମୃତ ହୋଇଛି । ସେ ତାଙ୍କ ବାଇକ୍ ଯୋଗେ କିଶୋରନଗର ଯାଉଥିବା ବେଳେ ହମ୍ପସରେ କୌଣସି ସୂଚନା ନଥିବା ବେଳେ ବାଇକରୁ ଖସି ପଡ଼ିଥିଲେ । ଫଳରେ ସେ ଗୁରୁତର ଅବସ୍ଥାରେ ଚିକିତ୍ସା ହେଉଥିବା ବେଳେ ତାଙ୍କର ମୃତ ହୋଇଥିଲା।

# ତୃତୀୟ ଦିନରେ ବୁଗୁଡ଼ା ଠାକୁରାଣୀ ଯାତ୍ରା



ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଠାକୁରାଣୀ ଯାତ୍ରାର ଦ୍ୱିତୀୟ ଦିବସରେ ବିଶ୍ରାମ ନେବା ପରେ ଆଜି ତୃତୀୟ ଦିନରେ ପଞ୍ଚ ଠାକୁରାଣୀଙ୍କ ଘଟ ପରିକ୍ରମା କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ବଡଦାଣ୍ଡ ସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ୧୦୮ ଆଳତି ପରେ ସୁଲୋଚନା ଡାକୁଆ, ପୂର୍ଣ୍ଣବାସୀ ପଣ୍ଡା, ଦ୍ରୌପଦୀ ପାତ୍ର, ସଞ୍ଜୁକ୍ତା ସାହୁ ଓ ରଞ୍ଜିତା ସାହୁ ପ୍ରମୁଖ ମହିଳାଗଣ ପଞ୍ଚ ଠାକୁରାଣୀଙ୍କ ଘଟ ଧାରଣ କରି ଅସ୍ଥାନରୁ ବାହାରି ପୋଲସରା ରୋଡ, ମଦନ ମୋହନ ଛକ, ଷ୍ଟେଟ୍ ବ୍ୟାଙ୍କ ଛକ, ସିମାଞ୍ଚଳ ମାର୍ଗ, ବଢେଇ ସାହି, ନୃସିଂହ ମନ୍ଦିର ସାହି, ବେତାରସିଂ ରୋଡ, ସାନ୍ତରା ଶଙ୍ଖ ପର୍ଯ୍ୟନ୍ତ ଯାଇ ସେଠାରୁ ଫେରି ବଳଦେବ ମନ୍ଦିର ଦେଇ ଆସ୍ଥାନକୁ ବିଜେ କରିଥିଲେ । ପରିକ୍ରମା କାଳରେ ବିଭିନ୍ନ ବାଦ୍ୟ ବାଜଣା ଓ ହୁଳହୁଳିରେ ପରିବେଶ ପ୍ରକମ୍ପିତ ହୋଇ ଉଠିଥିବା ବେଳେ ସାହି ବାସିନ୍ଦାମାନେ ନିଜ ନିଜର ଗୃହ ସମ୍ମୁଖରେ ପୂର୍ଣ୍ଣ କୁମ୍ଭ ବାଢି ପଞ୍ଚ ଠାକୁରାଣୀଙ୍କୁ ସ୍ୱାଗତ ପୂର୍ବକ କୃପା ଭିକ୍ଷା କରିଥିଲେ ।

# ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜର ସାମ୍ବିଧାନିକ ବୈଠକ



ଭଞ୍ଜନଗର, (ସବ୍ୟୁ): ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ଗୃହ ଭେଜିପୁଟ ଠାରେ କାଳଞ୍ଜି ସମାଜର ସାମ୍ବିଧାନିକ ବୈଠକ ରବିବାର ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମକୁ ସମାଜର ସଭାପତି ବିଭୁତି ଭୂଷଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ପ୍ରାକ୍ତନ ସଭାପତି ବିଜୟାନନ୍ଦ ବିଷୋୟୀ କୁଳଦେବତା ବିଶ୍ୱରୂପୀ ଭଗବାନଙ୍କୁ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟଅତିଥି ଭାବେ କେନ୍ଦ୍ରସଭାପତି ସନ୍ତୋଷ କୁମାର ଜେନା, ଅଞ୍ଚଳ ସଭାପତି ଜଗବନ୍ଧୁ ଜେନା, ସମ୍ପାଦକ ସୁବାସ ଚନ୍ଦ୍ର ତାରିଣୀ, ନିରଞ୍ଜନ ସାହୁ, ସୁବଳ ଚନ୍ଦ୍ର ଭୂୟାଁଙ୍କ ସମେତ କିଛି କର୍ମକର୍ତା ଯୋଗଦେଇ ସମାଜ ସଂଗଠନ, ଶିକ୍ଷା, କୃଷି, ବାଲ୍ୟ ବିବାହ ସଚେତନତା, ସମାଜର ସାମ୍ବିଧାନିକ ନୀତି, ନୀୟମ ଉପରେ କହିଥିଲେ। ନିୟମାନୁଯାୟୀ କମିଟିର କାର୍ଯ୍ୟକାଳ ସମାପ୍ତି ହୋଇଯାଇଥିବା ଯୋଗୁଁ ଏକ ପନ୍ଦର ଜଣିଆ ନୂତନ କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ଭାବେ ଚିଦାନନ୍ଦ ସ୍ୱାଇଁ, ସମ୍ପାଦକ ଭାବେ ସନ୍ତୋଷ କୁମାର ଜେନା, ଉପସଭାପତି ପ୍ରମୋଦ କୁମାର ବିଷୋୟୀ, ସହସଂପାଦକ ଭାବେ ବିଶ୍ୱନାଥ ସ୍ୱାଇଁ, ଅଭିମନ୍ୟୁ ବିଷୋୟୀ, ହରିହର ନାୟକ ଓ ଉପଦେଷ୍ଟା ଭାବେ ବିଭୁତିଭୂଷଣ ଜେନା, ଗଙ୍ଗାଧର ନାୟକଙ୍କୁ ମନୋନୀତ କରାଯାଇଥିଲା । ଅଂଚଳ ସଭାପତି ଜଗବନ୍ଧୁ ଜେନା ନବଗଠିତ କମିଟି ସଦସ୍ୟ ଓ କର୍ମକର୍ତା ମାନଙ୍କୁ କୁଳଦେବତା ବିଶ୍ୱମୂର୍ତ୍ତି ଆଗରେ ଶପଥ ପାଠ କରାଇଥିଲେ । ବିଦାୟୀ କମିଟିଙ୍କୁ ଗ୍ରାମବାସୀଙ୍କ ତରଫରୁ ପ୍ରଶଂସା ପତ୍ର ସହ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଏଥିସହ ସମାଜ ସଂଗଠନଙ୍କୁ ସୁଦୃଢ କରି ଜାତିର ସେବା, ସହଯୋଗ ଓ ଶୃଙ୍ଖଳିତ ଆଚରଣ ପାଇଁ ପ୍ରାକ୍ତନ ସଭାପତି ,ବିଜୟା ନନ୍ଦ ବିଷୋୟୀ, ପର୍ଶୁରାମ ତାରିଣୀ, ଚିଦାନନ୍ଦ ସ୍ୱାଇଁ, ଅରୁଣ କୁମାର ନାୟକ ଓ ନଟବର ଭୂୟାଁଙ୍କୁ ପ୍ରଶଂସା ପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଏହିଅବସରରେ ଗ୍ରାମ କମିଟି ତରଫରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ସନ୍ତୋଷ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ ।

# କୋଇଲା ପରିବହନ ବେଳେ ରେଳୱାଗନରେ ପାଲଭିଡ଼ିବାକୁ ଦାବି



ତାଳଚେର, (ସବ୍ୟୁ): ମହାନଦୀ କୋଇଲା ଠିକାଶ୍ରମିକ ପକ୍ଷରୁ ୨୦୧୭-୧୮ ମସିହାରୁ ବର୍ତମାନ ପର୍ଯ୍ୟନ୍ତ ତାଳଚେର ପରିବେଶ ସୁରକ୍ଷା ଓ ବାୟୁ ପ୍ରଦୁ୍ୟଷଣ ରୋକିବା ନେଇ କୋଇଲା ପରିବହନ କରୁଥିବା ରେଳୱାଗନ ଗୁଡ଼ିକରେ ପାଲଭିଡ଼ିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଜିଲ୍ଲା ପ୍ରଶାସନ ଏମସିଏଲ ଓ ରେଳବିଭାଗକୁ ବାରମ୍ବାର ଅବଗତ କରାଯାଉଛି। ଗତ ୧୩ ଜାନୁଆରୀ ୨୦୨୧ ମସିହାରେ ଏନେଇ ଶାନ୍ତିପୂର୍ଣ୍ଣଭାବେ ୟୁନିୟନ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ମାତ୍ର ମିଥ୍ୟା ଅଭିଯୋଗ ଦର୍ଶାଇ ଗିରଫ କରି ଜେଲ ହାଜତକୁ ପଠାଇଥିଲେ ବୋଲି ସେମାନେ ଏହା ପ୍ରକାଶ କରିଛନ୍ତି। ରେଳବିଭାଗ ୱାଗନ ଗୁଡ଼ିକରେ କୋଇଲା ପରିବହନ ବେଳେ ପାଲଭିଡ଼ି ଯାତାୟତ କରିବାକୁ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଗେଜେଟ୍ ନୋଟିଫିକେସନ୍ ଜାରି କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋଏଲ ରେଳ ଏବଂ କୋଇଲା ମନ୍ତ୍ରୀ ଥିବା ବେଳେ ରେଳୱାଗନ ଗୁଡ଼ିକରେ ପାଲଭିଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଳଚେର ଅଂଚଳକୁ ଛାଡ଼ିଦେଲେ ଅନ୍ୟ ଅଂଚଳରୁ ୱାଗନ ଯୋଗେ କୋଇଲା ପରିବହନ ବେଳେ ପାଲଭିଡ଼ା ଯାଉଥିବା ବେଳେ ଏଠାରେ ଏହାର ବ୍ୟତୀକ୍ରମ ଦେଖାଯାଇଛି। ଏନେଇ ସଂଘ ପକ୍ଷରୁଏଆରଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଆଗାମୀ ଦିନରେ ଅର୍ଥନୈତିକ ଅବରୋଧ କରାଯିବା ନେଇ ଶ୍ରମିକନେତା ତଥା ସଂଘର ସଭାପତି ରାଜ କିଶୋର ସାହୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଛନ୍ତି। ଏଥିପାଇଁ ଏମସିଏଲ କର୍ତ୍ତୁପକ୍ଷ ଏବଂ ରେଳବିଭାଗ କର୍ତ୍ତୁପକ୍ଷ ଦାୟୀ ରହିବେ ବୋଲି କହିଛନ୍ତି।

# ଘର ଭିତରୁ ବିଷଧର ନାଗ ସାପ ଉଦ୍ଧାର

ଠାକୁରଗଡ, (ସବ୍ୟୁ): କିଶୋରନଗର ବ୍ଲକ ହଣ୍ଡପା ଥାନା ଡେବେରାପାଲି ଗ୍ରାମର ଶୈଳେନ୍ଦ୍ର ମିଶ୍ରଙ୍କ ଘରୁ ରବିବାର ଏକ ବିଷଧର ନାଗ ସାପକୁ ଉଦ୍ଧାର କରାଯାଇଛି। ସାପଟି ହଠାତ ଶୈଳେନ୍ଦ୍ରଙ୍କ ଘର ଭିତରକୁ ପଳାଇ ଆସିଥିଲା । ଏହି ନାଗ ସାପକୁ ଦେଖି ଶୈଳେନ୍ଦ୍ରଙ୍କ ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ । ପରେ ସମସ୍ତେ ବାହାରକୁ ପଳାଇ ଆସିଥିଲେ । ଉକ୍ତ ନାଗସାପକୁ ଉଦ୍ଧାର କରିବା ପାଇଁ ଶୈଳେନ୍ଦ୍ର ସାପ ଉଦ୍ଧାରକାରି ମାଧପୁର ଅଂଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ଖବରପାଇ ସିଦ୍ଧେଶ୍ୱର ଶୈଳେନ୍ଦ୍ରଙ୍କ ଘରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ବିଷଧର ନାଗ ସାପକୁ ଉଦ୍ଧାର କରିଥିଲେ। ପରେ ହଣ୍ଡପା ବନବିଭାଗ ଜରିଆରେ ନିକଟରେ ଥିବା ଜଙ୍ଗଲକୁ ଯାଇ ସାପକୁ ଛଡା ଯାଇଥିଲା ।

# କଣ୍ଟେନରକୁ ପିଟିଲା ସ୍କର୍ପିଓ : ଜଣେ ମୃତ, ୬ ଗୁରୁତର

ଠାକୁରଗଡ଼, (ସବ୍ୟୁ): ୫୫ ନମ୍ବର ଜାତୀୟ ରାଜପଥର କିଶୋରନଗର ଥାନା ସୁସବ ନିକଟରେ ଥିବା ସାହୁ ଢାବା ଠାରେ ରବିବାର ଅପରାହ୍ନରେ ଏକ କଣ୍ଟେନର ପଛରେ ଏକ ସ୍କର୍ପିଓ ଭାରସ୍ୟାମ ହରାଇ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ସ୍କର୍ପିଓ ରେ ବସିଥିବା ସମ୍ବଲପୁର ଅଞ୍ଚଳର ଲିପ୍ସା ପ୍ରିୟ ଦର୍ଶନୀ ମିଶ୍ରଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଏଥିରେ ବସିଥିବା ଭୁବନେଶ୍ୱର ପଟିଆ ଅଞ୍ଚଳର ପ୍ରିୟଙ୍କା ପତି, ସମ୍ବଲପୁର ଅଞ୍ଚଳର ଅକ୍ଷାଙ୍କା ପତି, ବିନୋଦ ବିହାରୀ ପଣ୍ଡା, ମନୋରଞ୍ଜନ ମିଶ୍ର, ତୃପ୍ତି ରଞ୍ଜନ ପଣ୍ଡା, ଏମ ବି ସିରାଜ ଗୁରୁତର ଆହାତ ହୋଇଛନ୍ତି । ଘଟଣାରୁ ଜଣା ପଡିଛି ଯେ, ସେମାନଙ୍କୁ ବାମୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କରି ଚିକିତ୍ସା ପାଇଁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଘଟଣାରୁ ଜଣା ପଡିଛି ଯେ ଅନୁଗୋଳରୁ ଗୁଜୁରାଟ ଅଭିମୁଖେ ଯାଉଥିବା ଏକ କଣ୍ଟେନର ନମ୍ବର (ଜି ଜେ ୦୧ ଡି ଜେ ୫୩୫୮ ) ସୁସବର ସାହୁ ଢ଼ାବା ନିକଟରେ ଛିଡ଼ା ହୋଇଥିଲା । ଏହି ସମୟରେ ଭୁବନେଶ୍ୱରରୁ ସମ୍ବଲପୁର ଅଭିମୁଖେ ଯାଉଥିବା ସ୍କର୍ପିଓ ନମ୍ବର (ଓଡି ୧୫ ଭି ୫୪୫୬) ଧକ୍କା ହୋଇଥିଲା। ଫଳରେ ସ୍କର୍ପିଓ ରେ ବସିଥିବା ୭ ଜଣ ମଧ୍ୟରୁ ଜଣେ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ଆହାତ ହୋଇଛନ୍ତି ।

# ଗଛରେ ବାନ୍ଧି ସାନଭାଇକୁ ପିଟି ମାରିଦେଲା ବଡ଼ଭାଇ

ଭଞ୍ଜନଗର, (ସବ୍ୟୁ): ସାନଭାଇକୁ ଗଛରେ ବାନ୍ଧି ପିଟିପିଟି ହତ୍ୟା କଲା ବଡ଼ଭାଇ । ଗଂଜାମ ଜିଲ୍ଲା ତାରାସିଙ୍ଗି ଥାନା ଅନ୍ତର୍ଗତ ବ୍ରାହ୍ମଣପଦର ଗାଁରେ ଘଟିଛି ଏଭଳି ଜଘନ୍ୟ ହତ୍ୟାକାଣ୍ଡ । ମୃତକ ଜଣକ ହେଲେ ସେହି ଗ୍ରାମର ବଳରାମ ଗୌଡ(୩୦) । ନିଜ ସ୍ତ୍ରୀ ସହ ଭଂଜନଗରରେ ରହି ରଙ୍ଗ କାମ କରୁଥିଲେ ବଳରାମ। ଶନିବାର ଦିନ କୌଣସି କାମରେ ଗାଁକୁ ଯାଇଥିଲେ । ଗାଁରେ ବୃଦ୍ଧ ବାପା ଓ ମା ଗୋଟିଏ ଘରେ ରହୁଥିବା ବେଳେ, ବଡ଼ଭାଇ ଶଙ୍କର ନିଜ ପରିବାର ସହ ଗାଁରେ ଅନ୍ୟ ଏକ ଘରେ ରହୁଥିଲେ । ମୃତକଙ୍କ ସ୍ତ୍ରୀ ସୁମିତ୍ରା କହିବା ପ୍ରକାରେ, ବଳରାମ ବ୍ରାହ୍ମଣପଦର ଗାଁକୁ ଆସିବା ପରେ ବାପା- ମା ରହୁଥିବା ଘରେ ରହିଥିଲେ । ରାତି ପ୍ରାୟ ୧୦ ଟା ସମୟରେ, ବଳରାମ ଗାଁ ଦାଣ୍ଡକୁ ବାହାରିଥିବା ବେଳେ, ବଡ଼ଭାଇ ଶଙ୍କର ଓ ପୁତୁରା ଦୁହେଁ ମିଶି ଗାଁ ଦାଣ୍ଡରେ ଏକ ଗଛରେ ତାଙ୍କୁ ବାନ୍ଧି ଦେଇଥିଲେ। ପରେ ବଡ଼ଭାଇ ଓ ପୁତୁରା ଦୁହେଁ ମିଶି, ବଳରାମଙ୍କୁ ଠେଙ୍ଗାରେ ପିଟି ଥିଲେ । ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ, ତାରାସିଙ୍ଗି ଥାନା ଓ ଗାଲେରୀ ଫାଣ୍ଡି ପୋଲିସ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି । ତେବେ ତଦନ୍ତ ପରେ ହତ୍ୟା ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି । ଅନ୍ୟ ପକ୍ଷରେ ମୃତକଙ୍କ ବାପା ଓ ସ୍ତ୍ରୀ କହିବା ପ୍ରକାରେ, ଗତ ୭/୮ ମାସ ପୂର୍ବରୁ ମଧ ବଳରାମଙ୍କୁ ମରଣାତ୍ମକ ମାଡ଼ ମାରିଥିଲା ବଡ଼ଭାଇ । ଫଳରେ ଗୁରୁତର ଆହତ ହୋଇ ବ୍ରହ୍ମପୁର ମେଡ଼ିକାଲରେ ଚିକିତ୍ସା ପରେ ଘରକୁ ଫେରିଥିଲେ ବଳରାମ ।

# ଜିଲ୍ଲାସ୍ତରୀୟ ମହାରାଜ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ତମ ଜୟନ୍ତୀ

ପାରଳାଖେମୁଣ୍ଡ, (ସବ୍ୟୁ): ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, ଭାଷାଭିତ୍ତିକ ରାଷ୍ଟ୍ର ନିର୍ମାଣର ବଳିଷ୍ଠ ବିଧାଣୀ ଉତ୍କଳବାସୀଙ୍କ ପାଇଁ ଗୌରବର ସ୍ୱାକ୍ଷର ବହନ କରୁଥିବା ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ପାରଳାଖେମୁଣ୍ଡି ସହରରେ ପାଳିତ ହୋଇଯାଇଛି । ସାଂସଦ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ଜିଲ୍ଲାପାଳ ବିଜୟ କୁମାର ଦାଶ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ବଜାର ଛକ ସ୍ଥିତ ଥିବା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ ଓ ଶୋଭାଯାତ୍ରା କରାଯାଇଛି। ମହାରାଜାଙ୍କ ସ୍ମୃତି ସୌଧ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ ସମୟରେ ବିର ବାଦ୍ୟ ଓ ପାଇକ ଆଖଡ଼ା ଦୋଳ କଳା ପ୍ରଦର୍ଶନ ଦେଖାଇ ସହର ପରିକ୍ରମା କରାଯାଇଥିଲା। ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ବିଭାଗ ତରଫରୁ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଇଣ୍ଡୋର ଷ୍ଟାଡିୟମ ସମ୍ମୁଖ ଠାରେ ନୂତନ ଭାବେ ନିର୍ମାଣ କରାଯାଇଥିବା ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତିର ଅନାବରଣ ଉତ୍ସବ ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଅନାବରଣ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରୁପେଶ କୁମାର ପାଣିଗ୍ରାହୀ, ବିଧାୟକ ବିଜୟ କୁମାର ଦାଶ, ଜିଲ୍ଲାପାଳ ଜି.ତିରୁପତି ରାଓଙ୍କ ସମେତ ବଂଶଧାରା ପାଠାଗାର, ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଂଚଳ ପରିଷଦ, କାଶୀନଗର ପଂଚାୟତ ସମିତିର ସମସ୍ତ କର୍ମଚାରୀ ଓ ସାଧାରଣ ଲୋକଙ୍କ ସମସ୍ତେ ଯୋଗଦାନ କରିଥିଲେ। ପରେ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଂସଦ ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତଅତିଥି ଭାବରେ ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ଅଧକ୍ଷା ନିର୍ମଳା ସେଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ଅବସରରେ ପାରଳାଖେମୁଣ୍ଡି ସହରର ମହା ବିଦ୍ୟାଳୟ ସ୍ତରରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟରର ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ବରିଷ୍ଠ ନାଗରିକ, ବୁଦ୍ଧିଜୀବି ସମସ୍ତ ସାମ୍ବାଦିକ ବନ୍ଧୁଗଣ ଓ ଜନସାଧାରଣ ଉପସ୍ଥିତ ରହିବା ସହ ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ବହୁ ସଂଖ୍ୟାରେ ଯୋଗ ଦେଇ ଉତ୍ସବରେ ସାମିଲ ହୋଇଥିଲେ ।

# ଅଂଶୁମାନ ପ୍ରଡକ୍ସନର ନୂତନ ଓଡ଼ିଆ ଚଳଚ୍ଚିତ୍ର ତୁମେ ନଥିଲେର ଅଡିଓ ରିଲିଜ୍




ବାରିପଦା, (ସବ୍ୟୁ) : ବାରିପଦା ଶହୀଦ ସ୍ମୃତି ଭବନ ଠାରେ ନୂତନ ଚଳଚ୍ଚିତ୍ର ତୁମେ ନଥିଲେର ଅଡିଓ ରିଲିଜ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ। ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ଓ ଜାତୀୟ ପୁରସ୍କାରପ୍ରାପ୍ତ ସବ୍ୟସାଚୀ ମହାପାତ୍ର ମୁଖ୍ୟବକ୍ତା, ସମ୍ମାନନିୟ ଅତିଥି ଭାବରେ ଜାତୀୟ ପୁରସ୍କାରପ୍ରାପ୍ତ ଗଦାଧର ପୁଟ୍ଟୀ ଓ ତାଙ୍କର ସହଧର୍ମିଣୀ, ଜାତୀୟ ପୁରସ୍କାରପ୍ରାପ୍ତ ଓ ପ୍ରଯୋଜିକା ପଦ୍ମିନୀ ପୁଟ୍ଟୀ ଯୋଗ ଦେଇଥିଲେ। ଏଥି ସହିତ ସମ୍ମାନନିୟ ଅତିଥି ଭାବରେ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ଅଞ୍ଜଳି ମିଶ୍ର, ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ପରିଜା (ଚଣ୍ଡି ଭାଇ) କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉପସ୍ଥାପକ ଅଭିନେତା ସୁକାନ୍ତ ରଥ, ଦୂରଦର୍ଶନ ଓ ଚଳଚ୍ଚିତ୍ରରେ ନାମ କମେଇଥିବା ଅଭିନେତା ସୁଭାଶିଷ ଶର୍ମା (ମଣ୍ଟୁ), ଯୁବ କଳାକାର, ଚଳଚ୍ଚିତ୍ର ଅଭିନେତା କୁମାର ଅଙ୍କିତ, ଅଭିନେତ୍ରୀ ସାହିଲ ମିଶ୍ର(ଗୁଡ୍ଡୀ), ଅନ୍ୟତମ ଅଭିନେତ୍ରୀ ସୁଶ୍ରୀ ଶୁଭାଙ୍ଗି ଜେନା, ଚଳଚ୍ଚିତ୍ର ତୁମେ ନଥିଲେ ର ପ୍ରଯୋଜକ ସୁରେନ୍ଦ୍ର ନାଥ ବେହେରା ଓ ଫିଲ୍ମ ୟୁନିଟର ପରିଚାଳକ ଲୋମ୍ବଦର ସିଂ, ତମେ ନଥିଲେ ଚଳଚ୍ଚିତ୍ରର ଲେଖକ, କଥାକାର, ଗୀତିକାର, ନିର୍ଦ୍ଦେଶକ, ଅଭିନେତା, ଚିନ୍ମୟ କୁମାର ଦାସ ପଟ୍ଟନାୟକ, ମୟୂରଭଞ୍ଜ ଜିଲ୍ଲାପରିଷଦ ସଭାପତି ଭାରତୀ ହାଁସଦାଃ, ସଂଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ପ୍ରମୁଖ କାର୍ଯ୍ୟକ୍ରମରେ ମଧ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଚିନ୍ମୟ ଦାସ ପଟ୍ଟନାୟକ। ପ୍ରଥମେ ମଂଚାସୀନ ଅତିଥିମାନେ ପ୍ରଦୀପ ପ୍ରଜ୍ଜଳନ କରି ସଭାକାର୍ଯ୍ୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମଞ୍ଚାସିନ ଅତିଥିମାନଙ୍କୁ ପୁଷ୍ପଗୁଛ ଓ ଉପଢୌକନ ଦେଇ ସମ୍ମାନିତ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମଂଚାସୀନ ଅତିଥିମାନେ ନିଜ ନିଜର ସଂକ୍ଷିପ୍ତ ଭାଷଣ ପ୍ରଦାନ କରିବା ପରେ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ଅଞ୍ଜଳି ମିଶ୍ର ଓ ଅଭିଜିତ ମଜୁମଦାରଙ୍କ ଦ୍ୱରା କଣ୍ଠ ସଂଗୀତ ପରିବେଷଣ କରାଯାଇଥିଲା। ଲମ୍ବୋଦର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ତୁମେ ନ ଥିଲେ ଚଳଚ୍ଚିତ୍ରର ଟିଜର ପ୍ରଦର୍ଶିତ କରାଯାଇଥିଲା। ପ୍ରସିଦ୍ଧ ଗୀତିକାର ସ୍ୱର୍ଗତ ନିମାଇଁ ମହାନ୍ତିଙ୍କ କେତୋଟି ଗୀତ କୁ ମଧ ମଞ୍ଚ ଉପରେ କଳାକାର ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏହାପରେ ନିମାଇଁ ମହାନ୍ତିଙ୍କ ସ୍ମୃତି ସମ୍ମାନରେ ୧୫ଜଣ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ପରେ ତୁମେ ନଥିଲେ ଚଳଚିତ୍ରର ବହୁ ପ୍ରତିକ୍ଷିତ ଗୀତ ଅଡିଓ ରିଲିଜ୍ କାର୍ଯ୍ୟକ୍ରମ ଅନୁଷ୍ଠାନିକ ଭାବେ ସମ୍ପାଦିତ ହୋଇଥିଲା। ତମେ ନଥିଲେ ଚଳଚିତ୍ରର ସମସ୍ତ କଳାକାରଙ୍କୁ ଟ୍ରଫି ଓ ପୁଷ୍ପଗୁଛ ଦେଇ ସମ୍ମାନିତ କରାଯାଇଥିଲା । ଶେଷରେ ବରିଷ୍ଠ ଓଡିଶୀ ନୃତ୍ୟ ପ୍ରଶିକ୍ଷିକା ଅନୁବାଳା ମହାନ୍ତିଙ୍କ ଦଳ ଝୁମର ନୃତ୍ୟ ପରିବେଷଣ କରିବାପରେ ସଭାକାର୍ଯ୍ୟ ଶେଷ ହୋଇଥିଲା ।

## ମହଙ୍ଗା ପଡ଼ିଲା ସାମ୍ବାଦିକଙ୍କୁ ଆକ୍ରମଣ : ମାଆଝିଅ ଗିରଫ

କେନ୍ଦୁଝର,(ସବ୍ୟୁ): ମଦ ବିକ୍ରିକୁ ନେଇ ଖବର ପ୍ରକାଶ ପରେ ସାମ୍ବାଦିକଙ୍କୁ ମାଡ଼ ମାରିବା ମାଆଝିଅଙ୍କୁ ମହଙ୍ଗା ପଡ଼ିଛି। ପାଟଣା ଥାନା ଅନ୍ତର୍ଗତ ସାଧୁପଡ଼ା ଛକ ଏରେଖେଇ ଗ୍ରାମରେ ମଦ ବିକ୍ରି କରି ଭାଇରାଲ ଶିକାର ହୋଇଥିବା ମଦ ସୁନ୍ଦରୀ ନାମରେ କୁଖ୍ୟାତ ବିଦ୍ୟୁ ପ୍ରଭା ବେହେରା ଓ ତାର ମାଆ ମନୋରମା ବେହେରାଙ୍କୁ ପାଟଣା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଦୁଇ ମାଆ ଝିଅ କର୍ତ୍ତବ୍ୟରତ ସାମ୍ବାଦିକ ଶରତ ବାରିକଙ୍କୁ ଗତ ରବିବାର କାଲି ସାଧୁପଡ଼ା ଛକରେ କାହିଁକି ମଦ ବିକ୍ରି ଖବର ପ୍ରସାରଣ କଲୁ କହି ନୃଶଂସ ଭାବେ ଆକ୍ରମଣ କରିଥିଲେ। ତେଣୁ ଶରତ ବାରିକ ପାଟଣା ଥାନାରେ ୮୪/୨୦୨୫ ନଂ ମାମଲା ଦାଏର କରିଥିଲେ ଯାହାକୁ ଏଏସଆଇ ସରୋଜ କୁମାର ସେଠୀ ତଦନ୍ତ କରି ମାଆ ଝିଅଙ୍କୁ ଧରି ମାର ପିଟ୍ ଅଭିଯୋଗରେ ଗିରଫ କରିଥିଲେ। ଏହି ଗିରଫଦାରୀ ପରେ ପାଟଣା ସାମ୍ବାଦିକ ସଂଘ ଓ କେନ୍ଦୁଝର ଆଇଉଜେ ପକ୍ଷରୁ ପୋଲିସ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି।ଏହି ସହ ଅବକାରୀ ବିଭାଗ ଏହି ମଦ ସୁନ୍ଦରୀ ନାମରେ ମାମଲା କରିବାକୁ ସେମାନେ କହିଛନ୍ତି।

## ଓଲଟିଲା ୨ ପିକଅପ ଡ୍ରାଇଭର ସହ ୩ଗୋରୁ ମୃତ

ଅସୁରାଳି,(ସବ୍ୟୁ):ପୋଲିସ ପିଛା କରୁଥିବା ଦୁଇଟି ବେଆଇନ ଗୋରୁ ବୋଝେଇ ପିକ-ଅପ ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର ଅସୁରାଳି ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗୋଟିଏ ଗାଡି ଡ୍ରାଇଭରର ମୃତ୍ୟୁ ହୋଇଥିଲାବେଳେ ୩ ଗୋରୁଙ୍କର ମୃତ୍ୟୁ ହୋଇଛି। ଦୁଇଟି ଗାଡ଼ିରୁ ୨୭ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ ଶନିବାର ବିଳମ୍ବିତ ରାତିରେ ଦୁଇଟି ପିକ ଅପ ଭ୍ୟାନରେ ଗୋରୁ ଚାଲାଣ ହେଉଥିବା ନେଇ ଧାମନଗର ପୁଲିସକୁ ଖବର ମିଳିଥିଲା। ଧାମନଗର ପୁଲିସ ଗୋରୁ ଗାଡିକୁ ପିଛା କରିଥିଲେ। ପୁଲିସ କବଳରୁ ଖସି ଯିବା ପାଇଁ ଉଦ୍ୟମ କରୁଥିବା ଗୋଟିଏ ପିକ ଅପର ଡ୍ରାଇଭର ଦ୍ରୁତଗତିରେ ଗାଡ଼ି ଚଳାଇ ଆସୁଥିବାବେଳେ ଭାରସାମ୍ୟ ହରାଇ ଅସୁରାଳି ବଜାର ମଝିରେ ଥିବା ଏକ କଲଭର୍ଟରେ ଦୁର୍ଘଟଣାଗ୍ରସ୍ତ ହୋଇ ତଳକୁ ଖସି ଯାଇଥିଲା। ଅନ୍ୟ ଏକ ଗାଡି ବଜାରରେ ଥିବା ଏକ ଗଛକୁ ଧକ୍କା ଦେଇ ସଅମିଲ ନିକଟରେ ଅଟକି ଯାଇଥିଲା ଏବଂ ଏହାର ଡ୍ରାଇଭର ଓ ସହଯୋଗୀ ଫେରାର ହୋଇ ଯାଇଥିଲେ। ରାସ୍ତା ତଳକୁ ପଡିଥିବା ଗାଡିର ଡ୍ରାଇଭର ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଡ୍ରାଇଭର ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନ ଗୁଜିଦରଡ଼ା ସେକ ଲାଲ ମହମ୍ମଦ(୨୭)ବୋଲି ପୁଲିସ ଚିହ୍ନଟ କରିଛି। ଦୁଇଟି ଗାଡିରେ ତିନୋଟି ଗୋରୁ ମୃତ୍ୟୁବରଣ କରିଛନ୍ତି। ପୁଲିସ ଏବଂ ସ୍ଥାନୀୟ ଲୋକମାନେ ଖଣ୍ଡିଆ ଖାବରା ଅବସ୍ଥାରେ ୨୭ ଗୋରୁଙ୍କୁ ଉଦ୍ଧାର କରି ସ୍ଥାନୀୟ ଗିରି ଗୋବର୍ଦ୍ଧନ ଗୋଶାଳାରେ ଛାଡ଼ିଛନ୍ତି। ମୃତ୍ୟୁବରଣ କରିଥିବା ଗୋରୁଙ୍କୁ ସ୍ଥାନୀୟ ପଡ଼ିଆରେ ପୋତି ଦିଆଯାଇଛି। ପୁଲିସ ଦୁଇଟି ପିକ ଅପ(ଓଆର-୨୨-୫୪୪୬ ଏବଂ ଓଆର-୦୫ଏଡ଼ି-୧୯୯୮)କୁ ଜବତ କରିଛି। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଦୁଇଟି ମାମଲା ୧୮୧/୨୫ ଓ ୧୮୨/୨୫ ରୁଜୁ କରାଯାଇଥିବା ଆଇଆଇସି ଅଜୟ ସୁଦର୍ଶନ ବାଗେ କହିଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି କିଛି ସମୟ ପାଇଁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

## ମଦ ଜବତ, ଅଭିଯୁକ୍ତ ଗିରଫ

ସୋର, (ସବ୍ୟୁ) : ସୋର ପୁଲିସ ପକ୍ଷରୁ ସରଳିଆ ଗ୍ରାମରେ ଚଢ଼ାଉ କରାଯାଇ ଗୁଡପୋଚ ନଷ୍ଟ କରିବା ସହିତ ଦେଶୀମଦ ଜବତ କରିଥିବା ବେଳେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି।ସୋର ଥାନାଧିକାରୀ ସୁଦୀପ୍ତ ସାହୁଙ୍କ ନିର୍ଦ୍ଦେଶ କ୍ରମେ ସୋର ଥାନା ଏଏସଆଇ ନନ୍ଦକିଶୋର ବିଶ୍ୱାଳ ଏବଂ କେଶବ ବେଶ୍ରା ଏକ ଟିମ ସହ ଶନିବାର ରାତିରେ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମରେ ଗଢି ଉଠିଥିବା ଏକ ବେଆଇନ ମଦ ରନ୍ଧା କାରଖାନା ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଏହି ଟିମ ୭ ଶହ ଲିଟର ଗୁଡପୋଚ ନଷ୍ଟ କରିବା ସହିତ ୫୦ ଲିଟର ଦେଶୀମଦ ଏବଂ ମଦ ରନ୍ଧା ସାମଗ୍ରୀକୁ ଜବତ କରି ସରଳିଆ ଗ୍ରାମର ରଘୁନାଥ ଖିଲାରକୁ ଥାନାରେ ଅଟକ ରଖିଥିଲେ। ରବିବାର ସକାଳେ ଏ ବାବଦରେ ଥାନାରେ ୩୨୩/୨୫ରେ ଏକ ମାମଲା ରୁଜୁ କରି ରଘୁନାଥକୁ ଗିରଫ କରି ଅପରାହ୍ନରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରିଛନ୍ତି।

## ଟ୍ରେନରୁ ଖସିପଡି ଅଚିହ୍ନା ଯୁବକଙ୍କ ମୃତ୍ୟୁ

ଧର୍ମଶାଳା, (ସବ୍ୟୁ):ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁର ଓ ଗଡମଧୁପୁର ଷ୍ଟେସନ ମଧ୍ୟଭାଗ ମୁରାରୀପୁର ନିକଟରେ ଟ୍ରେନରୁ ଖସିପଡି ଜଣେ ଯୁବକର ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଛି । ତେବେ ଏହି ମୃତ ଯୁବକର ପରିଚୟ ମିଳିପାରି ନାହିଁ । ଅତ୍ୟଧିକ ଗରମ ଯୋଗୁଁ ସେଟ୍ରେନର ଡୋର ନିକଟରେ ବସିଥିବା ବେଳେ କୌଣସି ଏକ୍ସପ୍ରେସ ଟ୍ରେନରୁ ଖସିପଡିଥିବା ଅନୁମାନ କରାଯାଉଛି । ତେବେ ସନ୍ଧ୍ୟାପର୍ଯ୍ୟନ୍ତ ମୃତଦେହଟି ଟ୍ରେନ ଲାଇନ କଡରେ ପଡିରହିଥିବା ବେଳେ ରେଳ ବିଭାଗର ପୁଲିସ ସେଠରେ ପହଁଚି ନଥିଲା । ରେଳ ବିଭାଗ ପୁଲିସ ପକ୍ଷରୁ ଏହାର ଯାଂଚ କରାଯାଇ ବ୍ୟବଚ୍ଛେଦ ପରେ ମୃତଦେହକୁ ଚିହ୍ନଟ କରାଯାଇ ତାର ପରିବାରକୁ ହସ୍ତାନ୍ତର କରାଯିବ ।

## ପୂର୍ବତନ ସରପଞ୍ଚ ରାଜକିଶୋର ସ୍ୱାଇଁଙ୍କ ପରଲୋକ

ଚଣ୍ଡିଖୋଲ,(ସବ୍ୟୁ): ରବିବାର ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅଧୀନ ସୁଙ୍ଗୁଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜକିଶୋର ସ୍ୱାଇଁ(୫୭)ଙ୍କର ପରଲୋକ ହୋଇଯାଇଛି। ସେ କଟକରେ ଚିକିତ୍ସା ହେଉଥିବା ସମୟରେ ରବିବାର ସକାଳୁ ତାଙ୍କର ମତ୍ୟୁ ଘଟିଥିଲା।ସେ ଶିକ୍ଷକତା ଛାଡି ୨୦୦୭ ମସିହାରେ ସରପଞ୍ଚ ଭାବେ ର୍ନିବାଚିତ ହୋଇଥିଲେ।ସେହିଦିନଠାରୁ ଅଦ୍ୟାବଧି ସମାଜ ସେବାରେ ସେ ନିୟୋଜିତ ଥିଲେ।ଚଣ୍ଡିଖୋଲ ରଥଯାତ୍ରାରେ ସେ ଛେରା ପହରା କରୁଥିଲେ।ତାଙ୍କ ମରାଶରୀର ଏଠାରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା।ଚଣ୍ଡିଖୋଲ ଛକ ପରୀକମା ସମୟରେ ଦୁର୍ଗା କମିଟି, ବଣିକସଙ୍ଘ, ଅସ୍ଥାୟୀ ବଜାର କମିଟି ସଦସ୍ୟ ମାନେ ଓ ପଂଚାୟତ କାର୍ଯ୍ୟାଳୟ ନିକଟରେ ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ ପ୍ରମୁଖ ଶବଧାରାରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ମରଶରୀର ତାଙ୍କ ନିଜ ଗ୍ରାମ ନିଶିମଳାରେ ପହଞ୍ଚିବା ପରେ ଶତାଧିକ ଲୋକ ଥାଙ୍କର ଶେଷ ଦର୍ଶନ କରିଥିଲେ। ଖବରପାଇ ସମାଜସେବୀ ଫକୀରନାରାୟଣ ମିଶ୍ର,ବଡଚଣା କଂଗ୍ରେସ ନେତା ଅଜୟକୁମାର ସାମଲ,ଯୁବନେତା ଚର୍ଚ୍ଚିତ ମାହାଲା,ନଦୀପ ନାୟକ,କଂଗ୍ରେସ ନେତା ସନ୍ତୋଷ ବଳ, ସୁରେଶ ସାହାଣୀ,ନିରଞ୍ଜନ ସାହୁ,ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା କାଞ୍ଚନ ବାଳା ଦାସ, ଆଇନଜୀବୀ ଦେବରାଜ ବେହେରା,ଅଧ୍ୟାପକ ସଲିଳ ମହାନ୍ତି,ସମରକେତନ ଲେଙ୍କା, ସଞ୍ଜୟ ସ୍ୱାଇଁ, ପ୍ରମୋଦ ଜେନା, ପ୍ରିତମ ନାୟକ, ମାନଗୋବିନ୍ଦ ସେଠୀ, କ୍ଷୀରୋଦ ମାହାଲା,ରବୀନ୍ଦ୍ର ରାଉତ, ଅକ୍ଷୟ ସ୍ୱାଇଁ ,ହେମଶ ଜେନା, ଅଟଳ ଜେନା,ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା ବେଳେ ଏକମାତ୍ର ପୁଅ ରାକେଶ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବଡଚଣା ବିଧାୟକ ଅମରକୁମାର ନାୟକ,ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର, ଅମରପ୍ରସାଦ ଶତପଥୀ, ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି,ଉପାଧକ୍ଷ ବିଭାସଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ,ଶେଷଦେବ ନାୟକ,ରାଜନାରାୟ ମହାପାତ୍ର,ମନୋରମା ଆଚାର୍ଯ୍ୟ, ଅଧାପକ ପବିତ୍ର ମୋହନ ମାହାଲା, ଦୀପକ ମିଶ୍ର, ଦିଲ୍ଲୀପ ଚୌଧୁରୀ,ଧର୍ମଶାଳା କଂଗ୍ରେସ ନେତା କିସାନ ପଣ୍ଡା, ମାନସରଞ୍ଜନ କର ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ପ୍ରଶାନ୍ତ ଶତପଥିଙ୍କ ପରିବାରକୁ ଭେଟିଲେ ସାଂସଦ ବୈଜୟନ୍ତ ପଣ୍ଡା

ବାଲେଶ୍ୱର,(ସବ୍ୟୁ) : ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ରବିବାର ଦିନ ମଧ୍ୟାହ୍ନ ସମୟରେ ବାଲେଶ୍ୱରରେ ପହଞ୍ଚି ଇଶାଣି ଗ୍ରାମକୁ ଯାଇ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପ୍ରଶାନ୍ତ ଶତପଥିଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ । ଶ୍ରୀ ପଣ୍ଡାଙ୍କ ସହିତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଇଶାଣୀ ଗ୍ରାମକୁ ଯାଇଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଗତ ୨୨ତାରିଖ ମଙ୍ଗଳବାର ଦିନ ଜାମ୍ମୁକାଶ୍ମୀର ପେହେଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ପଶାନ୍ତ କୁମାର ଶତପଥିଙ୍କ ସମେତ ୨୮ଜଣ ମୃତ୍ୟୁବରଣ କରିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ମନ୍‌କୀବାତ୍ କାର୍ଯ୍ୟକ୍ରମ

ମାହାଙ୍ଗା ,(ସବ୍ୟୁ) : ମାହାଙ୍ଗା ବ୍ଲକ୍‌ର ଭଉଁରିଆ ପଞ୍ଚୟତରେ ପ୍ରଧାନମନ୍ତ୍ରୀଙ୍କ ମନ୍‌କୀବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍‌କୀବାତ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା କମିଟି ସଦସ୍ୟ ତଥା ଆତ୍ମାର ଅଧକ୍ଷ କିଶୋର ରାଉତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରେଶ୍ୱର ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁ, ଗୌତମ ଶତପଥି, ରଂଜନ କୁମାର ଶତପଥି, ମହମ୍ମଦ ଅରିଫ୍, ଅଭିନନ୍ଦନ ଖଟୁଆ, ଦେବୀପ୍ରସାଦ ସ୍ୱାଇଁ, ସୁନାକର ଜେନା, ଦୀପକ ରାଉତ, ରତ୍ନାକର ରାଉତ, ନିରଞ୍ଜନ ସାହୁ, ସୁଧିର ପଣ୍ଡା, ସନ୍ତୋଷ କୁମାର ଦାସ, ସରପଂଚଙ୍କ ପ୍ରତିନିଧି ପ୍ରଭାକର ରାଉତ ଓ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଦଳ ଏବଂ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ରହି ପ୍ରଧାନ ମନ୍ତ୍ରୀଙ୍କ ମନ୍‌କୀବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ।

## ମାଛ କମ୍ପାନୀ ସୁରକ୍ଷାକୁ ନେଇ ପୂର୍ବାଞ୍ଚଳ ବିକାଶ ପରିଷଦର ପ୍ରଶ୍ନ

ବାଲେଶ୍ୱର, (ସବ୍ୟୁ) : ନେସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଚାରି ଜଣିଆ ଉଚ୍ଚ କ୍ଷମତା ସମ୍ପନ୍ନ ଫେକ୍ଟ ଫାଇଣ୍ଡିଂ କମିଟି ଗଠନ କରିଛନ୍ତି । ରେମୁଣା ବ୍ଲକର ରୁଷୁଡାରେ ଥିବା ଗୋଦରେଜ ଫିସ୍ ମିଲ୍ ଓ ସ୍ୱାପ ଫିସ୍ ପ୍ରୋସେସିଂ କମ୍ପାନୀର ବେଆଇନ କାର୍ଯ୍ୟକଳାପକୁ ତଦନ୍ତ କରିବ । କଣ୍ଟିଆଚରା ନଦୀ ପାଖରେ ୨୦୨୩ରେ ପ୍ରତିଷ୍ଠା ହୋଇଥିବା ଗଦ୍ରେଜ ମେରାଇନ୍ କମ୍ପାନୀ ଗୋଦରେଜ୍ ସ୍ତ୍ରିପ୍ ମାଛକୁ ସଫା କରି ନିଜର ବ୍ୟବସାୟ କରେ । ବାର୍ଷିକ ୫୦୦ ମେଟ୍ରିକ୍ ଟନ୍ ମାଛ ଖାଦ୍ୟ ଓ ୧୦,୦୦୦ ମେଟ୍ରିକ୍ ଟନ୍ ସ୍କ୍ରିମି ଉତ୍ପାଦନ କରେ । ପରା ମାଛ ସଫା କରିବାକୁ କମ୍ପାନୀର ଘୋଷଣାନାମା ଅନୁସାରେ ପ୍ରତ୍ୟେକ ଦିନ ୮ ଶହ ୫୦ କ୍ୟୁବିକ ମିଟର ପାଣି ମାଟି ତଳୁ ଲିଫ୍ଟ କରିଥାଏ । ମାତ୍ର ପ୍ରକୃତ ତଥ୍ୟ ହେଉଛି ଅଲଗା – ଏକ କେ.ଜି. ସ୍କ୍ରିପ୍ ମାଛ ଧୋଇବାକୁ ୨୫ ଲିଟର ପାଣି ଆବଶ୍ୟକ ପଡିଥାଏ ଅର୍ଥାତ୍ ୮୫୦ କ୍ୟୁବିକ୍ ମିଟର ନୁହେଁ ପ୍ରତ୍ୟେକ ଦିନ ୧୨୫୦୦ କ୍ୟୁବିକ୍ ମିଟର ରୁ ଅଧିକ ପାଣି ମାଟି ତଳୁ ଲିଫ୍ଟ କରିଥାଏ। ଫଳରେ ଆଖପାଖ ୧୦/୧୨ଟି ପଞ୍ଚାୟତ ଯଥା – ରଘାନପୁର, କୁଳିଆଁ, ମହାରାଜପୁର, ବରୁଣସିଂ, ଶ୍ରୀଜଂଗ, ଉଣ୍ଡୁଡ଼ି, ଚାଉଦା, ବୃନ୍ଦାବନ, ଜୟଦେବକସବା, ବର୍ଦ୍ଧନପୁର ଆଦି ପଞ୍ଚାୟତରେ ପାଣି ସ୍ତର ତଳକୁ ଖସୁଛି ବୋଲି ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି । ଏହାଦ୍ୱାରା ଅଞ୍ଚଳରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଉଛି। ଗୋଦରେଜ୍ ମେରାଇନ୍ କମ୍ପାନୀ ସମୁଦ୍ରରୁ ଆଣୁଥିବା ସ୍ତ୍ରିପ୍ ମାଛକୁ ସଫା କରିବା ପରେ ସେହି ଦୂଷିତ ଜଳକୁ ନିଷ୍କାସିତ କରୁଛି ବୋଲି କମ୍ପାନୀ କହୁଛି । କିନ୍ତୁ ପ୍ରତ୍ୟେକ ଦିନ ଏତେ ଦୂଷିତ ପାଣି ମାତ୍ର ୬ ଇଞ୍ଚ ମୋଟେଇ ପାଇପ୍‌ରେ ନିଷ୍କାସନ ହେବା ଅସମ୍ଭବ । ଅର୍ଥାତ୍ କମ୍ପାନୀ ଗଳାବାଟ ଦେଇ କଣ୍ଟିଆଚରା, ଖାଣ୍ଡିଆ ନଈରେ ଦୂଷିତ ପାଣି ଛାଡୁଛି । ଯାହା ଫଳରେ ଏବେକୁ କୁଆଖିଆ ନଦୀର ପାଣି ଲାଲ ରଙ୍ଗ ଦେଖା ଯାଉଛି । ସୋର ଓ ନୀଳଗିରିର ସୁବର୍ଣ୍ଣରେଖା, ଶୁଆଘାଗା ଆଦି ପାହାଡ଼ର ବନ୍ୟାପାଣି ନିଷ୍କାସନ କଣ୍ଟିଆଚରା ନଦୀରେ ହୋଇଥାଏ । କେଞ୍ଚମେଣ୍ଟ ଅଂଚଳଟିକୁ କମ୍ପାନୀ ଅବରୋଧ କରିଥିବାରୁ ବନ୍ୟା ପାଣି ନିଷ୍କାସିତ ହୋଇପାରିବ ନାହିଁ । ଫଳରେ ବନ୍ୟା ଆସିଲେ ନଦୀ ଉପର ମୁଣ୍ଡରେ ଥିବା ନଦୀଗାଁ, ଚିଙ୍ଗ, ମଶଗାଁ, ଗୁଡ଼ିଆଁପୁର, ରେଙ୍ଗେଲ, କୁଳିଆଁ, ବୋଇତା, ଗାମପୁର, ସରସରିଆ ଆଦି ଗ୍ରାମ ଜଳାର୍ଣ୍ଣବ ହେବା ଫଳରେ ୨୦/୨୫ଟି ପଞ୍ଚାୟତର ସାଧାରଣ ଲୋକେ ସାବଧାନ ହୋଇ ନିଜେ ଅତିଚଳେ ଗ୍ୟାସ ପାଇପ୍ ଲିକ୍ ହେବାରୁ ଦୁଇଜଣ କର୍ମଚାରୀ ସମ୍ପୂର୍ଣ୍ଣ ଜଳି ଯାଇଥିଲେ ଯାହା କମ୍ପାନୀର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ଭବିଷ୍ୟତରେ ଗ୍ୟାସ୍ ଟାଙ୍କି ଫାଟେ ତେବେ ବହୁ ଧନ ଜୀବନ ଧ୍ୱଂସ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ।ଏବେକୁ ଅଭିଯୋଗ ଗୁଡ଼ିକୁ ନେଇ ପୂର୍ବାଞ୍ଚଳ ବିକାଶ ପରିଷଦର ସଭାପତି ବିପିନ ବିହାରୀ ଦାସ କଲିକତାସ୍ଥିତ ଏନ୍‌ଜିଟିରେ ଅଭିଯୋଗ କରିଥିଲେ । ସେହିଭଳି ଜିଲ୍ଲାରେ ଗାଇଡ଼େନ୍ସ ଅଫ୍ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର, ସିନିୟର ବୈଜ୍ଞାନିକ ପଲ୍ୟୁସନ ବୋର୍ଡ, ଓଡିଶା ଷ୍ଟେଟ୍ ପଲ୍ୟୁସନ ବୋର୍ଡ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କୁ ନେଇ ଚାରି ଜଣିଆ କମିଟି ଗଠନ କରିଛନ୍ତି, ନୋଡାଲ ଅଫିସର ଭାବେ ଜିଲ୍ଲାପାଳଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ଉଚ୍ଚ କ୍ଷମତା ସମ୍ପନ୍ନ କମିଟକୁ ଏକ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ରାଜନୀତି ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




ରାଜକନିକା, (ସବ୍ୟୁ) :ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ଯୁକ୍ତ ୩ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆ ଯାଇଛି।ବିଭାଗୀୟ ପ୍ରଫେସର କେଶବ ସେଠିଙ୍କ ସଭାପତିତ୍ୱ ଓ ଅଧ୍ୟାପକ ଦେବଦାସ ପ୍ରଧାନ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ବାରିକ, ଡ. ମିଥିଳା ଦାସ, ଡ. ପ୍ରଦୀପ ଦାସ,ପ୍ରଫେସର କିଶୋର ଚନ୍ଦ୍ର ପ୍ରଧାନ, ପ୍ରଫେସର ଅନୁପ ମଲ୍ଲିକ, ଅବସର ପ୍ରାପ୍ତ ପ୍ରାଧ୍ୟାପିକା ତୃପ୍ତି ରାଉତ,ଅଧ୍ୟାପକ ଅନିଲ ନାହାକ, ଅଧ୍ୟାପକ ସୁରଜ କୁମାର ତନ୍ତୀ, ଅଧ୍ୟାପକ ବିଶ୍ୱ ରଞ୍ଜନ ଦାସ, ଅଧ୍ୟାପକ ମନୋରଞ୍ଜନ ମଲ୍ଲିକ ଙ୍କ ସମେତ ଅନାନ୍ୟ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ ନିଜର ଅଭିଭାଷଣ ରଖିବା ସହ ବିଦାୟୀ ଛାତ୍ରଛାତ୍ରୀ ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।କାର୍ଯ୍ୟକ୍ରମ ଆରମ୍ଭ ରେ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ମନେ ଶେଷ ବର୍ଷ ଛାତ୍ରଛାତ୍ରୀ ମାନଙ୍କୁ ଚନ୍ଦନ, ପୁଷ୍ପ ଗୁଚ୍ଛ, ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ,ବିଭାଗ ର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ରସୁଲପୁର ଶିକ୍ଷକ ସମାଜର କ୍ୟାଣ୍ଡେଲ ଶୋଭାଯାତ୍ରା



କୁଆଖିଆ ,(ସବ୍ୟୁ) :ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଶିକ୍ଷକ ସମାଜ ତରଫରୁ କୁଆଖିଆ ବଜାରରେ ଏକ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ ଗତ ୨୨ ତାରିଖରେ ଜାମ୍ମୁ କାଶ୍ମୀରର ପହଲଗାମ ଠାରେ ଆତଙ୍କବାଦୀମାନଙ୍କ ଦ୍ୱାରା ୩୦ ଜଣ ନିରୀହ ପର୍ଯ୍ୟଟକ ମାନଙ୍କୁ ଅତି ଅମାନୁଷିକ ଭାବରେ ହତ୍ୟା କରାଯାଇଥିଲା।ସେହି ମୃତାହତ ପର୍ଯ୍ୟଟକ ମାନଙ୍କ ଦିବଂଗତ ପବିତ୍ର ଅମର ଆତ୍ମାର ସଦଗତି କାମନା ପୂର୍ବକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏବଂ ନିରବ ପ୍ରାର୍ଥନା କରାଯାଇଥିଲା।ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ଚଣ୍ଡୀପୁର ଶିବ ମନ୍ଦିରରୁ ବାହାରି କୁଆଖିଆ ବଜାର ପରିକ୍ରମା ପୂର୍ବକ ସାରଙ୍ଗପୁର ହରପାର୍ବତୀ ମନ୍ଦିରରେ ସମାପ୍ତ ହୋଇଥିଲା। ରସୁଲପୁର ବ୍ଲକ ଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର ଏବଂ ଅରୁଣ କୁମାର ସ୍ୱାଇଁଙ୍କ ଆହ୍ୱାନ କ୍ରମେ ଓଡ଼ିଶା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ବିକ୍ରମ ଦାସ, ମାଧମିକ ଶିକ୍ଷକ ସଂଘ ସଭାପତି ସୁନନ୍ଦ ରାଉତ, , ଗୋବିନ୍ଦ ବେହେରା, ଗିରିଧାରୀ ନାୟକ, ରାଜେଶ ନନ୍ଦ, ଗାୟତ୍ରୀ ନାୟକ, ଦେବକୀ ପାତ୍ର, ନିରଞ୍ଜନ ପଣ୍ଡା, ରଞ୍ଜନ କୁମାର ବାରିକ, ଚନ୍ଦ୍ରକାନ୍ତ ରଥ, ମହେଶ୍ୱର ପଣ୍ଡା,ଅଜିତ ଓଝା, ମହେଶ୍ୱର ରାଉତ, ପ୍ରସନ୍ନ ସେଠୀ, ପ୍ରତାପରୁଦ୍ର ପଣ୍ଡା, ସନାତନ ପଣ୍ଡା, ପ୍ରକାଶ ଚନ୍ଦ୍ର ରଣା, ଅଶୋକ ରାଉତ, ଅବିନାଶ ଆଇଚ, ନୀଳମଣି ଲେଙ୍କା,ସୁବାଷ ପାଢ଼ୀ, ଚିତ୍ତରଞ୍ଜନ ଦାଶଙ୍କ ସମେତ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ।

## ଯାତ୍ରାପାର୍ଟି ଗାଡ଼ି ଅଟକ

ଆଗରପଡ଼ା,(ସବ୍ୟୁ):ଜଳିଉଡ ଜଗତରେ ଗତ କିଛିଦିନ ଧରି ବିବାଦ ଲାଗି ରହିଥିବା ବେଳେ ପୁଣି ରବିବାର ଦିନ ଆଗରପଡ଼ାସ୍ଥିତ ଅଣିଜୋ ଠାରେ ଯାତ୍ରାପାର୍ଟି ଗାଡ଼ିକୁ କମିଟି ସଦସ୍ୟମାନେ ଅଟକ ରଖିବା ଓ ପୋଲିସ୍ ହସ୍ତକ୍ଷେପ ପରେ ଘଟଣାର ସମାଧାନ ହୋଇଛି। ଅଣିଜୋ ଠାରେ ବାବା ସିଦ୍ଧେଶ୍ୱର ଯାତ୍ରା କମିଟି ଦ୍ୱାରା ତୁଳସୀ ଗଣନାଟ୍ୟ ଗତ ୪ଦିନ ଧରି ନାଟକ ମଂଚସ୍ଥ କରୁଥିଲା। ଅପେରାର ମୁଖ୍ୟ ନାୟକ ଓ ନାୟିକାଙ୍କର ଅନୁପସ୍ଥିତିରେ ପ୍ରଥମ ରାତ୍ରୀରେ ବିଳମ୍ବରେ ନାଟକ ପରିବେଷଣ,ଏଲଇଡି ନଚାଲିବା ସହ ବିଦ୍ୟୁତ୍ ସରବରାହ ବ୍ୟାଘାତ ଯୋଗୁଁ କିଛି ସମୟ ଧରି ନାଟକ ମଂଚସ୍ଥ ବନ୍ଦ ରହିବା ପରି ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା ବୋଲି କମିଟି ସୂତ୍ରରୁ ଜଣାପଡ଼ିଛି। ଏଥିଯୋଗୁଁ କମିଟି କ୍ଷତି ସହିଲା ବୋଲି ଅଭିଯୋଗ କରି ଟଙ୍କା ଫେରସ୍ତ ପାଇଁ ଟେଷ୍ଟ ଗାଡ଼ି ଗୁଡ଼ିକୁ କମିଟି ପକ୍ଷରୁ ଅଟକ ରଖାଯାଇଥିଲା। ପରେ ପୋଲିସ୍ ହସ୍ତକ୍ଷେପ ପରେ ଏହାର ସମାଧାନ ହୋଇଛି ବୋଲି ଥାନା ସୂତ୍ରରୁ ଜଣାପଡ଼ିଛି।

## ନାବାଳିକା ଯୁବତୀକୁ ଆକ୍ରମଣ ଘଟଣା, ୨ ଅଭିଯୁକ୍ତ କୋର୍ଟ ଚାଲାଣ

ନିଳଗିରି,(ସବ୍ୟୁ) : ଗତ୨୬ତାରିଖରେ ପଞ୍ଚଲିଙ୍ଗେଶ୍ୱର ନିକଟରେ ଜଣେ ନାବାଳିକା ଯୁବତୀକୁ କମେଟ୍ ମାରିବା ସହ ଯୁବତୀକୁ ଆକ୍ରମଣ କରିବା ଓ ନାବାଳିକା ଯୁବତୀର କକାଙ୍କ ମଧ୍ୟ ଆକ୍ରମଣ କରିବା ଘଟଣାରେ ସ୍ଥାନୀୟ ଲୋକେ ଦୁଇ ଯୁବକକୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପରେ ନିଳଗିରି ପୋଲିସ ବାଲେଶ୍ୱର ଫୁଲାଡି ଅଞ୍ଚଳର ବେଲବାଡ଼ିଆ ଗ୍ରାମର ଚନ୍ଦନ ଜେନା (୨୩), ଗୌତମ ଜେନା (୨୦) କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ନିଳଗିରି ଥାନାରେ ୧୪୪/୨୫ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତକାରୀ ଅଫିସର ଖଗେନ୍ ମହାଲିକ ଦୁଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛନ୍ତି।

## ଗଛ କଟାକୁ କେନ୍ଦ୍ର କରି ରଙ୍ଗାମାଟିଆରେ ଗଣ୍ଡଗୋଳ

ବେତନଟୀ ,(ସବ୍ୟୁ) :ବୈଶିଙ୍ଗା ବନପାଳ ଅଧୀନ ରଙ୍ଗାମାଟିଆ ସଂରକ୍ଷିତ ଜଙ୍ଗଲରେ ୧୯ ତାରିଖ କାଳବୈଶାଖୀ ବାତ୍ୟାରେ କିଛି ୟୁକାଲି ପଟାସ ଗଛ ଉପୁଡି ପଡିଥିଲା ।ଏହି ଗଛକୁ ହଟାଇବା ପାଇଁ ଗ୍ରାମ୍ୟ ଜଙ୍ଗଲ କମିଟି ସମ୍ପାଦକ ଭଗବାନ ମଣ୍ଡଳ ଏବଂ ସଭାପତି ସୃଷ୍ଟିଧର ଦାସଙ୍କ ସମେତ ଅନ୍ୟ କିଛି ସଦସ୍ୟ ବୈଠକରେ ନିଷ୍ପତ୍ତି ଅନୁଯାୟୀ ବେତନଟୀ ରେଞ୍ଜ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏ ନେଇ ରେଞ୍ଜର ମନୱର ଖାଁ ପ୍ରକାଶ କରିଥିଲେ କି ଉକ୍ତ ଗଛ ଗୁଡିକ ଉପୁଡି ପଡିବା ପରେ ଜଙ୍ଗଲ ସଂଲଗ୍ନ ଘର ଗୁଡିକ ପ୍ରତି ଯଦି ବିପଦ ଅଛି ତାକୁ କାଟି ଅନ୍ୟତ୍ର ରଖି ଦିଆଯାଉ । କମିଟିର ଅନ୍ୟ କିଛି ସଦସ୍ୟ ଏହି କାଠ ଗଣ୍ଡି ଗୁଡିକୁ ସଭାପତି ଏବଂ ସମ୍ପାଦକ ଅନ୍ୟ ଜଣଙ୍କୁ ବିକ୍ରି କରି ଦେଉଥିବା ନେଇ ବନ ବିଭାଗ ନିକଟରେ ଅଭିଯୋଗ କରିବା ପରେ ବନବିଭାଗ ତରଫରୁ ଏହି କାଠ ଗୁଡିକୁ ସିଜ କରି ନିଆଯାଇଥିଲା ।ଏହାକୁ କେନ୍ଦ୍ର କରି ୨୪ ତାରିଖ ପୂର୍ବାହ୍ନରେ ଜଙ୍ଗଲ କମିଟିର ସଦସ୍ୟ ମାନଙ୍କୁ ନେଇ ସଭାପତି ଶ୍ରୀଯୁକ୍ତ ଦାସ ଏକ ବୈଠକ ଡକାଇଥିଲେ । ଗଛ ବିକ୍ରି କୁ ନେଇ ବିଚାରବିମର୍ଶ ଚାଲିଥିବା ବେଳେ ବିରୋଧାତ୍ମକ ଉତ୍ତେଜନା ପ୍ରକାଶ ପାଇବା ପରେ କମିଟିର ସଭ୍ୟ ପଦ୍ମନାଭ ପଣ୍ଡା , ଆଦିତ୍ୟ ନାଥ, ଅଞ୍ଜନ କୁମାର ଗିରି ଙ୍କ ସହିତ ଅନ୍ୟ ତିନି ଜଣ ଯୁବକ ସମ୍ପାଦକ ଭଗବାନ ମଣ୍ଡଳଙ୍କୁ ମରାଣନ୍ତକ ଆକ୍ରମଣ କରିଥିଲେ ବୋଲି ଶ୍ରୀଯୁକ୍ତ ମଣ୍ଡଳଙ୍କ ପୁତ୍ର ରବି ନାରାୟଣ ମଣ୍ଡଳ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ।ଏହି ଘଟଣାର ପାଲଟା ଅଭିଯୋଗ ମୂଳେ କମଳାକାନ୍ତ ସାମନ୍ତରାୟ ଲିଖିତ ଅଭିଯୋଗ କରିଥିଲେ କି ଗଛ ବିକ୍ରିକୁ ବିରୋଧ କରିବା ଯୋଗୁଁ ସଭାପତି ଏବଂ ସମ୍ପାଦକ ଜଙ୍ଗଲ କମିଟି ସଦସ୍ୟ ମାନଙ୍କୁ ବୈଠକ ଡକାଇ ଗାଳି ଗୁଲଜ କରିବା ସହିତ ଭଗବାନ ମଣ୍ଡଳ , ନବଘନ ମଣ୍ଡଳ , ସୃଷ୍ଟିଧର ଦାସ , ରାଜୁ ମଣ୍ଡଳ ଓ ରବି ମଣ୍ଡଳ ସଂଘବଦ୍ଧ ଭାବେ ଆଦିତ୍ୟ ନାଥ କୁ ମାଡ ମାରିଥିଲେ ।ଉଭୟ ଆହତ ବୈଶିଙ୍ଗା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ସ୍ଥାନାନ୍ତର ହୋଇଥିବା ଅଭିଯୋଗ ପତ୍ରରେ ଦର୍ଶା ଯାଇଛି । ଏନେଇ ଦୁଇଟି ପୃଥକ ମାମଲା ୧୭୫/ ୨୫ ଏବଂ ୧୭୬/୨୫ ମୂଳେ ବୈଶିଙ୍ଗା ସବ ଇନସ୍ପେକ୍ଟର ଦେବାଶିଷ ମଣ୍ଡଳ ତଦନ୍ତ ଜାରି ରଖିଛନ୍ତି । ରବିବାର ସନ୍ଧ୍ୟା ସୁଦ୍ଧା କେହି ଗିରଫ ହୋଇ ନଥିବାର ଜଣାଯାଇଛି।

## ମାତିଛନ୍ତି ବିଦ୍ୟୁତ ଚୋର

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅଂଚଳରେ ବିଭିନ୍ନ ଚୋରି ବୃଦ୍ଧି ପାଇବାରେ ଲାଗିଛି । ଯାହାର ଟେର ପୁଲିସ ପାଉନି । ଏହି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ବର୍ତମଣା ଗ୍ରାମରେ ଥିବା ଚାଷ ଜମିକୁ ଯାଇଥିବା ବିଦ୍ୟୁତ ତାର ୩୮ଟି ଖୁଂଟରୁ ଚୋରି ହୋଉଛି । ଏନେଇ ଚାଷୀମାନଙ୍କ ଦ୍ୱାରା ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳେ ପହଂଚି ତଦନ୍ତ ଆରମ୍ଭ କରିଛି । ରବି ଋତୁରେ ଟାଇଚୁନ ଚାଷ ଚାଲିଥିବା ବେଳେ ବିଦ୍ୟୁତ ତାର ଚୋରି ଚାଷୀ ମୁଣ୍ଡରେ ଚଡକ ପକାଇଛି । ସେହିପରି ସାହାପୁର ହାଟରୁ ଏକ ବାଇକ ଚୋରି ହେବାର ଅଭିଯୋଗ ହୋଇଛି । ଯାଜପୁର ସଦର ଥାନା ଅନ୍ତର୍ଗତ ଭୁଇଁପୁର ପଂଚାୟତର ସାନ ବାଙ୍କ ସାହି ଗ୍ରାମର ଶୁକଦେବ ସ୍ୱାଇଁଙ୍କ ପୁଅ ଭରତ ସ୍ୱାଇଁ ମସୁଦପୁର ଡାକ୍ତରଖାନା ସମ୍ମୁଖରେ ତାଙ୍କ ବାଇକ ( ଓଡି୦୪ସି ୫୬୫୪)କୁ ରଖି ହ୍ୟାଣ୍ଡେଲ ଲକ କରି ହାଟକୁ ପରିବା ପାଇଁ ଯାଇଥିଲେ । ପରିବା ନେଇ ଫେରିବା ବେଳକୁ କେହି ଦୁର୍ବୃତ ତାଙ୍କ ବାଇକକୁ ଚୋରି କରି ନେଇଛି । ବହୁ ଖୋଜାଖୋଜି କରିବା ପରେ ନପାଇବାରୁ ଶେଷରେ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ । ଏନେଇ ପୁଲିସ ମାମଲାର ତଦନ୍ତ ଜାରି ରଖିଛି ।

## ସ୍କୁଟିକୁ ପିଟିଲା ଟ୍ରାକ୍ଟର : ଜଣେ ମୃତ,ଜଣେ ଗୁରୁତର

ଅସୁରାଳି,(ସବ୍ୟୁ):ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତ ଯୁବକ ହେଲେ ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ମଙ୍ଗଳପୁର ଗ୍ରାମର ପ୍ରଦୀପ କୁମାର ଦାସ(୨୩)। ନିକଟସ୍ଥ ଖପରପଦା ପଂଚାୟତ ମଙ୍ଗଳପୁର ଗ୍ରାମର ସନାତନ ଦାସଙ୍କ ଏକମାତ୍ର ପୁଅ ପ୍ରଦୀପ ଆଜି ଅପରାହ୍ନରେ ଏକ ସ୍କୁଟିରେ ମାମୁ ପୁଅ ଭାଇ ଅନନ୍ତ(୨୨)ଙ୍କୁ ଧରି ମାମୁ ଘର କେଦାରପୁର ପଂଚାୟତର ବାଲିବିଲ ଗାଁକୁ ଯାଉଥିଲେ। ଭଦ୍ରକ-ଚାନ୍ଦବାଲି ରାସ୍ତାର ଇଚ୍ଛାପୁର-ସରକାର ନଗର ମଝିରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରାକ୍ଟର ସ୍କୁଟିକୁ ଧକ୍କା ଦେଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ପ୍ରଦୀପଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନନ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ସଙ୍କଟାପନ୍ନ ଅବସ୍ଥାରେ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ଏନେଇ ଭଦ୍ରକ ପୁରୁଣା ବଜାର ଥାନାରେ କେସ ନଂ-୧୦୧/୨୫ରେ ଏକ ମାମଲା ରୁଜୁ କରାଯାଇ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ରବିବାର ରାତିରେ ଶୋକାକୂଳ ପରିବେଶ ମଧ୍ୟରେ ପ୍ରଦୀପଙ୍କ ଶେଷକୃତ୍ୟ ଅନୁଷ୍ଠିତ ହୋଇଥିବା ଜଣାପଡିଛି।

## ଧର୍ମଶାଳା ମହାବିଦ୍ୟାଳୟ ୧୯୮୯ ବ୍ୟାଚ ବନ୍ଧୁମିଳନ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବାରବାଟୀ ନିକଟସ୍ଥ ମା ଦୁର୍ଗାଦେବୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୩୫ ବର୍ଷ ପରେ ୧୯୮୯ ମସିହା ବ୍ୟାଚର ବନ୍ଧୁମାନେ ଏକତ୍ରିତ ହୋଇ ଆନନ୍ଦରେ ପରସ୍ପର ସହ ଭାବ ବିନିମୟ କରିଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ୫୦ ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ । ପରେ ଏହି ବ୍ୟାଚ ର ସୁପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇ ସଭାପତି ଭାବେ ନିରଞ୍ଜନ ନାୟକ, ଉପସଭାପତି ରୀନାରାଣୀ ମୁଦୁଲି , ସମ୍ପାଦକ ଭାବେ କଳ୍ପନା ନାୟକ, ଯୁଗ୍ମ ସମ୍ପାଦକ ଭାବେ ଅଧ୍ୟାପକ ବିଜୟ କୁମାର ନାୟକ ଓ କୋଷାଧକ୍ଷ ଭାବେ ପ୍ରକାଶ କୁମାର ନାୟକ ଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା । ତତସହିତ ସଂଯୋଜକ ଭାବେ ଅମର କୁମାର ରାଉତ, ଓ ନିରୁପମା ପ୍ରଧାନ ମନୋନୀତ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ଚନ୍ଦନା ସାହୁ, ସବିତା ମହାନ୍ତି, ମମତା ରାଉତ, ଦିପ୍ତିମୟୀ ପାତ୍ର, ସୋମନାଥ ସାହୁ, ଦିଲୀପ କୁମାର ସାମଲ, ରାଜେଶ କୁମାର ସାମଲ, ଗୌରାଙ୍ଗ ଭଦ୍ର, ରବୀନ୍ଦ୍ର କୁମାର ରାଉତ, ନିରଞ୍ଜନ ସାହୁ, ମିହିର ମହାନ୍ତି, ପ୍ରଭାକର ନାୟକ ଓ ଅରବିନ୍ଦ ମିଶ୍ର ପ୍ରମୁଖ ପରିଚାଳନା ରେ ସହାୟତା କରିଥିଲେ । ସର୍ବ ଶେଷରେ ଅଧ୍ୟାପକ ପ୍ରଶାନ୍ତ କୁମାର ଦୋରା ଧନ୍ୟବାଦ ଦେଇଥିଲେ ।

## ଓଚିନ୍ଦାରେ ମହାବୀର ପ୍ରିମୀୟର ଲିଗ ଉଦ୍ଘାଟିତ

ପାଣିକୋଇଲି,(ସବ୍ୟୁ): ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମରେ ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ରାତ୍ରକାଳୀନ ମହାବୀର ପ୍ରିମିୟର ଲିଗ ଶନିବାର ରାତ୍ରୀରେ ଉଦ୍ଘାଟିତ ହୋଇଛି । ଏହି ଟୁର୍ଣ୍ଣାମେଂଟରେ ୮ଟି ଦଳ ଭାଗ ନେଇଛନ୍ତି । ରାଇଜିଂ ବୟଜ ଉତ୍କଳମଣି ଇଲେଭେନ, ବଦର୍ସ ଇଲେଭେନ, ମାନବ ନିଲବ ବାଷ୍ଟରସ, ସିଟି ଟାଇଗର, ବାସୁଦେବ ଗେମ ସୁଇଂଗର, ବାକାଡି ଇଲେଭେନ ଷ୍ଟାର, ଗୋପିନାଥ ନାଇଟ ଶାଇଡରସ, ଷାଟନ ସୁପର ଷ୍ଟାଇକରସ ଆଦି ଟିମ ଭାଗ ନେଇଥିଲେ । ଏହି ଟୁର୍ଣ୍ଣାମେଂଟକୁ ଅତିଥିଭାବେ ଅଶୋକ ଦାସ ଫାଉଣ୍ଡେସନର ମହାସଚୀବ ଭବ ପ୍ରସାଦ ଦାସ, ଯୁବନେତା ସୌମ୍ୟ ରଂଜନ ଧଳ, ବରିଷ୍ଠ ସମ୍ବାଦିକ ସୁବାସ ଧଳ, ପଥରପଦା ସରପଂଚ ମଧୁସ୍ମିତା ବାରିକ, ସମିତିସଭ୍ୟ ସରସ୍ୱତୀ ସ୍ୱାଇଁ, ଶଶୀଭୂଷଣ ସେନାପତି ପ୍ରମୁଖ ଯୋଗଦେଇ ପାରମ୍ପାରିକ ରିତୀନିତୀରେ ଉଇଦ୍ଘାଟନ କରିଥିଲେ । ପରେ ଖେଳ ଆରମ୍ଭ ହୋଇଥିଲା । ସମସ୍ତ ଦଳ ଖେଳରେ ଭାଗ ନେଇଥିବା ବେଳେ ଲୋଟନ ସୁପର ଷ୍ଟାଇକର ୬ପଏଂଟ, ସିଟି ଟାଇଗର ୪ ପଏଂଟ, ଗୋପିନାଥ ନାଇଟ ରାଇଡରସ ୪ ପଏଂଟ, ବାକାଡି ଏକାଦଶ ୪ ପଏଂଟ ଓ ବାସୁଦେବ ଗେମ ସୁଇଂଗରସ ୨ ପଏଂଟ ହାସଲ କରିଥିବା ବେଳେ ଅନ୍ୟ ତିନୋଟି ଦଳ କୌଣସି ପଏଂଟ ପାଇନଥିଲେ ।

## ରାମଚନ୍ଦ୍ରପୁର -ହରିଚନ୍ଦନପୁର ରାସ୍ତା ମରଣଯନ୍ତା

କେନ୍ଦୁଝର ,(ସ୍ୱପ୍ର):ଜରଦା ରୁ ନହଙ୍ଗି ରାସ୍ତା ରେ ବିରାଟ ଗର୍ତ୍ତ ଯୋଗୁଁ ଦୁର୍ଘଟଣା ସମସ୍ୟା ସୃଷ୍ଟି ହୋଇଅଛି। ସୁଚନା ଅନୁସାରେ ହରିଚନ୍ଦନପୁର ରାମଚନ୍ଦ୍ରପୁର ରାସ୍ତା ଟି ୨୦ ନମ୍ବର ଜାତୀୟ ରାଜପଥ ଜରଦା ଓଭର ବ୍ରିଜ ନିକଟରେ ସଂଯୋଗିକରଣ ୫୦ ମିଟର ରାସ୍ତା ଅଧପନ୍ତରିଆ ଭାବେ ର୍ଦିଘ ଦିନ ହେଲା ପଡି ରହିଛି । ଫଳରେ ସାମାନ୍ୟ ବର୍ଷାରେ ପାଣି ଜମିବା ସହ ଖାଲ ଖମାରେ ଭର୍ତ୍ତି ହୋଇ ସାଧାରଣ ଯାତାୟତରେ ବ୍ୟାଘାତ ସୃଷ୍ଟି ହେଉଛି। ସେଠାରୁ ମାତ୍ର ୫୦୦ ମିଟର ଦୁରରେ ଅବସ୍ଥିତ ନହଙ୍ଗି ସୋଲବନ୍ଧି ପୋଖରୀ ନିକଟରେ ହୋଇଥିବା ପୋଲ ର ନିମ୍ନ ମାନର କାର୍ଯ୍ୟ ପଦାରେ ପଡିଯାଇଛି । କାଳବୈଶାଖୀ ପ୍ରଭାବରେ ହୋଇଥିବା ଅଦିନିଆ ବର୍ଷା ଯୋଗୁଁ ପୋଲ ରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଅଛି । ଏହାଦ୍ୱାରା କେତେବେଳେ ବି ଦୁର୍ଘଟଣା ଘଟି ପ୍ରାଣହାନି ସହ ଯାତ୍ରୀମାନେ ଖଣ୍ଡିଆ ଖାବରା ହେବାର ସମ୍ଭାବନା ରହିଅଛି।ସୁଚନା ଅନୁସାରେ ଏହି ରାସ୍ତା ଟି ରାମଚନ୍ଦ୍ରପୁର ଠାରୁ ଓଡିଶାର ପ୍ରସିଦ୍ଧ ଶୈବପିଠ ଦେଓଗାଁ କୁଶଳଶ୍ୱର ମହାଦେବ ପୀଠ ସ୍ଥଳି ଦେଇ ହରିଚନ୍ଦନପୁର ପର୍ଯ୍ୟନ୍ତ ଯାଇଥିବାରୁ ଏହାର ଗୁରୁତ୍ୱ ଆହୁରି ବଢିଯାଇଛି ।ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୁପକ୍ଷ ଏବଂ ପିଡବ୍ଲୁଡି ବିଭାଗ ତରଫରୁ ମିଳିତ ସର୍ବେକ୍ଷଣ କରାଯାଇ ତୁରନ୍ତ ରାସ୍ତା ଅଧପନ୍ତରିଆ ହୋଇ ପଡିରହିଥିବା ରାସ୍ତା ସମ୍ପୁର୍ଣ୍ଣ କରିବା ସହ ତୁରନ୍ତ ଗର୍ତ୍ତର ମରାମତି ପାଇଁ ଦାବି ସାଧାରଣ ଜନତା ତରଫରୁ ମତ ପ୍ରକାଶ ପାଇଛି ।

## ଓଷ୍ଟା ଦକ୍ଷିଣ ଭୋଗରାଇ ନିର୍ବାଚନ : ୧୫ ମନୋନୀତ

ଭୋଗରାଇ, (ସବ୍ୟୁ) : ଶିକ୍ଷକ ସଂଘର ସ୍ଲୋଗାନ,ନାରାବାଜି ଓ ବିକ୍ଷୋଭ ପ୍ରଦର୍ଶନ ମଧ୍ୟରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକସଂଘ ( ଓଷ୍ଟା ) ବାଲେଶ୍ୱରଜିଲା ଦକ୍ଷିଣ ଭୋଗରାଇ ଶାଖାର ସାମ୍ବିଧାନିକ ସମ୍ମିଳନୀ ଓ ସଂଘର ପଦପଦବୀ ନିମନ୍ତେ ୧ ୫ ଜଣଙ୍କୁ ମନୋନୀତ କରିଛନ୍ତି ଜିଲା ଓଷ୍ଟା ର ଶିକ୍ଷକସଂଘର ନେତୃମଣ୍ଡଳୀ । ଭୋଗରାଇବ୍ଲକ ମାନକୁଣ୍ଡା ସୀମାନ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ମଧ୍ୟାହ୍ନରେ ପ୍ରବୀଣ ଶିକ୍ଷିକା ଶିକ୍ଷକଙ୍କୁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧିତ କରିବାପରେ ନିର୍ବାଚନ ପ୍ରକ୍ରିୟାକୁ କେନ୍ଦ୍ରକରି ଶିକ୍ଷକ ସଂଘର ୨ଟି ଗୋଷ୍ଠୀ ମଧ୍ୟରେ ବାଦାନୁବାଦ ଓ କଥା କଟାକଟି ହୋଇଥିଲା। ଜିଲ୍ଲା ମାଧମିକ ଶିକ୍ଷକସଙ୍ଘ ନେତାଙ୍କ ଉପସ୍ଥିତିରେ ଶିକ୍ଷକ ମାନଙ୍କ ଏକ ଗୋଷ୍ଠୀ ପଦପଦବୀ ନିମନ୍ତେ ଗଣତାନ୍ତ୍ରିକ ପଦ୍ଧତି ରେ ନିର୍ବାଚନ କରିବାକୁ ଅଡିବସିଥିବାବେଳେ ଅନ୍ୟ ଶିକ୍ଷକ ଗୋଷ୍ଠୀ ପଦବୀ ପୂରଣ ନିମନ୍ତେ ସଂଖ୍ୟାଗରିଷ୍ଠତା ସମର୍ଥନରେ ନୂତନ ସଦସ୍ୟା, ସଦସ୍ୟ ମନୋନୀତ କରାଯାଉ ବୋଲି ଦାବି କରିଥିଲେ । ଏଭଳି ସ୍ଥିତିରେ ଜିଲା ଓଷ୍ଟା ସଂଘର ନେତୃମଣ୍ଡଳୀ ଓ ନିର୍ବାଚନ ପ୍ରକ୍ରିୟା ଦାୟିତ୍ୱରେ ଥିବା ଶିକ୍ଷକ ନେତା ଦକ୍ଷିଣ ଭୋଗରାଇ ନିମନ୍ତେ ସଭାପତି ଭାବେ ମହେଶ୍ୱର ଗିରି, ଉପସଭାପତି ଧ୍ରୁବ ଚରଣ ପ୍ରଧାନ, ଲୋପାମୁଦ୍ରା ଗିରି, ସମ୍ପାଦକ ଭାବେ ଶାଶ୍ୱତ କୁମାର ଜେନା, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଦତ୍ତ, ମିନତି ଦାସ, ଦୀନବନ୍ଧୁ ଶଙ୍ଖୁଆ ସହ ୫ ଜଣ ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଓ ୩ ଜଣ ରାଜ୍ୟ କାଉନସିଲ ଭାବେ ମନୋନୀତ ହୋଇଥିବାର ଘୋଷଣା କରି ଶପଥ ପାଠ ବେଳେ ଗୃହରେ ବିରୋଧୀ ଗୋଷ୍ଠୀ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା । ନୂତନ ସଦସ୍ୟ ମନୋନୀତ ଘୋଷଣା କୁନେଇ ରାଜ୍ୟ କାର୍ଯ୍ୟକାରୀ ସଭାପତି ଓ ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ନ୍ୟାୟ ନମିଳିଲେ ଆଇନର ଆଶ୍ରୟ ନେବେବୋଲି ବିରୋଧୀ ଶିକ୍ଷକ ନେତାମାନେ ସୂଚନା ଦେଇଥିଲେ । ଅପରପକ୍ଷରେ ଜିଲ୍ଲା ଓଷ୍ଟାର ନେତୃମଣ୍ଡଳୀ ମନୋନୀତ ପ୍ରକ୍ରିୟା ଗଣତାନ୍ତ୍ରିକ ଭାବେ କରାଯାଇଥିବାର ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସଭାପତି ଅକ୍ଷୟ ମିଶ୍ର, ଜିଲ୍ଲା ସଭାପତି ମନୋରଞ୍ଜନ ଦାସ, ସମ୍ପାଦକ ବିଜୟ କୁମାର ପାତ୍ର ପ୍ରମୁଖ ପ୍ରକାଶ କରିଥିଲେ ।

## ଆତଙ୍କୀଆକ୍ରମଣକୁ ନିନ୍ଦାକରି ମହମବତୀ ଶୋଭାଯାତ୍ରା

ଚଣ୍ଡିଖୋଲ,(ସବ୍ୟୁ) :ଜାମ୍ମୁ କାଶ୍ମୀରର ପହଲଗାମ ଠାରେ ଆତଙ୍କୀଙ୍କ ଗୁଳିରେ ମୃତ୍ୟୁ ବରଣ କରିଥିବା ପର୍ଯ୍ୟଟଙ୍କ ଆତ୍ମାର ସଦଗତି ପାଇଁ ଚଣ୍ଡିଖୋଲ ଅଞ୍ଚଳର ବିଭିନ୍ନ ସଂସ୍ଥା ଓ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଓ ମହମବତୀ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି।ବଡଚଣା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଚଣ୍ଡିଖୋଲ ଛକରେ ହେମଶକୁମାର ଜେନାଙ୍କ ନେତୃତ୍ୱରେ ସଭା ଓ ଶୋଭାଯାତ୍ରା ଆୟୋଜିତ ହୋଇଥିଲା ବେଳେ ଧାନମଣ୍ଡଳ ସ୍ଥିତ ହୋଲି ଜେସସ ବିଦ୍ୟାଳୟ ପରିସରରେ ମହମବତୀ ଶୋଭାଯାତ୍ରା ସହିତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା କାମିନୀ ନାୟକ ଅଧ୍ୟକ୍ଷତା କରି ଏଭଳି ଏକ ଅମାନୁଷିକ କାର୍ଯ୍ୟକୁ ତୀବ୍ର ନିନ୍ଦା କରିବା ସହିତ ପ୍ରାଣ ହରାଇଥିବା ପର୍ଯ୍ୟଟଙ୍କ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଏଥିରେ ଶିକ୍ଷକ ଲକ୍ଷ୍ମୀଧର ମଲ୍ଲିକ, ସୁଭାସିନୀ ମଲ୍ଲିକ, ମୌସୁମୀ ଦାସ, ଶୁଭାସିନୀ ଦାସ ଯାଦବ, ପୁନମ ଭାରତୀ, ପ୍ରିୟଙ୍କା ମଲ୍ଲ, କିରଣ ଯାଦବ,ଚିରଞ୍ଜିବୀ ଜେନା, ସୁଟପା ଗିରି, ଶୁଭଶ୍ରୀ ବେହେରା, ରେଶମା ପରବିନ,ଚନ୍ଦନ ନାୟକ,ଦେବାଶିଷ ନାୟକ ପ୍ରମୁଖ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ଦ୍ୱିତୀୟ ଦିନରେ ସୌରଭ ସମ୍ମାନ ମହୋତ୍ସବ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ନବ ନିର୍ମାଣ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ସୌରଭ ସମ୍ମାନ ମହୋତ୍ସବ ୨ୟ ସନ୍ଧ୍ୟାର ସଭା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ସନ୍ଧ୍ୟା ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପିର ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର,କଂଗ୍ରେସ ବିଧାୟକ ଦଳର ଉପନେତା ଅଶୋକ କୁମାର ଦାସ,ଶିଶୁ ସାହିତ୍ୟିକ ମନୀନ୍ଦ୍ର ମହାନ୍ତି,ବିଜେପିର ଜିଲ୍ଲାର ଉପସଭାପତି ଉଦୟନାରାୟଣ ମଲ୍ଲିକ,ସୁଶାନ୍ତ ମହାକୁଡ,ନବନିର୍ମାଣ ଟ୍ରଷ୍ଟର ସଭାପତି ଜୟପ୍ରକାଶ ମଲ୍ଲିକ,ସମ୍ପାଦକ କୃଷ୍ଣଚନ୍ଦ୍ର ମହାକୁଡ ଯୋଗାଇ ଦେଇ ଉଦବୋଧନ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ପ୍ରଦିପ୍ତ ମହାନ୍ତି ମଂଚ ପରିଚାଳନା କରିଥିଲେ। ବାସୁଦେବପୁର ମାଟି ଲୋକାୟିତ ପ୍ରତିଭା ମହିଳା ଚାଷୀ ଛାୟାରାଣୀ ସାହୁ ଓ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ବିଭିନ୍ନ ଅନୁଷ୍ଠାନରୁ ଆସି ନୃତ୍ୟ ପରିବେଷଣ କରି ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବାସୁଦେବପୁର ଅଂଚଳର ବିଭିନ୍ନ ଅନୁଷ୍ଠାନ କଳାକାର ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସେମାନଙ୍କର ପ୍ରତିଭା ପରିବେଷଣ କରିଥିଲେ।

# କଳାହାଣ୍ଡି ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା କମିଟି ବୈଠକ



ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା(ଦିଶା)କମିଟି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କମିଟିର ଅଧ୍ୟକ୍ଷା ତଥା କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାୟିକା ନର୍ଲା ମନୋରମା ମହାନ୍ତି, ପୂର୍ବତନ ସାଂସଦ କଳାହାଣ୍ଡି ଅର୍କ କେଶରୀ ଦେଓ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ବିଧାୟକ ସଦରଙ୍କ ପ୍ରତିନିଧି ଧନୁର୍ଯ୍ୟୟ ଗହୀର, ବିଧାୟକ ଧର୍ମଗଡ଼ଙ୍କ ପ୍ରତିନିଧି ହିମାଂଶୁ ପଣ୍ଡା, ଡି ଏଫ୍ ଓ କଲାଇ ବନାନ୍, ଡି ଡି ପ୍ଲାନିଂ ଶ୍ରୀକାନ୍ତ ଦଳାଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ପୌରପାଳିକା,ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ, ସମସ୍ତ ବ୍ଲକର ଅଧ୍ୟକ୍ଷ ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସାଂସଦ ଶ୍ରୀମତୀ ଦେଓ ସମସ୍ତ ବିଭାଗୀୟ ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବୈଠକରେ ମୁଖ୍ୟତଃ ଏମ୍ ଜି ଏନ୍ ଆର୍ ଇ ଜି ଏ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା ,ନୂତନ ରାସନକାର୍ଡ ବଣ୍ଟନ,ଜାତୀୟ ଖାଦ୍ୟ ସୁରକ୍ଷା, ପ୍ରଧାନମନ୍ତ୍ରୀ ଉଜ୍ଜଳା, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା,ପ୍ରି ମାଟ୍ରିକ,ପୋଷ୍ଟ ମାଟ୍ରିକ୍ ସ୍କଲାରସିପ୍, ସ୍ବଚ୍ଛ ଭାରତ ମିଶନ, ଜଳ ଜୀବନ ମିଶନ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ମାଣ ଶ୍ରମିକ, ମଧ୍ୟାହ୍ନ ଭୋଜନ, ଜଙ୍ଗଲ, ବିଦ୍ୟୁତ୍ ଯୋଗାଣ, ଅବକାରୀ, ସମଗ୍ର ଶିକ୍ଷା, ଶିଶୁ ସୁରକ୍ଷା, ମଧ୍ୟମ ଜଳସେଚନ ବିଭାଜନର , ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ଇତ୍ୟାଦି ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ ଅଗ୍ରଗତି ସଂପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ବିଭିନ୍ନ ବିଭାଗର ଅସମ୍ପୂର୍ଣ ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସାଂସଦ ଶ୍ରୀମତୀ ଦେଓ ପରାମର୍ଶ ଦେଇଥିଲେ । ଜିଲ୍ଲାର ଉନ୍ନତ ସ୍ୱାସ୍ଥ୍ୟ ସେବା ନିମନ୍ତେ ଖାଲିପଡିଥିବା ଆବଶ୍ୟକ ଡାକ୍ତର ପଦବୀ ପୂରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍କୁଲ ପାଖରେ ଥିବା ମଦ ଭାଟି କୁ ହଟାଇବା, ଅତି ବୟସ୍କ ଲୋକଙ୍କ ପେନସନ୍ ଦେବାର ସ୍ବତନ୍ତ୍ର ସୁବିଧା କରିବା, ଅସମ୍ପୂର୍ଣ୍ଣ ଥିବା ଅଙ୍ଗନବାଡି କେନ୍ଦ୍ର, ସ୍ୱାସ୍ଥ୍ୟ ସେବା କେନ୍ଦ୍ର,ସ୍କୁଲ ଗୃହ,ରାସ୍ତାର ତୁରନ୍ତ ପୂର୍ଣ୍ଣ ନିର୍ମାଣ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷ ମାନେ ନିଜ ନିଜ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ସମସ୍ୟାର ସମାଧାନ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ଦିଶା କମିଟିର ସଦସ୍ୟ ,ସଦସ୍ୟା, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପାଢି ଧନ୍ୟବାଦ ଅର୍ପଣ କରିଥିଲେ।

# ବାଘ ଆକ୍ରମଣରେ ନାବଳକ ଆହତ

ନବରଙ୍ଗପୁର,(ସବ୍ୟୁ) : ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଛତିଶଗଡ଼ କାଙ୍କେର ଅଞ୍ଚଳର ନାବାଳକ(୧୨) କଲରା ପତରିଆ ବାଘ ଆକ୍ରମଣରେ ଆହତ ହୋଇଛନ୍ତି । ଘର ବାହାରେ ଖେଳୁଥିବା ସମୟରେ ଏକ କଲରାପତରିଆ ବାଘ ତାକୁ ଆକ୍ରମଣ କରିଥିଲା। ଶିଶୁର ଚିତ୍କାର ଶୁଣି ପରିବାର ସଦସ୍ୟମାନେ ବାହାରକୁ ଦୌଡ଼ି ଆସି ପାଟିକରିବାରୁ ବାଘଟି ସେଠାରୁ ପଳାଇଯାଇଥିଲା। ବାଘ ଆକ୍ରମଣରେ ପିଲାଟିର ବେକ ଓ ହାତରେ ଗଭୀର ଆଘାତ ଲାଗିଛି। ପରିବାର ଲୋକେ ପିଲାଟିକୁ ବାଘ କବଳରୁ ଉଦ୍ଧାର କରି ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗତବର୍ଷ ଏହି ଅଞ୍ଚଳରେ ବାଘ ଆକ୍ରମଣରେ ଜଣେ ଶିଶୁର ମୃତ୍ୟୁ ହୋଇଥିଲା।

# ଗ୍ରାମୀଣ ଲୋକଙ୍କୁ ବଞ୍ଚିବାର ସାହାରା କେନ୍ଦୁପତ୍ର

ପଦ୍ମପୁର,(ସବ୍ୟୁ): ବରଗଡ ଜିଲ୍ଲାର ପଦ୍ମପୁର ଉପଖଣ୍ଡ ଏକ ଆଦିବାସୀ ବହୁଳ ଅଞ୍ଚଳ । ଏହି ଅଂଚଳକୁ ବଣ ପାହାଡ ଘେରି ରହିଛି । ଏଠାକାର ଲୋକେ ବନଜାତ ଦ୍ରବ୍ୟ ଉପରେ ଭରସା କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ସାଧାରଣତଃ ଖରାଦିନରେ ଲୋକେ କେନ୍ଦୁପତ୍ର ତୋଳି ପେଟ ପୋଷିଥାନ୍ତି ଛରାଜ୍ୟ ସରକାର କେନ୍ଦୁପତ୍ରକୁ ନିଜେ ସରକାରୀ ଦରରେ କ୍ରୟ କରୁଥିବା କାରଣରୁ ଏହି କାମ ପ୍ରତି ଲୋକଙ୍କ ଉତ୍ସାହ ବଢିଥାଏ । କେନ୍ଦୁପତ୍ର ଚଟା ପ୍ରତି ୧୬୦ ଟଙ୍କାରେ ସରକାର କ୍ରୟ କରିଥାନ୍ତି । ଏହା ସହ ଚଟା ପ୍ରତି ୪୦ ଟଙ୍କା ବୋନସ,କେନ୍ଦୁପତ୍ର କାର୍ଡ ଧାରୀଙ୍କ କଲେଜ ପାଠ ପଢୁଥିବା ପିଲାମାନଙ୍କୁ ୧୬ ହଜାର ଟଙ୍କା ସ୍କୋଲାରସିପ୍,ହିତାଧିକାରୀଙ୍କ ଝିଅ ବିବାହ କଲେ ୨୫ ହଜାର ଟଙ୍କା ଅତିରିକ୍ତ ସହାୟତା ରାଶୀ ସହ ଦୁଇ ଲକ୍ଷ ଟଙ୍କାର ଜୀବନ ବୀମା ଲୋକଙ୍କୁ ବେଶ ଉପକୃତ କରୁଛି । ଶ୍ରମିକ ମାନଙ୍କୁ ଯୋତା,ଚପଲ,ଟୋପି,ପାଣି ବୋତଲ ଆଦି ଦିଆଯାଉଥିବା ମତ ପ୍ରକାଶ କରିଛନ୍ତି ।



କେନ୍ଦୁପତ୍ର ତୋଲାଲି ମାନେ ବଡି ଭୋରରୁ ନିକଟସ୍ଥ ଜଙ୍ଗଲକୁ ଯାଇ ସେଠାରୁ କେନ୍ଦୁପତ୍ର ସଂଗ୍ରହ କରି ଘରକୁ ଆଣିଥାନ୍ତି । ଗୋଟିଏ ବିଡାରେ ୨୦ ଗୋଟି ପତ୍ର ହିସାବରେ ୧୦୦ ବିଡାକୁ ଗୋଟିଏ ଚଟା ପ୍ରସ୍ତୁତ କରି ନିକଟସ୍ଥ ଫଡିରେ ବିକ୍ରୟ କରିଥାନ୍ତି । ରବି ଋତୁରେ କେନ୍ଦୁପତ୍ରରୁ ଭଲ ଦୁଇ ପଇସା ରୋଜଗାର କରିବାର ବାଟ ହୋଇଥିବା ବେଳେ ସମ୍ପୃକ୍ତ ପରିବାର ବେଶ ଲାଭବାନ ହେବା ସହ ଉପକୃତ ହୋଇଥାନ୍ତି ।

# କୋଶଳା ମାଳି ପଟେଲ ସମାଜ ପକ୍ଷରୁ ବାର୍ଷିକ ସାଧାରଣ ସଭା

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ତରାପୁର ଗ୍ରାମରେ କୋଶଳା ମାଳି (ପଟେଲ) ସମାଜ ପକ୍ଷରୁ ବାର୍ଷିକ ସାଧାରଣ ସଭା ପଟେଲ ସମାଜ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାଜର କର୍ମକର୍ତ୍ତାଙ୍କ ଗହଣରେ କୋଶଳା ମାଳି ସମାଜର ଇଷ୍ଟ ଦେବୀ ମା କୋଶଳେଶ୍ୱରୀଙ୍କୁ ପୂଜାର୍ଚ୍ଚନା ପରେ ବାର୍ଷିକ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। କୋଶଳା ମାଳି ସମାଜର ଜିଲ୍ଲା ସଭାପତି ସମ୍ପତ୍ତି ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଲବିକା ଦେବୀ ଓ ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ ଯୋଗ ଦେଇଥିଲେ। ବାର୍ଷିକ ସାମାଜିକ ବୈଠକରେ ସମାଜରେ ରହିଥିବା କୁସଂସ୍କାର ଅନ୍ଧବିଶ୍ୱାସକୁ ଦୂର କରିବା ଓ ସଚେତନତା କରିବା, ସମାଜର ନାରୀ ଶିକ୍ଷାକୁ ଗୁରୁତ୍ୱ ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ବିଶଦ ଭାବରେ ଆଲୋଚନା




ହୋଇଥିଲା । ସାଂସଦ ମାଲବିକା ଦେବୀ ତାଙ୍କ ସଂସଦୀୟ ପାଣ୍ଠିରୁ ଏବଂ ବିଧାୟକ ଧର୍ମଗଡ ଶ୍ରୀ ପାଟ୍ଟଯୋଷୀ ବିଧାୟକ ପାଣ୍ଠିରୁ ମା କୋଶଲେଶ୍ୱରୀ ମନ୍ଦିର ଓ ସମାଜ ଭବନ ପାଇଁ ଯଥା ସମ୍ଭବ ଆର୍ଥିକ ସାହାଯ୍ୟ ଯୋଗାଇଦେବା ପାଇଁ ଘୋଷଣା କରିଥିଲେ । କାର୍ଯ୍ୟକ୍ରମରେ ଉପ ସଭାପତି ଧର୍ମୁ ପଟେଲ, ସମ୍ପାଦକ ପବିତ୍ର ପଟେଲ, ସହ ସମ୍ପାଦକ ଜୟହରି ପଟେଲ, କୋଷାଧ୍ୟକ୍ଷ ପ୍ରଦୀପ ପଟେଲ, ପୂର୍ବତନ ଜିଲ୍ଲା ସଭାପତି ଘନଶ୍ୟାମ ପଟେଲ, ପୂର୍ବତନ ଜିଲ୍ଲା ପରିଷଦ ରେଣୁକା ସାହୁ, ତରାପୁର ଗାଁ ଗୋନ୍ତିଆ କୁମୁଦ ଚଲାନ, ଟଙ୍କଧର ପଟେଲ, ବଶ୍ଚ ପଟେଲ ଜେମା ପଟେଲ ମସ୍ତରାମ ପଟେଲ, ଜୟକର ପଟେଲ, ଡିଙ୍ଗର ପଟେଲ, ଚିନ୍ତାମଣୀ ପଟେଲ, ପର୍ଶୁରାମ ପଟେଲ, ଲକ୍ଷ୍ମୀକାନ୍ତ ନାଏକ, ବସନ୍ତ ନାଏକ, ରଘୁ ପଟେଲ, କୁଳମଣୀ ପଟେଲ, ସୁଶିଲ ପଟେଲ, ନରେନ୍ଦ୍ର ପଟେଲ ଓ କଳାହାଣ୍ଡି କୋଶଲା ମାଳୀ (ପଟେଲ ) ସମାଜର ଆଞ୍ଚଳିକ କେନ୍ଦ୍ର ସଭାପତି ସମ୍ପାଦକ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅଚିହ୍ନା ରୋଗରେ ପୀଡିତ ତିନି ଶିଶୁ
# ୭ ବର୍ଷ ଧରି ମାଆ କୋଳ ଛାଡୁନାହାଁନ୍ତି







ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କଣାଗାଁ ପଞ୍ଚାୟତ ଅଧିନ ଧଉଡାପାଲା ଗ୍ରାମରେ ବିଚିତ୍ର ରୋଗରେ ପୀଡ଼ିତ ତିନି ଶିଶୁ। ତିନି ଶିଶୁଙ୍କୁ ଯେତେ ପ୍ରକାର ଚିକିତ୍ସା କଲେ ବି ଆରୋଗ୍ୟ ହେଉନାହାଁନ୍ତି । ଫଳରେ ତିନି ଜଣ ଶିଶୁ ସାତ ବର୍ଷ ହେଲା ମାଆ କୋଳ ଛାଡୁ ନାହାଁନ୍ତି। ଗୋଟିଏ ପଟେ ମୁଣ୍ଡ ଉପରେ ଛାତ ନାହିଁ ଅନ୍ୟ ପଟେ ୭ ବର୍ଷ ଧରି ମାଆ କୋଳ ଛାଡୁନାହିଁ ପୁଅ। ସେହିପରି ଗୋଟିଏ ଗାଁ ରେ ତିନି ତିନି ଜଣ ଶିଶୁଙ୍କ ସମାନ ଅବସ୍ଥା। କେଉଁ ଶିଶୁକୁ ୭ ବର୍ଷ ତ କାହାକୁ ୬ ବର୍ଷ ଧରି ମାଆ କୋଳ ଛାଡୁ ନାହାନ୍ତି। ଖେଳିବା ବୁଲିବା ବୟସରେ ଶଯ୍ୟାଶାୟୀ। ପୁଅଟିଏ ଜନ୍ମଗ୍ରହଣ କରିବା ପରେ ମାଆ ବାପା ଖୁସି ହୋଇଯାଇଥିଲେ। ଦିନ ପରେ ଦିନ ଗଡ଼ିଲା ହେଲେ କିଏ ଜାଣିଛି ଖୁସିରେ ପୂର୍ଣ୍ଣଚ୍ଛେଦ ପଡ଼ିବ । ପୁଅକୁ ଯେତେବେଳେ ୨ ବର୍ଷ ହେଲା ସେତେବେଳେ ମାଆ ବାପାଙ୍କ ପାଦ ତଳୁ ମାଟି ଖସିଲା। ସେ ଶିଶୁ ନା ପୁଅ କଥା କହିଲା ନା ନିଜେ ଖାଇଲା, ହାତ ଗୋଡ଼ ଧୀରେ ଧୀରେ ଶୁଖିବାକୁ ଲାଗିଲା। ପ୍ରଥମେ ବୋରିଗୁମ୍ମା ତାପରେ ଜୟପୁର, କୋରାପୁଟ ଏବଂ କଟକ ବଡ଼ ମେଡ଼ିକାଲରେ ଚିକିତ୍ସା କରାଇଲେ କିନ୍ତୁ ଫଳ ଶୂନ । ବୋରିଗୁମ୍ମା ଧଉଡାପାଲା ଗାଁର ଅଭି ପେଣ୍ଠିଆ ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରନ୍ତି। ପୁଅକୁ ଗୋଟିଏ ମେଡ଼ିକାଲରୁ ଆଉ ଗୋଟେ ମେଡ଼ିକାଲ ଚିକିତ୍ସା କରାଇ କରାଇ ସର୍ବସ୍ୱାନ୍ତ ହୋଇଗଲେ।

ପୁଅର ବୟସ ବଢୁଛି ହେଲେ ଏ ପର୍ଯ୍ୟନ୍ତ ମାଆ କୋଳ ଛାଡୁନାହିଁ । ଅନ୍ୟପଟେ ଏ ପର୍ଯ୍ୟନ୍ତ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ। ଭଙ୍ଗା ଦଦରା କୁଡ଼ିଆରେ ମୁଣ୍ଡ ଗୁଂଜୁଛନ୍ତି ପାଞ୍ଚ ପ୍ରାଣୀ। ବର୍ଷା ଦିନେ ୟା ଦାଣ୍ଡରେ ତା ଦାଣ୍ଡରେ ଦିନ କାଟନ୍ତି। ଦିନରେ ସୂର୍ଯ୍ୟ ରାତିରେ ତାରା ଚାଳ ଛପରରୁ ଦେଖା ଯାଆନ୍ତି। ସ୍ତ୍ରୀ ସୁମିତ୍ରା ପେଣ୍ଠିଆ ସରକାରଙ୍କୁ ନିବେଦନ କରିଛନ୍ତି ମୋ ପୁଅକୁ ଚିକିତ୍ସା ଏବଂ ଆବାସ ଯୋଜନାରେ ସାମିଲ କରିବା ପାଇଁ। ସେହିପରି ସେହି ଗାଁ ରେ ସମାନ ଅବସ୍ଥା। ସୁମତି ପେଣ୍ଠିଆଙ୍କ ପୁଅକୁ ୮ ବର୍ଷ ବୟସ ହେଲାଣି କିନ୍ତୁ ଏ ପର୍ଯ୍ୟନ୍ତ ମାଆ କୋଳ ଛାଡୁନାହିଁ। ଚିକିତ୍ସା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଛି। ରୂପାଲି ନାୟକଙ୍କ ପୁଅର ସମାନ ଅବସ୍ଥା ପୁଅକୁ ହେଲାଣି ୬ ବର୍ଷ କିନ୍ତୁ କଥା କହି ପାରୁନି କି ଚାଲି ପାରୁନି ସେ ମଧ୍ୟ ପୁଅକୁ ଚିକିତ୍ସା ପାଇଁ ଏ ମେଡ଼ିକାଲରୁ ସେ ମେଡ଼ିକାଲକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ମାଆ ମାନେ ପୁଅଙ୍କୁ ଦିନ ରାତି କୋଳରେ ନେଇ ଆଉ କାମ ଧନ୍ଦା କରିବାକୁ ସୁଯୋଗ ପାଉ ନାହାଁନ୍ତି। ଫଳରେ ଆର୍ଥିକ ଅବସ୍ଥା ଗୁରୁତର ହେଉଛି। ଗୋଟିଏ ଗାଁରେ ତିନି ପରିବାରର ଏଭଳି ଅବସ୍ଥା ସମସ୍ତ ପରିବାର ଲୋକେ ସରକାରଙ୍କୁ ପୁଅର ଚିକିତ୍ସା ନିମନ୍ତେ ସହାୟତା ପାଇଁ ନିବେଦନ କରିଛନ୍ତି।

# ଗଜପତିଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଛାତ୍ର ଛାତ୍ରୀଙ୍କୁ ଆହ୍ୱାନ

ନୂଆପଡା,(ସବ୍ୟୁ): ନୂଆପଡା ଜିଲ୍ଲାରେ ସ୍ବତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣୀ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପାଳିତ ହୋଇ ଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ । ସମ୍ମାନୀତ ଅତିଥି ରୂପେ ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ମୁଖ୍ୟ ବକ୍ତା ଭାବରେ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ ଓ ଅଧ୍ୟାପକ ସାମୁଏଲ୍ ଦାନୀ ଯୋଗଦେଇଥିଲେ । ପ୍ରଦୀପ ପ୍ରଜ୍ୱଳନ ଓ ସ୍ୱର୍ଗତ ଗଜପତି ମହାରାଜାଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଜିଲ୍ଲା ସୂଚନା ଓ



ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ସମସ୍ତ ଅତିଥି ଓ ବକ୍ତାମାନେ ନୂତନ ଓଡ଼ିଶା ପ୍ରଦେଶ ଗଠନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅନନ୍ୟ ଅବଦାନକୁ ସ୍ମରଣ କରି ତାଙ୍କ ଆଦର୍ଶରେ ଉଦବୁଦ୍ଧ ହେବା ପାଇଁ ଯୁବ ପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ ଜିଲ୍ଲାପାଳ କହିଲେ ଯେ ଆମେ ସମସ୍ତେ ଜଣେ ଜଣେ ଗଜପତି ହେବା। ସେ ଯେମିତି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ଦେଖି ତାକୁ ସାକାର କରିବାରେ ସଫଳ ହୋଇଥିଲେ ଆମେ ମଧ୍ୟ ସେମିତି ଆମ ରାଜ୍ୟ ଏବଂ ଦେଶକୁ ଆଗେଇ ନେବା ପାଇଁ ବଦ୍ଧପରିକର ହେବା। ନୂଆପଡା ଜିଲ୍ଲା ସୀମାନ୍ତ ଅଞ୍ଚଳ ନୁହେଁ ବରଂ ଏକ ସମୃଦ୍ଧ ଅଞ୍ଚଳ ଏବଂ ଏଠାରେ ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିକୁ ଚିର ଉଜ୍ଜୀବିତ କରି ରଖିବା ପାଇଁ ସମସ୍ତେ ସଜାଗ ହେବା ବୋଲି କହିଥିଲେ। ସଭାକୁ ବରିଷ୍ଠ ରାଜସ୍ୱ ସହାୟକ ବିଭୁଦତ୍ତ ମିଶ୍ର ସଂଯୋଜନା କରିଥିଲେ । ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଜିଲ୍ଲାର ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ।

# ୩୨ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କଲେ ବିଧାୟକ

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ଲଇକେରା ବ୍ଲକରେ ମାରାଥନ ଶିଳାନ୍ୟାସ କରିଛନ୍ତି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ,ବିଧାୟକଙ୍କ ନିଜସ୍ୱ ପାଣ୍ଠି ଓ ପୂର୍ତ୍ତ ବିଭାଗର ତିନୋଟି ବ୍ରିଜର ଶିଳାନ୍ୟାସ କରିଛନ୍ତି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ। ଶିଳାନ୍ୟାସ କରିଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ୨.୫ଲକ୍ଷ ଟଙ୍କା ବ୍ୟୟରେ ଲଇକେରା ପଂଚାୟତର ଜଗନ୍ନାଥ ମନ୍ଦିରର ନବୀକରଣ,ଦୁଇ ଲକ୍ଷ ଟଙ୍କା ବ୍ୟୟରେ ପାନପାଲି ଗ୍ରାମରେ କୀର୍ତ୍ତନ ମଣ୍ଡପ ନିର୍ମାଣ,ଅଢ଼େଇ ଲକ୍ଷ ଟଙ୍କା ବ୍ୟୟରେ ଭାତଲଇଡାରେ ରାମଜୀ ମନ୍ଦିର ନିର୍ମାଣ, କାଙ୍କମାଲ ଗ୍ରାମରେ ତିନି ଲକ୍ଷ ଟଙ୍କା ବ୍ୟୟରେ ଶିବ ମନ୍ଦିରର ନବୀକରଣ,ଅଢ଼େଇ ଲକ୍ଷ ଟଙ୍କା ବ୍ୟୟରେ ମୁଦ୍ରାଯୋର ହସ୍ପିଟାଲ୍ ପଡ଼ାରେ ଥିବା ହନୁମାନ ମନ୍ଦିରର ନବୀକରଣ,ଗମ୍ଭାରୀଗୁଡ଼ାରେ ଅଢ଼େଇ ଲକ୍ଷ ଟଙ୍କା ବ୍ୟୟ ସିଦ୍ଧେଶ୍ୱରୀ ମନ୍ଦିରର ନବୀକରଣ,ନିକ୍ତିମାଲ ଗ୍ରାମରେ ଅଢ଼େଇ ଲକ୍ଷ ଟଙ୍କା ବ୍ୟୟ ରେ କୀର୍ତ୍ତନ ମଣ୍ଡପ ନିର୍ମାଣ, ଖୁଣ୍ଟାମାଲରେ ଅଢ଼େଇ ଲକ୍ଷ ଟଙ୍କା ବ୍ୟୟରେ ସମଲେଶ୍ବରୀ ମନ୍ଦିରର ନବୀକରଣ ଆଦି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ବିଧାୟକ ଶ୍ରୀ ତ୍ରିପାଠୀ । ସେହିପରି ୧୨ କୋଟି ୯୫ ଲକ୍ଷ ଟଙ୍କା ଓ ୯ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟରେ ସାହସପୁର ଠାରୁ ମାଲିଡିହି ରାସ୍ତା ଉପରେ ଦୁଇଟି ସୁଉଚ୍ଚ ସେତୁର ନିର୍ମାଣର ଶିଳାନ୍ୟାସ କରିବା ସହ ୯ କୋଟି ୭୮ ଲକ୍ଷ ଟଙ୍କା ବ୍ୟୟରେ ସାଲେଟିକ୍ରା ବାଗଡିହି ରାସ୍ତା ଉପରେ ସୁଉଚ୍ଚ ସେତୁର ଶିଳାନ୍ୟାସ କରିଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ ଉପସ୍ଥିତ ଥିଲେ ।

# ନାମ ଓଡିଶା, ନିର୍ଭର ପଡିଶା

ରାୟଗଡା,(ସବ୍ୟୁ): ନାମ ଓଡିଶା କିନ୍ତୁ ଖିର ଠାରୁ ନୀର ସବୁ ପଡିଶା ରାଜ୍ୟ ଆନ୍ଧ୍ର ଉପରେ ନିର୍ଭର କରୁଛୁ। ରାୟଗଡା ଜିଲ୍ଲା ସୀମାନ୍ତକୁ ଲାଗି ରହିଥିବା ବେଳେ ସୀମାନ୍ତବର୍ତ୍ତି ବସବାସ କରୁଥିବା ଲୋକେ ଧୀରେ ଧୀରେ ପଡୋଶୀ ରାଜ୍ୟର ଭାଷା ଓ ସଂସ୍କୃତିକୁ ଅପଣାଇବା ଭଳି ସ୍ଥିତି ଦେଖାଦେଇଛି । ଜିଲ୍ଲାରେ କିଛି ସୀମିତ ବାସିନ୍ଦା ଓଡ଼ିଶା ଓ ଆମ ଭାଷା ଓଡ଼ିଆକୁ ନେଇ ଆମେ ବେଶ ଗର୍ବ କରୁଥିବା ବେଳେ ପଡୋଶୀ ରାଜ୍ୟର ଛାପ ଢେର୍ ବାରି ହୋଇ ପଡୁଛି । କିନ୍ତୁ ଏହା ମଧ୍ୟ ସତ ଯେ ଆମ ରାଜ୍ୟର କ୍ଷୀର ଠାରୁ ନୀର ପର୍ଯ୍ୟନ୍ତ ଏବେ ମଧ୍ୟ ପଡୋଶୀ ରାଜ୍ୟ ଉପରେ ବେଶ ନିର୍ଭର । ସରକାରଙ୍କ ଦ୍ୱାରା କଡା ନିର୍ଦ୍ଦେଶ ଥିବା ସୁଦ୍ଧା ଆମ ଜିଲ୍ଲା ପ୍ରଶାସନ ଭାଷା ଓ ଜାତିକୁ ନେଇ ଗଭୀର ନିଦ୍ରାରେ । ଏହା ଆମେ କହୁନୁ, କହୁଛି ଆମ ଜିଲ୍ଲାରେ ଥିବା ନାମ ଓ ବିଜ୍ଞାପନ ଫଳକ । ଜିଲ୍ଲାବାସୀ ରାତି ପାହିଲେ ପଡୋଶୀ ରାଜ୍ୟର ଟିକିନିଖି ଦୈନନ୍ଦିନ ଜିନିଷ ସହ ମାଛ , କ୍ଷୀର , ପନିପରିବା ଆଦି ବହୁଳ ବ୍ୟବହୃତ ଖାଦ୍ୟ ପଦାର୍ଥ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଏ ନେଇ ନା ଜିଲ୍ଲାବାସୀ ଜାଗ୍ରତ ନା ଜିଲ୍ଲା ପ୍ରଶାସନ । କାରଣ ପଡୋଶୀ ରାଜ୍ୟର ବ୍ୟବସାୟୀମାନେ ଏକ ପ୍ରକାର ଜିଲ୍ଲାର ସଦର ମହକୁମା ବଜାରକୁ ନିଜ କବଜାରେ ରଖିଥିବା ଭଳି ମନେ ହେଉଛି । ଆମ ଜିଲ୍ଲା ଆଦିବାସୀ ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ଏଠାକାର ଅଧିବାସୀଙ୍କ ସରଳତାର ସୁଯୋଗ ନେବାକୁ ପଛଉ ନାହାନ୍ତି ପଡ଼ୋଶୀ ରାଜ୍ୟର ବ୍ୟବସାୟୀ । ଜିଲ୍ଲାର ସଦର ମହକୁମାରେ ଯେଉଁ ବ୍ୟବସାୟୀକ ଅନୁଷ୍ଠାନରେ ମଧ୍ୟ ଓଡ଼ିଆ ଭାଷାରେ ଲେଖା ଯାଉନି ଫଳକ। କେବଳ ଉତ୍କଳ ଦିବସ ପାଖେଇ ଆସିଲେ ଦୁଇ ଦିନ ପାଇଁ ତତ୍ପର ହେଉଛି ପ୍ରଶାସନ। ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଚଳିତ ମାସ ୧ତାରିଖରୁ ୧୪ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଇଛି। କିନ୍ତୁ ଲୋକ ଦେଖାଣିଆ ଭାବରେ କରାଯାଇଛି। ଯେଉଁ ବ୍ୟକ୍ତି ଜିଲ୍ଲାରେ ଭାଷା ସାହିତ୍ୟ ପାଇଁ ଅହରହ ଚେଷ୍ଟା କରି ବିଭିନ୍ନ ପତ୍ର ପତ୍ରିକାରେ ସମ୍ପାଦକୀୟ ଲେଖନ୍ତି ସେମାନଙ୍କୁ କୌଣସି ଡାକରା ଗଲା ନାହିଁ । ତେଣୁ ଜିଲ୍ଲା ପ୍ରଶାସନର ଭାଷା ସଂସ୍କୃତି ପ୍ରତି କାହାର ନାହିଁ ଦରଦ ବୋଲି ମତ ପ୍ରକାଶ ପାଉଛି । କେବଳ ଓଡ଼ିଆ ଭାଷା ନୁହେଁ ଆମ ଅଞ୍ଚଳର ଆଦିବାସୀଙ୍କ ମାତୃଭାଷା କୁଇ ଭାଷାକୁ ମଧ୍ୟ ଭୁଲି ତେଲୁଗୁ ଭାଷାରେ ଆଦିବାସୀ କଥା ହୁଅନ୍ତି। କାରଣ ତେଲୁଗୁ ଭାଷାରେ କଥା ହେଲେ ନିଜେ ସାହୁକାର ବା ନାଇଡୁ ଭାବନ୍ତି । ଆଉ ଭାଷାର ପ୍ରଚାର ପ୍ରସାର ଜିଲ୍ଲା ପ୍ରଶାସନ କେବଳ କାଗଜ କଲମରେ ସିମୀତ ରଖିଥିବା ଜଣେ ଗ୍ରନ୍ଥକାର କହିଛନ୍ତି। ଏହାକୁ ନେଇ ଆଉ କିଛି ଓଡ଼ିଆ ବୁଦ୍ଧିଜୀବୀ ମାନେ ଏ ନେଇ ମୁହଁ ଖୋଲୁଥିଲେ ମଧ୍ୟ ପ୍ରଶାସନର ଅବହେଳିତ ମନୋଭାବ ହିଁ ଜିଲ୍ଲାର ଅଧିକାଂଶ ଅଂଚଳରୁ ଓଡ଼ିଆ ଭାଷା ଓ ସଂସ୍କୃତି ଲୋପ ପାଇବାକୁ ବସିଲାଣି । ଏଭଳି ସ୍ଥିତିରେ କେବଳ ଜିଲ୍ଲାର ସିମାନ୍ତବର୍ତ୍ତି ଅଞ୍ଚଳ ଗୁଡିକ ପଡୋଶୀ ରାଜ୍ୟ ପ୍ରତି ଆକୃଷ୍ଟ ହେବା ସହ ଆମ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଭୁଲିଗଲେଣି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏବେଠାରୁ ଯଦି ଆମେ ସଜାଗ ନହେବା ତ ହେଲେ ଆମ ଆଗାମୀ ପିଢ଼ି ଓଡ଼ିଆ ଭାଷା ଓ ସଂସ୍କୃତି ବିଷୟରେ ତିଳେ ମାତ୍ର ଜାଣି ପାରିବେ ନାହିଁ ।




# ପର୍ଶୁରାମ ଜନ୍ମୋତ୍ସବ ଉପଲକ୍ଷେ ରକ୍ତଦାନ ଶିବିର

ସମ୍ବଲପୁର,(ସବ୍ୟୁ): ଆସନ୍ତା ୩୦ତାରିଖରେ ସମ୍ବଲପୁର ସହରରେ ପର୍ଶୁରାମ ଜନ୍ମୋତ୍ସବ ସମାରୋହ ପାଳିତ ହେବ । ଏହି ଉପଲକ୍ଷେ ଶ୍ରୀ ପର୍ଶୁରାମ ଜନ୍ମୋତ୍ସବ ସମାରୋହ ସମିତି ପକ୍ଷରୁ ବାଇକ ଶୋଭାଯାତ୍ରା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୮ଟାରେ କ୍ଷେତରାଜପୁର ବୈଷ୍ଣୋ ଦେବୀ ମନ୍ଦିରରୁ ବାଇକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଏହା ସମଲେଶ୍ୱରୀ ମନ୍ଦିର, କୁଞ୍ଜେଲପଡା, ଝାଡୁଆପଡା, ନନ୍ଦପଡା, ମାରୱାଡିପଡା ଦେଇ ପର୍ଶୁରାମ ଭବନରେ ପହଞ୍ଚିଥିଲା । ଶୋଭାଯାତ୍ରାରେ ଶତାଧିକ ବାଇକ ସାମିଲ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାପରେ ପର୍ଶୁରାମ ଭବନ ମାରୱାଡି ପଡା ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ୪୭ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ସମସ୍ତ ରକ୍ତଦାତାକୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଗ୍ରୀଷ୍ମ ଋତୁରେ ରକ୍ତର ଘୋର ଅଭାବ ପରିଲକ୍ଷିତ ହେଉଥିବା ବେଳେ ଏହା କିଛି ମାତ୍ରାରେ ଅଭାବ ପୂରଣ ଦିଗରେ ସହାୟକ ହୋଇପାରିଛି । କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରୀ ପର୍ଶୁରାମ ଜନ୍ମୋତ୍ସବ ସମାରୋହ ସମିତିର ସଭାପତି ବିବେକ ଶର୍ମା, ସମ୍ପାଦକ ଗୌତମ ଶର୍ମା, ଉପଦେଷ୍ଟା କୁଞ୍ଜବିହାରୀ ଶର୍ମା, ତରୁଣ ଗାନ୍ଧୀ, ମନିଷ ଗାନ୍ଧୀ, ଗିରିଜା ଶଙ୍କର ଯୋଶ. ଦିନେଶ ଶର୍ମା, ବିକାଶ ଶର୍ମା, ବିନୟ ଶର୍ମା, କୃଷ୍ଣକାନ୍ତ ଶର୍ମା, ଅଜୟ ଶର୍ମା ଓ ଗୌତମ ଯୋଶୀ ପ୍ରମୁଖ ସହଯୋଗ କରିଥିଲେ ।



(ଶ୍ରୀମଭଗବଦ୍ ଗୀତା ୧୪/୨୩)
-କ୍ଷେତ୍ର-ଗୁଣତ୍ରୟ ବିଭାଗଯୋଗଃ-
(ଶ୍ରୀଭଗବାନୁବାଚ )

**ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ ।**
**ଗୁଣା ବର୍ତ୍ତନ୍ତ ଇତ୍ୟେବ ଯୋଦ୍ଧବତିଷ୍ଠତି ନେଙ୍ଗତେ ।।୨୩।।**

ଯେଉଁ ବ୍ୟକ୍ତି ଉଦାସୀନ ପରି ଅବସ୍ଥାନ କରେ, ଗୁଣକାର୍ଯ୍ୟ ଦ୍ୱାରା ବିଚଳିତ ହୁଏ ନାହିଁ, ବରଂ ସତ୍ତ୍ୱାଦିଗୁଣ ସବୁ ନିଜ କାର୍ଯ୍ୟରେ ବ୍ୟାପୃତ ଅଛନ୍ତି-ଏହିପରି ମନେକରି ଯେ ଅବସ୍ଥାନ କରେ ଏବଂ କାହିଁରେ ବିଚଳିତ ହୁଏ ନାହିଁ, ସେ ଗୁଣାତୀତ ବୋଲି ଅଭିହିତ ହୁଅନ୍ତି ।।୨୩।।

# ମନେପଡ଼ନ୍ତି ମଧୁବାବୁ

**ଶି**ହେ ସତସ୍ତୋରୀ ବର୍ଷ ତଳେ ଯେଉଁ ଶିଶୁପୁତ୍ର ଜଣକ ଓଡ଼ିଶା ମାଟିର ସତ୍ୟଭାମାପୁରରେ ଭୂମିଷ୍ଠ ହୋଇଥିଲେ, ୧୮୪୫ ମସିହା ଏପ୍ରିଲ ୨୮ର ଆଜିର ଦିବସରେ ସେ ଓଡ଼ିଶାର ଅନନ୍ୟ ବରପୁତ୍ର ଭାବେ ରହି ଯାଇଛନ୍ତି ଆମ ଜାତି ଇତିହାସରେ । ମାତ୍ର ସେହି ଇତିହାସକୁ ପଢୁଛନ୍ତି କେତେଜଣ ? ସେହି ବରପୁତ୍ରଙ୍କର ନୀତି ଓ ଆଦର୍ଶକୁ ଅନୁସରଣ କରି ଏ ଜାତି ପାଇଁ ଜୀବନ ଉତ୍ସର୍ଗ କରୁଛନ୍ତି କେତେଜଣ ? ଏହି ବରପୁତ୍ରଙ୍କ ଦେହାବସାନ ଘଟିଥିଲା ୧୯୩୪ ମସିହା ଫେବୃଆରୀ ୪ ତାରିଖରେ, କଟକରେ । ସେ ବରପୁତ୍ର ଜଣକ ହେଉଛନ୍ତି ଆମର ଗୌରବ, ଉତ୍କଳ ଗୌରବ ମଧୁସୂଦନ ଦାସ । ତତ୍କାଳୀନ ଉତ୍କଳ ବା ଏବର ଓଡ଼ିଶାର ସେହି ଅଦ୍ୱିତୀୟ ବ୍ୟକ୍ତିଙ୍କ ଦେହାବସାନ ପରେ ତାଙ୍କର ଶେଷ ଦର୍ଶନ ସକାଶେ କଟକରେ କୁଆଡ଼େ ଅସମ୍ଭବ ଭିଡ଼ ହୋଇଥିଲା ସେଦିନ । ମାତ୍ର ୮୬ ବର୍ଷର ଜୀବନକାଳ ମଧ୍ୟରେ ସେ ଅର୍ଜନ କରିଥିଲେ ଅଜସ୍ର ଯଶ ଓ କୀର୍ତ୍ତି । ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବା ପାଇଁ 'ଉତ୍କଳ ସମ୍ମିଳନୀ' ଜରିଆରେ ତାଙ୍କର ନିରବଚ୍ଛିନ୍ନ ଉଦ୍ୟମ ଶେଷରେ ଫଳପ୍ରଦ ହୋଇଥିଲା । ମାତ୍ର ଦୀର୍ଘଦିନର ପରାଧୀନତା ପରେ ଓଡ଼ିଆ ଜାତି ପାଇଁ ତାଙ୍କପରି ଜଣେ ତ୍ୟାଗୀ, ନୀତିନିଷ୍ଠ ଓ ସମ୍ଭାବନାମୟ ବୀରପୁରୁଷଙ୍କୁ ଓଡ଼ିଆ ଜାତି ଆବଶ୍ୟକ କରୁଥିଲା । ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ, ଓଡ଼ିଆ ଭାଷାର ସୁରକ୍ଷା ପାଇଁ ତାଙ୍କ ତ୍ୟାଗର ପଟାନ୍ତର କାହିଁ ? ଅବଶ୍ୟ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ବେଳକୁ ସେ ଆଖି ବୁଜିଦେଇଥିଲେ ।

ମଧୁସୂଦନ ହିଁ ଥିଲେ ଓଡ଼ିଶାର ସର୍ବ ପ୍ରଥମ ରାଜନୀତିକ ପୁରୁଷ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ସେଥିପାଇଁ ମଧୁବାବୁଙ୍କ ନୀତି ଓ ଆଦର୍ଶରେ ବିଶ୍ୱାସୀ ତାଙ୍କର ଅନ୍ୟତମ ବିଶିଷ୍ଟ ଜୀବନୀ ଲେଖକ ସ୍ୱର୍ଗୀୟ ସୁରସିଂହ ପଟ୍ଟନାୟକ ଲେଖିଛନ୍ତି, ''ମଧୁସୂଦନଙ୍କଠାରୁ ପ୍ରଥମେ ଓଡ଼ିଆମାନଙ୍କୁ ମିଳିଥିଲା ରାଜନୀତି କ୍ଷେତ୍ରରେ ପ୍ରବେଶ କରିବାର ମୁକ୍ତ ଅଧିକାର । ମଧୁସୂଦନଙ୍କ ପୂର୍ବରୁ ଓଡ଼ିଶା ରାଜନୀତିକୁ ପରିଚାଳିତ କରୁଥିଲେ ବହିରାଗତ ବଙ୍ଗୀୟ ନୌକରସାହି ଶାସନର ପ୍ରଶାସକ ଗୋଷ୍ଠୀ ତଥା ଜମିଦାରଗଣ ଆଉ ଦକ୍ଷିଣ ଓଡ଼ିଶାରେ ଉଗ୍ର ଦକ୍ଷିଣ ଭାରତୀୟ ଅମଲାତାନ୍ତ୍ରିକ ତଥା ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ।''

## ସମ୍ପାଦକୀୟ

ମଧୁବାବୁ ରାଜନୀତିରେ ରହି ରାଜ୍ୟର ସ୍ୱାର୍ଥକୁ ଗୁରୁତ୍ୱ ଦେଇଆସିଥିଲେ ଆଉ ସ୍ୱାର୍ଥ ସକାଶେ ସେ ରାଜନୀତିରେ ପ୍ରବେଶ କରି ନ ଥିଲେ । ତାଙ୍କର ଜଣେ ଘନିଷ୍ଠ ସହଯୋଗୀ ଓ 'ଉତ୍କଳ ସମ୍ମିଳନୀ'ର ଜଣେ ସକ୍ରିୟ ସଦସ୍ୟ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର (କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପିତା)ଙ୍କ ଦ୍ୱାରା ସ୍ୱାୟତ୍ତ ଶାସନର ବିଧେୟକଟି ବିହାର-ଓଡ଼ିଶା ବିଧାନସଭାରେ ଆଗତ କରାଯାଇଥିଲା । ଭାଗବତ ପ୍ରସାଦ ସେତେବେଳେ ବିହାର-ଓଡ଼ିଶା ବିଧାନସଭାର କେବଳ ଜଣେ ସଦସ୍ୟ ନ ଥିଲେ, ସେ ଥିଲେ ପ୍ରଥମ ଓଡ଼ିଆ ଉପ-ବାଚସ୍ପତି ମଧ୍ୟ । ମଧୁବାବୁ ସେତେବେଳେ ମନ୍ତ୍ରୀ ଥିଲେ, ସ୍ୱାୟତ୍ତ ଶାସନ ବିଭାଗର । ଜଣେ ଜନପ୍ରତିନିଧି ହୋଇ ସେ ମନ୍ତ୍ରୀ ଭାବେ ମାସିକ ଦରମା ନେବେ ନାହିଁ ଓ ଅନ୍ୟ ମନ୍ତ୍ରୀମାନେ ଦରମା ନ ନେବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ମାତ୍ର ଏଥିରେ ଅନ୍ୟମାନେ ସମ୍ମତ ନ ହେବାରୁ ସେ ମନ୍ତ୍ରୀପଦରୁ ଇସ୍ତଫା ପ୍ରଦାନ କରିଥିଲେ । ଓଡ଼ିଶାର ଜଣେ ପ୍ରଥମ ମନ୍ତ୍ରୀଙ୍କର ଏପରି ତ୍ୟାଗ, ନିଷ୍ଠା ଓ ଦୃଢ଼ତା ପାଇଁ କେତେଜଣ ତାଙ୍କୁ ଆଜି ମନେ ପକାଉଛନ୍ତି ? ଏବର ମନ୍ତ୍ରୀମାନେ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ମାସିକ ଦରମା ନ ନେବାର ଦୃଷ୍ଟାନ୍ତ ସୃଷ୍ଟି କରିଥିବା ପରି ମନେ ହୁଏନାହିଁ । ଅବଶ୍ୟ ସ୍ୱର୍ଗୀୟ ବିଜୁ ପଟ୍ଟନାୟକ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ (୧୯୯୦ରୁ ୧୯୯୫) ହେବା ବେଳକୁ ସେ ମାସିକ ଦରମା ନେଉ ନ ଥିଲେ । କିନ୍ତୁ ନିୟମ ଦୃଷ୍ଟିରୁ ସେ ମାସିକ ଟଙ୍କାଟିଏ ଦରମା ନେଉଥିଲେ । ଉଲ୍ଲେଖନୀୟ ଯେ ଏହି ପରମ୍ପରାକୁ ତାଙ୍କ ନାମରେ ନାମିତ 'ବିଜୁ ଜନତା ଦଳ'ର ମୁଖ୍ୟମନ୍ତ୍ରୀ ବା ଅନ୍ୟ ମନ୍ତ୍ରୀମାନେ ପାଳନ କରିଥିଲେ କି ? ଏବେ ତ ରାଜନୀତିରେ ନୀତି ବୋଲି କିଛି ନାହିଁ ବୋଲି ସଚେତନ ଲୋକେ ଅନୁଭବ କରୁଛନ୍ତି । ଅଥଚ ମଧୁବାବୁ ଓଡ଼ିଶାର ଦଳିତମାନଙ୍କୁ 'ଉତ୍କଳ ଟାନେରୀ' ଜରିଆରେ ଜୋତା ପ୍ରସ୍ତୁତ କରି ଜୀବିକା ନିର୍ବାହ ଲାଗି ସୁଯୋଗ ସୃଷ୍ଟି କରିଥିଲେ । ନିମ୍ନମାନର ଜୋତା ତିଆରି ହେଲେ ସେସବୁକୁ ସେ ନଷ୍ଟ କରିଦେଉଥିଲେ ଏବଂ ଓଡ଼ିଶାରୁ ଉତ୍କୃଷ୍ଟ ଜୋତା ପ୍ରସ୍ତୁତ କରାଇ ସେ ବିଦେଶରେ ସୁନାମ ମଧ୍ୟ ଅର୍ଜନ କରିପାରିଥିଲେ । କିନ୍ତୁ ନୀତିନିଷ୍ଠତା ଯୋଗୁ ସେ ଶେଷ ଜୀବନରେ ଦେବାଳିଆ ଅବସ୍ଥାରେ ପହଞ୍ଚି ଯାଇଥିଲେ । ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ତାଙ୍କର ଜଣେ ସମ୍ପର୍କୀୟଙ୍କ ଜରିଆରେ ମଧୁବାବୁଙ୍କୁ ଋଣମୁକ୍ତ କରିଥିଲେ । ଫଳରେ କଟକର ଯେଉଁ ଘରେ ସେ ରହିଥିଲେ, (ଏବେ ଯେଉଁଠି ଶୈଳବାଳା ମହିଳା କଲେଜ ହୋଇଛି) ସେହି ଘରେ ଜୀବନର ଶେଷ ଦୀପ ଲିଭିବା ପର୍ଯ୍ୟନ୍ତ ସେ ଭଡ଼ା ଦେଇ ରହୁଥିଲେ । ଏପରି ଜଣେ ବରପୁତ୍ରଙ୍କ ପବିତ୍ର ଜୟନ୍ତୀରେ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁଁ ।

**ସଙ୍କଳ୍ପ**

**ମିଶୁ ମୋର ଦେହ**
**ଏ ଦେଶ ମାଟିରେ,**
**ଦେଶବାସୀ**
**ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ**
**ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି**
**ମୋର ମାଂସ ହାଡ଼ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଉତ୍କଳଗୌରବ ମଧୁସୂଦନଙ୍କ ସ୍ମରଣେ



**ଦାଶରଥୀ ଶତପଥୀ**

**ଆ**ଜି ଉତ୍କଳର ପବିତ୍ର ମାଟିରୁ ବହୁ ବରେଣ୍ୟ, ତ୍ୟାଗୀ, ବୀରପୁତ୍ର, ମହାନୁଭବ, ମହାମାନବଗଣ ହଜି ଯାଇଛନ୍ତି ଓ ସେମାନଙ୍କର ବଳିଷ୍ଠ ନେତୃତ୍ୱ ବଳରେ ଉତ୍କଳଜନନୀ ଆଜି ଗର୍ବିତ । ତନ୍ମଧ୍ୟରୁ ଯୁଗପୁରୁଷ କୁଳବୃଦ୍ଧ ମଧୁସୂଦନ ଦାସ ଅନ୍ୟତମ । ସେ ପ୍ରାତଃସ୍ମରଣୀୟ । ସେ ଥିଲେ ବିଚକ୍ଷଣ ବୁଦ୍ଧିମାନ । ଅଖ୍ୟାତ ପଲ୍ଲୀର ସୁଖ୍ୟାତ ସନ୍ତାନ, ଉତ୍କଳ ମାଟିର କୃତି ସନ୍ତାନ, କୀର୍ତ୍ତିମାନ । ଯେତେବେଳେ ଉତ୍କଳ ଜନନୀ ଛିନ୍ନମସ୍ତା, ଆମର ସାମାଜିକ ଅର୍ଥନୀତି ବିପର୍ଯ୍ୟସ୍ତ, ରାଜନୈତିକ, ସାଂସ୍କୃତିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଏବଂ ସାଧାରଣ ମଣିଷ ଦୁଃଖ, ଦୈନ୍ୟ, ଅଭାବ, ଅନାଟନ, ହତାଶ ଭିତରେ କବଳିତ ହୋଇ ରହିଥିବାବେଳେ, ଏପରି ଏକ ଚରମ ଦୁର୍ଦ୍ଦିନରେ ଏହି ମହାନ ପୁରୁଷ ମଧୁସୂଦନଙ୍କ ଆର୍ବିଭାବ ହୋଇଥିଲା, ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁର ଗାଁରେ ।

ଗାଁ ଚାଟଶାଳିରୁ ପାଠପଢା ଆରମ୍ଭ ଓ ପରେ ରେଭେନ୍ସା କଲେଜିଏଟ ସ୍କୁଲ ଏବଂ ଉଚ୍ଚଶିକ୍ଷା ପାଇଁ କଷ୍ଟସାଧ୍ୟ ଅଭିଯାନରେ କଲିକତା ଯାଇ ଅକ୍ଲାନ୍ତ ଉଦ୍ୟମ କରି ସେଠାରୁ ଏମ.ଏ. ପାଶ୍, ବି.ଏଲ. ଡିଗ୍ରୀ ହାସଲ କରିବା ଭିତରେ ଅଧ୍ୟାପନା, କଲିକତା ହାଇକୋର୍ଟରୁ ଓକିଲାତି କରି ଜଣେ ସୁନାମଧନ୍ୟ ଓକିଲଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ ସେ । ସେଠାରେ ପ୍ରବାସୀ ଓଡିଆ ଶ୍ରମିକଙ୍କ ଉଚ୍ଛେଦ ପାଇଁ ହାଇକୋର୍ଟରେ ଲଢି କୃତକାର୍ଯ୍ୟ ହୋଇ ଓଡିଶାର ଦୁଃଖ, ଦୁର୍ଦ୍ଦଶା କଥା ମନେପକାଇ ବ୍ୟତିବ୍ୟସ୍ତ ହୋଇପଡିଥିଲେ ଏବଂ ନିଜେ ଓଡିଆ ଜାତିର ସେବା କରିବା ପାଇଁ କଲିକତା ଛାଡି କଟକକୁ ନିଜର କର୍ମଭୂମି ଭାବି ଅବସ୍ଥାପିତ ହୋଇଥିଲେ ।

ସ୍ୱାଭିମାନୀ ଓଡିଆ ଜାତିର ଜାତୀୟତାକୁ ସଂପୂର୍ଣ୍ଣ ଭାବେ ଲୋପକରି ଏକ ଗୋଡାଣିଆ, ଖୋସାମତିଆ ସଂସ୍କୃତି ସୃଷ୍ଟି କରିବା ପାଇଁ ଇଂରେଜମାନେ ଓଡିଶାର କିଛି ଅଂଶ ମାନ୍ଦ୍ରାଜ ପ୍ରଦେଶରେ, କିଛି ଅଂଶ ବେଙ୍ଗଲ, କିଛି ଅଂଶ ବିହାରରେ ରହିଥିଲା । ଓଡ଼ିଶା ପ୍ରଦେଶ ବିଚ୍ଛିନ୍ନ ଅବସ୍ଥାରେ ରହିଥିଲା ଏବଂ ଇଂରେଜମାନଙ୍କର ପ୍ରଭାବରେ ଓଡିଆ ଭାଷାର ଚଳଣୀ ଉପରେ ବିପଦ ଦେଖାଦେଇଥିଲା । ଏହି ସମସ୍ୟା ମଧୁବାବୁଙ୍କୁ ବ୍ୟତିବ୍ୟସ୍ତ କରିପକାଇଥିଲା । ଗୋଟିଏ ଜାତିକୁ ଦିଗଦର୍ଶନ ଦେବା ସଙ୍ଗେ ସଙ୍ଗେ ଓଡିଶାର ଅତୀତ ଗୌରବମୟ ସଂସ୍କୃତିକୁ ପ୍ରାଧାନ୍ୟ ଦେଇ କିପରି କର୍ମବୀର ହେବାକୁ ପଡିବ ତାହା କବିତା ମାଧ୍ୟମରେ ସେ ବୁଝାଇଥିଲେ । ଆମ ଭିତରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ କରିବାକୁ ଯାଇ ତାଙ୍କ କଣ୍ଠରୁ ନିସୃତ ହୋଇଥିଲା :-

ଜାତି ଇତିହାସ ଜାତିର ନିର୍ଝର
ତହୁଁ ବହେ ସଦା ଜାତି ପ୍ରାଣଧାର,
ଏହି ସମ୍ମିଳନୀ ଜାତିପ୍ରାଣସିନ୍ଧୁ
କୋଟିପ୍ରାଣ ବିନ୍ଦୁ ଧରେ,
ତୋର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ
ଡେଇଁ ପଡି ସିନ୍ଧୁନୀରେ ।।

ଜାତୀୟ ଚେତନାର ଜାଗରଣ ପାଇଁ ସେ କବିତାର ନର୍ଝର ବୁହାଇ ଦେଇଛନ୍ତି । ସୁପ୍ତ ଓଡିଆମାନଙ୍କ ପ୍ରାଣରେ ଜାତୀୟ ଚେତନାର ଉଦ୍ରେକ କରିବାକୁ ଯାଇ ତାଙ୍କୁ ମନେପକାଇ ଦେଇଛନ୍ତି:-

ତୋ ପୂର୍ବ ପୁରୁଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ
ତାଙ୍କରି ଔରଷେ ଜାତ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ।।

ସମସ୍ତ ଓଡିଆମାନଙ୍କୁ ଉତ୍କଳୀୟତାର ମହାମନ୍ତ୍ରରେ ଉଦବୁଦ୍ଧ କରାଇବା, ଶିକ୍ଷା ବ୍ୟବସ୍ଥାରେ ସଂପ୍ରସାରଣ କରିବା, ଓଡିଆ ଭାଷାର ସୁରକ୍ଷା କରିବା, ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ କରିବା, କୃଷିର ବିକାଶ କରିବା, ଶିଳ୍ପାୟନ ପାଇଁ ସମସ୍ତେ ନିସ୍ୱାର୍ଥପର ଭାବେ କାର୍ଯ୍ୟ କରିବା, ସର୍ବୋପରି ସମସ୍ତଙ୍କ ପ୍ରାଣରେ ଜାତୀୟ ଚେତନା ସୃଷ୍ଟି କରିବା ଥିଲା ତାଙ୍କର ଲକ୍ଷ୍ୟ ।



ସେ ଧାରରୁ ନୀର ପିଉଛି ଯେ ନର
ନିଶ୍ଚୟ ହେବ ସେ ଜାତି କର୍ମବୀର ।।

ତାଙ୍କ ମତରେ ସ୍ୱଦେଶ ପ୍ରେମ ମନୁଷ୍ୟର ପ୍ରକୃତ ଧର୍ମ, ଏହା ହିଁ ମନୁଷ୍ୟତା । ଉତ୍କଳ ସମ୍ମିଳନୀ ମାଧ୍ୟମରେ ଓଡିଆମାନଙ୍କ ପ୍ରାଣରେ ଜାତୀୟତାଭାବ ଉଦ୍ରେକ କରିବା ପାଇଁ ମଧୁସୂଦନ ଆପ୍ରାଣ ଉଦ୍ୟମ କରିଥିଲେ । ଜାତୀୟ ଜୀବନର ମର୍ଯ୍ୟାଦା ବୃଦ୍ଧି କରିବା ସକାଶେ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡିଶା ଗଠନ କରିବା ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ସେ ଉତ୍କଳ ସମ୍ମିଳନୀରେ ଆହ୍ୱାନ ଦେଇଥିଲେ ।

ସେ ଥିଲେ ପ୍ରଥମ ଓଡିଆ ଗ୍ରାଜୁଏଟ, ଏମ୍.ଏ., ପ୍ରଥମ ଓଡିଆଭାବେ ବିଲାତ ଯାତ୍ରା କରିଥିଲେ, ପ୍ରଥମ ଓଡିଆ ଓକିଲ, ପ୍ରଥମ ଓଡିଆ ମନ୍ତ୍ରୀ ଏବଂ ମନ୍ତ୍ରୀପଦ ତ୍ୟାଗ କରିବାରେ ପ୍ରଥମ ଭାରତୀୟ । ଜଣେ ବିଧାୟକ ଭାବରେ ମଧୁସୂଦନଙ୍କ ସ୍ଥାନ ଥିଲା ସ୍ୱତନ୍ତ୍ର । ସେ ସମ୍ବିଧାନରେ ବିଶ୍ୱାସ କରୁଥିଲେ କିନ୍ତୁ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯେତେବେଳେ ଦରକାର ହେଉଥିଲା ସରକାରଙ୍କୁ କଠୋର ସମାଲୋଚନା କରିବା ପାଇଁ ପଛାଉନଥିଲେ । ବିହାର ଓଡିଶା ପ୍ରଦେଶର ମନ୍ତ୍ରୀ ଥିବା ସମୟରେ ସେ ଦୁଇଟି ଯୁଗାନ୍ତକାରୀ ଆଇନ ପ୍ରଣୟନ କରିଥିଲେ । ପ୍ରଥମ ଆଇନ ଦ୍ୱାରା ପ୍ରତିନିଧିମାନଙ୍କୁ 'ରିକଲ' ବା ଫେରାଇ ଆଣିବା ବ୍ୟବସ୍ଥା ଏବଂ ଦ୍ୱିତୀୟ ଆଇନଟି ଦ୍ୱାରା ଜିଲ୍ଲାବୋର୍ଡ ଓ ଲୋକାଲ ବୋର୍ଡ ଆଦି ସ୍ୱାୟତ୍ତ ଶାସିତ ଅନୁଷ୍ଠାନମାନଙ୍କରେ ଅନୁନ୍ନତ ସଂପ୍ରଦାୟର ଲୋକମାନଙ୍କ ପାଇଁ ପ୍ରତିନିଧିତ୍ୱ ବ୍ୟବସ୍ଥା କରାଯାଇଥିଲା ।

ଉତ୍କଳ ଜନନୀର ସୁରକ୍ଷା ପାଇଁ ଏବଂ ଉତ୍କଳବାସୀଙ୍କ ଦୁଃଖ ଦୁର୍ଦ୍ଦଶା ମୋଚନ ପାଇଁ ସେ ସଦା ଚିନ୍ତିତ ଥିଲେ । ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରି ମଧ୍ୟ ଓଡିଆ ଜାତିର ସ୍ୱାଭିମାନ ପାଇଁ ଓଡ଼ିଆ ଜାତିର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କୁ ନିଜର ପ୍ରିୟ ଠାକୁରଭାବରେ ଅବହିତ କରି ନିଜେ ହୃଦୟ କନ୍ଦରରେ ଗ୍ରହଣ କରିଥିଲେ । ଶ୍ରୀମନ୍ଦିର ଓ ଗଜପତି ବଂଶର ସ୍ୱାଭିମାନ ସହିତ ଓଡିଆ ଜାତିର ସମ୍ମାନ ରକ୍ଷା ପାଇଁ ସେ ନିରନ୍ତର ଉଦ୍ୟମ କରିଥିଲେ । ବ୍ରିଟିଶ ସରକାର ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ହାତକୁ ନେବା ପାଇଁ ଯେଉଁ କୁଚକ୍ରାନ୍ତ ଚଳାଇଥିଲେ, ସରକାରଙ୍କ ବିରୁଦ୍ଧରେ ଗଜପତିଙ୍କ ତରଫରୁ ମକଦ୍ଦମା ଲଢି ବ୍ରିଟିଶ ସରକାରଙ୍କ ଉଦ୍ୟମକୁ ପଣ୍ଡ କରିଦେଇଥିଲେ । ତାଙ୍କର ଈଶ୍ୱର ବିଶ୍ୱାସରେ ଜାତୀୟତାଭାବ ପ୍ରତିଫଳିତ ହୋଇଥିଲା ଯଥା :-

କୋଟିଏ ଓଡିଆ ଗୋଟିଏ ସ୍ୱରରେ
ଡାକ ଡ୍ରାହି ଜଗନ୍ନାଥ
ଅନ୍ଧାର ଘୁଂଚିବ ନିଶ୍ଚୟ ଦେଖିବ
ଜାତିର ଉନ୍ନତିପଥ ।।

ମଧୁସୂଦନଙ୍କ ଈଶ୍ୱର ବିଶ୍ୱାସ ଧର୍ମର ସଂକୀର୍ଣ୍ଣତାର ଗଣ୍ଡିଭିତରେ ଆବଦ୍ଧ ହୋଇନଥିଲା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଜାତୀୟତାଭାବ ସୃଷ୍ଟି କରିବା ହିଁ ତାଙ୍କର ମୂଳଲକ୍ଷ୍ୟ ଥିଲା । ଓଡିଆ ଭାଷା, ସାହିତ୍ୟ, ସମାଜସେବା ମାଧ୍ୟମରେ ଓଡିଶାବାସୀଙ୍କ ଜାତୀୟତା ତଥା ଦେଶାତ୍ମକବୋଧର ଉନ୍ନତି ପାଇଁ ସେ ଯେଉଁ କର୍ମ କରିଯାଇଛନ୍ତି ତାହା ଚିର ସ୍ମରଣୀୟ ହୋଇ ରହିବ । ମଧୁବାରିଷ୍ଟର ନାମରେ ପରିଚିତ ଉତ୍କଳ ଗୌରବ ମଧୁସୂଦନ ଦାସ ଏକ ବିରଳ ବ୍ୟକ୍ତିତ୍ୱ । ଆଜିର ଏହି ପୁଣ୍ୟ ଜୟନ୍ତୀରେ, ତାଙ୍କର କୃତି ଓ କିର୍ତ୍ତୀ ପାଇଁ ସମଗ୍ର ଓଡିଆ ଜାତି ତାଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଅଛି ।

**ପ୍ରାକ୍ତନ ଆୟୁକ୍ତ ତଥା ସଚିବ, ଓଡିଶା ବିଧାନସଭା**
**ମୋ: ୯୩୩୭୪୯୩୭୩**

# ଭାଗବତ ଟୁଙ୍ଗିର ଆବଶ୍ୟକତା

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

**ଭା**ଗବତ ଟୁଙ୍ଗି ଆମ ଗ୍ରାମ୍ୟ ଜୀବନର ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାମାଜିକ ପ୍ରାଣ କେନ୍ଦ୍ର । ସାରା ଗାଁକୁ ଏକତାର ସୂତ୍ରରେ ବାନ୍ଧି ରଖିଥାଏ ଭାଗବତ ଟୁଙ୍ଗି । ଆମ ସଂସ୍କୃତି ଓ ପରମ୍ପରାର ଏହି ମହାନ ପ୍ରତୀକ ଭାଗବତ ଟୁଙ୍ଗି ହେଉଛି ଓଡିଆ ଜାତି ପାଇଁ ସାଂସ୍କୃତିକ ଅସ୍ମିତାର ଏକ ଗୌରବମୟ ପରିଚୟ । ସଞ୍ଜ ନଇଁଲେ ଗାଁ ମୁଣ୍ଡ ଭାଗବତ ଟୁଙ୍ଗିରୁ ଭାସିଆସୁଥିଲା- 'ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ, ପଦ୍ମ ଗଳୁଛି ମକରନ୍ଦ / ସେ ମକରନ୍ଦ ପାନ କରି ଭବୁ ତରିଲେ ବ୍ରଜନାରୀ' । ଏହା ଏକ ପାରମ୍ପରିକ ତତ୍ତ୍ୱ ଆଧାରିତ ଯାହା ଓଡିଆ ଲୋକମାନଙ୍କ ଚିନ୍ତା ଚେତନା ଆଉ ସାମାଜିକ ଜୀବନରେ ଗଭୀର ପ୍ରଭାବ ପକାଉଥିଲା ।

ଓଡ଼ିଆ ମଣିଷଟିଏ ଦିନସାରା ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ କର୍ମ ସାରି ସଞ୍ଜ ବେଳକୁ ଭାଗବତ ଟୁଙ୍ଗିକୁ ଆସୁଥିଲା ଆଉ ସେହିଠାରେ ଭାଗବତ ପାଠ ଶୁଣି ଘରକୁ ଫେରୁଥିଲା । ଜାତି, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ଏଇ ଭାଗବତ ଟୁଙ୍ଗି ଥିଲା ଉପାସନାର ଘର । ସୂର୍ଯ୍ୟ ନଇଁଲେ ଗ୍ରାମ୍ୟବଧୂ ଏଠି ଦୀପ ଜାଳୁଥିଲେ । ପିଲାଏ ଘଣ୍ଟ, ମୃଦଙ୍ଗ, ଝାଞ୍ଜ, କରତାଳ ବଜେଇ କୀର୍ତ୍ତନ କରୁଥିଲେ । ଏହା ପରେ ପୁରାଣ ପଣ୍ଡା ଆସି ଭାଗବତ ଟୁଙ୍ଗିରେ ପହଞ୍ଚୁଥିଲେ । ପୁରା ଗାଆଁ ଗୋଟାକ ଏକତ୍ରିତ ହୋଇ ଯାଉଥିଲେ । ଆଜି କିନ୍ତୁ ସମୟ ବଦଳି ଯାଇଛି ,ଗାଁ ମୁଣ୍ଡରେ ଆଉ ଦେଖିବାକୁ ମିଳୁନି ସେହି ଭାଗବତ ଟୁଙ୍ଗି କି ସେଠାରୁ ଆଉ ଶୁଭୁନି ଆଉ ସେହି ମୂଲ୍ୟବାନ ସାମାଜିକ ପରମ୍ପରା ଯୁକ୍ତ ଭାଗବତ ଗୀତ । ସମୟ ବଦଳିଛି ତା ସାଙ୍ଗକୁ ବଦଳିଛି ଆମ ସଂସ୍କୃତି ପରମ୍ପରା ଓ ପରିଭାଷା । ଭାଗବତ ପଢିବାକୁ ଆଉ ସମୟ ହେଉନ । ତେବେ କାହିଁକି ଏବେ ଆଗ ଠାରୁ ଅଧିକ ଭାଗବତ ଟୁଙ୍ଗିରେ ଆବଶ୍ୟକତା ଅଛି ଆସନ୍ତୁ ସେ ବିଷୟରେ ଅଧିକ ସୂଚନା ଜାଣିବା

ଆମ ଓଡ଼ିଶାରେ ଭାଗବତ ଟୁଙ୍ଗି ଓଡ଼ିଶାରେ ଆଗକାଳରେ ପ୍ରଚଳିତ ଏକ କୋଠଘରକୁ ବୁଝାଇଥାଏ ଯେଉଁଠାରେ ଗାଁର ଲୋକମାନେ ସଞ୍ଜ ବେଳେ ମେଳି ହୋଇ ଭାଗବତ, ଓଡ଼ିଆ ରାମାୟଣ, ଓଡ଼ିଆ ମହାଭାରତ ତଥା ନାନାଦି ପୁରାଣ ଆଲୋଚନା, ଗାଁରେ ହେଉଥିବା ଅସୁବିଧା ଓ ତାହାର ସମାଧାନ, ନ୍ୟାୟ-ନିଶାପ ଆଦି କରୁଥିଲେ । ଏଥିରେ ଧନୀ, ଗରିବ, ପଢୁଆ, ଅପାଠୁଆ ସଭିଏଁ ଭାଗ ନେଉଥିଲେ । ପୁରୀର ସାତଲହରୀ ମଠରେ ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଏହି ଭାଗବତ ଟୁଙ୍ଗି ପ୍ରଥମେ ଆତ୍ମପ୍ରକାଶ କରିଥିଲା ଓ କ୍ରମେ ସମଗ୍ର ଓଡ଼ିଶାରେ ଗଢ଼ି ଉଠିଥିଲା । ଅତିବଡ଼ି ଜଗନ୍ନାଥ ଦାସଙ୍କ କୃତ ଶ୍ରୀମଦ୍‌ଭାଗବତ ଓଡ଼ିଶାରେ ସବୁଠାରୁ ଲୋକପ୍ରିୟ ଗ୍ରନ୍ଥ । ଆଜି ବି ଗାଁ ଗାଁରେ ଲୋକେ ଭାଗବତ ସପ୍ତାହ, ପାରାୟଣ ଓ ହରି ହାଟ ଆଦି ମାଧ୍ୟମରେ ଏହାର ପଠନ ଓ ଶ୍ରବଣ କରିଥାନ୍ତି । ଏହି ଗ୍ରନ୍ଥକୁ ନିତ୍ୟ ପାଠ କରିବାପାଇଁ ଏକ ଲୋକୋକ୍ତି ପ୍ରଚଳିତ । 'ପରମ ଶାସ୍ତ୍ର ଭାଗବତ / ଅଭ୍ୟାସ କରୁଥିବ ନିତ୍ୟ' । ଭାଗବତର ନିତ୍ୟ ଅଭ୍ୟାସକୁ ସମ୍ଭବ କରିବାପାଇଁ ଆଗକାଳରେ ପ୍ରତ୍ୟେକ ଗ୍ରାମରେ ଭାଗବତ ଟୁଙ୍ଗି ନାମରେ ଏକ ସ୍ୱତନ୍ତ୍ର ଘର ନିର୍ମାଣ କରାଯାଉଥିଲା । ଯାହା ଆଜି ବି ଅନେକ ଗାଁରେ ଦେଖିବାକୁ ମିଳିଥାଏ । ଓଡ଼ିଶାରେ ଭାଗବତ ଟୁଙ୍ଗିଗୁଡିକରେ ପୁରାଣ ପଣ୍ଡା ଭାଗବତ ଓ ଅନ୍ୟାନ୍ୟ ପୁରାଣ ପାଠ କରୁଥିଲେ, ଯାହାକୁ ସଭିଏଁ ବସି ଶୁଣୁଥିଲେ । ଶେଷରେ ଦିଅଁଙ୍କ ପାଖରେ ଭୋଗ ଲଗାଯାଉଥିଲା ଓ ସମସ୍ତେ ଏଇ ପ୍ରସାଦ ପାଇ ନିଜ ନିଜ ଘରକୁ ଫେରୁଥିଲେ । ପାଠୁଆ-ଅପାଠୁଆ, ଯୁବକ-ବୃଦ୍ଧ ନିର୍ବିଶେଷରେ ଏଇ ଘର ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖୁଥିଲା । ଭାଗବତ ବଢ଼ା, ଭାଗବତ ସପ୍ତାହ ପରି ଅନେକ ଉତ୍ସବ ଗାଁର ଲୋକେ ସମବେତ ହୋଇ ଏଇ ପରିସରରେ ପାଳନ କରୁଥିଲେ, ଏକାଠି ବସି ପ୍ରସାଦ ସେବନ କରୁଥିଲେ ।

ସମନ୍ୱୟ ଚେତନାର ବାର୍ତ୍ତାବହ ଏଇ ଭାଗବତ ଘର ସମସ୍ତଙ୍କୁ ଏକ କରି ରଖିବାର ସୂକ୍ଷ୍ମ ଅଥଚ ପ୍ରଭାବଶାଳୀ ସୂତ୍ର ଥିଲା । ଭାଗବତ ଟୁଙ୍ଗିରେ ପଣ୍ଡିତେ ଶ୍ଲୋକ ବିଶ୍ଳେଷଣ କରିବା ସହିତ ଭିନ୍ନ ଭିନ୍ନ ସାମାଜିକ ସଂସ୍କାର, ପାରିବାରିକ ଶିକ୍ଷା ପ୍ରଦାନ କରୁଥିଲେ । ପରିବାର ମୁଖିଆର ଧର୍ମ, ଶାଶୁଧର୍ମ ଓ ବୋହୂଧର୍ମ ପିଲାମାନଙ୍କୁ ସଂସ୍କାର, ଦିନଚର୍ଯ୍ୟା, ଶୁଭମଙ୍ଗଳ କାର୍ଯ୍ୟର ଶୁଭବେଳ ଇତ୍ୟାଦି ସାମାଜିକ ଚର୍ଚ୍ଚା ହେଉଥିଲା । ଏହିଠାରୁ ଲୋକମାନେ ଶିକ୍ଷା ଗ୍ରହଣ କରୁଥିଲେ ଓ ସମାଜରେ ଶୃଙ୍ଖଳା ଥିଲା । ପିତାମାତା ଗୁରୁ ଗୁରୁଜନଙ୍କ ପ୍ରତି ପ୍ରଗାଢ ସମ୍ମାନ ଥିଲା ।

ପୂର୍ବରୁ ଭାଗବତ ପଢ଼ା ପାଇଁ ଗ୍ରାମବାସୀମାନଙ୍କର ଏକ କୋଠଘର ଥିଲା ଓ ଏଥିରେ ସମସ୍ତଙ୍କର ସମାନ ଅଧିକାର ଥିଲା । ଏଠାରେ ଓଡ଼ିଆ ଭାଗବତକୁ ବିଧିବତ୍ ପୂଜା କରି ରଖାଯାଉଥିଲା ଓ ପ୍ରତିଦିନ ସଞ୍ଜବେଳେ ଲୋକେ ଏକତ୍ର ହୋଇ ଏହାର ପଠନ ଓ ଶ୍ରବଣ କରୁଥିଲେ । ଭାଗବତ ଟୁଙ୍ଗିର ଦାୟିତ୍ୱ ନେଉଥିଲେ ବାନପ୍ରସ୍ଥାଶ୍ରୟୀ ପ୍ରୌଢ଼ମାନେ । ଏହାର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଅର୍ଥ, ସାମଗ୍ରୀ ଓ ଶ୍ରମ ପ୍ରତ୍ୟେକ ଗ୍ରାମବାସୀ ସ୍ୱ-ଇଚ୍ଛାରେ ପ୍ରଦାନ କରୁଥିଲେ । ଭାଗବତ ପଢ଼ା ବ୍ୟତୀତ ଏହି ଘରକୁ ଅନ୍ୟ ସମୟରେ ପୋଥି ପଢ଼ିବା, ପୋଥି ଉତାରିବା, ବାଣି କାଟିବା, ମସିଣା ବୁଣିବା ଇତ୍ୟାଦି କାମପାଇଁ କେହି ବି ଗ୍ରାମବାସୀ ବ୍ୟବହାର କରି ପାରୁଥିଲା ।

ଏହି ଘର ସମସ୍ତଙ୍କ ପାଇଁ ସବୁବେଳେ ଉନ୍ମୁକ୍ତ ଥିଲା । ଏହା ଥିଲା ସମସ୍ତଙ୍କର, ସମସ୍ତଙ୍କଦ୍ୱାରା ଓ ସମସ୍ତଙ୍କପାଇଁ । ରାତି ବେଳକୁ ଗାଁରେ କେହି ପଥଚାରୀ ପହଞ୍ଚିଲେ ତାଙ୍କ ରହିବାର ବ୍ୟବସ୍ଥା ଏଇଠି କରା ଯାଉଥିଲା ଓ ଗ୍ରାମବାସୀମାନେ ତାଙ୍କ ଭୋଜନର ବ୍ୟବସ୍ଥା କରୁଥିଲେ । ସାଧୁସନ୍ଥ, ନାଗାସାଧୁ, ଜଗନ୍ନାଥଙ୍କ ପୂଜାପଣ୍ଡା, ଜାନୁ ଘଣ୍ଟିଆ, ମଙ୍ଗଳ ଘଣ୍ଟିଆ, ଚକୁଳିଆ ପଣ୍ଡା କେହି ବି ଆସିଲେ ତାଙ୍କ ରହିବା ଖାଇବାର ବ୍ୟବସ୍ଥା ଏଇଠି କରାଯାଉଥିଲା । ଖଜଣା ଆଦାୟ ପାଇଁ କୌଣସି ସରକାରୀ ଅଧିକାରୀ ଆସିଲେ ତାଙ୍କର ରହଣି ପାଇଁ ମଧ୍ୟ ଏଠାରେ ବ୍ୟବସ୍ଥା ହେଉଥିଲା । ବିବାହ, ବ୍ରତ ଆଦି ସାମାଜିକ ଅନୁଷ୍ଠାନରେ ଯୋଗଦେବାପାଇଁ ଆସିଥିବା କୁଣିଆଁପାଇଁ ଯଦି କୌଣସି ଗ୍ରାମବାସୀର ଘରେ ଜାଗା ନିଅଣ୍ଟ ହେଉଥିଲା, ତେବେ ସେମାନେ ଏଠାରେ ରହୁଥିଲେ ।

ଗାଁକୁ ପାଲା, ଦାସକାଠିଆ ଆଦି ଲୋକନୃତ୍ୟକାରୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣକାରୀ ଦଳ ଆସିଲେ ସେମାନେ ମଧ୍ୟ ଏଠାରେ ଅବସ୍ଥାନ କରୁଥିଲେ । ଗାଁର ଯୁବକମାନେ ସକାଳୁ ବ୍ୟାୟାମ କରିବାପାଇଁ ଏଇ ପରିସରକୁ ବ୍ୟବହାର କରୁଥିଲେ । ଅନୁଭବୀ ଶିକ୍ଷକଙ୍କଠାରୁ ସେମାନେ ଶରୀରଚର୍ଯ୍ୟାର କଳା ଓ ବଳିଷ୍ଠ ଶରୀର ଗଠନର ଉପାୟ ଶିଖି ତାକୁ ଅଭ୍ୟାସ କରୁଥିଲେ । ଗାଁରେ କେତେବେଳେ କାହା କାହା ଭିତରେ ମନାନ୍ତର, ମତାନ୍ତର, କଳିତକରାଳ ହେଲେ ଏଇଠି ବସି ଗାଁର ମୁଖିଆ ଓ ଭଦ୍ରଲୋକେ ନ୍ୟାୟ ନିଶାପ କରି କଥା ମେଣ୍ଟେଇ ଦେଉଥିଲେ । ଗ୍ରାମପଞ୍ଚ : ପଞ୍ଚ ପରମେଶ୍ୱରଙ୍କର ଏହି ନିଷ୍ପତ୍ତିକୁ ଗାଁର ଲୋକେ ମାନୁଥିଲେ । ଏଥିପାଇଁ ସେମାନଙ୍କୁ କୋର୍ଟ କଚେରୀର ଦ୍ୱାରସ୍ଥ ହୋଇ ହୀନିମାନ ହେବାକୁ ପଡୁ ନ ଥିଲା । ଭାଗବତ ଟୁଙ୍ଗି ଏକ ଶିକ୍ଷାକେନ୍ଦ୍ର ରୂପେ କାମ କରୁଥିଲା । ପିଲାଏ ଏଠାରେ ସେମାନଙ୍କର ପ୍ରଥମ ବିଦ୍ୟାଶିକ୍ଷା ମାଟି ଅବଧାନଙ୍କଠାରୁ କରୁଥିଲେ । ଏହାଛଡ଼ା ଗାଁର ସମସ୍ତଙ୍କୁ ଏଇଠୁ ନୈତିକ ଶିକ୍ଷା ମିଳୁଥିଲା, ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନ ଯାପନର ଗୁରୁମନ୍ତ୍ର ସେମାନେ ଏଇଠୁ ଶିଖୁଥିଲେ । ପୁରାଣ ଶାସ୍ତ୍ର ଚର୍ଚ୍ଚା ସେମାନଙ୍କର ଚେତନାର ବିକାଶ କରିବା ସହିତ ସେମାନଙ୍କୁ ଆନନ୍ଦିତ ଓ ସୁସ୍ଥ ରହିବାର ଅନେକ ସୂତ୍ର ଶିଖାଉଥିଲା । ସଙ୍ଗୀତ ଓ ଗାୟନ-କୀର୍ତ୍ତନ ଶିକ୍ଷାର ସୂତ୍ରପାତ ଏଇ ଘରୁ ହିଁ ହେଉଥିଲା । ଭାଗବତଟୁଙ୍ଗି ଏକ ସୂଚନାକେନ୍ଦ୍ର ରୂପେ ମଧ୍ୟ କାମ କରୁଥିଲା ।

ଦୈନିକ ପୁରାଣ ପାରାୟଣ ପରେ ପୁରୁଖା ଗ୍ରାମବାସୀମାନେ ବସି ଗାଁର ସୁବିଧା ଅସୁବିଧା ବିଷୟରେ ଚର୍ଚ୍ଚା କରୁଥିଲେ ଓ କୌଣସି ବିଶେଷ ଘଟନା ଅଘଟନ ବିଷୟରେ ସୂଚିତ କରାଯାଇ ଏହାର ପରିଣାମ ସମ୍ବନ୍ଧରେ ଲୋକମାନଙ୍କୁ ସତର୍କ କରି ଦିଆଯାଉଥିଲା । ଭାଗବତ ଠାକୁରଙ୍କ ନାଁରେ ଏକ ସ୍ୱତନ୍ତ୍ର ସମବାୟ ପାଣ୍ଠୀ ଗଠନ କରାଯାଉଥିଲା । ଗାଁର କୋଠ ଗଛ ମାଛର ନିଲାମରୁ ଲବ୍ଧ ଅର୍ଥ, ଅନାବାଦୀ ଜମି ଚାଷରୁ ମିଳୁଥିବା ଶସ୍ୟ ଓ ତା'ର ବିକ୍ରୟଲବ୍ଧ ଅର୍ଥ, ସମସ୍ତଙ୍କ ଚାନ୍ଦାଭେଦାରୁ ପ୍ରାପ୍ତ ଅର୍ଥ ଏଠାରେ ଜମା ରହୁଥିଲା ।

କେହି ବି ଗ୍ରାମବାସୀ ଅଭାବ ଅସୁବିଧା ସମୟରେ ଏଠାରୁ ଋଣ ନେଉଥିଲା ଓ ଉଚିତ ସମୟରେ ପଇଠ କରୁଥିଲା । ସେଥିପାଇଁ ସାହୁକାରକୁ ମୋଟା ସୁଧଦେବାର ଆବଶ୍ୟକତା ରହୁ ନଥିଲା । ଓଡ଼ିଶା ଇଂରେଜମାନଙ୍କ କବଳକୁ ଆସିବାଯାଏଁ ଏଇ ଭାଗବତ ଟୁଙ୍ଗିଗୁଡ଼ିକର ପ୍ରଭାବ ରହିଥିଲା । ତେବେ ଅଧୁନା ଭାଗବତ ଟୁଙ୍ଗିର ପ୍ରଚଳନ ଖୁବ୍ କମ । ଭାଗବତ ଏକ ଧର୍ମ ପୁସ୍ତକ ତାହାନୁହେଁ ତାହା ଭିତରେ ଲୁଚି ରହିଛି ଜୀବନ ବଞ୍ଚିବାର ମନ୍ତ୍ର ଓ ଭାଗବତ ଟୁଙ୍ଗି ଏକ ଧାର୍ମିକ ମନ୍ଦିର ସଦୃଶ୍ ଯାହା ସାମାଜିକ ଜୀବନ ଶୈଳୀରେ ଅନେକ ସଂସ୍କାର ଆଣିବାର ସହାୟକ ହେଉଥିଲା । ଆଗରୁ ଲୋକମାନଙ୍କ ମଧ୍ୟରେ ଘଟୁଥିବା ମନୋମାଳିନ୍ୟକୁ ଭାଗବତ ଟୁଙ୍ଗି ଗ୍ରାମୀଣ କଚେରୀ ଭାବରେ ଭାଗବତ ଧାର୍ମିକ ନ୍ୟାୟ ପ୍ରକ୍ରିୟାରେ ଅନେକ ଛୋଟ ମୋଟ ସମସ୍ୟାର ସମାଧାନ କରିପାରୁଥିଲା । ଆଜିର ଏହି ଆଧୁନିକ ଯୁଗରେ, ପୁଣି ଥରେ ଭାଗବତ ଟୁଙ୍ଗିର ମହତ୍ତ୍ୱକୁ ଉପଲବ୍ଧି କରିବାର ଆବଶ୍ୟକତା ଦେଖାଦେଇଛି ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ - ୮୨୪୯୫୦୨୭୭୬**

# କୁଆପଥର,ବର୍ଷା ସାଙ୍ଗକୁ ପବନରେ ବ୍ୟାପକ କ୍ଷୟକ୍ଷତି

ନୂଆପଡ଼ା,(ସବ୍ୟୁ):ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ପଣ୍ଡରାପଥର ଏବଂ ସ୍ଥାନୀୟ ଆଖପାଖ ଗ୍ରାମରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ସହ ଚାଷୀଙ୍କ ଫସଲ ହାନୀ ହୋଇଛି। କୁଆପଥର ମାଡ଼ ସହ ବର୍ଷା ପବନରେ ଚାଷୀଙ୍କ ଧାନ, ପନିପରିବା ଫସଲ ନଷ୍ଟ ହୋଇଛି। ଏପରିକି ବିଭିନ୍ନ ସ୍ଥାନରେ ଗଛପଡ଼ି ତାର ଛିଣ୍ଡି ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଶନିବାର ରାତିରେ କୋମନା ବ୍ଲକ ଅନ୍ତର୍ଗତ ପଣ୍ଡରାପଥର , କାଣ୍ଡେତରା,ବୁଢି କୋମନା, କୁରେଶ୍ୱର, ଖାଇରଭାଡ଼ି, ଜଡାମୁଣ୍ଡା, ମାନିଗୁଡ଼ା, ଗନିଆରି, ନାଇକପଡ଼ା,ସିହିନାମୁଣ୍ଡା ଆଦି ଅନେକ ଗ୍ରାମର ଚାଷୀଙ୍କ ଧାନ, ପନିପରିବା ଫସଲ ନଷ୍ଟ ହୋଇଛି। ଚାଷୀମାନେ ଧାର କରଜ କରି ରବି ଧାନ ଚାଷ କରିଥିଲେ। ଏବେ ଧାନ ଅମଳ ହେବାକୁ ଥିବା ବେଳେ ବର୍ଷା ପବନ ସାଙ୍ଗକୁ କୁଆପଥର ମାଡ଼ରେ ଧାନ ସବୁ ପାଣିରେ ଭାସୁଛି। ପାଚିଲା ଧାନ ସବୁ ଝଡ଼ି ପଡିଛି। ଫଳରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଅନେକ ଗ୍ରାମର ୧୧ କେଭି ବିଦ୍ୟୁତ୍ ତାର ଉପରେ ଗଛପଡ଼ି ବିଦ୍ୟୁତ୍ ସରବରାହ ବନ୍ଦ ରହିବା ସହ ଜଟଗଡ-ସୋରିପଡା ରାସ୍ତାରେ ବିଶାଳ ଏକ ବରଗଛ ଟଳିପଡ଼ି ରାସ୍ତାରେ ଯାତାୟାତ ଅବରୋଧ ହୋଇଛି। ସେହିପରି ଜଟଗଡ ଜଡ଼ାମୁଣ୍ଡା, ଗନିଆରି, କୁମୁଟିମୁଣ୍ଡା ଓ ମାନିଗୁଡ଼ା ଅଞ୍ଚଳରେ କାଳବୈଶାଖିରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ଅଞ୍ଚଳବାସୀ କରିଛନ୍ତି। ଜିଲ୍ଲା ପ୍ରଶାସନ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ବୁଦ୍ଧିଜୀବୀ ମହଲ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜଙ୍ଗଲରୁ ...

ଛତିଶଗଡ଼ରେ ନକ୍ସଲଙ୍କ ଆଉ ନିସ୍ତାର ନାହିଁଛ ଜଂଗଲରେ ଯବାନ କମ୍ବିଂକୁ ଜୋରଦାର କରି ନକ୍ସଲଙ୍କର ସମସ୍ତ ଡମ୍ପ, ବଙ୍କର ଠାବ କରି ସେଗୁଡିକ ଧ୍ୱଂସ କରିବା ସହ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁରଖିଥିବା ବୋମାଗୁଡିକକୁ ମଧ ନିଷ୍କ୍ରିୟ କରାଯାଉଛି ।ଏହି କ୍ରମରେ ଧମତରୀ ପୁଲିସ, ଡିଆରଜି, ସିଆରପିଏଫ ସର୍ଚ୍ଚ ଅପରେସନ ବେଳେ ଜଂଗଲରୁ ମାଓଡମ୍ପକୁ ଉଦ୍ଧାର କରିଛନ୍ତି । ଖଲ୍ଲାରୀ ଥାନା ଅଂଚଳର ଚମେନ୍ଦା, ସାଲେଭାଟ ଜଂଗଲରେ ସର୍ଚ୍ଚ ଅପରେସନ ବେଳେ ଯବାନ ଜଂଗଲରୁ ମାଓ ଡମ୍ପ ଦେଖିଥିଲେ । ଡମ୍ପରେ ୩ଟି ପ୍ରେସର କୁକର ବୋମା, ୩ଟି ଟିଣ ଡବାରେ ବୋମା, ୨ଟି ପାଇବ ବୋମା, ଅସ୍ତ୍ରଶସ୍ତ୍ର ସହ ମାଓ ସାମଗ୍ରୀ ଜବତ କରାଯାଇଛି । ତୁରନ୍ତ ବୋମା ନିଷ୍କ୍ରିୟ ଦଳକୁ ଘଟଣାସ୍ଥଳକୁ ଡାକି ବୋମାଗୁଡିକକୁ ନିଷ୍କ୍ରିୟ କରାଯାଇଥିଲା । ନକ୍ସଲଙ୍କର ବଡ ଆକ୍ରମଣକୁ ଯବାନ ପଣ୍ଡ କରାଯାଇଥିବା କୁହାଯାଇଛି ।

### ବ୍ରହ୍ମପୁରକୁ...

ଦୁର୍ଭାଗ୍ୟର କଥା, ଆମ ରାଜ୍ୟରେ ଏହି ନୂତନ ଶିକ୍ଷା ନୀତିକୁ ୫ ବର୍ଷ ଧରି ଲାଗୁ କରାଯାଇ ନ ଥିଲା । ଆଜି ଆମ ସରକାର ଆସିବା ପରେ, ଏହା ଲାଗୁ କରାଯାଇଛି । ଏହାଦ୍ୱାରା ନିଶ୍ଚିତଭାବେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ । ସେ ପୁଣି କହିଥିଲେ ଯେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଆମେ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଶିକ୍ଷା ବା ଶିଶୁବାଟିକା ଆରମ୍ଭ କରିଛୁ । ନୂତନ ଜାତୀୟ ଶିକ୍ଷାନୀତି ଆଧାରରେ ଓଡିଶାରେ ମଧ ନିପୁଣ ଓଡିଶା ମିଶନ ଆରମ୍ଭ କରାଯାଇଛି । ଏଥିରେ ଛାତ୍ରଛାତ୍ରୀ ମାନଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ବୃଦ୍ଧି ପାଇଁ ବ୍ୟବସ୍ଥା କରାଯାଇଛି । ନିପୁଣ ଓଡିଶା କାର୍ଯ୍ୟକ୍ରମ ଜରିଆରେ ଆମର ଛାତ୍ରଛାତ୍ରୀମାନେ ନିଶ୍ଚିତଭାବେ ମୌଳିକ ଜ୍ଞାନ ହାସଲ କରି ଉଚ୍ଚଶିକ୍ଷାରେ ସଫଳ ହେବେ । ସେ ଆହୁରି କହିଥିଲେ ପୂର୍ବ ସରକାରଙ୍କ ୫ଟ୍ଟ ସ୍କୁଲ ଏକ ପ୍ରହସନ ଥିଲା ।ମାତ୍ର ୧୬ ପ୍ରତିଶତ ସ୍କୁଲରେ ଇଣ୍ଟରନେଟ ସଂଯୋଗ କରି ଡିଜିଟାଲ ସ୍କୁଲ ନାଁରେ ପ୍ରହସନ ଚାଲିଥିଲା । ବାସ୍ତବ କ୍ଷେତ୍ରରେ ପିଲାମାନଙ୍କ ଉତ୍ତମ ଶିକ୍ଷାଦାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ଆମ ସରକାର ଆସିବା ପରେ ଏବେ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛୁ । ଉତ୍ତମ ଭିତ୍ତିଭୂମି ସହିତ ଗୁଣି ଓ ତାଲିମପ୍ରାପ୍ତ ଶିକ୍ଷକ ପଞ୍ଚାୟତସ୍ତରରେ ଏହି ବିଦ୍ୟାଳୟ ମାନଙ୍କରେ ଶିକ୍ଷାଦାନ କରିବେ । ଆଦିବାସୀ ପିଲାଙ୍କ ଭିତରେ ଡ୍ରପଆଉଟ ହାର କମାଇବା ପାଇଁ ମାଧୋସିଂ ହାତଖର୍ଚ୍ଚ ଯୋଜନା ଆରମ୍ଭ କରାଯାଇଛି । ଚଳିତବର୍ଷ ବଜେଟରେ ପ୍ରାଥମିକ ଶିକ୍ଷା ପାଇଁ ରେକର୍ଡ ୩୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ପୁଷ୍ଟିକର ଖାଦ୍ୟ ମଧ୍ୟାହ୍ନ ଭୋଜନରେ ଯୋଗାଇ ଦିଆଯାଉଛି । ଆଗାମୀ ଦିନରେ ଏହିସବୁ ପଦକ୍ଷେପ ଗୁଡିକ ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବ ସ କହିଥିଲେ । ବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଦାବି ସଂପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟରେ ସାମିଲ କରାଯିବ । ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ଏକ ଡି.ପି.ଆର ପ୍ରସ୍ତୁତ କରିବାପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ସ୍କୁଲ ପକ୍ଷରୁ କରାଯାଇଥିବା ସମସ୍ତ ଦାବିଗୁଡିକ ନିଶ୍ଚିତଭାବେ ପୂରଣ କରାଯିବ । ଏଥିପାଇଁ ଯାହା ଅର୍ଥ ଆବଶ୍ୟକ, ଆମ ସରକାର ନିଶ୍ଚିତ ଭାବେ ଯୋଗାଇଦେବେ । ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ନିର୍ବାଚନ ପୂର୍ବରୁ ଯେଉଁ କଥା ଦେଇଥିଲେ, କଥା ରଖି ସବୁ କାମ କରିଛନ୍ତି । ଚାଷୀ, ମହିଳା, ଯୁବବର୍ଗ, ଗରୀବ - ସମସ୍ତଙ୍କ ପାଇଁ ଆମେ କାମ କରୁଛୁ । ଆଗାମୀ ଦିନରେ ଗଞ୍ଜାମ ଜିଲ୍ଲାରେ ଏକ ଲକ୍ଷ କୋଟିରୁ ଅଧିକ ଟଙ୍କା ନିବେଶରେ ବ୍ୟାପକ ଶିଳ୍ପ ପ୍ରତିଷ୍ଠା ହେବ । ଗଞ୍ଜାମ ଜିଲ୍ଲାର ଯୁବକଯୁବତୀ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଅଞ୍ଚଳବାସୀଙ୍କ ଦାବିକୁ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆଗାମୀ ଦିନରେ ଏ ଅଞ୍ଚଳର କିପରି ବିକାଶ ହୋଇପାରିବ, ସେଥିପ୍ରତି ଆମେ ସ୍ୱତନ୍ତ୍ର ଦୃଷ୍ଟି ଦେବୁ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବ୍ରହ୍ମପୁରକୁ ଆସିବ, ଆପଣ ମାନଙ୍କ ଦାବୀ ଓ ସମସ୍ୟା ଶୁଣିବା ପାଇଁ ବ୍ରହ୍ମପୁରକୁ ଆସିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍କୁଲର ୪ ଜଣ ବର୍ଷୀୟାନ ପୂରାତନ ଛାତ୍ର ଏବଂ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପରିବାର ସଦସ୍ୟଙ୍କୁ ମଞ୍ଚକୁ ଡାକି ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଜିଲ୍ଲା ଓ ରାଜ୍ୟସ୍ତରରେ କୃତୀବ ଅର୍ଜନ କରିଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଏବଂ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖିଥିଲେ । ଖଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଞ୍ଜାମ ଜିଲ୍ଲାପାଳ, ସାମନ୍ତିଆପଲ୍ଲୀ ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସ୍କୁଲର ପୁରାତନ ଛାତ୍ର ରାଧାକୃଷ୍ଣ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଧାନଶିକ୍ଷକ ସନ୍ତୋଷ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଶିକ୍ଷକ ଚିତ୍ତରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

### ନାଲ ...

ଏହି ସମୟରେ ଉକ୍ତ ଯୁବକ ମାନଙ୍କ ମଧ୍ୟରୁ ଜଣେ ନିଜ ପାଖରେ ଥିବା ଏକ ବନ୍ଧୁକ କାଢି ଫାଙ୍କା ଗୁଳି ଚାଳନା କରି ଭୟ ସୃଷ୍ଟି କରିବା ସହ ଉକ୍ତ ସ୍ଥାନରୁ ପୁଣି ଭଦ୍ରକ ଆଡ଼କୁ ଫେରାର ହୋଇଯାଇଥିଲେ । ଘଟଣା ପ୍ରଚାର ହେବା ପରେ ଲୋକଙ୍କ ଭିଡ ଜମି ଥିଲା । ଖବର ପାଇ ଚାନ୍ଦବାଲି ଥାନା ଅଧିକାରୀ ପରେଶ୍ ମହାନ୍ତି, ମତୋ ଫାଣ୍ଡି ଅଧିକାରୀ ସମେତ ପୁଲିସ ବାହିନୀ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଅନ୍ୟ ପକ୍ଷରେ ଅଭିଯୁକ୍ତଙ୍କୁ ଧରିବାକୁ ପିର ହାଟ , ତିହିଡି, ଗ୍ରାମାଞ୍ଚଳ ଥାନାକୁ ଖବର ଦିଆଯିବା ସହ ଭଦ୍ରକ ଚାନ୍ଦବାଲି ରାସ୍ତାରେ ବାଇକ୍ ଗୁଡ଼ିକୁ ଯାଞ୍ଚ କରାଯାଇଥିଲା । ଖବର ଲେଖା ହେବା ବେଳକୁ ଯାଞ୍ଚ ଚାଲିଥିବା ବେଳେ ଥାନାରେ କୌଣସି ରିପୋର୍ଟ ହୋଇ ନାହିଁ।ଉକ୍ତ ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

### ଓପିଏସସ୍...

ଚୟନ ଆୟୋଗ (ଓଏସ୍ଏସସି) ୨ଟି ବଡ଼ ପରୀକ୍ଷାରେ ତ୍ରୁଟି ସାମ୍ନାକୁ ଆସିଛି ।

ସେହିପରି ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ ପରୀକ୍ଷାରେ ମଧ ବଡ଼ ତ୍ରୁଟି ଦେଖାଯାଇଛି । ଆଜି ଏକ୍ସାଇଜ୍ ଓ ଟ୍ରାଫିକ୍ ଏସ୍ଆଇ ପରୀକ୍ଷା ଥିଲା । ମାତ୍ର ସିଜିଏଲରୁ ପ୍ରଶ୍ନ ଆସିଥିବା ପରୀକ୍ଷାର୍ଥୀଙ୍କ ଅଭିଯୋଗ କରିଥିଲେ । ଏତେବଡ଼ ପରୀକ୍ଷାରେ ତ୍ରୁଟିକୁ ନେଇ ପରୀକ୍ଷାର୍ଥୀ ହତାଶ ଦେଖାଯାଇଥିଲେ । ଏନେଇ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ କର୍ତ୍ତୃପକ୍ଷ ତ୍ରୁଟି ସ୍ୱୀକାର କରିଛନ୍ତି । ଆୟୋଗ ତ୍ରୁଟିକୁ ସ୍ୱୀକାର କରି ଦୁଃଖ ପ୍ରକାଶ କରିଛନ୍ତି । ଆଉ ଏକ ପରୀକ୍ଷାର ବିକଳ୍ପ ଉପରେ ବିଚାର କରୁଥିବା ଜଣାଇଛନ୍ତି । ଆସନ୍ତା ମେ ୪ ତାରିଖ ଭିତରେ ପରାମର୍ଶ ଲୋଡ଼ି ନୋଟିସ୍ କରିଛନ୍ତି ।

ସୂଚନାଯୋଗ୍ୟ, ଗତ ମାସ ୩୦ ତାରିଖ ଦିନ ଓପିଏସସି ଦ୍ୱାରା ପରିଚାଳିତ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ (ଏସଡିଆଇପିଆରଓ) ପରୀକ୍ଷା ଥିଲା । ସାମ୍ବାଦିକତା ଓ ଜନସଂଚାର ପରୀକ୍ଷା ଅପରାହ୍ଣ ୧ଟା ୩୦ରୁ ୩ଟା ୩୦ ଭିତରେ ଥିଲେ । ସେହି ପରୀକ୍ଷାରେ ୧୦୦ ନମ୍ବର ପ୍ରଶ୍ନ ବଦଳରେ ୯୪ ନମ୍ବର ଥିଲା ।

### କଣ୍ଟାବାଞ୍ଜିର ...

ପଢ଼ାପଢ଼ି କରୁଥିଲି। ଅନଲାଇନରେ କୋଚିଂ ନେଉଥିଲି। ସିନିଅର ଏବଂ ଶିକ୍ଷକ ବହୁତ ସାହାଯ୍ୟ କରିଥିଲେ। ପ୍ରତ୍ୟକ ଦିନ ଆଠରୁ ଦଶ ଘଣ୍ଟା ପଢୁଥିଲି ଏବଂ ଶେଷ ସମୟରେ ୧୪ ଘଣ୍ଟା ପର୍ଯ୍ୟନ୍ତ ପାଠ ପଢୁଥିଲି। ୧ ରୁ ୨ ମାସ ହେଲା ମୋ ସମୟ ଲାଇବ୍ରେରୀରେ ବିତୁଥିଲା। ମୁଁ ପାଠ ପଢ଼ା ସରିବା ପରେ ଓଡିଶା ଆସିବି। କଣ୍ଟାବାଞ୍ଜିର ହସ୍ପିଟାଲରେ କାମ କରିବା ସହ ସମସ୍ତଙ୍କୁ ସାହାଯ୍ୟ କରିବି। ନିଟ୍-ସୁପର ସ୍ପେଶାଲିଟି ପରୀକ୍ଷାରେ ଅଖିଳ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅର୍ଜନ କରି ଓଡ଼ିଶାକୁ ଗର୍ବିତ କରିଥିବା କଣ୍ଟାବାଞ୍ଜିର ଯଶ୍ ଜୈନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧମ 'ଏକ୍ସ'ରେ ଶ୍ରୀ ମାଝୀ କହିଛନ୍ତି, ଯଶ୍‌ଙ୍କର ଏହି ଉପଲବ୍ଧି ଓଡ଼ିଆ ବିଦ୍ୟାର୍ଥୀଙ୍କ ଅସୀମ ସାମର୍ଥ୍ୟର ଏକ ଜ୍ୱଳନ୍ତ ପ୍ରମାଣ। ଯଶଙ୍କର ସଫଳତା ରାଜ୍ୟର ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା ସହ ସ୍ୱପ୍ନ ଦେଖିବାର ସାହସ ଯୋଗାଇଛି। ଆଗାମୀ ଦିନରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

# ହୀରାକୁଦ ଡ୍ୟାମରେ ଜଳ ସଙ୍କଟ

## ଆବଶ୍ୟକତା ଠାରୁ କମ୍ ବିଦ୍ୟୁତ୍ ଉତ୍ପାଦନ



ସମ୍ବଲପୁର,(ସବ୍ୟୁ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସାଙ୍ଘାତିକ ଭାବେ କମିବାରେ ଲାଗିଛି । ଗତବର୍ଷ ଅପେକ୍ଷା ଜଳସ୍ତର ୩.୫୪ ଫୁଟ କମ୍ ରହିଛି । ଉପରମୁଣ୍ଡରୁ ଜଳ ପ୍ରବାହ କମିଥିବା ବେଳେ ଜଳସ୍ତର ହ୍ରାସ ପାଉଥିବା ଜଣାପଡିଛି । ହୀରାକୁଦ ଡ୍ୟାମର ଜଳଧାରଣ କ୍ଷମତା ୬୩୦ଫୁଟ ଅଟେ । ରବିବାର ପୂର୍ବାହ୍ନ ୮ଟା ସୁଦ୍ଧା ଜଳସ୍ତର ୬୧୦.୩୩ଫୁଟ ରହିଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ହଜାର୪୪୧ଘନଫୁଟ ଜଳ ପ୍ରବେଶ କରୁଛି । ଅନ୍ୟପଟେ ପ୍ରତି ସେକେଣ୍ଡରେ ୯ହଜାର୯୬୭ଘନଫୁଟ ଜଳ ନିଷ୍କାସିତ ହେଉଥିବା ଜଣାପଡିଛି । ସେଥିମଧ୍ୟରୁ ୩ହଜାର୯୨୩ଘନଫୁଟ ପାୱାର ଚାନେଲ, ୪ହଜାର୮୨୮ଘନଫୁଟ ଜଳସେଚନ, ୨୫୬ଘନଫୁଟ ଶିଳ୍ପକୁ ଛଡାଯାଉଛି । ଅପରପକ୍ଷେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ୮୪ଘନଫୁଟ ଜଳ ବାଷ୍ପରେ ପରିଣତ ହେଉଥିବା ଜଣାପଡିଛି । ତେବେ ଆବଶ୍ୟକ ଜଳ ଅଭାବ ଯୋଗୁଁ ଜଳବିଦ୍ୟୁତ୍ ଉତ୍ପାଦନରେ ବାଧା ସୃଷ୍ଟି ହେଉଛି । ଏଭଳିସ୍ଥଳେ ମାତ୍ର ୪୭.୭୦୮ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହୋଇପାରୁଛି । ହୀରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନା ଦ୍ୱାରା ବନ୍ୟା ନିୟନ୍ତ୍ରଣ, କୃଷି କ୍ଷେତ୍ରକୁ ଜଳ ଯୋଗାଣ ଓ ବିଦ୍ୟୁତ୍ ଉତ୍ପାଦନର ଲକ୍ଷ୍ୟ ରଖାଯାଇଥିଲା । ତେବେ ସମୟକ୍ରମେ ହୀରାକୁଦ ନଦୀବନ୍ଧ ଯେଉଁ ଲକ୍ଷ୍ୟକୁ ନେଇ ପ୍ରତିଷ୍ଠା ହୋଇଥିଲା ତାହା ସମ୍ପୂର୍ଣ୍ଣ ସଫଳ ହୋଇପାରିନାହିଁ । ଦୀର୍ଘବର୍ଷ ହେବ ଜଳଭଣ୍ଡାରରେ ପଟୁ ଜମିଥିବା ବେଳେ ଜଳଧାରଣ କ୍ଷମତା ହ୍ରାସ ପାଇଛି । ସେହିପରି ଛତିଶଗଡ ମହାନଦୀର ଉପର ମୁଣ୍ଡରେ ବ୍ୟାରେଜ ନିର୍ମାଣ କରିଛି । ଅଣମୌସୁମୀ ସମୟରେ ଆବଶ୍ୟକ ଜଳ ଛାଡୁନାହିଁ । ଫଳରେ ମହାନଦୀରେ ଜଳ ପ୍ରବାହ କମିବାରେ ଲାଗିଛି । ଏଭଳିସ୍ଥଳେ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ପାଇବା ସ୍ୱାଭାବିକ । ଅଣମୌସୁମୀ ସମୟରେ ମହାନଦୀର ତଳମୁଣ୍ଡରେ ଜଳ ପ୍ରବାହ ହାର ପ୍ରାୟତଃ ବୁର୍ଲା ଶକ୍ତିକେନ୍ଦ୍ରର ଦୈନିକ ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହୃତ ଜଳର ପରିମାଣ ଉପରେ ନିର୍ଭର କରେ । ବୁର୍ଲା ଶକ୍ତିକେନ୍ଦ୍ରରୁ ବିଦ୍ୟୁତ୍ ଉତ୍ପାଦନ ହାର କମ୍ ରହିଲେ ମହାନଦୀର ତଳମୁଣ୍ଡରେ ଜଳ ପ୍ରବାହ ହାର କମିବା ନିଶ୍ଚିତ ଅଟେ । ହୀରାକୁଦ ପାୱାର ସିଷ୍ଟମ୍-୧ ବୁର୍ଲା ଜଳ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ୭ଟି ୟୁନିଟ୍ ରହିଥିବା ବେଳେ ଏଥିରୁ ୨୮୭.୮ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନର କ୍ଷମତା ରହିଛି । ସେହିପରି ଷ୍ଟେଜ୍-୨ ଚିପିଲିମାରେ ୩ଟି ୟୁନିଟ୍ ପ୍ରତିଷ୍ଠା ହୋଇଥିବା ବେଳେ ସେଥିରୁ ୭୨ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନର କ୍ଷମତା ରହିଛି । ହୀରାକୁଦ ବନ୍ଧ ବନ୍ୟା ନିୟନ୍ତ୍ରଣ କକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବୁର୍ଲା ଶକ୍ତିକେନ୍ଦ୍ରରୁ ଆଜି ୨୬.୮୭୫ ମେଗାୱାଟ୍ ଓ ଚିପିଲିମାରୁ ୨୦.୮୩୩ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି । ଡ୍ୟାମର ଜଳସ୍ତର କମ ଥିବାବେଳେ ଆବଶ୍ୟକ ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ଯୋଗାଇ ଦିଆଯାଇ ପାରୁନାହିଁ । ପର୍ଯ୍ୟାୟ ପରିମାଣର ଜଳ ଯୋଗାଣ ହେଲେ ଦୈନିକ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ପାଇବ । ଏହାଦ୍ୱାରା ସରକାରଙ୍କ ମଧ୍ୟ ରାଜସ୍ୱ ବୃଦ୍ଧି ପାଇବ । ଏହା ଫଳରେ ବିଦ୍ୟୁତ୍ ଉପଭୋକ୍ତା ମାନେ ସୁଲଭ ଦରରେ ବିଜୁଳି ପାଇପାରିବେ । ଏହାକୁ ଦୃଷ୍ଟିରେ ରଖି ହୀରାକୁଦ ଡ୍ୟାମର ଜଳଧାରଣ କ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି ।

# ହାଇୱା ସାଜିଲା ବଇରୀ

## ସଡ଼କ ଦୁର୍ଘଟଣାରେ ଜଣେ ମୃତ,୩ ଗୁରୁତର



ପାଟଣାଗଡ଼,(ସବ୍ୟୁ): ପାଟଣାଗଡ଼ ବ୍ଲକ ଲରମ୍ଭା ଥାନା ଘସିଏନ ମୁଖ୍ୟ ରାସ୍ତାରେ ଯାଉଥିବା ଏକ ହାଇୱାକୁ ପଛପଟୁ ଏକ ବାଇକ ଆରୋହୀ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ୪ ବର୍ଷର ନାବାଳକ ଶିଶୁପୁତ୍ରର ମୃତ୍ୟୁ ହୋଇଥିବାବେଳେ ଶଳା ଓ ଭିଣୋଇ ଗୁରୁତର ହୋଇ ବଲାଙ୍ଗିର ଭୀମ ଭୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ଶିଶୁ ପୁତ୍ର ଜଣକ ହେଲେ ବିଲେଇସାଥି ଗାଁ ର ଭୀମ ବରିହାଙ୍କ ପୁଅ ଚିରଞ୍ଜୀବ । ଗୁରୁତର ଶଳା ଓ ଭିଣୋଇ ହେଲେ ଯୁଗଳ ବରିହା ଓ ଭୀମ ବରିହା ।

ସୂଚନାନୁସାରେ ଲରମ୍ଭା ଥାନା ବାଗମୁଣ୍ଡ ଗାଁର ଭୀମ ବରିହା ଘରଜ୍ୱାଇଁ ଭାବେ ପାଟଣାଗଡ଼ ଥାନା ବିଲେଇସାଥି ଗାଁରେ ରହିଆସୁଥିଲେ। ରବିବାର ସକାଳୁ ଗାଇସିଲେଟ ବ୍ଲକ ଶଙ୍କରିପାଣି ଗାଁକୁ ତାଙ୍କ ସମ୍ପର୍କୀୟଙ୍କ ବାହାଘରରେ ଯୋଗଦେବାପାଇଁ ତାଙ୍କ ସ୍ତ୍ରୀ ଚନ୍ଦ୍ରିକା,ଶିଶୁ ପୁତ୍ର ଚିରଞ୍ଜୀବ ଓ ଶଳା ଯୁଗଳ ଙ୍କ ସହିତ ଏକ ବାଇକ ଯୋଗେ ଘସିଏନ ଲରମ୍ଭା ରାସ୍ତାରେ ଯାଉଥିଲେ। ତାଙ୍କ ଆଗେ ଆଗେ ଏକ ହାଇୱା ଦ୍ରୁତ ଗତିରେ ଯାଉଥିଲା। ଘସିଏନ ଆମ୍ବବଗିଚାର ଅନତି ଦୂରରେ ଥିବା ଏକ ବୁଲାଣିରେ ହାଇୱା ଚାଲକ ଜଣକ ହଠାତ ବ୍ରେକ ଦେଇଦେଇଥିଲେ। ପଛପଟେ ଥିବା ବାଇକ ଆରୋହୀ ଜଣକ କିଛି କରିବା ପୂର୍ବରୁ ବାଇକଟି ହାଇୱାରେ ପିଟି ହୋଇଯାଇଥିଲା। ଫଳରେ ବାଇକ ଆଗପଟେ ବସିଥିବା ଶିଶୁ ପୁତ୍ର ଚିରଞ୍ଜୀବର ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଘଟଣାସ୍ଥଳରେ ହିଁ ସେ ମୃତ୍ୟୁ ବରଣ କରିଥିଲା। ମୃତ ଶିଶୁ ପୁତ୍ରର ମା ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଶଳା ଓ ଭିଣୋଇ ଗୁରୁତର ଅବସ୍ଥାରେ ରାସ୍ତା କଡରେ ଛିଟିକି ପଡି ଚିତ୍କାର କରିଥିଲେ। ଏହି ସମୟରେ ବେଲପଡା ଥାନା ଭରୁଆପାଲି ଗାଁର ଡ୍ରାଇଭର ନିରାକାର ଛତ୍ରିଆ କୌଶଳ କ୍ରମେ ସେଠାରୁ ଫେରାର ମାରିଥିଲେ। ସେହି ରାସ୍ତା ଦେଇ ଯାଉଥିବା ପଥିକ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ କୁ ଡାକି ପ୍ରଥମେ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ଶଳା ଓ ଭିଣୋଇକୁ ଭୀମ ଭୋଇ ଡାକ୍ତରଖାନା ବଲାଙ୍ଗିରକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ହାଇୱାକୁ ଥାନାକୁ ଆଣି ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ ଜାରିରଖିଛି। ପୁଲିସ ମୃତ ଶିଶୁ ପୁତ୍ରର ଶବ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି।

## ଯୁବ ବ୍ୟବସାୟୀଙ୍କୁ ହତ୍ୟାକରି ଦୁର୍ବୃତ୍ତ ଫେରାର

ବୌଦ୍ଧ,(ସବ୍ୟୁ): ବୌଦ୍ଧ ବାଇପାସ୍ ରାସ୍ତାରେ ରବିବାର ସନ୍ଧ୍ୟାରେ ଜଣେ ଯୁବ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ବୌଦ୍ଧ ବଜାର ଅଞ୍ଚଳର ମନୋଜ ପାତ୍ର (୩୮)। ସୂଚନା ଅନୁସାରେ ମନୋଜଙ୍କୁ ସନ୍ଧ୍ୟାରେ ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ମନୋଜଙ୍କ ରକ୍ତଜୁଡୁବୁଡୁ ଶରୀର ପଡ଼ିଥିବା ବେଳେ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମନୋଜଙ୍କ ବେକ, ଛାତି ସହ ଦେହର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହି ହତ୍ୟାକାଣ୍ଡ ପରେ ବାଇପାସ ଦେଇ ଯାଉଥିବା ଲୋକେ ପୁଲିସକୁ ଖବର ଦେଇଥିଲେ। ମନୋଜଙ୍କ ବେକ, ଛାତି ସହ ଦେହର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହି ହତ୍ୟାକାଣ୍ଡ ପରେ ବାଇପାସ ଦେଇ ଯାଉଥିବା ଲୋକେ ପୁଲିସକୁ ଖବର ଦେଇଥିଲେ। ବୌଦ୍ଧ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ମନୋଜଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ମୃତଦେହକୁ ଶବ ଘରେ ସଂରକ୍ଷିତ ରଖାଯାଇଥିବା ବେଳେ ସୋମବାର ବ୍ୟବଚ୍ଛେଦ ହେବ। ପୁଲିସର ପ୍ରାଥମିକ ଆକଳନ ଅନୁସାରେ କୌଣସି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମନୋଜଙ୍କୁ ହତ୍ୟା କରାଯାଇଥାଇ ପାରେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ବଲାଙ୍ଗିରରୁ ବେଲଗାଁ ୪ ଥାକିଆ ରାସ୍ତା ଦାବି କଲେ ରାଜ୍ୟସଭା ସାଂସଦ

ବଲାଙ୍ଗିର,(ସବ୍ୟୁ): ଜାତୀୟ ରାଜପଥ -୨୬ ବରଗଡ଼-ବୋରିଗୁମ୍ମା ରାସ୍ତା କାର୍ଯ୍ୟ ଚାଲିଛି । ଏହି ପରିପ୍ରେକ୍ଷୀରେ ବଲାଙ୍ଗିରରୁ ବେଲଗାଁ ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା ନିର୍ମାଣ ପାଇଁ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି କେନ୍ଦ୍ର ସରକାରଙ୍କ ରାସ୍ତା ଓ ପରିବହନ ବିଭାଗ ମନ୍ତ୍ରୀ ନିତିନ ଗଡ଼କରୀଙ୍କ ଠାରେ ଦାବି କରିଛନ୍ତି । ଏହି ବ୍ୟସ୍ତ ବହୁଳ ଯାନବାହନ ଯାତାୟତ କରୁଥିବା ଜାତୀୟ ରାଜପଥ ଉଭୟ କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାକୁ ଯୋଡୁଥିବାରୁ ୪ ଥାକିଆ ରାସ୍ତା ହେଲେ ଲୋକେ ଉପକୃତ ହେବେ ବୋଲି ସାଂସଦ ଶ୍ରୀ ବିଶି କହିଛନ୍ତି ।

## ମହିଳା କର୍ମଚାରୀଙ୍କ ଉପରେ ଯୌନ ଉତ୍ପୀଡ଼ନ ପ୍ରତିକାର ନେଇ ଆଇନ ସହାୟତା ସଚେତନତା

ଜୁନାଗଡ଼,(ସବ୍ୟୁ): ତାଲୁକ ଆଇନସେବା ପ୍ରାଧିକରଣ ଜୁନାଗଡ଼ ସହଯୋଗରେ ଜୁନାଗଡ଼ ହାଇସ୍କୁଲ ପରିସରରେ କର୍ମ କ୍ଷେତ୍ରରେ ମହିଳା କର୍ମଚାରୀଙ୍କ ଉପରେ ଯୌନ ଉତ୍ପୀଡ଼ନ ଓ ତାର ପ୍ରତିକାର ତଥା ଆଇନ ସହାୟତା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ଜୁନାଗଡ଼ ଆଇନ ସେବା ପ୍ରାଧିକରଣ ର ଅଧକ୍ଷ ସିଭିଲ ଜଜ୍ ଦିପେନ୍ଦ୍ର ସିଂ ରାଠୋର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଓକିଲ ଅଶୋକ କୁମାର ପାତ୍ର ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବିଇଓ ତପନ ମାଝୀ, ସରକାରୀ ଓକିଲ ଦିଗାମ୍ବର ନାଏକ, ଅଶୋକ ନାୟକ,ସବ ଇନିସ୍ପେକଟର ସୁମନ ଖାଲକୋ, ଯୋଗଦାନ କରିଥିଲେ । କର୍ମ କ୍ଷେତ୍ରରେ ମହିଳା କର୍ମଚାରୀଙ୍କ ଉପରେ ଯୌନ ଉତ୍ପୀଡ଼ନ ଓ ତାର ପ୍ରତିକାର ତଥା ଆଇନ ସହାୟତା ଉପରେ ସଭାର ସଭାପତି ସିଭିଲ ଜଜ୍ ଶ୍ରୀ ରାଠୋର ଓ ମୁଖ୍ୟ ବକ୍ତା ଶ୍ରୀ ପାତ୍ର ସୂଚନା ଦେଇଥିଲେ । ଏହି ସଚେତନତା ସଭା କୁ ସରକାରୀ ଓକିଲ ଦିଗାମ୍ବର ନାଏକ ପରିଚାଳନା କରିଥିଲେ । ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନ ର ଶିକ୍ଷୟତ୍ରୀ ଓ ଶିକ୍ଷକ ଅଂଶଗ୍ରହଣ କରିଥିଲେ । ବରିଷ୍ଠ କିରାଣୀ ଜଗନ୍ନାଥ ଗଉଡ଼ ଓ କୁମାରୀ ସସ୍ମିତା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଓକିଲ ମାନଙ୍କ ମଧ୍ୟରେ ଅଶୋକ ପଣ୍ଡା, ଧନେଶ୍ୱର ନାଏକ, ମିଳାପ ଜୈନ, କାମାକ୍ଷ ବାଗ, ଚିନ୍ମୟ ମେହେର ପ୍ରମୁଖ ଯୋଗଦାନ କରିଥିଲେ ।

# ରେଳ ଷ୍ଟେସନ ଗୁଡିକରେ ଫ୍ଲାଗ ମାର୍ଚ୍ଚ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଷ୍ଟେସନରେ ଫ୍ଲାଗ ମାର୍ଚ୍ଚ କରାଯାଇଛି । ଆରପିଏଫ୍ ଓ ଜିଆରପି ପକ୍ଷରୁ ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ ଓ ମହାସମୁନ୍ଦ ଆଦି ଷ୍ଟେସନରେ ଅନୁଷ୍ଠିତ ହୋଇଥିଲା । ଯାତ୍ରୀ ମାନଙ୍କ ନିରାପଦ ଯାତ୍ରା, ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ, ଆତ୍ମବିଶ୍ୱାସ ସୃଷ୍ଟି, ଅପ୍ରୀତିକର ଘଟଣା ପାଇଥଁ ସର୍ତକ ଓ ସଜାଗ ରହିବା ଏହାର ଲକ୍ଷ୍ୟ ଅଟେ । ସୂଚନାଯୋଗ୍ୟ, କାଶ୍ମୀରର ପର୍ଯ୍ୟଟନ ସ୍ଥଳ ପହଲଗାମ ଠାରେ ଆତଙ୍କବାଦୀ ମାନେ ନିରୀହ ପର୍ଯ୍ୟଟକଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ । ଏହାପରେ ବିମାନ ବନ୍ଦର ଓ ରେଳ ଷ୍ଟେସନ ଉପରେ ନଜର ରଖାଯାଇଛି । ସନ୍ଦିଗ୍ଧ ଲୋକ ଓ ସାମଗ୍ରୀ ଉପରେ ପୋଲିସର ତୀକ୍ଷ୍ଣ ନଜର ଥିବାବେଳେ ଯାତ୍ରୀଙ୍କ ସୁରକ୍ଷା ପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି ।

# ଜିରୋ ପଏଣ୍ଟରେ ସଫେଇ କାର୍ଯ୍ୟକ୍ରମ

ସମ୍ବଲପୁର,(ସବ୍ୟୁ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବିସିଡି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ହୀରାକୁଦ ଜିରୋ ପଏଣ୍ଟରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱଚ୍ଛତା ଓ ପ୍ଲାଷ୍ଟିକ ମୁକ୍ତ ହୀରାକୁଦ ଗଠନ ପାଇଁ ନିଷ୍ପତି ନିଆଯାଇଛି । ତେଣୁ ପ୍ରତି ରବିବାର ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଜଣାପଡିଛି । ଏଥିରେ ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ଶତନାମୀ, ସମ୍ପାଦକ ମାମୁଦ ଆଲମ, ସୋମ ପ୍ରକାଶ ବେହେରା, ସୁଶାନ୍ତ କ୍ୱେୱାର୍ଡ, ସୁନୀଲ ସାଗର, ଅଜୟ ସାହୁ, ପରିକ୍ଷିତ ମେହେର, ମୁକେଶ ମେହେର ଓ ଶିବାଶିଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ମନ୍ଦିରରୁ ଚୋରି, ୨ ଗିରଫ

ଟିଟିଲାଗଡ଼, (ସବ୍ୟୁ): ସ୍ଥାନୀୟ ପର୍ଯ୍ୟଟନ କ୍ଷେତ୍ର କୁମୁଡା ପାହାଡ଼ ସ୍ଥିତ ଶୈବ ପୀଠ ଗେଟ ତାଲା ଭାଙ୍ଗି ଚୋରି ହୋଇଛି । ତେବେ ଏନେଇ ଟିଟିଲାଗଡ଼ ଥାନା ପୁଲିସ ଖବର ପାଇବା ପରେ ତତକ୍ଷଣାତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଦୁଇ ଯୁବକ ଧରା ହେବା ସହ ଚୋରି ସାମଗ୍ରୀ ଉଦ୍ଧାର ହୋଇଛି । ଏନେଇ ଟିଟିଲାଗଡ଼ ଥାନା ଆଇଆଇସି କଲ୍ୟାଣୀ ବେହେରାଙ୍କ ସୂଚନା କ୍ରମେ ଛତିଶଗଡ ରାଜ୍ୟ ବିଛଲଦାଦର ଗ୍ରାମର ଅରୁଣ ବରିହା ଏବଂ ନୁଆଁପଡା ଜିଲା ଚୁଆଭାଟର ରାଜେଶ ରାଉତ ନାମକ ଦୁଇ ଯୁବକ ରାତ୍ରିରେ ମନ୍ଦିରର ମୁଖ୍ୟଦ୍ୱାର ତଥା ଭିତର ଦ୍ୱାର ତାଲା ଭାଙ୍ଗି ପିତ୍ତଳ ନିର୍ମିତ ୨ଟି ଥାଳି, ୨ ବାଲଟି, ୩ ଗିନା, ଗୋଟିଏ ଘଣ୍ଟି ଏବଂ ଅନ୍ୟ ଧାତୁରେ ନିର୍ମିତ୍ତ ତିନୋଟି ପାଣି ଗଡୁ ଚୋରାଇ ନେଇଥିଲେ । ସିସିଟିଭିର ସହାୟତା ସହ ଆଇଆଇସିଙ୍କ ନେତୃତ୍ୱରେରେ ସବ ଇନ୍ସପେକ୍ଟର କିରଣ ଜାନି, ପ୍ରଦୀପ ଦୁରିଆ, ଏଚ ଖାଲକୋ, ଏଏସଆଇ କାର୍ତ୍ତିକ ପ୍ରଧାନ, ଏ. ସୁନାନୀ, ଏସକେ ପାଣିଗ୍ରାହୀଙ୍କୁ ନେଇ ଏକ ଟିମ ରେଳ ଷ୍ଟେସନ ଏବଂ ବିଭିନ୍ନ ରାସ୍ତାରେ ନାକାବନ୍ଦୀ, ଖୋଜଭିନ ଜୋରଦାର ହୋଇଥିବା ବେଳେ ଚୋର ସହର ଛାଡି ପାରିନଥିଲେ । ଚୋର ଦ୍ୱୟଙ୍କୁ ପୁଲିସ ରେଳ ଷ୍ଟେସନ ନିକଟସ୍ଥ ମାଲଗୋଦାମ ପଡାରୁ ଗିରଫ ସହ କୋର୍ଟ ଚାଲାଣ କରିଛି ।

**AFFIDAVIT**

By virtue of an affidavit sworn before ANIL KUMAR MOHANTY, NOTARY PUBLIC, BHUBANESWAR Vide Regd.no. ON-116/2009 dated 6th. March, 2025 I, JYOTIRMAYEE MAHARANA (new name) Address- At-Pariorada, Kandagadia, P.O.-Pariorada, P.S.-Tingi, Dist- Khordha, Odisha-752023, declare that I have changed my name from JYORIMAYEE MAHARANA (Old name) to JYOTIRMAYEE MAHARANA (new name). Henceforth, I shall be known as JYOTIRMAYEE MAHARANA for all purposes.

**Sd/- JYOTIRMAYEE MAHARANA**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ମହିଳାଙ୍କ ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବ କଂଗ୍ରେସ



ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ହୁ ହୁ ହୋଇ ବଢୁଥିବା ନାରୀ ନିର୍ଯ୍ୟାତନାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶକ୍ରମେ ଏକ ସାମ୍ବାଦିକ ସମ୍ମିଳନୀ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ନାରୀ ନିର୍ଯ୍ୟାତନା ପାଇଁ ଗଠିତ ତଥ୍ୟ ଅନୁଧ୍ୟାନକାରୀ ଦଳ କମିଟି ଅଧ୍ୟକ୍ଷ ନଗେନ୍ଦ୍ର କୁମାର ପ୍ରଧାନ କହିଲେ ଯେ ଗତ ଫେବୃଆରୀ ୨୧ ତାରିଖରୁ ରବିବାର ମଧ୍ୟରେ ଶତାଧିକ ନା ବାଳିକା ମାତୃତ୍ୱଲାଭ କରିବା ଏବଂ ନିରୀହ ଶିଶୁମାନେ ଦୁଷ୍କର୍ମ ଓ ହତ୍ୟାର ଶିକାର ହେବା ଆଜି ରାଜ୍ୟରେ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ୧୦ ମାସର ସରକାରରେ ପ୍ରାୟ ୨ ହଜାରରୁ ଅଧିକ ନାରୀ ନିର୍ଯ୍ୟାତନା ଓ ହତ୍ୟା ମାମଲା ଓଡ଼ିଶାର ବିଭିନ୍ନ ଥାନାରେ ରୁଜୁ ହୋଇଛି। ଗତ ୨୫ ତାରିଖରେ ଗଞ୍ଜାମ ଜିଲ୍ଲାର ପାଟପୁର ଥାନା ଅନ୍ତର୍ଗତ ୪ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ହେଉ ଅବା ଗତ ମାର୍ଚ୍ଚମାସ ଅନୁଗୁଳ ଜିଲ୍ଲାର ଦିସା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଅଞ୍ଚଳର ୬ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ହେଉ କିମ୍ବା ଢ଼େଙ୍କାନାଳ ଜିଲ୍ଲାର ହିନ୍ଦୋଳ ଥାନା ଅଞ୍ଚଳରେ ୭ ବର୍ଷର ଶିଶୁକନ୍ୟାକୁ ଗଣଦୁଷ୍କର୍ମ ଘଟଣା ହେଉ ଏହା ବିଜେପି ସରକାରଙ୍କର ଅପାରଗ ପଣିଆକୁ ଦର୍ଶାଉଛି। ଏଣୁ ଏ ସରକାରରୁ ଅଧିକା କିଛି ଆଶା ନକରି ଓଡ଼ିଶା ରମା' ଭଉଣୀମାନେ ନିଜର ଆତ୍ମରକ୍ଷା ତଥା ଆତ୍ମ ମର୍ଯ୍ୟାଦା ନିଜେ ସୁରକ୍ଷିତ ରଖିବା ପାଇଁ ଚେଷ୍ଟା କରିବା ଉଚିତ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଯେପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଟିମ ହିଳାଙ୍କୁ ସୁରକ୍ଷା ନମିଳିଛି ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଲଢ଼େଇ ଜାରି ରଖିବ ବୋଲି କମିଟିର ସଦସ୍ୟ ଆଡଭୋକେଟ ମାନସ ମଲ୍ଲିକ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, କଂଗ୍ରେସ ନେତା ଦେବାଶିଷ ନାୟକ, ଅମ୍ରିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବଡଚଣାରେ ଶିଶୁକନ୍ୟାକୁ ଦୁଷ୍କର୍ମ ଘଟଣା ପୀଡିତାଙ୍କ ପରିବାରକୁ ଭେଟିଲା କଂଗ୍ରେସ ଫାକ୍ଟ ଫାଇଣ୍ଡିଂ ଟିମ

ଚଣ୍ଡିଖୋଲ/ଛତିଆ, (ସବ୍ୟୁ) : ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ତଥା ବୈରୀ ଥାନା ଅଞ୍ଚଳର କାଇମାଟିଆ ପଞ୍ଚାୟତରେ ଗତ ସପ୍ତାହରେ ଜଣେ ୮ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ କରାଯାଇଥିଲେ ମଧ୍ୟ ପୋଲିସ ତା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ରକ୍ଷକ ଭକ୍ଷକ ସାଜିବା ନ୍ୟାୟରେ ବୈରୀ ଥାନା ଅଧିକାରୀ ଘଟଣାକୁ ଚପାଇଦେବା ପାଇଁ ପାରୁପରଣେ ଚେଷ୍ଟା କରିବା ଘଠଣା ପ୍ରଘଟ ହେବାପରେ କଂଗ୍ରେସର ରାଜ୍ୟ ଫାକ୍ଟ ଫାଇଡିଂ ଟିମ ରବିବାର ଦିନ ପିଡିତାଙ୍କ ଘରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଏହି ଜଘନ୍ୟ ଘଟଣାରେ ସଂପୃକ୍ତ ବନ୍ତଳା ପଞ୍ଚାୟତ କପାଶଟିକିରୀ ଗ୍ରାମର ଅଭିଯୁକ୍ତ ଯୁବକ ପ୍ରତି ପୋଲିସ ଓ ସ୍ଥାନୀୟ ବ୍ୟବସ୍ଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ତାକୁ ଲୋଲାଖୋଲି ସାହାଯ୍ୟ କରୁଥିବା ଏହିଟିମ ଅଭିଯୋଗ କରିଛି।ଖୁବଶୀଘ୍ର ଘଟଣାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି!ଘଟଣାକୁ ନେଇ ପୀଡ଼ିତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ରାଜନୈତିକ ଚାପରେ ମାମଲା ରୁଜୁନକରି ବୈରୀ ଥାନା ଅଧିକାରୀ ଶରତଚନ୍ଦ୍ର ନାୟକ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଥିବା ଅଭିଯୋଗ ହୋଇଛି।ଏସପିଙ୍କ କାନରେ ପଡିବା ପରେ ଅବଶ୍ୟ ଆଇଆଇସି ଶରତ ନାୟକଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯାଇଛି। ତେବେ ଏହା ଯଥେଷ୍ଟ ନୁହେଁ। ଯେଉଁ ପର୍ଯ୍ୟନ୍ତ ପିଡିତା ଓ ତାଙ୍କ ପରିବାରକୁ ସଠିକ ନ୍ୟାୟ ନମିଳିଛି ଓ ଅଭିଯୁକ୍ତ ଗିରଫ ନହୋଇଛି ସେ ପର୍ଯ୍ୟନ୍ତ କଂଗ୍ରେସ ଚୁପ ବସିବ ନାହିଁ ବୋଲି କମିଟିରେ ଆସିଥିବା ନେତାମାନେ କହିଛନ୍ତି। ଏହି କମିଟର ଅଧ୍ୟକ୍ଷ ନଗେନ୍ଦ୍ର ପ୍ରଧାନ,ଅମ୍ରିତା ମିଞ୍ଜ,ମାନସ ମଲ୍ଲିକ, କଂଗ୍ରେସ ନେତା ଦେବାଶିଷ ନାୟକ,ଅନୀମା ଦାସ,ଅଜୟକୁମାର ସାମଲ,ବିଳାସ ବାରିକ,ବ୍ଲକ କଂଗ୍ରେସ ସଭାପତି ଶୁରେସ ସାହାଣୀ ପ୍ରମୁଖ ସାମିଲ ଥିଲେ।

# ନୃସିଂହ ଚରଣ ସାହୁଙ୍କ ସ୍ମୃତିଚାରଣ ସଭା



କଟକ, (ସ୍ୱପ୍ର): କାଳିଆବୁଦା ମା'ଶ୍ୟାମାକାଳୀ ପରିଚାଳନା କମିଟି ମୁଖ୍ୟ ପରିଚାଳକ ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମା' ଶ୍ୟାମାକାଳୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମା'ଙ୍କ ମନ୍ଦିର ପରିସରରେ ୨୨ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ସର୍ବାଧିକାରୀ ସ୍ୱର୍ଗତଃ ନୃସିଂହ ଚରଣ ସାହୁଙ୍କ ସ୍ମୃତିଚାରଣ ସଭା ଓ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ କଟକ ସହରରେ ସଂକୀର୍ତ୍ତନ ପରମ୍ପରାକୁ ବଜାୟ ରଖିବା ସହ ସଂକୀର୍ତ୍ତନ ମାଧ୍ୟମରେ ଭାଇଚାରାର ପରମ୍ପରା ବଜାୟ ରଖି ସଦାସର୍ବଦା କାର୍ଯ୍ୟ କରିଥିବା ୨୨ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ସର୍ବାଧିକାରୀ ସ୍ୱର୍ଗତଃ ନୃସିଂହ ଚରଣ ସାହୁଙ୍କ ନିଃସ୍ୱାର୍ଥପର କାର୍ଯ୍ୟକୁ ମନେପକାଇ ସ୍ମୃତିଚାରଣ କରିଥିଲେ। ପରିଚାଳନା କମିଟିର ସଭାପତି ଶୁକଦେବ ମହାନ୍ତି, ସମ୍ପାଦକ ସରୋଜ କୁମାର ମହାନ୍ତି, କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, ପୂର୍ବାଞ୍ଚଳ ଶାନ୍ତିକମିଟି କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ସମାଜସେବୀ ଡ.ରଞ୍ଜନ ବିଶ୍ୱାଳ, ଇଂ ପ୍ରଦିପ ବେହେରା, ବିଶ୍ୱଜିତ ସୂର୍ଯ୍ୟବଂଶୀ, ପୂର୍ବତନ କର୍ପୋରେଟର ଚିରଞ୍ଜୟ ସାହୁ,ଆଇନଜୀବୀ ପ୍ରମୋଦ ସାହୁ, ଅକ୍ଷୟ ପଣ୍ଡାଙ୍କ ସମେତ ବିଭିନ୍ନ ଅଞ୍ଚଳର ମୁରବୀ, ଅଧିକାରୀ, କଟୁଆଳ ଓ ମହନ୍ତ ପ୍ରମୁଖ ଯୋଗଦେଇ ନୃସିଂହ ଚରଣ ସାହୁଙ୍କ ସ୍ମୃତିଚାରଣ କରିଥିଲେ । ପରେ ପରିଚାଳନା କମିଟି ପକ୍ଷରୁ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଶୁତୋଷ ମହାନ୍ତି, ଜିତେନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ପରିଚାଳନା କମିଟି ସମ୍ପାଦକ ସରୋଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ନକୋଡା ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍‌ର ବଡ଼ ସଂପ୍ରସାରଣ ଯୋଜନା

ଭୁବନେଶ୍ୱର, (ସବ୍ୟୁ) : ପ୍ରିମିୟମ୍ ମାନର ତୁଟି ଫ୍ରୁଟି (କାଣ୍ଡିଡ୍ ଫ୍ରୁଟ୍ ), ଶୁଖିଲା ଫଳ ଏବଂ ଡିହାଇଡ୍ରେଟେଡ୍ ଫ୍ରୁଟ୍ ସ ଉତ୍ପାଦନ ଓ ରପ୍ତାନି ରେ ନିୟୋଜିତ ନାକୋଡା ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍ ଏହାର ପ୍ରଡକ୍ଟ ଲାଇନରେ ମିନେରାଲ୍ ୱାଟର, ଏରେଟେଡ୍ ଡ୍ରିଙ୍କ୍ସ ଏବଂ ଅଣ-ମଦ୍ୟପାନ ଭଳି ସାମଗ୍ରୀକୁ ସାମିଲ କରି ପାନୀୟ ଓ ପାନୀୟ କ୍ଷେତ୍ରରେ ରଣନୈତିକ ସମ୍ପ୍ରସାରଣ ଘୋଷଣା କରିଛି । ଏହାର ଅଫରରେ ବିବିଧତା ଆଣିବା ଏବଂ ଏହାର ବଜାର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ଏକ ବ୍ୟାପକ ରଣନୀତିର ଅଂଶ ବିଶେଷ । ଏହା ଖାଦ୍ୟ ଏବଂ ପାନୀୟ ଶିଳ୍ପରେ କାର୍ଯ୍ୟ କରେ, ଫଳ, ବାଦାମ, ବେକରୀ ସାମଗ୍ରୀ ଏବଂ ବିଭିନ୍ନ କୃଷି ଜାତ ଦ୍ରବ୍ୟ ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ଉତ୍ପାଦ ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ବ୍ୟବସାୟ ଉପରେ ଧ୍ୟାନ ଦିଏ । ଏହାବ୍ୟତୀତ କଂପାନି ଏନ୍‌ଓସିଟିଆରଏଲ୍‌ଦ୍ୱ୩୯ରେ ନୂଆ ପାନୀୟ ଉତ୍ପାଦ ଲଞ୍ଚ କରିବ। ନାକୋଡାସ ମଧ୍ୟପ୍ରାଚ୍ୟ ଏବଂ ୟୁରୋପୀୟ ଦେଶମାନଙ୍କର ଏକ ପ୍ରମୁଖ ରପ୍ତାନିକାରୀ ଏବଂ ସମଗ୍ର ବିଶ୍ୱରେ ସେମାନଙ୍କ ପାଦଚିହ୍ନକୁ ପ୍ରଭାବିତ କରିବାକୁ ଚାହୁଁଛି । ଭାରତ ବିଶ୍ୱର ୫ମ ବୃହତମ ଅର୍ଥନୀତି ଏବଂ ପ୍ରମୁଖ ଜି-୨୦ ଦେଶମାନଙ୍କ ମଧ୍ୟରେ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହେବ ଏବଂ ୨୦୩୫ ସୁଦ୍ଧା ଭାରତରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ବଜାର ଆକାର ୧,୧୦୦ ବିଲିୟନ ଆମେରିକୀୟ ଡଲାରରେ ପହଂଚିବ ବୋଲି ଆକଳନ କରାଯାଇଛି ।

# ଭୁବନେଶ୍ୱରରେ ମିଶନ ଡ୍ରିମ୍ସର ଫେସନ ସପ୍ତାହ

ଭୁବନେଶ୍ୱର (ସବ୍ୟୁ): କୋଲକାତାର ଆର୍ଟ ଆଣ୍ଡ ଏଣ୍ଟରଟେନ୍‌ମେଣ୍ଟ ଅନୁଷ୍ଠାନ ମିଶନ ଡ୍ରିମ୍ସ ପକ୍ଷରୁ ସ୍ଥାନୀୟ ଏକାମ୍ର ହାଟରେ ଏକ ଫେସନ ସପ୍ତାହ ଆୟୋଜନ କରାଯାଇଥିଲା । ଏଥିରେ ରାଉରକେଲା, ଯୋଡା, ସମ୍ବଲପୁର, ବାରିପଦା, ବାଲେଶ୍ୱର, ପୁରୀ ଏବଂ ବଡବିଲ୍‌ର ଫେସନ ଡିଜାଇନର ଏବଂ ନାମିଦାମୀ ମଡେଲମାନେ ଯୋଗ ଦେଇଥିଲେ । ଏହି ପରିକଳ୍ପନା ଓଡ଼ିଶାର ଖଦି କୁଟିରଶିଳ୍ପ ଉଦ୍ୟୋଗୀ ସମ୍ବଲପୁର ବୁଣାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ଆୟୋଜନ କରାଯାଇଛି ବୋଲି ମିଶନ ଡ୍ରିମ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶିକା ପ୍ରିୟା ପ୍ରିୟମ୍ବଦା ନାୟକ ପ୍ରକାଶ କରିଛନ୍ତି । ଦେଶ ଓ ଦେଶ ବାହାରେ ଓଡ଼ିଶାର ହସ୍ତଶିଳ୍ପ, କୁଟିରଶିଳ୍ପ ଓ ହସ୍ତତନ୍ତ୍ରର ବହୁଳ ପ୍ରସାର, ପ୍ରଚାର ପାଇଁ ତାଙ୍କର ଏହି ପ୍ରଚେଷ୍ଟାରେ ସହଯୋଗ କରିବା ପାଇଁ ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସହ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଅନୁରୋଧ କରିଥିଲେ । ଅତିଥିମାନେ ଖଦି ଓ ଗ୍ରାମଦ୍ୟୋଗ କମିଶନର ନିର୍ଦ୍ଦେଶିକ ସୁବାଷ ଛେତ୍ରି ମୁଖ୍ୟଅତିଥିଭାବେ ଯୋଗଦେଇ



ଓଡ଼ିଆ ଝିଅ ପ୍ରିୟା ପ୍ରିୟମ୍ବଦା ନାୟକ ଦୀର୍ଘ ୧୦ବର୍ଷ ଧରି ମୁମ୍ବାଇ, କୋଲକାତା ଓ ପୁନେ ଭଳି ଅନକ ସ୍ଥାନରେ ସୁନ୍ଦରୀ ପ୍ରତିଯୋଗିତାର ଆୟୋଜନ କରି ଉଚ୍ଚ ପ୍ରସଂଶିତ ହୋଇଥିବାରୁ ତାଙ୍କର ପ୍ରସଂଶା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ଫେସନ ଡିଜାଇନର ଜିତ୍ ଜଗଜିତ୍, ସୌରଭ ଦାସ, ଦର୍ବି ଥାପା ଓ ମିଶନ ଡ୍ରିମ୍ସର ଓଡ଼ିଶା ମୁଖ୍ୟ ପ୍ରଭାସ ରଞ୍ଜନ ଦାସ ଉପସ୍ଥିତ ଥିଲେ ।

## ଓଭରବ୍ରିଜ ୱାଲରେ ପିଟି ହେଲା ବାଇକ୍

# ୨ ମୃତ, ଜଣେ ଗୁରୁତର

ଭଦ୍ରକ,(ସବ୍ୟୁ): ନଂ ଜାତୀୟ ରାଜପଥର ଭଦ୍ରକ ସହର ବନ୍ତଛକ ଓଭରବ୍ରିଜ୍‌ର ନେହେରୁ ଷ୍ଟାଡିୟମ୍ ସାମ୍ନାରେ ଏକ ବାଇକ୍ ଭାରସାମ୍ୟ ହରାଇ ଓଭରବ୍ରିଜ୍ ୱାଲରେ ପିଟି ହେବାରୁ ବାଇକ୍‌ରେ ଥିବା ୩ ଜଣ ଯୁବକଙ୍କ ମଧ୍ୟରୁ ୨ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଜଣେ ମୃତକ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ଶେଖ୍ ଆକବର ଅଲ୍ଲୀ ବୋଲି ଜଣାପଡ଼ିଛି। ସୂଚନା ମୁତାବକ ଉକ୍ତ ୩ ଯୁବକ ଏକ ବାଇକ୍ (ନଂ ଡବ୍ଲ୍ୟୁ ବି ୩୨ ଆର୍ ୨୮୪୦)ରେ ଯାଜପୁର ଆଡ଼କୁ ଯାଉଥିଲେ। ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ଓଭରବ୍ରିଜ୍ ଉପରେ ଦ୍ରୁତଗତିରେ ଯାଉଥିବା ବେଳେ କୌଣସି କାରଣରୁ ବାଇକ୍ ଉପରୁ ଚାଳକ ନିୟନ୍ତ୍ରଣ ହରାଇବାରୁ ୱାଲ୍‌ରେ ବାଇକ୍‌ଟି ପିଟି ହେବା ପରେ କିଛି ବାଟ ଘସି ହୋଇଯାଇ ୩ ଜଣ ଯାକ ଛିଟ୍‌କି ହୋଇ ପଡ଼ିଥିଲେ। ମୃତ ଯୁବକ ଦ୍ୱୟଙ୍କର ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ମଝିରେ ବସିଥିବା ଯୁବକ ଜଣକ ଗୁରୁତର ଆହତ ହୋଇଥିବାରୁ ତାଙ୍କୁ ସ୍ଥାନୀୟ ଯୁବକମାନେ ଅଟୋ ଯୋଗେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ ପୋଲିସ ପହଞ୍ଚି ବାଇକ୍‌ଟିକୁ ଜବତ କରିବା ସହ ମୃତ ଯୁବକ ୨ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।

# ଡ୍ରିମ୍ସରେ ପହଲଗାମ୍ ଆକ୍ରମଣରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

କଟକ, (ସ୍ୱପ୍ର) : ପହଲଗାମ୍‌ରେ ଆତଙ୍କବାଦୀଙ୍କ ବର୍ବରତାକୁ ଦୃଢ ନିନ୍ଦା କରିବା ସହ ପ୍ରାଣହରାଇଥିବା ପର୍ଯ୍ୟଟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ପ୍ରାଧାପକ ଲୋକନାଥ ବେହେରା, ପରୀକ୍ଷା ନିୟନ୍ତ୍ରକ ଡ. ଦୟାନନ୍ଦ ଷଡଙ୍ଗୀ ଡିନ୍ ଡ. ନିହାର ରଂଜନ ସାମଲ, ଡ. ବିଶ୍ୱ ରଂଜନ ମହାନ୍ତି, ଡ. ତପସ୍ୱିନୀ ସାହୁ, ଡ. ବିଶ୍ୱରଂଜନ ଷଡଙ୍ଗୀ, ଡ. କୁମ୍ଭକର୍ଣ୍ଣ ରାଉତ୍ରଙ୍କ ସମେତ ବିଭିନ୍ନ ଉଇଙ୍ଗର ଡିନ୍, ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ



କର୍ମଚାରୀ ଶ୍ରଦ୍ଧାଞ୍ଜଳି ପଦାଯାତ୍ରାରେ ସାମିଲ ଥିଲେ । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଓପୋ ପକ୍ଷରୁ କେ୧୩, ୫ଜିର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଓପୋ ଇଣ୍ଡିଆ ପକ୍ଷରୁ ଓପୋ କେ୧୩ ୫ଜିର ଶୁଭାରମ୍ଭ କରାଯାଇଛି । ସ୍ନାପଡ୍ରାଗନ ୬ ଜେନ ୪ ମୋବାଇଲ ପ୍ଲାଟ୍‌ଫର୍ମ ଦ୍ୱାରା ପରିଚାଳିତ ଏହି ଡିଭାଇସରେ ୮୦ୱାଟ ସୁପରଭିଓସି ଫାଷ୍ଟ ଚାର୍ଜର ସହ ୭୦୦୦ ଏମଏଏଚ ଗ୍ରାଫାଇଟ ବ୍ୟାଟେରୀ, ସେଗ୍‌ମେଂଟ-ଲିଡିଂ ଭିସି କୁଲିଂ, ଏକ ୧୨୦ହର୍ଜ୍ଜ ଏଫଏଚଡି ଆମୋଲେଡ ଡିସ୍‌ପ୍ଲେ ଓ ଇଣ୍ଟେଲିଜେଣ୍ଟ ନେଟ୍‌ୱର୍କ ଅପ୍ଟିମାଇଜେଶନ ଭଳି ଫିଚର ରହିଛି, ଯାହା ସୁଗମ ମଲ୍ଟିଟାସ୍କିଙ୍ଗ, ନିମଜ୍ଜିତ ଗେମିଂ, ଦୀର୍ଘସ୍ଥାୟୀ ବ୍ୟାଟେରୀ ଲାଇଫ ଓ ନିର୍ଭରଯୋଗ୍ୟ ସଂଯୋଗ ପ୍ରଦାନ କରୁଛି। ୮ଜିବି୧୨୮ଜିବି ଭାରିଆଣ୍ଟ ପାଇଁ ୧୭୯୯୯ଟଙ୍କା ଓ ୮ଜିବି୨୫୬ଜିବି ଭାରିଆଂଟ ପାଇଁ ୧୯୯୯୯ଟଙ୍କା ମୂଲ୍ୟରେ ଓପୋ କେ୧୩ ୫ଜି କ୍ରୟ ପାଇଁ ଆସନ୍ତା ଏପ୍ରିଲ ୨୫ ତାରିଖ ଦିନ ୧୨ଟାରୁ ଓପୋ ଇ-ଷ୍ଟୋର ଓ ଫ୍ଲିପକାର୍ଟରେ ଆଇସି ପର୍ପଲ ଓ ପ୍ରିଜ୍‌ମ ବ୍ଲାକ କଲରରେ ଉପଲବ୍ଧ ହେବ। ଏହି ସ୍ମାର୍ଟଫୋନକୁ କ୍ରୟ କରୁଥିବା ଉପଭୋକ୍ତାମାନେ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଅଫରଗୁଡିକ ସହିତ କେବଳ ସେଲ୍ ଡେରେ ୧୦୦୦ଟଙ୍କାର ତତ୍କାଳ ରିହାତି କିମ୍ବା ୧୦୦୦ଟଙ୍କାର ଏକ ଏକ୍ସଚେଞ୍ଜ ବୋନସ୍ ପାଇପାରିବେ ଯାହା ଏହି ସ୍ମାର୍ଟଫୋନର ପ୍ରଭାବୀ ମୂଲ୍ୟକୁ ଯଥାକ୍ରମେ ୧୬୯୯୯ଟଙ୍କା ଓ ୧୮୯୯୯ଟଙ୍କା ହ୍ରାସ କରୁଛି। ଅତିରିକ୍ତ ଲଂଚ ଅଫରଗୁଡିକରେ ୬ ମାସ ପର୍ଯ୍ୟନ୍ତ ନୋ କଷ୍ଟ ଇଏମଆଇ ସାମିଲ ରହିଛି । ଓପୋ କେ୧୩ ୨ ଏମ୍‌ପି ଡେପ୍‌ଥ ସେନ୍ସ ସହ ପେୟାର ହୋଇଥିବା ଏକ ଶକ୍ତିଶାଳୀ ୫୦ଏମ୍‌ପି ମେନ କ୍ୟାମେରା ସହିତ ନିଜ ସେଗ୍‌ମେଂଟରେ ପ୍ରିମିୟମ ଇମେଜିଂ ଅନୁଭୂତି ଆଣିଛି।

# ଏୟାରଟେଲ ପକ୍ଷରୁ ବୈପ୍ଳବିକ ରିଚାର୍ଜ ପ୍ଲାନର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଭାରତୀ ଏୟାରଟେଲ ଏହାର ଅନ୍ତର୍ଜାତୀୟ ରୋମିଂ (ଆଇଆର) ପୋର୍ଟଫୋଲିଓରେ ନୂଆ ପ୍ଲାନ ଘୋଷଣା କରିଛି ଯାହା ଗ୍ରାହକଙ୍କ ପାଇଁ ସହଜ, ଅଧିକ ସୁଲଭ ଏବଂ ସମ୍ପୂର୍ଣ୍ଣ ଅସୁବିଧାମୁକ୍ତ । କଂପାନି ଭାରତର ପ୍ରଥମ ଅସୀମିତ ଆଇଆର୍ ପ୍ଲାନ୍ ଉନ୍ମୋଚନ କରିଛି ଯାହା ୧୮୯ଟି ଦେଶରେ ଅସୀମିତ ଡାଟା ପ୍ରଦାନ କରୁଛି। ଏହାବ୍ୟତୀତ ଦୀର୍ଘ ଦିନ ଧରି ରହୁଥିବା ପ୍ରବାସୀ ଭାରତୀୟ (ଏନଆରଆଇ) ସମ୍ପ୍ରଦାୟ ପାଇଁ ଏୟାରଟେଲ ଏକ ବର୍ଷ ବୈଧତା ସହିତ ୪୦୦୦ ଟଙ୍କାର ଏକ ନିଆରା ରିଚାର୍ଜ ପ୍ଲାନ ମଧ୍ୟ ଶୁଭାରମ୍ଭ କରିଛି। ଏହି ପ୍ଲାନରେ ବିଦେଶରେ ବ୍ୟବହାର ପାଇଁ ୫ ଜିବି ଡାଟା ଏବଂ ୧୦୦ ଭଏସ ମିନିଟର ସୁବିଧା ମିଳୁଥିବା ବେଳେ ଭାରତରେ ଗ୍ରାହକମାନେ ସମାନ ପ୍ଲାନ ବ୍ୟବହାର କରି ଦୈନିକ ୧.୫ ଜିବି ଡାଟା ଏବଂ ଅସୀମିତ କଲ ସୁବିଧା ପାଇପାରିବେ। ଏହି ପ୍ଲାନ୍ ଗ୍ରାହକଙ୍କୁ ୧୮୯ଟି ଦେଶର ଯେକୌଣସି ସ୍ଥାନରେ ଅସୁବିଧାମୁକ୍ତ ସଂଯୋଗ ଅନୁଭୂତି ପ୍ରଦାନ କରିବ ଏବଂ ଭାରତରେ ଅଲଗା ରିଚାର୍ଜ ନକରି ସମାନ ନମ୍ବର ବ୍ୟବହାର କରିବା ସୁବିଧା ପ୍ରଦାନ କରିବ ।




ଭାରତୀ ଏୟାରଟେଲର ନିର୍ଦ୍ଦେଶକ ମାର୍କେଟିଂ ଓ ସିଇଓ ସିଦ୍ଧାର୍ଥ ଶର୍ମା କହିଛନ୍ତି ଯେ, ଏୟାରଟେଲରେ ଆମେ ଗ୍ରାହକଙ୍କ ଜୀବନକୁ ସରଳ କରିବା ଏବଂ ସେମାନଙ୍କୁ ଅଧିକ ମୂଲ୍ୟ ଏବଂ ସୁବିଧା ପ୍ରଦାନ କରିବା ପାଇଁ ଉତ୍ସର୍ଗୀକୃତ। ଆମେ ଆମର ଆଇଆର ଯୋଜନାର ସରଳୀକରଣ କରିଛୁ ଯାହା ଗ୍ରାହକମାନଙ୍କ ପାଇଁ ଆମର ମୂଲ୍ୟ ପ୍ରସ୍ତାବକୁ ପ୍ରକୃତରେ ପୁନଃପରିକଳ୍ପିତ କରିବ ଏବଂ ସେମାନଙ୍କୁ ଦୁନିଆରେ ଭ୍ରମଣ କରିବା ସମୟରେ ଡାଟା ଏବଂ ଭଏସ୍ ଉଦାର ଭାବରେ ବ୍ୟବହାର କରିବାକୁ ସ୍ୱାଧୀନତା ଦେବ। ଗ୍ରାହକଙ୍କ କ୍ରମାଗତ ବିକଶିତ ଆବଶ୍ୟକତାକୁ ପୂରଣ କରୁଥିବା ସମାଧାନ ପ୍ରଦାନ କରିବାକୁ ଆମେ ନିରନ୍ତର ପ୍ରତିଶ୍ରୁତିବଦ୍ଧ ।

# ନନ୍ଦନକାନନରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ

ବାରଙ୍ଗ,(ସବ୍ୟୁ) :ଶନିବାର ପୂର୍ବାହ୍ନରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ନନ୍ଦନକାନନର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାଣୀ ସ୍ୱାସ୍ଥ୍ୟ ଓ ଚିକିତ୍ସାଳୟ କର୍ମଚାରୀଙ୍କ ଭୂମିକାକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।ନନ୍ଦନକାନନର ବରିଷ୍ଠ ପଶୁଚିକିତ୍ସା ଅଧିକାରୀ ଡକ୍ଟର ଶରତ କୁମାର ମିଶ୍ର ଏବଂ ନନ୍ଦନକାନନର ଉପନିର୍ଦ୍ଦେଶକ ସନତ କୁମାର ଏନ ସ୍ୱାଗତ ଭାଷଣ ଦେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହା ପରେ ନନ୍ଦନକାନନ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ସଫଳତାର ସହ କରାଯାଇଥିବା ଚିକିତ୍ସା ,ଲାଳନ ପାଳନ କେନ୍ଦ୍ରରେ ମା ଛେଉଣ୍ଡଙ୍କୁ ପାଳିବା,ଭ୍ରାମ୍ୟମାଣ ପଶୁଚିକିତ୍ସା ୟୁନିଟ୍ ଏବଂ ନନ୍ଦନକାନନରେ ଚିକିତ୍ସାଧୀନ ଆହତ ହାତୀଙ୍କ ବିଷୟରେ ଡକ୍ଟର ଶରତ କୁମାର ମିଶ୍ର, ବରିଷ୍ଠ ପଶୁଚିକିତ୍ସା ଅଧିକାରୀ ଡକ୍ଟର ଶରତ କୁମାର ସାହୁ, ଡକ୍ଟର ସାରଙ୍ଗ ଏସ, ଡକ୍ଟର ପି ହରି କୃଷ୍ଣ ଆଦି ଚିଡ଼ିଆଖାନା ପଶୁଚିକିତ୍ସା ଅଧିକାରୀ ଦ୍ୱାରା ଉପସ୍ଥାପନ କରାଯାଇଥିଲା। ପରେ ନନ୍ଦନକାନନର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ଆଠ ଜଣ ପୂର୍ବତନ ପ୍ରଖ୍ୟାତ ପ୍ରାଣୀଚିକିତ୍ସା କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏହାବ୍ୟତୀତ ସମସ୍ତ ପ୍ରାଣୀଚିକିତ୍ସା କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।ଶେଷରେ ପ୍ରାଣୀ ବିଭାଗ ଏସିଏଫ ଡକ୍ଟର ରୁଦ୍ର ପ୍ରସାଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସେଲଫି ପଏଣ୍ଟରେ ଏକ ଗୋଷ୍ଠୀ ଫଟୋ ଏବଂ ଫଟୋଗ୍ରାଫ କ୍ଲିକ୍ କରାଯାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ଓଡ଼ିଶାର ବକ୍ସାଇଟ୍, ଭାରତର ଲାଭ

# ଆତ୍ମନିର୍ଭରଶୀଳ ଭବିଷ୍ୟତ ଗଠନ ପାଇଁ ଏକ ସୁଯୋଗ

ଭୁବନେଶ୍ୱର : ଖଣିଜ ଏବଂ ସମ୍ଭାବନାରେ ସମୃଦ୍ଧ ଓଡ଼ିଶାର ଲାଲ ମାଟିରେ, ଏକ ଶାନ୍ତ କିନ୍ତୁ ବର୍ଦ୍ଧିତ ଭାବନା ମୂଳ ପୋତିବାରେ ଲାଗିଛି, ଯାହା ରାଜ୍ୟର ପ୍ରାକୃତିକ ସମ୍ପଦ, ବିଶେଷକରି ବକ୍ସାଇଟ୍ ଭଳି ଖଣିଜ ପଦାର୍ଥକୁ ଏହାର ଲୋକଙ୍କ ଲାଭ ପାଇଁ ସ୍ଥାନୀୟ ଭାବରେ ବ୍ୟବହାର କରିବାକୁ ଆହ୍ୱାନ କରୁଛି। ଓଡ଼ିଶାର ଖଣିଜ ସମୃଦ୍ଧ ବଳୟରେ, ସମ୍ପ୍ରଦାୟଗୁଡ଼ିକ ଏକ ବିକାଶ ମଡେଲ୍ ପାଇଁ କ୍ରମଶଃ ସମର୍ଥନ କରୁଛନ୍ତି ଯେଉଁଠାରେ ସ୍ଥାନୀୟ ଉତ୍ତୋଳନ ସ୍ଥାନୀୟ ପରିବର୍ତ୍ତନରେ ପରିଣତ ହୁଏ । ଘନ ଜଙ୍ଗଲ, ସ୍ପନ୍ଦନଶୀଳ ସମ୍ପ୍ରଦାୟ ଏବଂ ଭାରତର କିଛି ବୃହତ ଖଣିଜ ଭଣ୍ଡାର ସହିତ ସମ୍ପର୍ଣ୍ଣ ଓଡ଼ିଶା ପ୍ରଚୁର ପରିମାଣର ଭୂମି। ଏହାର ଅନେକ ସମ୍ପଦ ମଧ୍ୟରେ, ବକ୍ସାଇଟ୍ ଭାରତର ବଢୁଥିବା ଆଲୁମିନିୟମ୍ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଇନପୁଟ୍ ଭାବରେ ଠିଆ ହୋଇଛି । ତଥାପି, ଦେଶର ବକ୍ସାଇଟ୍ ଭଣ୍ଡାରର ୫୧% ରୁ ଅଧିକ ଧାରଣ କରିବା ସତ୍ତ୍ୱେ, ଓଡ଼ିଶାରେ ରିଫାଇନାରୀ ଗୁଡ଼ିକ ଅନ୍ୟ ରାଜ୍ୟରୁ ଏବଂ କିଛି କ୍ଷେତ୍ରରେ, ବିଦେଶରୁ ମଧ୍ୟ ଖଣିଜ ପଦାର୍ଥ ଆମଦାନି କରୁଛନ୍ତି । ଅନ୍ୟପକ୍ଷରେ, ରାଜ୍ୟ ପାଖରେ ପ୍ରଚୁର ପରିମାଣରେ ଥିବା ସମ୍ବଳକୁ ସୀମିତ ବ୍ୟବହାର ହେତୁ ଅନେକ ଓଡ଼ିଶାଭିତ୍ତିକ ଶିଳ୍ପ, ବିଶେଷକରି ଆଲୁମିନିୟମ ଉତ୍ପାଦକ, କ୍ଷମତାଠାରୁ କମ୍ ଉତ୍ପାଦନ କରୁଛନ୍ତି ।

ଏହା କେବଳ ଭାରତର ଆମଦାନୀ ବିଲ୍ ଉପରେ ଅନାବଶ୍ୟକ ବୋଝ ପକାଇବ ନାହିଁ ବରଂ ଭିତରରୁ ଆତ୍ମନିର୍ଭରଶୀଳତା ଗଠନ କରିବାର ଏକ ହଜିଯାଇଥିବା ସୁଯୋଗକୁ ମଧ୍ୟ ପ୍ରତିଫଳିତ କରେ । ଯେତେବେଳେ ଓଡ଼ିଶାରେ ଖଣିଜ ବକ୍ସାଇଟ୍ ରାଜ୍ୟ ବାହାରେ ରିଫାଇନାରୀ ଗୁଡ଼ିକୁ ପଠାଯାଏ, ଏହା ଲଜିଷ୍ଟିକ୍ ଅଦକ୍ଷତା ସୃଷ୍ଟି କରେ ଏବଂ ସ୍ଥାନୀୟ ନିଯୁକ୍ତି ସୃଷ୍ଟି, ଭିତିଭୂମି ବିକାଶ ଏବଂ ଦକ୍ଷତା ନିର୍ମାଣର ସମ୍ଭାବନାକୁ ସୀମିତ କରେ । ଏହାକୁ ସନ୍ଦର୍ଭରେ କହିବାକୁ ଗଲେ, ବୈଦ୍ୟୁତିକ ଯାନବାହନ, ନବୀକରଣୀୟ ଶକ୍ତି, ଶକ୍ତି, ପ୍ରତିରକ୍ଷା ଏବଂ ଭିତିଭୂମି ଭଳି କ୍ଷେତ୍ର ଦ୍ୱାରା ଭାରତର ଆଲୁମିନିୟମ ଚାହିଦା ୫ ବର୍ଷ ମଧ୍ୟରେ ଦ୍ୱିଗୁଣିତ ହେବ ବୋଲି ଆଶା କରାଯାଉଛି । ଓଡ଼ିଶା ଏହି ବୃଦ୍ଧିର ମେରୁଦଣ୍ଡ ହେବାକୁ ପ୍ରସ୍ତୁତ । କିନ୍ତୁ ସେହି ପ୍ରତିଶ୍ରୁତି କେବଳ ପୂରଣ ହୋଇପାରିବ ଯଦି ଏହାର ସମ୍ବଳ ରାଜ୍ୟ ଭିତରେ ପ୍ରକ୍ରିୟାକରଣ କରାଯାଏ, ସ୍ଥାନୀୟ ଜନସଂଖ୍ୟାକୁ ଲାଭ ପହଞ୍ଚାଉଥିବା ଏକ ମୂଲ୍ୟ ଶୃଙ୍ଖଳା ସୃଷ୍ଟି କରିଛି ।

କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ର କାହାଣୀ ସ୍ଥାନୀୟ ଲାଭଦାୟକତା କ'ଣ ହାସଲ କରିପାରେ ତାହାର ଏକ ଶକ୍ତିଶାଳୀ ଉଦାହରଣ ପ୍ରଦାନ କରେ। ବେଦାନ୍ତ ଦ୍ୱାରା ଆଲୁମିନା ରିଫାଇନାରୀ ପ୍ରତିଷ୍ଠା ହେବା ପୂର୍ବରୁ, କଳାହାଣ୍ଡି ଭାରତର ସବୁଠାରୁ ଗରିବ ଜିଲ୍ଲା ମଧ୍ୟରୁ ଗୋଟିଏ ଭାବରେ ଗଣାଯାଉଥିଲା । ଯେଉଁଠାରେ ପ୍ରବଳ କ୍ଷୁଧା ଏବଂ କୁପୋଷଣ ଥିଲା। ଲାଞ୍ଜିଗଡ, ଯେଉଁଠାରେ ଆଜି ରିଫାଇନାରୀ ଠିଆ ହୋଇଛି, ସେଠାରେ

**କଳାହାଣ୍ଡିର ବକ୍ସାଇଟ୍ ଭଣ୍ଡାରକୁ ସ୍ଥାନୀୟ ଭାବରେ ବ୍ୟବହାର କରିବା ଦ୍ୱାରା ଭାରତର ଆଲୁମିନିୟମ୍ ବିକାଶକୁ ଇନ୍ଧନ ଦିଆଯାଇପାରିବ । ଲୋକଙ୍କୁ ଚାକିରି, ଦକ୍ଷତା ଏବଂ ସମୃଦ୍ଧି ପ୍ରଦାନ କରିବ ।**

ଦୁର୍ବଳ ଭିତିଭୂମି, ସର୍ବନିମ୍ନ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଉପଲବ୍ଧତା ଏବଂ ସୀମିତ ଜୀବିକା ବିକଳ୍ପ ଥିଲା । ଏହି ଅଂଚଳ ଦୀର୍ଘକାଳୀନ ଦାରିଦ୍ର୍ୟ, ଉଚ୍ଚ ପ୍ରବାସ ଏବଂ ଯୁବପିଢ଼ିଙ୍କ ପାଇଁ କମ୍ ସୁଯୋଗର ସମ୍ମୁଖୀନ ହୋଇଥିଲା । ରିଫାଇନାରୀର ଆଗମନ ଏହି ଗତିପଥକୁ ବଦଳାଇ ଦେଇଥିଲା । ଆଜି, ଲାଞ୍ଜିଗଡ ୟୁନିଟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଖ୍ୟକ କର୍ମଚାରୀ ସ୍ଥାନୀୟ, ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପ୍ଲାଣ୍ଟ ଦ୍ୱାରା ସମର୍ଥିତ। ଏହି ଅଂଚଳରେ ସଡ଼କ ସଂଯୋଗୀକରଣ, ଏକ ଇଂରାଜୀ ମାଧ୍ୟମ ଉଚ୍ଚମାନର ସ୍କୁଲ ଏବଂ ବହୁ-ବିଶେଷ ହସ୍ପିଟାଲ ସ୍ୱାସ୍ଥ୍ୟସେବା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଯୁବକମାନଙ୍କ ପାଇଁ ଦକ୍ଷତା କାର୍ଯ୍ୟକ୍ରମରେ ପରିବର୍ତ୍ତନ ଦେଖାଯାଇଛି। ଏହି ଅଂଚଳରେ ବେଦାନ୍ତର ସାମୁଦାୟିକ ବିକାଶ ପଦକ୍ଷେପରୁ ପ୍ରାୟ ୫ ଲକ୍ଷ ଲୋକ ଉପକୃତ ହୋଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗରିମା ଏବଂ ଆକାଂକ୍ଷାର ଭାବନା ସୃଷ୍ଟି କରିଛି ଯେଉଁମାନେ ଥରେ ଶିଳ୍ପ ଅର୍ଥନୀତିର ପାର୍ଶ୍ୱରେ ଥିଲେ ।

ଲାଞ୍ଜିଗଡ ଉଦାହରଣ ଦର୍ଶାଉଛି ଯେ ଯେତେବେଳେ କଂଚାମାଲ ଉତ୍ସ ନିକଟରେ ପ୍ରକ୍ରିୟାକରଣ କରାଯାଏ, ବିକାଶର ଲହରୀ ପ୍ରଭାବ ଗଭୀର ଏବଂ ବ୍ୟାପକ ହୋଇଥାଏ । ସ୍ଥାନୀୟ ଶିଳ୍ପଗୁଡ଼ିକ କେବଳ ନିବେଶ ଏବଂ ପ୍ରଯୁକ୍ତିବିଦ୍ୟା ଆଣନ୍ତି ନାହିଁ ବରଂ ସମ୍ପ୍ରଦାୟ ମଧ୍ୟରେ ଦୀର୍ଘକାଳୀନ କ୍ଷମତା ମଧ୍ୟ ନିର୍ମାଣ କରନ୍ତି । ଯୁବକମାନଙ୍କୁ ବୈଷୟିକ ଦକ୍ଷତାରେ ତାଲିମ ଦିଆଯାଏ, ଛୋଟ ବ୍ୟବସାୟ ପରିବେଶ ପାଖରେ ବୃଦ୍ଧି ପାଏ ଏବଂ ଗାଁଗୁଡ଼ିକ ଉତମ ଆୟ ଏବଂ ସେବା ସହିତ ଉନ୍ନତି କରିବା ଆରମ୍ଭ କରେ । ଯଦି ସ୍ଥାନୀୟ ଭାବରେ ଖଣିଜ ବକ୍ସାଇଟ୍ ବ୍ୟବହାର କରି ସମଗ୍ର ଓଡ଼ିଶାରେ ଏପରି ଅଧିକ ଡାଉନଷ୍ଟ୍ରିମ୍ ଶିଳ୍ପ ହବ୍ ସୃଷ୍ଟି କରାଯାଏ, ତେବେ ରାଜ୍ୟ ଏକ ବିଶ୍ୱ ଆଲୁମିନିୟମ୍ ପାୱାରହାଉସ୍ ଭାବରେ ଉଭା ହୋଇପାରିବ । ଧାରଣାଟି ସରଳ ଓଡ଼ିଶାର ଶିଳ୍ପ ପାଇଁ ଅଧିକ ବକ୍ସାଇଟ୍ ରଖନ୍ତୁ, ଏବଂ ଓଡ଼ିଶା ଚାକିରି, ନବସୃଜନ ଏବଂ ସାମାଜିକ-ଆର୍ଥିକ ଅଭିବୃଦ୍ଧି ଦୃଷ୍ଟିରୁ ଅଧିକ ଦୃଷ୍ଟିଦେବ ।

ଏଠାରେ ମାମଲା ଆନ୍ତଃରାଜ୍ୟ ସହଯୋଗ କିମ୍ବା ନିବେଶ ବିରୁଦ୍ଧରେ ନୁହେଁ । ବରଂ, ଏହା ଏକ ରଣନୈତିକ ସନ୍ତୁଳନ ପାଇଁ ଏକ ଆହ୍ୱାନ, ଯେଉଁଠାରେ ଓଡ଼ିଶାର ସମ୍ପଦଗୁଡ଼ିକୁ ପ୍ରଥମେ ନିଜସ୍ୱ ଶିଳ୍ପ ଏବଂ ଲୋକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟବହୃତ କରାଯାଏ । ସଠିକ୍ ନୀତି ଏବଂ ପ୍ରୋତ୍ସାହନ ସହିତ, ରାଜ୍ୟ ଖଣିଜ-ଭିତିକ ଶିଳ୍ପ ଆତ୍ମନିର୍ଭରତା ଆଡ଼କୁ ଭାରତର ଅଗ୍ରଗତିକୁ ଆଗେଇ ନେଇପାରିବ । ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାକୁ ଚେଷ୍ଟା କରୁଥିବାବେଳେ, ଓଡ଼ିଶା ଭଳି ରାଜ୍ୟ ସେହି ଅଭିବୃଦ୍ଧି କାହାଣୀକୁ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସମ୍ବଳର ଉତ୍ପତିସ୍ଥଳରୁ ମୂଲ୍ୟ ସୃଷ୍ଟିକୁ ସଂରକ୍ଷିତ କରି, ଓଡ଼ିଶା ନିଶ୍ଚିତ କରିପାରିବ ଯେ ବିକାଶ କେବଳ ଉତ୍ପାଦନରେ ନୁହେଁ, ବରଂ ଜୀବନ ପରିବର୍ତ୍ତନରେ ମପାଯାଏ ।

## ୧୨୧ତମ 'ମନ କି ବାତ୍'

# ପୀଡିତଙ୍କ ପରିବାରକୁ ନ୍ୟାୟ ମିଳିବ: ମୋଦି



ନୂଆଦିଲ୍ଲୀ: ୧୨୧ତମ 'ମନ କି ବାତ' କାର୍ଯ୍ୟକ୍ରମରେ ଦେଶକୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପହଲଗାମ ଆତଙ୍କୀ ଆକ୍ରମଣକୁ ନେଇ ମୋଦି ତାଙ୍କର ଅଭିଭାଷଣ ଆତଙ୍କବାଦ ବିରୋଧରେ ଏକ ବାର୍ତ୍ତା ଦେଇ ଆରମ୍ଭ କରିଥିଲେ । ସେ କହିଛିନ୍ତି ଯେ, ମୁଁ ଆପଣଙ୍କ ସହ ମନର କଥା କହୁଛି, ମୋ ହୃଦୟରେ ଗଭୀର ବେଦନା ରହିଛି । ପହଲଗାମ ଆତଙ୍କୀ ଆକ୍ରମଣ ଦେଶବାସୀଙ୍କୁ ଦୁଃଖ ଦେଇଛି । ଆତଙ୍କବାଦୀଙ୍କ ବିରୋଧରେ ସାରାଦେଶ ଏକାଠି ହୋଇଛି । ଏଭଳି ଘଟଣାକୁ ନେଇ ସାରା ବିଶ୍ୱ ସମବେଦନା ଜଣାଉଛି ।

ପୀଡିତଙ୍କ ପରିବାରକୁ ନ୍ୟାୟ ମିଳିବ କହିଲେ ପ୍ରଧାନମନ୍ତ୍ରୀ । ଆକ୍ରମଣକାରୀ ଏବଂ ଷଡ଼ଯନ୍ତ୍ରରେ ସାମିଲ ବ୍ୟକ୍ତିଙ୍କୁ କଠୋର ଦଣ୍ଡ ମିଳିବ । ଜମ୍ମୁ କଶ୍ମୀରର ବିକାଶକୁ ସହ୍ୟ କରିପାରୁ ନାହାନ୍ତି ଆତଙ୍କବାଦୀ । ଏକତା ହିଁ ଆମର ବଡ଼ ଶକ୍ତି ବୋଲି କହିଲେ ପ୍ରଧାନମନ୍ତ୍ରୀ ।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, କଶ୍ମୀରରେ ଶାନ୍ତି ଫେରୁଛି । ସେଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଥିଲା । ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିଲା । ଏପରି ପରିସ୍ଥିତିରେ, କଶ୍ମୀରର ଶତ୍ରୁମାନେ ପୁଣି ଥରେ ଆକ୍ରମଣ କରି ଏହାକୁ ଧ୍ୱଂସ କରିବାକୁ ଚେଷ୍ଟା କରିଛନ୍ତି । ମୋଦି କହିଛନ୍ତି ଯେ, ଆତଙ୍କବାଦ ବିରୋଧରେ ଲଢ଼ିବାରେ ଦେଶର ସମସ୍ତ ଲୋକଙ୍କ ଏକତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସେ ଏହା ମଧ୍ୟ କହିଛନ୍ତି ଯେ ଆତଙ୍କବାଦ ବିରୋଧରେ ଏହି ଲଢ଼େଇରେ ସମଗ୍ର ବିଶ୍ୱ ୧୪୦ କୋଟି ଦେଶବାସୀଙ୍କ ସହିତ ଅଛି ।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଅଭିଭାଷଣରେ ପୀଡିତ ପରିବାରକୁ ପୁଣି ଥରେ ଆଶ୍ୱାସନା ଦେଇଛନ୍ତି ଯେ ସେମାନେ ନ୍ୟାୟ ପାଇବେ । ସେ କହିଛନ୍ତି ଯେ ଅନେକ ଦେଶର ନେତାମାନେ ମୋ ସହ ଫୋନ୍ ଯୋଗେ କଥା ହୋଇଛନ୍ତି ଏବଂ ଆତଙ୍କବାଦ ବିରୋଧରେ ଲଢ଼େଇରେ ଭାରତକୁ ସମର୍ଥନ ଜଣାଇଛନ୍ତି । ଆତଙ୍କବାଦ ବିରୋଧରେ ଏହି ଲଢ଼େଇରେ ସମଗ୍ର ବିଶ୍ୱ ୧୪୦ କୋଟି ଦେଶବାସୀଙ୍କ ସହିତ ଅଛି । ମୁଁ ପୁଣି ଥରେ ପୀଡିତ ପରିବାରକୁ ଆଶ୍ୱାସନା ଦେଉଛି ଯେ ସେମାନଙ୍କୁ ନ୍ୟାୟ ମିଳିବ, ନ୍ୟାୟର ଜୟ ହେବ । ଏହି ଆକ୍ରମଣର ଦୋଷୀ ଏବଂ ଷଡ଼ଯନ୍ତ୍ରକାରୀମାନଙ୍କୁ କଠୋର ରୁ ଅତି କଠୋର ଜବାବ ଦିଆଯିବ ।

# ପାକିସ୍ତାନ ବର୍ଡରରେ ଗର୍ଜିଲା ଅର୍ଜୁନ ଟ୍ୟାଙ୍କ



ନୂଆଦିଲ୍ଲୀ:ପହଲଗାମର ବୈସରନ ଉପତ୍ୟକାରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବେ ଆକ୍ସନ ମୋଡ଼କୁ ଆସିଛି । ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ବୈସରନ ଉପତ୍ୟକାର ଦୋଷୀଙ୍କୁ ନିପାତ କରାଯିବ । ଅନ୍ୟପଟେ ଭାରତୀୟ ସେନା ସହିତ ନୌସେନା ଏବଂ ବାୟୁସେନା ଯେ କୌଣସି ପରିସ୍ଥିତି ପାଇଁ ନିଜକୁ ପ୍ରସ୍ତୁତ କରିବାରେ ଲାଗିଛନ୍ତି । ଭାରତର ଏହି କଠୋର ମନୋଭାବ ଦେଖି ଆତଙ୍କବାଦୀଙ୍କ ପୃଷ୍ଠପୋଷକ ପାକିସ୍ତାନରେ ଚହଳ ପଡ଼ିଛି । ତେବେ ପାକିସ୍ତାନ ଉପରେ ଆଟାକ ପୂର୍ବରୁ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ କରିଛି । ଯାହା ପାକିସ୍ତାନକୁ ଅଧିକ ଛାନିଆ କରିଦେଇଛି । ଏପରି ସ୍ଥିତିରେ ପାକିସ୍ତାନ ଆହୁରି ଭାବୁଛି ଯେ ଭାରତ ପୂର୍ଣ୍ଣ ଶକ୍ତି ସହ ଆକ୍ରମଣ କରେ, ତେବେ ଆମର କ'ଣ ଅବସ୍ଥା ହେବ? ଭାରତୀୟ ସେନା ନିଜର ପ୍ରସ୍ତୁତିକୁ ଜୋରଦାର କରିବା ସହ ଅନ୍ତର୍ଜାତୀୟ ସୀମାରେ ବୃହତ ସାମରିକ ଅଭ୍ୟାସ କରିଛି । ସେନା ପାକିସ୍ତାନ ସୀମା ନିକଟରେ ଘାତକ ଅର୍ଜୁନ ଟ୍ୟାଙ୍କ ସହ ଅଭ୍ୟାସ କରିଛି । ଆଉ ଏପରି ଦେଖି ପାକିସ୍ତାନର ନିଦ ହଜିଯାଇଛି । ଏପଟେ ପିଓକେରେ ଏକପ୍ରକାର ଏମର୍ଜେନ୍ସି ସ୍ଥିତି ଦେଖାଦେଲାଣି ।

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ନିଜର ମନୋଭାବକୁ ଆହୁରି କଠୋର କରିଛି । ଏହା ଦେଖି ପାକିସ୍ତାନରେ ଆତଙ୍କ ଓ ବିଚଳିତ ପରିବେଶ ସୃଷ୍ଟି ହୋଇଛି । ଭାରତୀୟ ସେନା ନିଜର ପ୍ରସ୍ତୁତିକୁ ସମ୍ପୂର୍ଣ୍ଣ କରିବା ପାଇଁ ବୃହତ ପଦକ୍ଷେପ ନେଇଛି । ଜୟସଲମେର ସୀମାରେ ସେନା ଅର୍ଜୁନ ଟ୍ୟାଙ୍କ ସହ ନିଜର ସାମରିକ ଶକ୍ତି ପ୍ରଦର୍ଶନ କରିଛି । ସେନା ଜବାନମାନେ ଅର୍ଜୁନ ଟ୍ୟାଙ୍କ ସହ ଯୁଦ୍ଧାଭ୍ୟାସ କରିଛନ୍ତି । ଏହି ଅଭ୍ୟାସ ପାକିସ୍ତାନ ସୀମା ନିକଟରେ ହୋଇଛି । ଏହି ଖବର ଏପରି ସମୟରେ ଆସିଛି ଯେତେବେଳେ ପାକିସ୍ତାନୀ ସେନାର ମୁଜାଫରାବାଦରେ ବୃହ୍ ଗତିବିଧି ଦେଖାଯାଇଛି । ଜଣାପଡ଼ିଛି ଯେ ପାକିସ୍ତାନୀ ସେନା ନିୟନ୍ତ୍ରଣ ରେଖା (ଏଲଓସି)ରେ ଜବାନମାନଙ୍କୁ ଏକତ୍ର କରିବାରେ ଲାଗିଛି । ଭାରତ ଏହା ଉପରେ ତୀକ୍ଷ୍ଣ ନଜର ରଖିଛି ।

ଜଣାପଡ଼ିଛି ଯେ ଆତଙ୍କବାଦୀମାନେ ପହଲଗାମର ବୈସରନ ମୈଦାନରେ ୨୬ ଜଣଙ୍କୁ ନରସଂହାର କରିବା ପରେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ନୂଆ ସ୍ତରକୁ ପହଞ୍ଚିଛି । ସମଗ୍ର ଦେଶ ଆତଙ୍କବାଦୀଙ୍କ ଏପରି କାର୍ଯ୍ୟରେ ଆକ୍ରୋଶିତ ହୋଇଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ନିଜର ପ୍ରଥମ ପ୍ରତିକ୍ରିୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ଆତଙ୍କବାଦୀମାନଙ୍କୁ, ତାଙ୍କ ପୃଷ୍ଠପୋଷକଙ୍କୁ ଏବଂ ସମର୍ଥକଙ୍କୁ ପିଛା କରାଯିବ ଏବଂ ବିଶ୍ୱର ଯେ କୌଣସି କୋଣରେ ସେମାନଙ୍କଠାରୁ ପ୍ରତିଶୋଧ ନିଆଯିବ । ଅନ୍ୟପକ୍ଷରେ, ଜମ୍ମୁ-କଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ଶନିବାର ଶ୍ରୀନଗରରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସହ ସୁରକ୍ଷା ସମୀକ୍ଷା ବୈଠକ କରିଥିଲେ । ଉପରାଜ୍ୟପାଳ ସେନାକୁ କହିଥିଲେ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣର ଦୋଷୀମାନଙ୍କୁ ଧରିବା ପାଇଁ ସେମାନେ ସମସ୍ତ ସମ୍ଭାବ୍ୟ ଶକ୍ତି ପ୍ରୟୋଗ କରନ୍ତୁ ।

# ୧୯୭୧ ଯୁଦ୍ଧ ଆଜି ବି ପାକିସ୍ତାନ ମନରୁ ଯାଇନି



ନୂଆଦିଲ୍ଲୀ: ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ହିନ୍ଦୁଙ୍କ ନରସଂହାର ପରେ ଭାରତ ଯୁଦ୍ଧ କରିବା ସ୍ଥିତିରେ ରହିଛି । ଏପରି ସ୍ଥିତିରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧର ଆଶଙ୍କା ବଢ଼ିଯାଇଛି । ଆଉ ଏହି ଆଶଙ୍କା ଏଥିପାଇଁ କରାଯାଉଛି କାରଣ ଭାରତୀୟ ନୌସେନା ରବିବାର ଆରବ ସାଗରରେ ଜୋରଦାର ଫାୟାରିଂ ଡ୍ରିଲ କରିଛି । ଯାହା ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି । ଏ ପୂରା ଘଟଣାକ୍ରମ ଦେଖିବା ପରେ ଏବେ ୧୯୭୧ର ଯୁଦ୍ଧ କଥା ସମସ୍ତଙ୍କ ମନକୁ ଆସୁଛି । ଏହି ଅଭିଯାନକୁ 'ଅପରେସନ୍ ଟ୍ରାଇଡେଣ୍ଟ' ନାମ ଦିଆଯାଇଥିଲା । ଏହି ଆକ୍ରମଣ କେବଳ ପାକିସ୍ତାନୀ ନୌସେନାକୁ ଆଣ୍ଠେଇ ଦେଇନଥିଲା, ବରଂ ବାଂଲାଦେଶ ଭଳି ଏକ ନୂଆ ଦେଶର ଜନ୍ମ ପାଇଁ ମାର୍ଗ ପ୍ରଶସ୍ତ କରିଥିଲା । ଆଜି ଯେତେବେଳେ ପହଲଗାମ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧର ଆଶଙ୍କା ଦେଖାଯାଉଛି, ଅପରେସନ୍ ଟ୍ରାଇଡେଣ୍ଟର ଏହି କାହାଣୀ ଭାରତର ନୌସେନା ଶକ୍ତିକୁ ପ୍ରଦର୍ଶନ କରୁଛି ।

### ୧୯୭୧ରେ ଯୁଦ୍ଧ ଏବଂ ଅପରେସନ୍ ଟ୍ରାଇଡେଣ୍ଟ

୪ ଡିସେମ୍ବର ୧୯୭୧ ଭାରତୀୟ ନୌସେନାର ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇଥିଲା । ଏହି ଦିନ, ଅପରେସନ୍ ଟ୍ରାଇଡେଣ୍ଟ ଅଧୀନରେ ଭାରତୀୟ ନୌସେନା ପାକିସ୍ତାନର କରାଚୀ ବନ୍ଦର ଉପରେ ଏପରି ଜବରଦସ୍ତ ଆକ୍ରମଣ କରିଥିଲା ଯେ ସମଗ୍ର ବନ୍ଦର ସାତ ଦିନ ଧରି ନିଆଁ ଓ ଧୂଆଁର ଲହରୀରେ ଘେରି ରହିଥିଲା । ଏହି ଆକ୍ରମଣ କେବଳ ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧର ଏକ ଟର୍ନିଂ ପଏଣ୍ଟ ହୋଇନଥିଲା, ବରଂ ଏହା ଭାରତୀୟ ନୌସେନାକୁ ବିଶ୍ୱସ୍ତରୀୟ ଏକ ଶକ୍ତିଶାଳୀ ସାମୁଦ୍ରିକ ଶକ୍ତି ଭାବେ ପ୍ରତିଷ୍ଠିତ କରିଥିଲା । କରାଚୀ ତତ୍କାଳୀନ ପାକିସ୍ତାନୀ ନୌସେନାର ମୁଖ୍ୟାଳୟ ଏବଂ ପୂର୍ବ ପାକିସ୍ତାନ (ଆଜିର ବାଂଲାଦେଶ) ପାଇଁ ସାମଗ୍ରୀ ଯୋଗାଣର କେନ୍ଦ୍ର ଥିଲା । ଏପରି ପରିସ୍ଥିତିରେ ଭାରତୀୟ ନୌସେନାର ଏହି ଆକ୍ରମଣ ପାକିସ୍ତାନୀ ନୌସେନାକୁ ସମ୍ପୂର୍ଣ୍ଣ ଅକ୍ଷମ କରିଦେଇଥିଲା ।

ଭାରତୀୟ ନୌସେନାର ପଶ୍ଚିମାଞ୍ଚଳ ନୌକମାଣ୍ଡ ଏବଂ ଦିଲ୍ଲୀ ମୁଖ୍ୟାଳୟ କରାଚୀକୁ ନିଶାନା କରିବା ପାଇଁ ଏକ ସଠିକ ଯୋଜନା କରିଥିଲେ । ଏହି ଅଭିଯାନ ପାଇଁ ଭାରତୀୟ ନୌସେନା ତିନୋଟି ବିଦ୍ୟୁତ-ଶ୍ରେଣୀର ମିସାଇଲ ବୋଟ୍ ଆଇଏନ୍ଏସ୍ ବୀର, ଆଇଏନ୍ଏସ୍ ନିର୍ଘାଟ, ଏବଂ ଆଇଏନ୍ଏସ୍ ନିପଟକୁ ଚୟନ କରିଥିଲା । ଏହି ଛୋଟ, ଦ୍ରୁତଗାମୀ ଏବଂ ବିରୋଧୀ ଜାହାଜ ମିସାଇଲରେ ସଜ୍ଜିତ ଯୁଦ୍ଧପୋତଗୁଡ଼ିକ ଆକ୍ରମଣାତ୍ମକତା ପାଇଁ ଜଣାଶୁଣା ଥିଲା । ଏହା ସହିତ ଦୁଇଟି ସବମେରିନ୍ କର୍ଭେଟ୍ - ଆଇଏନ୍ଏସ୍ କିଲ୍ତାନ ଏବଂ ଆଇଏନ୍ଏସ୍ କଚ୍ଛଲ ସହ ଏକ ଟ୍ୟାଙ୍କର ମଧ୍ୟ ମୁତୟନ କରାଯାଇଥିଲା ।

ଏହି ଅଭିଯାନର ନେତୃତ୍ୱ ରିଅର ଆଡ଼ମିରାଲ କୁରୁଭିଲା ଏବଂ କମାଣ୍ଡର ବବ୍ରୁ ଭାନ ଯାଦବ (ମହାରଣା ପ୍ରତାପ ବାଟାଲିୟନ)ଙ୍କୁ ଦିଆଯାଇଥିଲା । ଯୋଜନା ଥିଲା ଯେ ଛୋଟ, ଦ୍ରୁତଗାମୀ ଏବଂ ମିସାଇଲରେ ସଜ୍ଜିତ ଏହି ଯୁଦ୍ଧପୋତଗୁଡ଼ିକ ରାତିର ଅନ୍ଧକାରରେ କରାଚୀ ଉପରେ ଆଶ୍ଚର୍ଯ୍ୟଜନକ ଆକ୍ରମଣ କରିବେ । ଏହି ଅଭିଯାନକୁ ଶତରଞ୍ଜ ଖେଳ ପରି ସଂଘଟିତ କରାଯାଇଥିଲା । ଦିନ ସମୟରେ ବୋଟ ଗୁଡ଼ିକୁ କରାଚୀଠାରୁ ୪୫୦ କିମି ଦୂରରେ ରଖାଯାଇଥିଲା, କିନ୍ତୁ ରାତି ହେବା ମାତ୍ରେ ସେମାନଙ୍କ ଅବସ୍ଥାନ ବଦଳାଇ ଦିଆଯାଇଥିଲା । ଏହି ଆକ୍ରମଣ ଏତେ ଗୋପନୀୟ ଏବଂ ଦ୍ରୁତ ଥିଲା ଯେ ପାକିସ୍ତାନୀ ନୌସେନାକୁ ସମ୍ଭାଳିବାର ସୁଯୋଗ ମିଳିନଥିଲା ।

### ଧୂଆଁ-ଧୂଆଁ ଜଳୁଥିଲା କରାଚୀ

ପ୍ରଥମ ଟାରଗେଟ: ଆଇଏନ୍ଏସ୍ ନିର୍ଘାଟ ରାତି ୧୧ଟାରେ ପିଏନ୍ଏସ୍ ଖୈବର, ଏକ ବ୍ୟାଟଲ୍-ଶ୍ରେଣୀର ଡେଷ୍ଟ୍ରୟର, ଉପରେ ଦୁଇଟି ଏସ୍ଏସ୍-ଏନ୍-୨ ଷ୍ଟାଇକ୍ସ ମିସାଇଲ ପ୍ରକ୍ଷେପଣ କରିଥିଲା । କିଛି ମିନିଟ୍ ମଧ୍ୟରେ ଖୈବର ସମୁଦ୍ରରେ ବୁଡ଼ିଯାଇଥିଲା ।

ଦ୍ୱିତୀୟ ଆକ୍ରମଣ: ଆଇଏନ୍ଏସ୍ ନିପଟ ଡେଷ୍ଟ୍ରୟର ପିଏନ୍ଏସ୍ ଶାହଜାହାନ ଏବଂ ଅସ୍ତ୍ରଶସ୍ତ୍ରରେ ପୂର୍ଣ୍ଣ ମର୍ଚାଣ୍ଟ ଭେସଲ ଭୀନସ ଚାଲେଞ୍ଜରକୁ ଧ୍ୱଂସ କରିଥିଲା ।

ତୃତୀୟ ପ୍ରହାର: ଆଇଏନ୍ଏସ୍ ବୀର ପାକିସ୍ତାନୀ ମାଇନ୍ସୱୀପର ପିଏନ୍ଏସ୍ ମୁହାଫିଜକୁ ଏକ ମିସାଇଲ ସହ ଉଡ଼ାଇ ଦେଇଥିଲା, ଯାହା ତୁରନ୍ତ ବୁଡ଼ିଯାଇଥିଲା ।

# ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଭେଟିଲେ ଅନୀଲ ଚୌହାନ

ନୂଆଦିଲ୍ଲୀ : ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଏହି ଆକ୍ରମଣର ଦୋଷୀ ଓ ସେମାନଙ୍କ ପ୍ରୋତ୍ସାହକମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିବା ପରେ ଭାରତ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ହେଉଛି । ଏହି କାର୍ଯ୍ୟାନୁଷ୍ଠାନକୁ ସୁରକ୍ଷା ସଂପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିଛି । ଏଥିପାଇଁ ଦିଲ୍ଲୀରେ ଘନ ଘନ ବୈଠକ ଚାଲିଛି । ସରକାର ବାରମ୍ବାର ତିନି ସେନା ସହ ଆଲୋଚନା କରୁଛନ୍ତି ।

ରବିବାର ଭାରତୀୟ ସଶସ୍ତ୍ର ବାହିନୀର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଭେଟିଛନ୍ତି । ଏହି ବୈଠକ ପ୍ରାୟ ୪୦ ମିନିଟ୍ ଧରି ଚାଲିଥିଲା ।

ବୈଠକରେ ଜେନେରାଲ ଚୌହାନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ବିଭିନ୍ନ ଅପରେସନ୍ ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ ଏବଂ ସେମାନଙ୍କର ବହୁମୁଖୀ ରଣନୀତି ଏବଂ ସେମାନଙ୍କର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ ।

# ପାକିସ୍ତାନୀ ରାଜନେତାଙ୍କୁ ଜୋରଦାର ଟାର୍ଗେଟ କଲେ ଅଦନାନ ସାମି



ଶ୍ରୀନଗର: ଜମ୍ମୁ-କାଶ୍ମୀରର ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ସାରା ଦେଶ ଏବେ ବି ମର୍ମାହତ । ଏହି ଖବର ଶୁଣିବା ପରେ ବଲିଉଡ ଗାୟକ ଅଦନାନ ସାମି ମଧ୍ୟ ଗଭୀର ଭାବରେ ମର୍ମାହତ ହୋଇଥିଲେ । ଏହି ସମୟରେ, ସେ ପାକିସ୍ତାନୀ ରାଜନେତା ଏବଂ ପୂର୍ବତନ ମନ୍ତ୍ରୀ ଫୱାଦ ଅହମ୍ମଦ ହୁସେନ ଚୌଧୁରୀଙ୍କୁ ଟାର୍ଗେଟ କରି ତାଙ୍କୁ କଡ଼ା ସମାଲୋଚନା କରିଥିବା ଦେଖାଯାଇଥିଲା ।

ପ୍ରକୃତରେ, ସମ୍ପ୍ରତି ଏକ୍ସରେ ଜଣେ ଭାରତୀୟ ସାମ୍ବାଦିକ ପହଲଗାମ ଆକ୍ରମଣ ପରେ ପାକିସ୍ତାନୀ ନାଗରିକଙ୍କୁ ଭାରତ ଛାଡିବାକୁ କହିବା ନେଇ କେନ୍ଦ୍ରର ନିଷ୍ପତ୍ତି ବିଷୟରେ ଲେଖିଥିଲେ । ଫୱାଦ ଅହମ୍ମଦ ଏହା ଉପରେ ମନ୍ତବ୍ୟ ଦେଇ କହିଥିଲେ, ଅଦନାନ ସାମିଙ୍କ ବିଷୟରେ କ'ଣ? ସେ ଅଦନାନ ସାମିଙ୍କ ଓଜନ ହ୍ରାସକୁ ନେଇ ତାଙ୍କୁ ସମାଲୋଚନା କରି କହିଥିଲେ, ଆମର ନିଜ ଲାହୋରୀ ଅଦନାନ ସାମି ଏମିତି ଦେଖାଯାଉଛନ୍ତି ଯେମିତି ବେଲୁନରୁ ପବନ ବାହାରି ଯାଇଛି । ଶୀଘ୍ର ସୁସ୍ଥ ହୁଅ । ଏବେ ଅଦନାନ ସାମି ମଧ୍ୟ ଫୱାଦ ଅହମ୍ମଦଙ୍କୁ ଜବାବ ଦେଇଛନ୍ତି । ଗାୟକ ତାଙ୍କ ଏକ୍ସ ଆକାଉଣ୍ଟରେ ଏକ ପୋଷ୍ଟ ସେୟାର କରି ସେଥିରେ ଲେଖିଛନ୍ତି, 'ତୁମେ ଠିକ୍ ଭାବରେ ବୁଝିପାରିଲ ନାହିଁ, ତୁମେ ଜଣେ ମୂର୍ଖ, ମୋର ଘର ଲାହୋର ନୁହେଁ, ପେଶାୱର ।' ତାହେଲେ ଆପଣ ଜଣେ ମିଥ୍ୟା ସୂଚନା ମନ୍ତ୍ରୀ ଥିଲେ ଏବଂ ଆପଣଙ୍କ ପାଖରେ କୌଣସି ସୂଚନା ନଥିଲା । ମୁଁ ତ ପତଳା ହୋଇଗଲି - ତୁମେ ଏବେ ବି ଏକ ବେଲୁନ, ଆଉ ତୁମେ ବିଜ୍ଞାନ ମନ୍ତ୍ରୀ ଥିଲ? କଣ ଏହା ମୂର୍ଖତାର ବିଜ୍ଞାନ ଥିଲା।

ଅଦନାନ ସାମିଙ୍କ ଜନ୍ମ ବ୍ରିଟେନରେ ହୋଇଥିଲା । ଗାୟକଙ୍କ ବାପା ପାକିସ୍ତାନର ଥିଲେ ଏବଂ ତାଙ୍କ ମାଆ ଜମ୍ମୁର ଥିଲେ । କିନ୍ତୁ ଅଦନାନ ୨୦୦୧ ମସିହାରୁ ଭାରତରେ ରହୁଛନ୍ତି । ପୂର୍ବରୁ ତାଙ୍କର ଏକ ପରିଦର୍ଶକ ଭିସା ଥିଲା । ତା'ପରେ ୨୦୧୫ ମସିହାରେ ସେ ଭାରତୀୟ ନାଗରିକତା ପାଇଁ ଆବେଦନ କରିଥିଲେ ଏବଂ ସରକାର ଅନୁରୋଧକୁ ମଞ୍ଜୁର କରିଥିଲେ । ବର୍ତ୍ତମାନ ୨୦୧୬ ମସିହାରୁ, ଅଦନାନ ସାମି ଜଣେ ଭାରତୀୟ ନାଗରିକ ଭାବେ ରହିଆସୁଛନ୍ତି ।

# ଆତଙ୍କୀଙ୍କୁ ସାହାଯ୍ୟ କରୁଥିଲେ ସ୍ଥାନୀୟ ବାସିନ୍ଦା : ଯୋଗାଉଥିଲେ ଖାଦ୍ୟ, ଅସ୍ତ୍ରଶସ୍ତ୍ର



ନୂଆଦିଲ୍ଲୀ:ପହଲଗାମରେ ହୋଇଥିବା ଆକ୍ରମଣର ତଦନ୍ତରେ ଏକ ନୂଆ ମୋଡ଼ ଆସିଛି । ତଦନ୍ତକାରୀମାନେ ଜାଣିବାକୁ ପାଇଛନ୍ତି ଯେ, ୧୫ ଜଣ ସ୍ଥାନୀୟ ଲୋକ ଆକ୍ରମଣକାରୀଙ୍କୁ ସାହାଯ୍ୟ କରିଥିଲେ । ସେମାନେ ସମସ୍ତେ କାଶ୍ମୀର ଉପତ୍ୟକାର ବାସିନ୍ଦା । ଇଲେକ୍ଟ୍ରୋନିକ୍ ନିରୀକ୍ଷଣରୁ ଜଣାପଡିଛି ଯେ, ଏହି ଲୋକମାନେ ଆକ୍ରମଣକାରୀଙ୍କୁ ଲଜିଷ୍ଟିକ୍ସ ଏବଂ ଅସ୍ତ୍ରଶସ୍ତ୍ର ଯୋଗାଇବାରେ ସାହାଯ୍ୟ କରିଥିଲେ । ଅନୁମାନ କରାଯାଉଛି ଯେ, ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ପାକିସ୍ତାନରୁ ଆସିଥିଲା ।

ତଦନ୍ତକାରୀ ଏଜେନ୍ସିମାନେ ୫ ମୁଖ୍ୟ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ଫୋକସ ଦେଉଛନ୍ତି । ସେମାନଙ୍କ ମଧ୍ୟରୁ ତିନି ଜଣଙ୍କୁ ଧରାଯାଇଛି ଏବଂ ସେମାନଙ୍କୁ ପଚରାଉଚରା କରାଯାଉଛି । ପୋଲିସ ବାକି ଦୁଇ ଓଜିଡବ୍ଲୁଙ୍କୁ ଖୋଜୁଛି । ଆକ୍ରମଣ ଦିନ ଏହି ପାଞ୍ଚ ଜଣ ସନ୍ଦିଗ୍ଧ ବ୍ୟକ୍ତି ଆକ୍ରମଣରେ ଘଟଣାସ୍ଥଳ ନିକଟରେ ଥିଲେ । ତାଙ୍କ ଫୋନଗୁଡ଼ିକ ମଧ୍ୟ ସେହି ଅଞ୍ଚଳରେ ସକ୍ରିୟ ଥିଲା । ଇଲେକ୍ଟ୍ରୋନିକ୍ ନିରୀକ୍ଷଣରେ ଏକ ଚାଟ୍ ସାମ୍ନାକୁ ଆସିଛି । ଏଥିରେ ଧରାପଡ଼ିଥିବା ତିନି ଜଣ ସନ୍ଦିଗ୍ଧ ବ୍ୟକ୍ତି ନିଜ ନିଜ ମଧ୍ୟରେ କଥାବାର୍ତ୍ତା କରିଛନ୍ତି । ସେମାନେ ପହଲଗାମରେ ଉପସ୍ଥିତ ପାକିସ୍ତାନୀ ଆତଙ୍କବାଦୀଙ୍କୁ ସହାୟତା କରିବା ବିଷୟରେ କଥା ହେଉଥିଲେ ।

ପହଲଗାମ ଆକ୍ରମଣରେ ଏହି ପାଞ୍ଚ ଜଣ ସନ୍ଦିଗ୍ଧଙ୍କ ଭୂମିକା ଥାଇପାରେ ବୋଲି ତଦନ୍ତକାରୀମାନେ ସନ୍ଦେହ କରୁଛନ୍ତି । ପୋଲିସ, ଇଣ୍ଟେଲିଜେନ୍ସ ବ୍ୟୁରୋର ମିଳିତ ଦଳ ଅନ୍ୟ ଦଶ ଜଣଙ୍କୁ ମଧ୍ୟ ପଚରାଉଚରା କରୁଛନ୍ତି ।

ଏଥିସହ ୨୦୦ରୁ ଅଧିକ ଓଭର ଗ୍ରାଉଣ୍ଡ ୱାର୍କରଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି । ଆକ୍ରମଣ ପୂର୍ବ ଘଟଣାବଳୀ ବିଷୟରେ ତାଙ୍କଠାରୁ ସୂଚନା ସଂଗ୍ରହ କରାଯାଉଛି । ସୂଚନାନୁସାରେ, ପୋଲିସ ଆକ୍ରମଣର ଯୋଜନା କିପରି ଥିଲା ତାହା ଜାଣିବାକୁ ଚେଷ୍ଟା କରୁଛି । ଜାମ୍ମୁ-କାଶ୍ମୀର ପୋଲିସ ଅନୁଯାୟୀ, ଏହି ୧୫ଜଣ ସ୍ଥାନୀୟ ସହାୟକ ପୂର୍ବରୁ ଓଜିଡବ୍ଲ୍ୟୁ ଭାବରେ ପଞ୍ଜୀକୃତ ହୋଇଥିଲେ । ଗତ କିଛି ବର୍ଷ ମଧ୍ୟରେ ଦକ୍ଷିଣ କାଶ୍ମୀରରେ ଅନେକ ଆକ୍ରମଣରେ ସମ୍ପୃକ୍ତ ପାକିସ୍ତାନୀ ଆତଙ୍କବାଦୀଙ୍କୁ ସେ ସହାୟତା କରିଥିବା ସନ୍ଦେହ କରାଯାଉଛି । ସେ ସେମାନଙ୍କୁ ଲଜିଷ୍ଟିକ୍ସ ଯୋଗାଣ, ଜଙ୍ଗଲରେ ବାଟ ଦେଖାଇବା ଏବଂ ପାକିସ୍ତାନରୁ ଅସ୍ତ୍ରଶସ୍ତ୍ର ଆଣିବାରେ ସାହାଯ୍ୟ କରୁଥିଲେ । ପୋଲିସ ପାଖରେ ପର୍ଯ୍ୟାପ୍ତ ପ୍ରମାଣ ମିଳିଛି ଯେ ଏହି ଲୋକମାନେ ପହଲଗାମ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀମାନଙ୍କୁ ସାହାଯ୍ୟ କରିଥିଲେ । ଜଣେ ଅଧିକାରୀ କହିଛନ୍ତି ଯେ, ପହଲଗାମ ଆକ୍ରମଣରେ ୪-୫ ଜଣ ଆତଙ୍କବାଦୀ ସାମିଲ ଥିଲେ । ସେମାନଙ୍କ ମଧ୍ୟରୁ ଅତି କମରେ ଦୁଇଜଣ ପାକିସ୍ତାନୀ ଏବଂ ଦୁଇଜଣ ସ୍ଥାନୀୟ କାଶ୍ମୀରୀ ଥିଲେ । ଷଡ଼ଯନ୍ତ୍ରକୁ ବୁଝିବା ପାଇଁ ଆମେ ଏହି ୧୫ ଜଣ ଅଟକଙ୍କଠାରୁ ଅଧିକ ସୂଚନା ବାହାର କରିବାକୁ ଚେଷ୍ଟା କରୁଛୁ । ଏହା ପରେ ହିଁ ତାଙ୍କ ଗିରଫଦାରୀ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ।

ଜଣେ ଅଧିକାରୀ କହିଛନ୍ତି ଯେ ପ୍ରାୟ ୨୦-୨୫ ଜଣଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି । ଏହି ଓଜିଡବ୍ଲ୍ୟୁମାନେ ପାକିସ୍ତାନୀ ଆତଙ୍କବାଦୀଙ୍କ ସହ ଯୋଗାଯୋଗରେ ରହନ୍ତି । ସେମାନଙ୍କୁ ଆଶ୍ରୟ ଦିଅନ୍ତି ଏବଂ ସେମାନଙ୍କର ଗାଇଡ ଭାବରେ କାର୍ଯ୍ୟ କରନ୍ତି । ଆମେ ଓଜିଡବ୍ଲ୍ୟୁ ଡାଟାବେସ୍ ଫିଲ୍ଟର କରୁଛୁ । ଆମେ ୧୫୦୦ ରୁ ଅଧିକ ଲୋକଙ୍କୁ ପଚରାଉଚରା କରିଛୁ । ଏବେ ୧୫ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ଫୋକସ୍ ରଖିଛୁ ।

ଏଥିସହ ଦକ୍ଷିଣ କାଶ୍ମୀରରେ ସକ୍ରିୟ ଥିବା ଅନ୍ୟ ଓଜିଡବ୍ଲ୍ୟୁମାନଙ୍କୁ ସେଠାରେ ଥିବା ପାକିସ୍ତାନୀ ଆତଙ୍କବାଦୀଙ୍କ ପରିଚୟ ଏବଂ ସେମାନଙ୍କର ସମ୍ଭାବ୍ୟ ଆଡ୍ଡା ବିଷୟରେ ପଚରାଉଚରା କରାଯାଉଛି ।

# କୂଅରେ ପଡ଼ିଲା କାର: ୧୦ ମୃତ

ମଧ୍ୟପ୍ରଦେଶ: ମଧ୍ୟପ୍ରଦେଶର ମନ୍ଦସୌର ଜିଲ୍ଲାରେ ରବିବାର ଅପରାହ୍ଣରେ ଏକ କାର କୂଅରେ ଖସିପଡିଛି । ଏହି ଅଘଟଣରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି । ଖବରମୁତାବକ, କାରଟି ଏକ ବାଇକ୍ ସହିତ ଧକ୍କା ହୋଇ କୂଅରେ ପଡ଼ିଯାଇଥିଲା । ସେମାନଙ୍କୁ ବଞ୍ଚାଇବା ପାଇଁ କୂଅ ଭିତରକୁ ଯାଇଥିବା ବ୍ୟକ୍ତି ମଧ୍ୟ ପ୍ରାଣ ହରାଇଛନ୍ତି । ପ୍ରାରମ୍ଭିକ ସୂଚନା ଅନୁଯାୟୀ, ୧୦ ଜଣଙ୍କର ମୃତ୍ୟୁ ହୋଇଛି । ତିନିଜଣ ଆହତ ହୋଇଛନ୍ତି । ଜଣଙ୍କର ସନ୍ଧାନ ଚାଲିଛି ।

ସୂଚନା ଅନୁଯାୟୀ, କାରରେ ଥିବା ସମସ୍ତ ଲୋକ ରତଲାମ ଜିଲ୍ଲାର ତାଲ୍ ରୁ ମନ୍ଦସୌର ଜିଲ୍ଲାର ଅନ୍ତରୀ ମା' ମନ୍ଦିରକୁ ଦର୍ଶନ କରିବାକୁ ଯାଉଥିଲେ । ତେବେ କାରଟି ଏକ ବାଇକ୍ ସହିତ ଧକ୍କା ହୋଇ ଏକ ଖୋଲା କୂଅରେ ପଡ଼ିଯାଇଥିଲା । ସୂଚନା ପାଇ ପୋଲିସ ଏବଂ ପ୍ରଶାସନ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । କାରରେ ଥିବା ସମସ୍ତ ଲୋକ ରତଲାମର ବୋଲି କୁହାଯାଉଛି ।

ଏହି ଘଟଣା ସମୟରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା । ପରେ ଗୁରୁତରଙ୍କ ଚିକିତ୍ସା ସମୟରେ ମୃତ୍ୟୁ ହେବା ପରେ, ମୋଟ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ରହିଛି । କାରରେ ମୋଟ ୧୨ ଜଣ ଥିଲେ ବୋଲି ଖବର ରହିଛି । ଭୀଷଣ ଧକ୍କା ପରେ, ଗାଡ଼ିଟି ହଠାତ୍ କୂଅରେ ପଡ଼ିଗଲା ଏବଂ ଗାଡ଼ିରେ ଥିବା ସମସ୍ତ ଲୋକ ଚେତାଶୂନ୍ୟ ହୋଇଯାଇଥିଲେ ।



## ଆଇପିଏଲ୍ ମହାସମର

# ମୁମ୍ବାଇର ଷଷ୍ଠ ବିଜୟ



ମୁମ୍ବାଇ, ୨୭।୪ (ଏଜେନ୍ସି): ଐତିହାସିକ ଓ୍ୱାଙ୍ଖେଡ଼େ ଷ୍ଟାଡିୟମରେ ଆଉ ଏକ ଧମାକାଦାର ବିଜୟ ହାସଲ କରିଛି ମୁମ୍ବାଇ ଇଣ୍ଡିଆନ୍ସ । ରବିବାର ଆଇପିଏଲ୍‌ର ୪୫ତମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସକୁ ୫୪ ରନ ବ୍ୟବଧାନରେ ମୁମ୍ବାଇ ପରାଜିତ କରି ଷଷ୍ଠ ବିଜୟ ହାସଲ କରିଛି । ୧୦ ମ୍ୟାଚ୍‌ରୁ ୧୨ ପଏଣ୍ଟ ସହ ମୁମ୍ବାଇ ଇଣ୍ଡିଆନ୍ସ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଛି । ପରାଜିତ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ୧୦ ମ୍ୟାଚ୍‌ରୁ ୧୦ ପଏଣ୍ଟ ସହ ଟେବୁଲ ଷଷ୍ଠ ସ୍ଥାନକୁ ଖସିଛି । କ୍ରମାଗତ ୩ଟି ପରାଜୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟଧାରାକୁ ଫେରିଛି । ଏହି ମ୍ୟାଚ୍‌ରେ ମୁମ୍ବାଇ ୨୦ ଓଭରରେ ୭ ଓ୍ୱିକେଟ ହରାଇ ୨୧୫ ରନ କରିଥିଲା । ଜବାବରେ ଲକ୍ଷ୍ନୌ ୨୦ ଓଭରରେ ୧୬୧ ରନ କରିବାକୁ ସକ୍ଷମ ହୋଇଥିଲା । ୨୧ ବଲରୁ ୨୯ ରନ ସହ ଗୁରୁତ୍ୱପୂର୍ଣ୍ଣ ଦୁଇ ଓ୍ୱିକେଟ ଦଖଲ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ଓ୍ୱିଲ୍ ଜ୍ୟାକ୍ସଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।

ଟସ୍ ଜିତି ଲକ୍ଷ୍ନୌ ଅଧିନାୟକ ରିଷଭ ପନ୍ତ ମୁମ୍ବାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ପନ୍ତଙ୍କ ଏହି ଛୋଟ ଭୁଲ ଦଳ ପାଇଁ ଘାତକ ସାବ୍ୟସ୍ତ ହୋଇଥିଲା । କାରଣ ମୁମ୍ବାଇ ନିଜ ଘରୋଇ ଗ୍ରାଉଣ୍ଡରେ ଓ୍ୱିକେଟ ପତନ ସତ୍ତ୍ୱେ ୨୧୫ ରନର ବଡ଼ ସ୍କୋର କରିବାକୁ ସକ୍ଷମ ହୋଇଥିଲା । ଅଭିଜ୍ଞ ରୋହିତ ଶର୍ମାଙ୍କ ସହ ରିଆନ ରିକେଲଟନ ପାଳି ଆରମ୍ଭ କରିଥିଲେ । ଅବଶ୍ୟ ରୋହିତ ୫ଟି ବଲର ସମ୍ମୁଖୀନ ହୋଇ ୨ଟି ଛକା ସହ ୧୨ ରନ କରି ଶୀଘ୍ର ପାଭିଲିଅନ ଫେରିଯାଇଥିଲେ । କିନ୍ତୁ ରିକେଲଟନ ବିସ୍ଫୋରକ ଇନିଂସ ଖେଳି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ । ସେ ୩୨ ବଲର ସମ୍ମୁଖୀନ ହୋଇ ୬ଟି ଚୌକା ଓ ୪ଟି ଛକା ସହାୟତାରେ ୫୮ ରନ କରିଥିଲେ । ତାଙ୍କ ବ୍ୟତୀତ ଓ୍ୱିଲ୍ ଜ୍ୟାକ୍ସ ୨୧ ବଲ୍‌ରୁ ୨୯, ଭଲ ଫର୍ମରେ ଥିବା ସୂର୍ଯ୍ୟ କୁମାର ଯାଦବ ୨୮ ବଲରୁ ୪ଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୫୪ ରନର ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ । ତିଲକ ବର୍ମା ୬, ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୫, ନମନ ଧୀର ଅପରାଜିତ ୨୫ ରନ, କର୍ବିନ ବୋଶ୍ଚ ୨୦ ରନ ଓ ଦୀପକ ଚହର ୧ ରନ କରିଥିଲେ । ତେଣୁ ମୁମ୍ବାଇ ୨୦ ଓଭରରେ ୧୦.୭୫ ରନ ହାରରେ ୭ ଓ୍ୱିକେଟ ହରାଇ ୨୧୫ ରନ କରିଥିଲା । ବୋଲିଂରେ ଲକ୍ଷ୍ନୌର ମୟଙ୍କ ଯାଦବ ଓ ଆଭେସ ଖାନ୍‌ଙ୍କୁ ଦୁଇଟି ଓ୍ୱିକେଟ ସଫଳତା ମିଳିଥିଲା । ପ୍ରିନ୍ସ ଯାଦବ, ଦିଗ୍‌ଭେସ ରଥୀ ଓ ରବି ବିଷ୍ଣୋଇ ଗୋଟିଏ କରି ଓ୍ୱିକେଟ ହାତେଇଥିଲେ ।

୨୧୬ ରନର ବିଜୟଲକ୍ଷ୍ୟ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ପାଇଁ ପାହାଡ଼ ଭଳି ଥିଲା । ଆରମ୍ଭରୁ ଖେଳାଳିମାନେ ରକ୍ଷଣାତ୍ମକ ଖେଳ ଦେଖାଇଥିଲେ । ଓଭର କମିବା ସହ ରନ ସଂଗ୍ରହ ହାର ବଢ଼ିବାରୁ କ୍ରମାଗତ ଭାବେ ଓ୍ୱିକେଟ ହରାଇ ଚାଲିଥିଲା ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ । ଦଳର ଦାମୀ ଖେଳାଳି ତଥା ଅଧିନାୟକ ରିଷଭ ପନ୍ତ ଆଉ ଏକ ଲଜ୍ଜାଜନକ ଇନିଂସ ଖେଳିଛନ୍ତି । ସେ ୨ଟି ବଲରୁ ମାତ୍ର ୪ ରନ କରି ଆଉଟ ହୋଇଥିଲେ । ଚଳିତ ଆଇପିଏଲ୍‌ରେ ପନ୍ତ ଆଦୌ ଆତ୍ମବିଶ୍ୱାସ ଭରା ଇନିଂସ୍ ଖେଳିପାରି ନାହାନ୍ତି । ପନ୍ତଙ୍କ ଦୟନୀୟ ପ୍ରଦର୍ଶନ ଯୋଗୁ ଲକ୍ଷ୍ନୌ ୫ମ ପରାଜୟ ବରଣ କରିଛି । ଓପନର ମିଚେଲ ମାର୍ସ ୨୪ ବଲରୁ ୩୪, ନିକୋଲାସ ପୁରନ ୨୭, ଆୟୁଶ ବଦନୀ ୩୫, ଡେଭିଡ ମିଲର ୧୬, ରବି ବିଷ୍ଣୋଇ ୧୩ ରନ କରିଥିଲେ । ତେଣୁ ଲକ୍ଷ୍ନୌ ୨୦ ଓଭରରେ ୧୬୧ ରନ କରି ଅଲଆଉଟ ହୋଇଥିଲା । ମୁମ୍ବାଇର ଯଶପ୍ରୀତ ବୁମ୍‌ରାଙ୍କୁ ସର୍ବାଧିକ ୪ଟି, ଟ୍ରେଣ୍ଟ ବୋଲ୍ଟ ୩ଟି, ଓ୍ୱିଲ୍ ଜ୍ୟାକ୍ସ ୨ଟି ଓ କର୍ବିନ ବୋଶ୍ଚ ଗୋଟିଏ ଓ୍ୱିକେଟ ସଫଳତା ହାସଲ କରିଥିଲେ । ମୁମ୍ବାଇ ଜମାଣିଆ ବ୍ୟାଟିଂ ସହ ଅଗ୍ନିବର୍ଷୀ ବୋଲିଂ ବଳରେ ଟାଇଟଲ ଦୌଡ଼କୁ ଫେରିପାରିଛି ।

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୦ | ୭ | ୩ | ୧୪ |
| ଗୁଜରାଟ | ୮ | ୬ | ୨ | ୧୨ |
| ମୁମ୍ବାଇ | ୧୦ | ୬ | ୪ | ୧୨ |
| ଦିଲ୍ଲୀ | ୯ | ୬ | ୩ | ୧୨ |
| ପଞ୍ଜାବ | ୯ | ୫ | ୩ | ୧୧ |
| ଲକ୍ଷ୍ନୌ | ୧୦ | ୫ | ୫ | ୧୦ |
| କୋଲକାତା | ୯ | ୩ | ୫ | ୭ |
| ସନ୍‌ରାଇଜର୍ସ | ୯ | ୩ | ୬ | ୬ |
| ରାଜସ୍ଥାନ | ୯ | ୨ | ୭ | ୪ |
| ଚେନ୍ନାଇ | ୯ | ୨ | ୭ | ୪ |

## ଟେବୁଲ ଶୀର୍ଷରେ ବେଙ୍ଗାଲୁରୁ

ନୂଆଦିଲ୍ଲୀ, ୨୭।୪ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସପ୍ତମ ବିଜୟ ହାସଲ କରି ଟେବୁଲର ଶୀର୍ଷକୁ ଉଠିଛି । ଆଇପିଏଲ୍‌ର ୪୬ତମ ମ୍ୟାଚ୍‌ରେ ବେଙ୍ଗାଲୁରୁ ୬ ଓ୍ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ଏହି ସଫଳତା ଲାଭ କରିଛି । ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୮ ଓ୍ୱିକେଟ ହରାଇ ୧୬୨ ରନ କରିଥିଲା ।



ଜବାବରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୮.୩ ଓଭରରେ ୪ ଓ୍ୱିକେଟ ହରାଇ ୧୬୫ ରନ ସହ ଲକ୍ଷ୍ୟସ୍ଥଳରେ ପହଞ୍ଚି ଥିଲା । ଭଲ ଫର୍ମରେ ଥିବା ବିରାଟ କୋହଲି ୫୧ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ତାଙ୍କ ବ୍ୟତୀତ କ୍ରୁନାଲ ପାଣ୍ଡ୍ୟା ୭୩ ରନର ବିସ୍ଫୋରକ ଇନିଂସ୍ ଖେଳି ଦଳକୁ ବିଜୟୀ କରିଥିଲେ ।

ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଓପନର ଅଭିଶେକ ପୋରେଲ ୨୮, ଫା ଫ ଡୁପ୍ଲେସିସ୍ ୨୨, ଲୋକେ ରାହୁଲ ୪୧, ଅକ୍ଷର ପଟେଲ ୧୫, ତ୍ରିଷ୍ଟାନ ଷ୍ଟୁବସ ୩୪ ଓ ବିପ୍ରଜ ନିଗମ ୧୨ ରନ କରିଥିଲେ । ଫଳରେ ଦିଲ୍ଲୀ ୨୦ ଓଭରରେ ୮ ଓ୍ୱିକେଟ ହରାଇ ୧୬୨ ରନ କରିଥିଲା । ବେଙ୍ଗାଲୁରୁର ଭୁବନେଶ୍ୱର କୁମାର ତିନିଟି, ଜୋସ୍ ହାଜଲେ ଉଡ୍ ୨ଟି ଓ୍ୱିକେଟ ସଫଳତା ହାସଲ କରିଥିଲେ ।

୧୬୩ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ବେଙ୍ଗାଲୁରୁ ପକ୍ଷରୁ ଓପନର ଜାକବ ବେଥେଲ ୧୨, ବିରାଟ କୋହଲି ୫୧, କ୍ରୁନାଲ ପାଣ୍ଡ୍ୟା ୪୭ ବଲ୍‌ରୁ ୫ଟି ଚୌକା ଓ ୪ଟି ଛକା ସହାୟତାରେ ଅପରାଜିତ ୭୩ ତଥା ଟିମ୍ ଡେଭିଡ୍ ୫ ବଲ୍‌ରୁ ୧୯ ରନ କରି ୯ଟି ବଲ୍ ପୂର୍ବରୁ ଦଳକୁ ବିଜୟ ଭେଟି ଦେଇଥିଲେ । ଚଳିତ ଆଇପିଏଲ୍‌ରେ ବେଙ୍ଗାଲୁରୁ ୧୦ ମ୍ୟାଚ୍‌ରୁ ୭ ବିଜୟ ସହ ୧୪ ପଏଣ୍ଟ ହାସଲ କରି ଟେବୁଲର ୧ ନମ୍ବର ସ୍ଥାନକୁ ଉଠିଥିବାବେଳେ ଦିଲ୍ଲୀ ୯ ମ୍ୟାଚ୍‌ରୁ ୬ ବିଜୟ ସହ ୧୨ ପଏଣ୍ଟ ହାସଲ କରି ୪ର୍ଥ ସ୍ଥାନରେ ରହିଛି ।

**ଆଜିର ମ୍ୟାଚ**
ରାଜସ୍ଥାନ–ଗୁଜରାଟ
ସମୟ: ରାତି ୭.୩୦
ସ୍ଥାନ: ଜୟପୁର
ପ୍ରସାରଣ: ଷ୍ଟାରନେଟଓ୍ୱର୍କ, ଜିଓ ହଟ୍‌ଷ୍ଟାର

## କୋହଲି, ରୋହିତଙ୍କୁ ପଛରେ ପକାଇଲେ ସୂର୍ଯ୍ୟକୁମାର




ମୁମ୍ବାଇ, ୨୭।୪ (ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ୍ସର ତାରକା ବ୍ୟାଟର ସୂର୍ଯ୍ୟ କୁମାର ଯାଦବ ଆଇପିଏଲ୍‌ରେ ବଡ଼ ଉପଲବ୍ଧି ହାସଲ କରିଛନ୍ତି । ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ବିପକ୍ଷ ମ୍ୟାଚ୍‌ରେ ସେ ଆଇପିଏଲ୍ ଇତିହାସରେ ଦ୍ରୁତ ୪ହଜାର ରନ କରିଛନ୍ତି । ସେ ୨୭୧୪ ବଲ ଖେଳି ଏହି ସଫଳତା ହାସଲ କରିଛନ୍ତି । ଭାରତର ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ମଧ୍ୟ ପଛରେ ପକାଇଛନ୍ତି ସୂର୍ଯ୍ୟକୁମାର । ଏହି ତାଲିକାରେ କ୍ରିସ୍ ଗେଲ୍ ଓ ଏବି ଡି ଭିଲିୟର୍ସ ପ୍ରଥମ ଦୁଇଟି ସ୍ଥାନରେ ରହିଥିବାବେଳେ ସୂର୍ଯ୍ୟ କୁମାର ତୃତୀୟରେ ରହିଛନ୍ତି ।

ଗେଲ୍ ୨୬୫୩ ଓ ଡି ଭିଲିୟର୍ସ ୨୬୫୮ ବଲ୍‌ରେ ୪ହଜାର ରନ ପୂରଣ କରିଥିଲେ । ଡେଭିଡ ମିଲର ୨୮୦୯ ଓ ସୁରେଶ ରାଇନା ୨୮୮୧ ବଲ୍‌ରେ ୪ହଜାର ରନ ପୂରଣ କରି ୪ର୍ଥ ଓ ୫ମ ସ୍ଥାନରେ ରହିଛନ୍ତି । ସୂର୍ଯ୍ୟକୁମାର ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ସର୍ବାଧିକ ରନ ହାସଲରେ କିରନ ପୋଲାର୍ଡ଼ଙ୍କୁ ପଛରେ ପକାଇଛନ୍ତି । ଚଳିତ ଆଇପିଏଲ୍‌ରେ ମୁମ୍ବାଇ ପ୍ରଥମରୁ ଖରାପ ପ୍ରଦର୍ଶନ କରିଥିଲେ ମଧ୍ୟ ଏବେ ୧୦ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ହାସଲ କରି ୪ର୍ଥ ସ୍ଥାନରେ ରହିଛି ।

## ସାରାଙ୍କୁ ଡେଟ୍ କରୁଥିଲେ ଗିଲ୍

ନୂଆଦିଲ୍ଲୀ, ୨୭।୪ (ଏଜେନ୍ସି): ଆଇପିଏଲ୍ ଭିତରେ ଏକ ରୋଚକ ଖବର ସାମ୍ନାକୁ ଆସିଛି । ଏକ ସାକ୍ଷାତକାରରେ ତାରକା କ୍ରିକେଟର ଶୁଭମନ ଗିଲ୍ ସ୍ପଷ୍ଟ ଭାବେ କହିଛନ୍ତି, ମୁଁ ଏବେ କାହାକୁ ଡେଟ୍ କରୁନାହିଁ । ୩ ବର୍ଷ ହେବ ମୁଁ ଏକୁଟିଆ ଅଛି । ମୋର ଯେଉଁମାନଙ୍କ ସହିତ ନାମ ଯୋଡ଼ାଯାଉଛି, ସେଥିରେ ମୋର କିଛି ଭୂମିକା ନାହିଁ । କିନ୍ତୁ ସାକ୍ଷାତକାର ଅବସରରେ ଗିଲ୍ ଧୀରସ୍ୱରରେ କହିଥିଲେ ବୋଧହୁଏ ମୁଁ ସାରାଙ୍କୁ ଡେଟ୍ କରୁଥିଲି । ଗିଲ୍‌ଙ୍କ ନାମ ସାରା ଅଲ୍ଲୀ ଖାନ୍, ସାରା ତେନ୍ଦୁଲକର ଓ ଅବନୀତ କୌରଙ୍କ ସହିତ ଯୋଡ଼ାଯାଇଥିଲା । କିନ୍ତୁ ସାରା ଅଲ୍ଲୀଙ୍କ ନାଁ ନେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଥିଲେ । କଫି ଓ୍ୱିଥ୍ କରନରେ ମଧ୍ୟ ସାରାଙ୍କୁ ଗିଲ୍‌ଙ୍କ ସହ ସମ୍ପର୍କ ନେଇ ପଚରା ଯାଇଥିଲା । ସେତେବେଳେ ସେ କରନଙ୍କୁ କହିଥିଲେ ଆପଣ ଭୁଲ ସାରାଙ୍କୁ ପ୍ରଶ୍ନ କରୁଛନ୍ତି । ସେବେଠାରୁ ସାରା ତେନ୍ଦୁଲକରଙ୍କ ସହ ଗିଲ୍ ନାମ ଯୋଡ଼ାଯାଇଥିଲା । ଗିଲ୍ କିମ୍ବା ସାରା ତେନ୍ଦୁଲକର ସେମାନଙ୍କ ସମ୍ପର୍କ ନେଇ କୌଣସି ପ୍ରକାର ବୟାନ ଦେଇ ନଥିଲେ । ଗିଲ୍‌ଙ୍କ ସ୍ୱୀକାରୋକ୍ତି ପରେ ସାରା ତାଙ୍କ ଆଡ଼ ଢଳୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା ।



## ମାଇକେଲ କିଣ୍ଡୋ ସ୍ମାରକୀ ହକି: ଛତ୍ରପୁର ଚାମ୍ପିଅନ

ଭୁବନେଶ୍ୱର, ୨୭।୪ (ସବ୍ୟୁ): ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ମାଇକେଲକିଣ୍ଡୋ ସ୍ମାରକୀ ଯୁବ ହକି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଛତ୍ରପୁର ଏଚ୍‌ଟିସି ଦଳ ୫–୨ ଗୋଲ୍‌ରେ ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟକୁ ଧରାଶାୟୀ କରି ଚାମ୍ପିଅନ ହୋଇଛି ।





ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ ରନର୍ସଅପ୍ ହୋଇଥିଲାବେଳେ ଏଚ୍‌ଟିସି ଭୁବନେଶ୍ୱର ୩ୟ ସ୍ଥାନ ଅଧିକାର କରିଛି । ଫାଇନାଲ ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ତୃତୀୟ ଓ ଚତୁର୍ଥ ସ୍ଥାନ ମ୍ୟାଚ୍‌ରେ ଜିଆର ରଣପୁର ଓ ଏଚ୍‌ଟିସି ଭୁବନେଶ୍ୱର ଭେଟାଭେଟି ହୋଇଥିଲେ । ଏହି ମ୍ୟାଚ୍‌ରେ ଏଚ୍‌ଟିସି ଭୁବନେଶ୍ୱର ୨–୦ ଗୋଲରେ ରଣପୁରକୁ ଧରାଶାୟୀ କରି ତୃତୀୟ ସ୍ଥାନ ଅଧିକାର କରିଥିଲା ।

## ଶ୍ୟାମଳୀ ଦେ ସ୍ମାରକୀ ଓପନ ଚେସ୍: ସ୍ୱପ୍ନିଲ ବିଜେତା



ଭୁବନେଶ୍ୱର, ୨୭।୪ (ସବ୍ୟୁ): ଭୁବନେଶ୍ୱରର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଚତୁର୍ଥ ଶ୍ୟାମଳୀ ଦେ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ସ୍ୱପ୍ନିଲ ପ୍ରିୟଦର୍ଶୀ ୫ପଏଣ୍ଟ ସହ ଚାମ୍ପିଅନ ହୋଇଛନ୍ତି । ତନ୍ମୟ ତ୍ରିପାଠୀ ଦ୍ୱିତୀୟ, ଲଭ୍ୟଜ୍ୟୋତି ରାଉତରାୟ ୩ୟ, ଦେବୀପ୍ରସାଦ ନାୟକ ୪ର୍ଥ, ଅମରେନ୍ଦ୍ର ଖମାରି ୫ମ, ଓମ୍‌ସ୍ୱରୂପ ପାଢ଼ୀ ୬ଷ୍ଠ ଓ ବିପିନ କୁମାର ବେହେରା ୭ମ ସ୍ଥାନ ଅଧିକାର କରିଛନ୍ତି । ଅନ୍ୟାନ୍ୟ ବୟସ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସପାଲ ସର୍ବେଶ୍ୱର ସାମଲ, ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ସ୍ୱର୍ଗତ ଶ୍ୟାମଳୀ ଦେ'ଙ୍କ ପୁଅ ମାନବେଶ ଦେ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

## ସର୍ବଭାରତୀୟ ଗେଟ୍‌ବଲ୍ ଉଦ୍‌ଯାପିତ: ଓଡ଼ିଶା ଦଳକୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୭।୪ (ସବ୍ୟୁ): କଳିଙ୍ଗ ଷ୍ଟାଡିୟମରେ ଦଶମ ସର୍ବଭାରତୀୟ ଓପନ୍ ଗେଟ୍‌ବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାର ପୁରୁଷ ବିଭାଗରେ ଓଡ଼ିଶା ଦଳ ସ୍ୱର୍ଣ୍ଣ ପଦକ, ମଧ୍ୟପ୍ରଦେଶ ରୌପ୍ୟ ଓ ବିହାର ବ୍ରୋଞ୍ଜ ପଦକ ହାସଲ କରିଛି । ମହିଳା ବିଭାଗରେ ଓଡ଼ିଶା





ଦଳ ସ୍ୱର୍ଣ୍ଣ ଜିତିଥିବାବେଳେ ଉତ୍ତରପ୍ରଦେଶ ରୌପ୍ୟ ପଦକ ହାସଲ କରିଛି ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଉତ୍ତର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ, କ୍ରୀଡ଼ା ସଂଗଠକ ନବରଞ୍ଜନ ପଟ୍ଟନାୟକ, ଓଡ଼ିଶା ଗେଟ୍‌ବଲ୍ ଆସୋସିଏସନ୍‌ର ସଭାପତି ରଞ୍ଜନ କୁମାର ନନ୍ଦ, ଯୁଗ୍ମ ସମ୍ପାଦକ ବାସୁଦେବ ଓଝା, ଅଭ୍ୟର୍ଥନା କମିଟିର ଗୌତମ ବେହେରା, କୁନାଲ ବିଶ୍ୱାଳ, ସାଧାରଣ ସମ୍ପାଦକ ମହମ୍ମଦ ଆଜମ ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ ।

## ପଞ୍ଚାୟତ ପ୍ରିମିୟର ଲିଗ୍ : ମୁନ୍ ଷ୍ଟାର ୧୧ ଚାମ୍ପିଅନ

ବନ୍ତ, ୨୭।୪ (ସବ୍ୟୁ): ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ପଳାସଗଡିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟସ୍ଥ ଖେଳ ପଡିଆ ଠାରେ ଗତ ୧୦ ତାରିଖ ଠାରୁ ଚାଲିଥିବା ପଞ୍ଚାୟତ ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁନ୍ ଷ୍ଟାର ୧୧ ଚମ୍ପିୟନ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଦଳ ଭାଗ ନେଇଥିବାବେଳେ ୬ଟି ଲିଗ୍ ଓ ୨ଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।

ଆଜିର ଫାଇନାଲ ମ୍ୟାଚ୍ ଏମ.ବି.ସି.ଟି ନିଳୋକ ଓ ମୁନ୍ ଷ୍ଟାର ୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମୁନ୍ ଷ୍ଟାର ୧୧ ଟସ୍ ଜିତି ଫିଲ୍ଡିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା । ଏମ.ବି.ସି.ଟି ନିଳୋକ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୩୮ ରନ୍ କରିଥିଲା । ଜବାବରେ ମୁନ୍ ଷ୍ଟାର ୧୧ ୨.୫ ଓଭରରେ କୌଣସି ଉଇକେଟ ନ ହରାଇ ୪୧ ରନ୍ କରି ବିଜୟୀ ହେବା ସହ ଚମ୍ପିୟନ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ମୁନ୍ ଷ୍ଟାର ୧୧ର ରାହୁଲ ମହାନ୍ତି ମ୍ୟାନ୍ ଅଫ ଦି ମ୍ୟାଚ୍, ଏମ.ବି.ସି.ଟି ନିଳୋକର ଖେଳାଳୀ ସୁରେଶ ସାହାଣୀ ସର୍ବାଧିକ ରନ୍ କରି ଅରେଞ୍ଜ କ୍ୟାପ୍ ଓ ଅନୀଲ କୁମାର ଲେଙ୍କା ସର୍ବାଧିକ ଉଇକେଟ ନେଇ ପରର୍ପଲ କ୍ୟାପ ବିବେଚିତ ହୋଇଥିଲେ । ଅମ୍ପାୟର ଭାବେ ଗଜେନ୍ଦ୍ର ଲେଙ୍କା, ଅଶୋକ ରାଉତ, ଭାଷ୍ୟକାର ଭାବେ ତାରାକାନ୍ତ ବେହେରା, ବିଜୟାନନ୍ଦ ଦାସ, ସ୍କୋରର ଭାବେ ସୁବ୍ରତ ନାୟକ ଦାୟୀତ୍ୱ ତୁଲାଇଥିଲେ ।

ପୁରସ୍କାର ବିତରଣୀ ସଭାରେ ସରପଞ୍ଚ ପ୍ରତିନିଧି ରବିନ୍ଦ୍ର ସେଠୀ, ସମିତି ସଭ୍ୟ ଉଦ୍ଧବ ଚରଣ ସେଠୀ, ପୂର୍ବତନ ସରପଞ୍ଚ ଅଶୋକ କୁମାର ମହାନ୍ତି, ଅନିରୁଦ୍ଧ ନାୟକ, ହରେକୃଷ୍ଣ ସେନାପତି, ସତ୍ୟବ୍ରତ ସେନାପତି ଅତିଥି ଭାବେ ଯୋଗ ଦେଇ ଚମ୍ପିୟନ ଓ ରନର୍ସ ଅଫ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## କଳିଙ୍ଗ ସୁପର କପ

## ସେମିରେ ମୁମ୍ବାଇ ସିଟି

ଭୁବନେଶ୍ୱର,୨୭।୪(ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର କଳିଙ୍ଗ ସୁପର କପ ଫୁଟବଲର ଏକ ରୋମାଂଚକ ମୁକାବିଲାରେ ମୁମ୍ବାଇ ସିଟି ୧–୦ଗୋଲରେ ଇଂଟର କାଶୀକୁ ପରାସ୍ତ କରିଛି । ଏଥିସହ ମୁମ୍ବାଇ ଟିମ ସେମି ଫାଇନାଲରେ ପ୍ରବେଶ କରିଛି । ନର୍ଥଇଷ୍ଟ ୟୁନାଇଟେଡ ଏଫସି ଓ ଜାମସେଦପୁର ଏଫସି ମଧ୍ୟରେ ହେବାକୁ ଥିବା କ୍ୱାର୍ଟର ଫାଇନାଲ ମ୍ୟାଚର ବିଜେତାକୁ ମୁମ୍ବାଇ ସେମିରେ ଭେଟିବ । ୭୧ ତମ ମିନିଟରେ ବିଜୟୀ ଦଳ ପକ୍ଷରୁ ଲାଲିଆନାଜୁଆଲା ଚାଂଗଟେ ଏକମାତ୍ର ଗୋଲଟି ସ୍କୋର କରିଥିଲେ । ଇଂଟର କାଶୀ ଶେଷ ପର୍ଯ୍ୟନ୍ତ ଗୋଲ ଶୁଝାଇବା ପାଇଁ କଠିନ ସଂଘର୍ଷ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା ।

ସଂଘର୍ଷପୂର୍ଣ୍ଣ ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା । ୫୩ତମ ମିନିଟରେ ନିକୋ କାର୍ଲେସ ଗୋଲର ଏକ ଚମତ୍କାର ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ତାହା ସ୍କୋର ହୋଇପାରି ନ ଥିଲା । ଓର୍ଟିଜଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ଓଡ଼ିଶା ସରକାର କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ଓଏଏସ ସୋନାଲୀ ଚାନ୍ଦ ଏହି ପୁରସ୍କାର ପ୍ରଦାନ କରିଥିଲେ ।

## ଜିଲ୍ଲାସ୍ତରୀୟ ଆନ୍ତଃସ୍କୁଲ କ୍ରିକେଟ : ବିଭିଏମ୍‌ସି ଚାମ୍ପିଅନ

ଭଦ୍ରକ,୨୭।୪ (ସବ୍ୟୁ): ଭଦ୍ରକ ଜିଲ୍ଲା କ୍ରିକେଟ ଆସୋସିଏସନ୍ ଆନୁକୁଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏକ ଚିତ୍ତାକର୍ଷକ ଫାଇନାଲ ମ୍ୟାଚ୍‌ରେ ଭଦ୍ରକର ବିଭିଏମ୍‌ସି ଏକାଡେମୀ ୪୨ ରନ୍‌ରେ ହ୍ୟାପୀହୋମ୍ ସ୍କୁଲକୁ ପରାଜିତ କରି ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଟସ୍ ଜିତି ବିଭିଏମ୍‌ସି ଦଳ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟରେ ୧୯୨ ରନ କରିଥିଲା। ଦଳ ପକ୍ଷରୁ ହରେକୃଷ୍ଣ ମାଝୀ ୩୫ ବଲ୍‌ରୁ ସର୍ବାଧିକ ୭୫ ରନ୍ ଓ ସତ୍ୟପ୍ରକାଶ ସାହୁ ୩୪ ବଲ୍‌ରୁ ୫୮ରନ୍ କରିଥିଲେ। ୧୯୩ରନ୍‌ର ବିଜୟ ଲକ୍ଷ୍ୟ ନେଇ ହ୍ୟାପୀହୋମ୍ ସ୍କୁଲ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୫୦ ରନ କରିବାକୁ ସକ୍ଷମ ହୋଇଥିଲା। ଯାହା ଫଳରେ ଦଳ ୪୨ ରନରେ ପରାଜୟ ସ୍ୱୀକାର କରିଥିଲା। ଦଳ ପକ୍ଷରୁ ଅର୍ଣ୍ଣବ୍ ରାଜପୁତ୍ ସର୍ବାଧିକ ୧୦୪ ରନ୍ କରିଥିଲେ। ବିଭିଏମ୍‌ସି ପକ୍ଷରୁ ହରପ୍ରସନ୍ନ ଦାସ ୪ ଓଭରରେ ୧୭ ରନ୍ ଦେଇ ୪ଟି ଉଇକେଟ ନେଇଥିଲେ। ବିଭିଏମ୍‌ସି ଦଳର ସତ୍ୟପ୍ରକାଶ ସାହୁ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ହୋଇଥିବାବେଳେ ହରେକୃଷ୍ଣ ମାଝୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଅମ୍ପାୟାର ଭାବେ ଅଶୋକ ରାଉତ,ସୁଧାଂଶୁ ଲେଙ୍କା,ସତ୍ୟ ଶାବଳ,କ୍ଷିତିଶ ମହାନ୍ତି,ଅସିତ୍ ଦାସ,ସାର୍ଥକ ବିଶ୍ୱାଳ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଡିଜିଟାଲ୍ ସ୍କୋରର ଭାବେ ନିର୍ଣ୍ଣୟ ଘୋଷ, କମର ଅଞ୍ଜୁମ୍ ଖାଁ ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣ ଉତ୍ସବ କ୍ରିକେଟ ଆସୋସିଏସନ୍‌ର ସଭାପତି ଉପେନ୍ଦ୍ର କୁମାର ବାରିକ୍‌ଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଧିରେନ୍ ପଲାଇ,ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ମୁଖ୍ୟଅତିଥି ଓ ସୌରଭ ଚକ୍ରବର୍ତ୍ତୀ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ।

**ସୂଚନା**
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି